# ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ମାର୍ଚ୍ଚ ୩୦ /୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Rayagada, Saturday, March 30 / 2019 | ★

୯ମ ଭାଗ ୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ବରୁଣଙ୍କ ଡବଲ୍ ଗୋଲ୍**

ବରୁଣ କୁମାରଙ୍କ ଡବଲ୍ ଗୋଲ୍ ବଳରେ ଭାରତ ଆଜଲାନ ଶାହ କପ୍ ହକିରେ ପୋଲାଣ୍ଡକୁ ବୃହତ୍ ବ୍ୟବଧାନରେ ହରାଇଛି।


୧୫

୦୫

**'ରୁହ-ଆଫ୍ଜା'ରେ ଜାହ୍ନବୀ କପୁର**

ପ୍ରଯୋଜକ ଦିନେଶ ବିଜନ୍‌ଙ୍କ ଫିଲ୍ମ 'ରୁହ-ଆଫ୍ଜା' ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର।





ନୋ କେମିକାଲ୍ ଡେଭଲପର୍

ସାଧାରଣତଃ କ୍ରୀମ୍ ହେଆର୍ କଲର୍'ର ପ୍ୟାକ୍ ରେ ଥାଏ ଦୁଇଟି ସାଶେ ବା ପୁଡ଼ିଆ – କଲର୍ ଆଉ କେମିକାଲ୍ ଡେଭଲପର୍ । ଏହି କେମିକାଲ୍ ଡେଭଲପର୍ ରେ ଅଛି ଅକ୍ସିଡାଇଜିଙ୍ଗ ଏଜେଣ୍ଟ ପରି ହାଇଡ୍ରୋଜେନ୍ ପେରୋକ୍ସାଇଡ୍, ଯାହା ଆପଣଙ୍କ ବାଳକୁ ବ୍ଲୀଚ୍ କରେ । ମାନେ ବଳକା କଳା ବାଳଙ୍କୁ ବି ଫିକା କରେ । ବାଳଙ୍କୁ ରକ୍ଷ, ନିସ୍ପ୍ରାଣ ଆଉ ଦୁର୍ବଳ କରିଦିଏ । ଆସିଗଲା ନୋ କେମିକାଲ୍ ଡେଭଲପର୍ ବାଲା ନୂଆ "ଭାସ୍‌ମୋଲ୍ ଆଡ୍‌ଭାନ୍ସଡ କ୍ରେମ୍" ହେଆର୍ କଲର୍ । ଇୟେ ପ୍ରାକୃତିକ ଅମ୍ଳଜାନ** ଦ୍ୱାରା ଆପଣଙ୍କ ବାଳକୁ କଲର୍ କରେ ଆଉ ଦିଏ ନାଚୁରାଲ୍ ଲୁକିଙ୍ଗ, ସୁନ୍ଦର କଳା ବାଳ, ମାତ୍ର 30 ମିନିଟରେ ।

*କେମିକାଲ୍ ଅକ୍ସିଡାଇଜିଙ୍ଗ ଏଜେଣ୍ଟସ ବାଳକୁ ଡ୍ୟାମେଜ୍ କରୁଥିବା ଲାଗି ଜଣାଶୁଣା । **ଭାସ୍‌ମୋଲ୍ ଆଡ୍‌ଭାନ୍ସଡ କ୍ରେମ୍ ହେଉଛି ଏକ ଅଟୋ ଅକ୍ସିଡେଶନ୍ ହେଆର୍ କଲର, ଯାହା କ୍ରୀମ୍ ରୂପେ ଥାଏ, କୌଣସି କେମିକାଲ୍ ଡେଭଲପର୍ ବ୍ୟବହାର କରେନାହିଁ । ପରିବର୍ତ୍ତେ, ଏହା ବାତାବରଣର ପ୍ରାକୃତିକ ଅମ୍ଳଜାନ ବ୍ୟବହାର କରିଥାଏ ।

Toll Free No.: 1800 266 8110


**ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**

ଲୋହାନିଙ୍କ ପ୍ରତ୍ୟାବର୍ତ୍ତନ

**ଆଜିର ମନ୍ତବ୍ୟ**

"ଆତଙ୍କବାଦକୁ ମୋଦି ହିଁ ଦେଇପାରିବେ ମୁହଁତୋଡ଼ ଜବାବ।
-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ

**କିଛି ତଥ୍ୟ**

ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୦୨୯ ବିଲିୟନ ଡଲାର ବୃଦ୍ଧି ଘଟି ୪୦୬.୬୬୭ ବିଲିୟନ ଡଲାର ଛୁଇଁଛି।
– ଆର୍‌ବିଆଇ

**ପୁଇଁନ୍ତଳା ବିଡିଓଙ୍କୁ ଅପହରଣ: ୨ ଘଣ୍ଟା ପରେ ମୁକୁଳିଲେ**

........ ୫ ........





NECC NATIONAL EGG CO-ORDINATION COMMITTEE | 29.03.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 95 | 152 | 162 |
| DKL | 95 | 152 | 162 |
| BDK | 96 | 153 | 163 |
| BLS | 97 | 154 | 164 |
| ANG | 95 | 152 | 162 |

*Conditions Apply

Eggs Retail Price- 41/-Dozen
Issued in the Interest of Consumers


■ ଜୟପୁରରେ ବିଜେଡି ଉପରେ ବର୍ଷିଲେ ମୋଦି

# ଖଣି, ଚିଟ୍‌ଫଣ୍ଡ ପ୍ରସଙ୍ଗରେ ଟାର୍ଗେଟ

**ବିକାଶ ପାଇଁ ଜରୁରୀ ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର**

କୋରାପୁଟ/ଜୟପୁର,୨୯।୩ (ସ୍ୱ.ପ୍ର./ନି.ପ୍ର./ଡି.ଏନ୍.ଏ.)

ଓଡ଼ିଶାରେ ପ୍ରକୃତିଦତ୍ତ ଅପାର ସମ୍ପଦ ଥାଇ ମଧ୍ୟ ଏଠିକାର ଲୋକେ ଗରିବ। ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିରେ ବୁଡ଼ିଥିବା ଦଳ ଓଡ଼ିଶାରେ ଦୃଢ଼ ସରକାର ଦେଇପାରିବେ କି ବୋଲି ଦକ୍ଷିଣ ଓଡ଼ିଶାବାସୀଙ୍କ ଆଗରେ ପ୍ରଶ୍ନ ରଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କୋରାପୁଟ ଜିଲା ଜୟପୁରରେ ଶୁକ୍ରବାର ପ୍ରଥମ ନିର୍ବାଚନୀ ପ୍ରଚାର ସଭା ଅବସରରେ ମୋଦି ଖଣି, ଚିଟ୍‌ଫଣ୍ଡ, ନାରୀ ନିର୍ଯାତନା, ଆୟୁଷ୍ମାନରେ ଓଡ଼ିଶା ସାମିଲ ନ ହେବା, କାଳିଆ ଯୋଜନା ଭଳି ବିଭିନ୍ନ ପ୍ରସଙ୍ଗ ଉଠାଇ ରାଜ୍ୟର ବିଜେଡି ସରକାର ଓ ଅନ୍ୟ ବିରୋଧୀ ଦଳ ଉପରେ ଭୀଷଣ ବର୍ଷିଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ମୋଦି ପ୍ରଥମଥର ପାଇଁ ବିଜେଡି ସରକାରକୁ ଏଭଳି ଖୋଲାଖୋଲି ଟାର୍ଗେଟ୍ କରିଛନ୍ତି। ଆଦିବାସୀଙ୍କ ବିକାଶ ପାଇଁ ଶିଳ୍ପସଂସ୍ଥାଗୁଡ଼ିକ ଲାଭର ୧ ପ୍ରତିଶତ ଅନୁଦାନ ଭାବେ ଓଡ଼ିଶାର ଜିଲା ମିନେରାଲ ଫଣ୍ଡକୁ ୬୫୦୦ କୋଟି ଟଙ୍କା ଦିଆଯାଇଥିଲା। କିନ୍ତୁ ରାଜ୍ୟ ସରକାର ମାତ୍ର ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିପାରିଛନ୍ତି। ଗରିବ ନିଜ ଝାଳବୁହା ଅର୍ଥ ଚିଟ୍‌ଫଣ୍ଡରେ ବାନ୍ଧି ସର୍ବସ୍ୱାନ୍ତ ହୋଇଛନ୍ତି। ରାଜ୍ୟ ସରକାର ଖଣି ମାଫିଆ ଓ ଚିଟ୍‌ଫଣ୍ଡ ସଂସ୍ଥା ☞ପୃଷ୍ଠା–୪



ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରୁଛନ୍ତି ପଦ୍ମଶ୍ରୀ କମଳା ପୂଜାରୀ ।

■ ୧୮ ବିଧାନସଭା ପ୍ରାର୍ଥୀଙ୍କ ତାଲିକା ଘୋଷଣା କଲା ବିଜେଡି

# ୭ ବିଧାୟକଙ୍କ ଟିକେଟ କଟିଲା

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ଲାଗି ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଆଉ ୧୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛନ୍ତି । ଏହି ତାଲିକାରେ ବିଜେଡି ମୁଖିଆ ସେହି ପୁରୁଣା ପଦ୍ଧତିକୁ ଆପଣାଇଛନ୍ତି । ପୁରୁଣା ନେତାଙ୍କ ଉପରେ ପୁଣି ଥରେ ଭରସା କରିଛନ୍ତି ନବୀନ । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା ପରେ ଦଳରେ ଯେପରି ବିଦ୍ରୋହ ଦେଖାଦେଲା ତାହାକୁ ଦୃଷ୍ଟିରେ ରଖି ନବୀନ ଅତି ସତର୍କତାର ସହ ବିଧାୟକ ପ୍ରାର୍ଥୀ ଚୟନ କରୁଛନ୍ତି । ଦଳରେ ପ୍ରଭାବ ବିସ୍ତାର କରିଥିବା ମନ୍ତ୍ରୀ ଓ ବିଧାୟକମାନଙ୍କୁ ପୁଣି ବିଜେଡି ଟିକେଟ ଦିଆଯାଇଛି। ଦଳରେ ଯେପରି ଗୋଷ୍ଠୀ କନ୍ଦଳ ମୁଣ୍ଡ ନ ଟେକିବ ସେ ନେଇ ମଧ୍ୟ ସତର୍କତା ଅବଲମ୍ବନ କରାଯାଇଛି । ଦଳରେ ଲବି କିମ୍ବା ପ୍ରଭାବ ନ ଥିବା ୭ ଜଣ ବିଧାୟକଙ୍କର ଟିକେଟ କାଟିଛନ୍ତି ନବୀନ । ୬ ଜଣ ନୂଆ ମୁହଁକୁ ଦଳ ପ୍ରାର୍ଥୀ କରିଛି । ଘୋଷଣା ହୋଇଥିବା ତାଲିକାରେ ପୁରୀରୁ ଲଗାତର ୫ ଥର ବିଧାୟକ ହୋଇଥିବା ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ କଟକ ବାରବାଟୀରୁ ଦେବାଶିଷ ସାମନ୍ତରାୟ, କଟକ ସଦରରୁ ଚନ୍ଦ୍ର ସାରଥି ବେହେରା, ବାଙ୍ଗିରିପୋଷିରୁ ସୁଦାମ ମାରାଣ୍ଡି, ବାଲେଶ୍ୱରରୁ ଜୀବନ ପ୍ରଦୀପ ଦାଶ, ଜଳେଶ୍ୱରରୁ ଅଶ୍ୱିନୀ ପାତ୍ର, ସୋରରୁ ପର୍ଶୁରାମ ଧଡା, ବଡଚଣାରୁ ଅମର ପ୍ରସାଦ ଶତପଥୀଙ୍କୁ ନବୀନ ପୁଣି ଟିକେଟ ଦେଇଛନ୍ତି ।
ଜଟଣୀ ବିଧାୟକ ଭାଗୀରଥି ବଡଜେନାଙ୍କ ଟିକେଟ କଟିଥିବା ବେଳେ ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଯଶିପୁର ବିଧାୟକ ମଙ୍ଗଳ ସିଂ ମୁଦି, ☞ପୃଷ୍ଠା–୪

**ପ୍ରାର୍ଥୀ ତାଲିକା**

| | | | |
|---|---|---|---|
| ପୁରୀ | ମହେଶ୍ୱର ମହାନ୍ତି | ବାଲେଶ୍ୱର | ଜୀବନ ପ୍ରଦୀପ ଦାସ |
| ଜଟଣୀ | ବିଭୂତି ବଳବନ୍ତରାୟ | ଜଳେଶ୍ୱର | ଅଶ୍ୱିନୀ କୁମାର ପାତ୍ର |
| ବାରବାଟୀ-କଟକ | ଦେବାଶିଷ ସାମନ୍ତରାୟ | ବଡ଼ସାହି | ବୃନ୍ଦାବନ ଦାସ |
| କଟକ ସଦର | ଚନ୍ଦ୍ରସାରଥି ବେହେରା | ଭଦ୍ରକ | ସଞ୍ଜୀବ ମଲ୍ଲିକ |
| ରେଙ୍ଗାଲି | ରୀନା ତନ୍ତୀ | ସୋର | ପର୍ଶୁରାମ ଧଡ଼ା |
| ଯଶୀପୁର | ଗୋଲକ ବିହାରୀ ନାୟକ | ବଡ଼ଚଣା | ଅମର ପ୍ରସାଦ ଶତପଥୀ |
| ବାଙ୍ଗିରିପୋଷି | ସୁଦାମ ମାରାଣ୍ଡି | ରାଜନଗର | ଧ୍ରୁବ ସାହୁ |
| ସାରସକଣା | ଅମର ସିଂ ଟୁଡୁ | ପାରାଦୀପ | ସମ୍ବିତ୍ ରାଉତରାୟ |
| ଉଦଳା | ଶ୍ରୀନାଥ ସୋରେନ | ତିର୍ତ୍ତୋଲ | ବିଷ୍ଣୁ ଦାସ |

■ ୬ ନୂଆ ମୁହଁ, ପରାଜିତଙ୍କୁ ବି ଟିକେଟ

■ ଦଳ ଉପରେ ଭାରି ପଡ଼ିଲେ ପୁରୁଣା ନେତା

■ ଜଗତ୍‌ସିଂହପୁରରୁ ହଟିଲେ ବିଷ୍ଣୁ

■ ଦାମ ପୁଅଙ୍କୁ ପାରାଦୀପ

■ ଝୁଲିଲା ଜଗତ୍‌ସିଂହପୁର, ଏରସମା -ବାଲିକୁଦା

# ବହୁ ଆସନରେ ନୂଆମୁହଁକୁ ସୁଯୋଗ

**ଲୋକ ସଭା ପ୍ରାର୍ଥୀ** ୭ ଲୋକ ସଭା, ୨୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କଲା କଂଗ୍ରେସ



| କେନ୍ଦୁଝର | ବାଲେଶ୍ୱର | ଭଦ୍ରକ | ଢେଙ୍କାନାଳ | କେନ୍ଦ୍ରାପଡ଼ା | ଜଗତ୍‌ସିଂହପୁର | ପୁରୀ |
|---|---|---|---|---|---|---|
| ଫକୀର ମୋହନ ନାଏକ | ନବଜ୍ୟୋତି ପଟ୍ଟନାୟକ | ମଧୁମିତା ସେଠୀ | କେ.ପି. ସିଂଦେଓ | ଧରଣୀଧର ନାୟକ | ପ୍ରତିମା ମଲ୍ଲିକ | ସତ୍ୟପ୍ରକାଶ ନାୟକ |

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

କଂଗ୍ରେସ ଶୁକ୍ରବାର ୭ ଲୋକ ସଭା ଏବଂ ୨୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ଏହି ତାଲିକାର ବହୁ ଆସନରେ ନୂଆମୁହଁକୁ ସୁଯୋଗ ଦିଆଯାଇଥିବା ଦେଖିବାକୁ ମିଳିଛି। ଅଦ୍ୟାବଧି ଦଳ ୧୫ ଲୋକ ସଭା ଏବଂ ୧୧୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବାବେଳେ ବରିଷ୍ଠ ନେତାଙ୍କ ପରିବାର ସଦସ୍ୟଙ୍କୁ ଟିକେଟ୍ ଦିଆଯିବା ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଘୋଷିତ ତାଲିକା ଅନୁଯାୟୀ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି

■ **ବରିଷ୍ଠ ନେତାଙ୍କ ପୁଅଝିଅଙ୍କୁ ଟିକେଟ ନେଇ ବଢ଼ୁଛି ଅସନ୍ତୋଷ**

ନିରଞ୍ଜନ ପଟ୍ଟନାୟକଙ୍କ ପୁଅ ନବଜ୍ୟୋତି ପଟ୍ଟନାୟକ ବାଲେଶ୍ୱର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହୋଇଥିବାବେଳେ ବରିଷ୍ଠ ନେତା ଅନନ୍ତ ସେଠୀଙ୍କ ଝିଅ ମଧୁମିତା ସେଠୀ ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି। ଅନ୍ୟପକ୍ଷରେ ନିରଞ୍ଜନ ଘଷିପୁରା କିମ୍ବା ଭଣ୍ଡାରିପୋଖରୀ ବିଧାନସଭା ଆସନରୁ ପ୍ରାର୍ଥୀ ହେବା ସମ୍ଭାବନା ରହିଛି। ସେହିପରି ଅନନ୍ତ ☞ପୃଷ୍ଠା–୪

**ବିଧାନସଭା ପ୍ରାର୍ଥୀ**

| | | | |
|---|---|---|---|
| ତେଲକୋଇ | ମୋହନ ହେମ୍ବ୍ରମ୍ | ବିଞ୍ଝାରପୁର | ମନୋରଞ୍ଜନ ଦାସ |
| ପାଟଣା | ଗୋପେଶ୍ୱର ନାଏକ | ବରି | ଉମେଶ ଜେନା |
| ଯଶୀପୁର | ମହେନ୍ଦ୍ର ନାଏକ | ସୁକିନ୍ଦା | ଶରତ ରାଉତ |
| ଉଦଳା | ବେଣୁଧର ମହାପାତ୍ର | ପରଜଙ୍ଗ | ଯଶସ୍ୱିନୀ ରାଉତ |
| ବାରିପଦା | ଦଶରଥ ସିଂ | ନିଆଳି | ମମତା ଭୋଇ |
| ଭୋଗରାଇ | ସତ୍ୟଶିବ ଦାସ | ମାହାଙ୍ଗା | ଦେବେନ୍ଦ୍ର କୁମାର ସାହୁ |
| ବସ୍ତା | ବିଜନ ନାୟକ | ପାଟକୁରା | ଜୟନ୍ତ ମହାନ୍ତି |
| ରେମୁଣା | ପ୍ରତାପ ସେଠୀ | ତିର୍ତ୍ତୋଲ | ବିଭୁ ପ୍ରସାଦ ତରାଇ |
| ବାସୁଦେବପୁର | ଅଶୋକ କୁମାର ଦାସ | ପୁରୀ | ଅରୁ ପ୍ରସାଦ ମିଶ୍ର |
| ଧାମନଗର | ବିଦ୍ୟାଧର ଜେନା | ନୟାଗଡ଼ | ମନୋଜ କୁମାର ସାହୁ |



"ଏମ୍‌ଜିଏନ୍‌ଆରଇଜିଏ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଙ୍କୁଚିତ କରିବାରେ ଲାଗିଛନ୍ତି। ଏହି ସରକାରଙ୍କ ଗରିବ ବିରୋଧୀ ଓ ଧନୀଙ୍କୁ ସୁହାଇଲା ଭଳି ନୀତିଗୁଡ଼ିକ ବିଗତ ୫ ବର୍ଷରେ ଗ୍ରାମାଞ୍ଚଳ ପାଇଁ ଅକଳ୍ପନୀୟ ଦୁଃଖ ଦୁର୍ଦ୍ଦଶା ଆଣିଦେଇଛି।"
-ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ମୁଖପାତ୍ର

## ଭୂସ୍ଖଳନରେ ଯବାନ ଶହୀଦ

**ଶ୍ରୀନଗର, ୨୯।୩:** ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ପାଖରେ ପାଟ୍ରୋଲିଂ କରୁଥିବାବେଳେ ଭୂସ୍ଖଳନ ହେବାରୁ ଜଣେ ଯବାନ ଶହୀଦ ହୋଇଛନ୍ତି। ମୃତ ନାଏକ୍ ପରଭେଜ ପାଟ୍ରୋଲିଂ ଟିମ୍‌ର ନେତୃତ୍ୱ ନେଉଥିଲେ। ସେ ଗଭୀର ଝରଣା ମଧ୍ୟକୁ ଖସିପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ୯୨ ବେସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଞ୍ଛ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ପାର୍ଶ୍ୱରେ ଥିବା ଆଗୁଆ ଘାଟି ଓ ଗ୍ରାମଗୁଡ଼ିକ ଉପରେ ପାକ୍ ସେନା ପକ୍ଷରୁ ସେଲ୍ ମାଡ଼ ଜାରି ରହିଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଇଥିବା ସେନା ମୁଖପାତ୍ର ସୂଚନା ଦେଇଛନ୍ତି।

## ୬ ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୯।୩:** ଜମ୍ମୁ-କଶ୍ମୀରରେ ଗତ ୨୪ ଘଣ୍ଟା ମଧ୍ୟରେ ୩ଟି ଏନ୍‌କାଉଣ୍ଟରରେ ୬ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ଓ ଅନ୍ୟ ଜଣେ ଗିରଫ ହୋଇଛି। ବଡଗାମ୍ ଜିଲା ଅନ୍ତର୍ଗତ ନଓ୍ୱଗାମ୍ ଅଞ୍ଚଳରେ ଶୁକ୍ରବାର ସକାଳେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ (ଜେଇଏମ୍) ସଂଗଠନର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ଆତଙ୍କବାଦୀ ପାକିସ୍ତାନୀ ବୋଲି ସନ୍ଦେହ କରାଯାଉଛି। ସେମାନଙ୍କଠାରୁ ପାକିସ୍ତାନ ସୈନ୍ୟବାହିନୀ ବ୍ୟବହାର କରୁଥିବା ଆମେରିକା ନିର୍ମିତ ଏମ-୪ ରାଇଫଲ ଜବତ ହୋଇଛି। ଏନ୍‌କାଉଣ୍ଟର ବେଳେ ୫ ଯବାନ ଆହତ ହୋଇଥିବା ଜଣାପଡିଛି। ପୁଲ୍‌ଓ୍ୱାମା ଆକ୍ରମଣ ପରେ ଆତଙ୍କବାଦ ବିରୋଧୀ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରାଯାଇଛି। ଇତିମଧ୍ୟରେ ୩୦ରୁ ଅଧିକ ଆତଙ୍କବାଦୀ ନିହତ ହେଲେଣି।

## ହାର୍ଦ୍ଦିକଙ୍କ ନିର୍ବାଚନୀ ଆଶା ମଉଳିଲା



**ଅହମ୍ମଦାବାଦ, ୨୯।୩(ପି.ଟି.):** ପାଟିଦାର ଆନ୍ଦୋଳନ ନେତା ହାର୍ଦ୍ଦିକ ପଟେଲ ଲୋକ ସଭା ନିର୍ବାଚନ ଲଢ଼ିବାକୁ ଯାଉଥିବାବେଳେ ଶୁକ୍ରବାର ତାଙ୍କୁ ଅଦାଲତି ଝଟ୍‌କା ଲାଗିଛି। ୨୦୧୫ର ଏକ ଦଙ୍ଗା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ହାର୍ଦ୍ଦିକ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ଜାରି କରିବାକୁ ଗୁଜରାଟ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ଉକ୍ତ ପିଟିଶନକୁ ଖାରଜ କରିଦେବା ପରେ ହାର୍ଦ୍ଦିକଙ୍କ ନିର୍ବାଚନୀ ଆଶା ମଉଳିଯାଇଛି। ପ୍ରକାଶ ଯେ, ହାର୍ଦ୍ଦିକ ଗତ ୧୨ରେ କଂଗ୍ରେସରେ ଯୋଗଦେଇ ଜାମନଗର ଲୋକ ସଭା ଆସନରୁ ଲଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଗୁଜରାଟରେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଏପ୍ରିଲ ୪। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ କମ୍ ସମୟ ଥିବାରୁ ହାର୍ଦ୍ଦିକଙ୍କ ପ୍ରାର୍ଥିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ଅନୁପାଳନ ହେଉନି ଅପରାଧ ବିବରଣୀ ଘୋଷଣା ନିର୍ଦ୍ଦେଶ

# କେନ୍ଦ୍ର, ଇସିଙ୍କୁ ସୁପ୍ରିମ୍‌କୋର୍ଟ ନୋଟିସ

**ନୂଆଦିଲ୍ଲୀ, ୨୯।୩(ପି.ଟି.)**




ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପୂର୍ବରୁ ପ୍ରାର୍ଥୀ ସେମାନଙ୍କର ଅପରାଧ ବିବରଣୀ ଘୋଷଣା କରିବା ଲାଗି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ଅବମାନନା ହୋଇଛି। ଏହା ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ ଲାଗି ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ ଜାରି କରିଛନ୍ତି। କ'ଣ ପାଇଁ କୋର୍ଟ ନିର୍ଦ୍ଦେଶର ଅନୁପାଳନ କରାଯାଇ ନାହିଁ ଏହା ଉପରେ ଜବାବ ରଖିବା ଲାଗି ଜଷ୍ଟିସ୍ ଆର୍.ଏଫ. ନରିମାନ୍ ଏବଂ ବିନୀତ ସରଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୩ ନିର୍ବାଚନ ଉପାୟୁକ୍ତ, ଆଇନ ସଚିବ ଏବଂ କ୍ୟାବିନେଟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟଙ୍କ ପକ୍ଷରୁ ଏହି ପିଟିଶନ ଦାଏର ହୋଇଥିଲା।

ନିର୍ବାଚନ ଲଢ଼ିବା ପୂର୍ବରୁ ପ୍ରାର୍ଥୀ ତାଙ୍କର ଅପରାଧ ପୃଷ୍ଠଭୂମି ସମ୍ପର୍କରେ ନିର୍ବାଚନ କମିଶନଙ୍କ ନିକଟରେ ଘୋଷଣା କରିବା ପାଇଁ ୨୦୧୮ ସେପ୍ଟେମ୍ବର ୨୫ରେ ସୁପ୍ରିମକୋର୍ଟର ୫ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ପ୍ରାର୍ଥୀଙ୍କ ଉକ୍ତ ବିବରଣୀ ଛାପା ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରିବା ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ତଦନୁଯାୟୀ ଇସି ଫର୍ମ-୨୬ରେ ସଂଶୋଧନ କରି ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ଲାଗି ନିର୍ଦ୍ଦେଶନାମା ସହ ଅକ୍ଟୋବର ୧୦ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ତେବେ ଇସି ନିର୍ବାଚନ ଚିହ୍ନ ନିର୍ଦ୍ଦେଶନାମା, ୧୯୬୮ କିମ୍ବା ଆଦର୍ଶ ଆଚରଣ ବିଧିରେ ସଂଶୋଧନ କରି ନ ଥିବାରୁ ଉକ୍ତ ବିଜ୍ଞପ୍ତିର କୌଣସି ଆଇନଗତ କଟକଣା ନାହିଁ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ଅପରାଧ ପୃଷ୍ଠଭୂମି ସମ୍ପର୍କରେ ଘୋଷଣା କରିବା ଲାଗି ଇସିଙ୍କ ପକ୍ଷରୁ ପ୍ରମୁଖ ଖବରକାଗଜ ଓ ନ୍ୟୁଜ୍ ଚ୍ୟାନେଲଗୁଡିକର ତାଲିକା ପ୍ରକାଶ ପାଇନାହିଁ କିମ୍ବା କେଉଁ ସମୟ ମଧ୍ୟରେ ପ୍ରାର୍ଥୀ ଏହା ଘୋଷଣା କରିବେ ତାହା ସ୍ପଷ୍ଟ କରାଯାଇ ନାହିଁ। ତେଣୁ ନିର୍ବାଚନ ଲଢୁଥିବା ବ୍ୟକ୍ତି କୌଣସି ଅନାମଧେୟ ଖବରକାଗଜ କିମ୍ବା ନୂଆ ନ୍ୟୁଜ୍ ଚାନେଲରେ ଯେକୌଣସି ସମୟରେ ତାହା ପ୍ରକାଶ କରିବାର ସୁଯୋଗ ପାଇବେ ବୋଲି ଉପାଧ୍ୟାୟ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ ଅପରାଧ ପୃଷ୍ଠଭୂମି ଥିବା ରାଜନେତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ଅଯୋଗ୍ୟ ଘୋଷଣା କରିବା ପାଇଁ ପୂର୍ବରୁ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା, ଯାହାର ଶୁଣାଣି କରି ଗତବର୍ଷ ଅଦାଲତ ଏହି ନିଷ୍ପତ୍ତି ପାର୍ଲାମେଣ୍ଟ ଉପରେ ଛାଡିଥିଲେ। ତେବେ ରାଜନୀତିର ଅପରାଧୀକରଣ ରୋକିବା ଲାଗି ସର୍ବୋଚ୍ଚ ଅଦାଲତ ପ୍ରାର୍ଥୀଙ୍କୁ ଅପରାଧ ପୃଷ୍ଠଭୂମି ଘୋଷଣା କରିବା ସହ କେତେଗୁଡିଏ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହାବ୍ୟତୀତ ଦାଗୀ ନେତାଙ୍କୁ ନିର୍ବାଚନରୁ ଦୂରେଇ ରଖିବା ଲାଗି ସଂସଦ ଆଇନ ଆଣୁ ବୋଲି ଖଣ୍ଡପୀଠ ପରାମର୍ଶ ଦେଇଥିଲେ।

## ଜବାବ ରଖିଲେ ଇସି



ଭିଭିପିଏଟି ଯାଞ୍ଚ ମାମଲା

**ନୂଆଦିଲ୍ଲୀ, ୨୯।୩(ପି.ଟି.):** ଭୋଟର ଭେରିଫିଏବ୍ଲ ପେପର ଅଡିଟ ଟ୍ରେଲ୍ (ଭିଭିପିଏଟି) ଯାଞ୍ଚ ପାଇଁ ୨୧ଟି ବିରୋଧୀ ଦଳ ପକ୍ଷରୁ ଦାଏର ପିଟିଶନ୍ ଉପରେ ନିର୍ବାଚନ କମିଶନ (ଇସି) ଶୁକ୍ରବାର ସୁପ୍ରିମକୋର୍ଟରେ ନିଜର ଜବାବ ରଖିଛନ୍ତି। ଭିଭିପିଏଟି ସ୍ଲିପ୍ ଗଣିବା ଲାଗି ବର୍ତ୍ତମାନର ପଦ୍ଧତି ସବୁଠୁ ଉପଯୁକ୍ତ ବୋଲି ଇସି ଅଦାଲତଙ୍କୁ ଜଣାଇଛନ୍ତି। ବର୍ତ୍ତମାନ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରୁ ଗୋଟିଏ ବୁଥ୍‌ର ଭିଭିପିଏଟି ଯାଞ୍ଚ କରାଯାଉଛି। ଅନ୍ୟୁନ ୫୦ ପ୍ରତିଶତ ଭିଭିପିଏଟି ଯାଞ୍ଚ କରିବା ଲାଗି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରବାବୁ ନାଇଡୁଙ୍କ ନେତୃତ୍ୱରେ ୨୧ଟି ବିରୋଧୀ ଦଳ ପକ୍ଷରୁ କରାଯାଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଗତ ୨୫ ତାରିଖରେ ଇସିଙ୍କ ମତାମତ ଲୋଡିଥିଲେ। ଭବିଷ୍ୟତରେ ହେବାକୁ ଥିବା ନିର୍ବାଚନରେ ଅଧିକ ଭିଭିପିଏଟି ଯାଞ୍ଚ ପ୍ରସ୍ତାବକୁ ବିଚାରକୁ ନିଆଯିବ ବୋଲି ଇସି କହିଛନ୍ତି।

## ବ୍ରେକ୍‌ଜିଟ୍ ଡିଲ୍ ତୃତୀୟ ଥର ଖାରଜ

**ଲଣ୍ଡନ, ୨୯।୩(ଏଏଫ୍‌ପି)**


ଥେରେସା ମେ

ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ଥେରେସା ମେ ଆଣିଥିବା ବ୍ରେକ୍‌ଜିଟ୍ ଚୁକ୍ତିନାମା ଶୁକ୍ରବାର ତୃତୀୟ ଥର ଲାଗି ଖାରଜ ହୋଇଯାଇଛି। ଫଳରେ ୟୁରୋପୀୟ ସଂଘ (ଇୟୁ)ରୁ ବ୍ରିଟେନ ଅଲଗା ହେବା ପ୍ରକ୍ରିୟା ଅଧିକ ବିଳମ୍ବ ହେବାକୁ ଯାଉଛି। ରାଜନୈତିକ ଅଚଳାବସ୍ଥା ଦୂର ଲାଗି ଥେରେସାଙ୍କ ନିବେଦନକୁ ହାଉସ୍ ଅଫ କମନ୍ସର ଏମ୍‌ପିମାନେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଚୁକ୍ତିନାମା ବିରୋଧରେ ୩୪୪ ଭୋଟ ପଡିଥିବାବେଳେ ସପକ୍ଷରେ ୨୮୬ ଭୋଟ ଯାଇଥିଲା। ଫଳରେ ନିଜ ସରକାର ଏବଂ ବ୍ରେକ୍‌ଜିଟ ପ୍ରକ୍ରିୟାରୁ ନିୟନ୍ତ୍ରଣ ହରାଇଥିବା ଥେରେସାଙ୍କୁ ପୁଣି ଏକ ଝଟକା ଲାଗିଛି।

■ କର୍ତ୍ତାରପୁର କରିଡର ବୈଠକ: ପାକ୍ ପ୍ରତିନିଧି ଦଳରେ ବିଚ୍ଛିନ୍ନତାବାଦୀ

# ଆପତ୍ତି ଉଠାଇଲା ଭାରତ



**ନୂଆଦିଲ୍ଲୀ, ୨୯।୩(ପି.ଟି.)**

କର୍ତ୍ତାରପୁର କରିଡର ସମ୍ପର୍କରେ ଆଲୋଚନା ଲାଗି ପାକିସ୍ତାନୀ ପ୍ରତିନିଧି ଦଳରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କୁ ସାମିଲ କରାଯାଇଥିବାରୁ ଭାରତ ଏହା ଉପରେ ଆପତ୍ତି ଜଣାଇଛି। ପାକିସ୍ତାନୀ ଡେପୁଟି ହାଇକମିଶନଙ୍କୁ ଡାକି ନୂଆଦିଲ୍ଲୀ ନିଜର ଅସନ୍ତୋଷ ଜଣାଇ ଦେଇଛି। ଏଥିସହିତ କର୍ତ୍ତାରପୁର କରିଡର ଖୋଲିବା ନେଇ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବୈଠକ କାର୍ଯ୍ୟସୂଚୀରେ ପରିବର୍ତ୍ତନ ପାଇଁ ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ପାକିସ୍ତାନଠାରୁ ଉତ୍ତର ମିଳିବା ପରେ ଉପଯୁକ୍ତ ସମୟରେ ବୈଠକ ତାରିଖ ସ୍ଥିର ହେବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

ଖଲିସ୍ତାନୀ ନେତା ମନିନ୍ଦର ସିଂ ତାରା ଏବଂ ଲଶ୍କର-ଇ-ତୋଇବା ମୁଖ୍ୟ ହାଫିଜ ସୟିଦଙ୍କ ଘନିଷ୍ଠ କୁହାଯାଉଥିବା ଗୋପାଳ ସିଂ ଚାଓ୍ୱଲାଙ୍କୁ ପ୍ରତିନିଧି ଦଳରେ ସାମିଲ କରାଯାଇଥିବାରୁ ପାକିସ୍ତାନର ଉଦ୍ଦେଶ୍ୟକୁ ନେଇ ନୂଆଦିଲ୍ଲୀ ପ୍ରଶ୍ନ ଉଠାଇଛି। କର୍ତ୍ତାରପୁର କରିଡରକୁ ଭାରତ ବିରୋଧୀ ପ୍ରଚାର ଭାବେ ବ୍ୟବହାର କରାଯିବା ଉଚିତ ନୁହେଁ। ଦୁଇଦେଶ ମଧ୍ୟରେ ତୀର୍ଥଯାତ୍ରୀ ଗମନାଗମନ ସମସ୍ୟା ଦୂର କରିବାରେ ଇସ୍‌ଲାମାବାଦ ଏହାର ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ ବୋଲି ଭାରତ କହିଛି।

କର୍ତ୍ତାରପୁର କରିଡର ଖୋଲିବା ନେଇ ଗତ ୧୪ ତାରିଖରେ ଦୁଇଦେଶ ମଧ୍ୟରେ ଆଲୋଚନା ହୋଇଥିଲା ଏବଂ ପରବର୍ତ୍ତୀ ବୈଠକ ଏପ୍ରିଲ ୨ରେ କରିବା ପାଇଁ ଉଭୟ ରାଜି ହୋଇଥିଲେ। ଭାରତ ଉକ୍ତ କାର୍ଯ୍ୟସୂଚୀକୁ ରଦ୍ଦ କରିଦେଇଥିବା ଦୁଃଖଦାୟକ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦୈନିକ ୫୦୦୦ ଏବଂ ସ୍ୱତନ୍ତ୍ର ଦିବସରେ ୧୦ ହଜାରରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀଙ୍କୁ ପାକିସ୍ତାନ ଅନୁମତି ଦେବାକୁ ଭାରତ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ଇସ୍‌ଲାମାବାଦ ଦିନକୁ ମାତ୍ର ୫୦୦ରୁ ୭୦୦ ଜଣଙ୍କୁ ଅନୁମତି ଦେବାକୁ ରାଜି ହୋଇଥିଲା।

## ପ୍ରୟାଗରାଜରେ ଏଏପିର କିନ୍ନର ପ୍ରାର୍ଥୀ

**ନୂଆଦିଲ୍ଲୀ, ୨୯।୩(ପି.ଟି.)**

ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ସାଧାରଣ ନିର୍ବାଚନରେ ପ୍ରଥମଥର ପାଇଁ ଜଣେ କିନ୍ନରଙ୍କୁ ପ୍ରାର୍ଥୀ କରାଯାଇଛି। କିନ୍ନର ଆଖଡ଼ା ସଦସ୍ୟ ମହାମଣ୍ଡଳେଶ୍ୱର ଭବାନୀନାଥ ବାଲ୍ମୀକିଙ୍କୁ ଉତ୍ତରପ୍ରଦେଶର ପ୍ରୟାଗରାଜ ଲୋକ ସଭା ଆସନରୁ ଏଏପି ଟିକେଟ ମିଳିଛି। ୪୬ ବର୍ଷୀୟ ସାମାଜିକ କର୍ମୀ ବାଲ୍ମୀକି ନିଶ୍ଚୟ ଜିତିବେ ବୋଲି ବରିଷ୍ଠ ଏଏପି ନେତା ସଞ୍ଜୟ ସିଂ ଦୃଢ଼ୋକ୍ତି ବାଢ଼ିଛନ୍ତି।


ଭବାନୀନାଥ ବାଲ୍ମୀକି

## ଟ୍ରେନ୍‌ରେ 'ଚୌକିଦାର' ଚା କପ୍

**ନୂଆଦିଲ୍ଲୀ, ୨୯।୩(ପି.ଟି.)**




ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରେ ତାଙ୍କ କ୍ୟାବିନେଟ ସହଯୋଗୀ ଓ ଭାଜପା ନେତାମାନେ ନିଜକୁ 'ମେଁ ଭି ଚୌକିଦାର' ବୋଲାଉଥିବାବେଳେ ବିରୋଧୀ 'କଂଗ୍ରେସ ଚୌକିଦାର ଚୋର୍ ହେ' କହି ସେମାନଙ୍କୁ ଟାର୍ଗେଟ କରୁଛି। ଫଳରେ 'ଚୌକିଦାର' ଶବ୍ଦ ସାଧାରଣ ନିର୍ବାଚନରେ ଭାଜପା ପାଇଁ ପ୍ରଚାରର ଏକ ମାଧ୍ୟମ ପାଲଟିଯାଇଛି। ଏଭଳି ସମୟରେ କେତେକ ଟ୍ରେନ୍‌ରେ ଯାତ୍ରୀଙ୍କ ହାତରେ 'ମେଁ ଭି ଚୌକିଦାର' ଲେଖାଥିବା ଚା କପ୍ ଦେଖିବାକୁ ମିଳିଛି, ଯାହାକୁ ନେଇ ବିବାଦରେ ଫସିଯାଇଛି ରେଲୱେ। କାଠଗୋଦାମ ଶତାବ୍ଦୀ ଏକ୍ସପ୍ରେସର ଜଣେ ଯାତ୍ରୀ ଏଭଳି ଏକ କାଗଜ କପ୍‌ର ଫଟୋକୁ ନେଇ ଟୁଇଟ୍ କରିବା ପରେ ସୋସିଆଲ ମିଡିଆରେ ତାହା ଭାଇରାଲ୍ ହୋଇଛି। ସଂକଳ୍ପ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ଏଭଳି କପ୍ ତିଆରି କରି ଯାତ୍ରୀଙ୍କୁ ଦୁଇଥର ଲେଖାଏ ଚା ଦେଉଥିବାରୁ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। 'ଚୌକିଦାର' କପ୍‌ଗୁଡ଼ିକୁ ପ୍ରତ୍ୟାହାର କରାଯିବାସହ ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

■ ଆଝାର ପ୍ରସଙ୍ଗରେ ଆମେରିକାର ଅଭିଯୋଗକୁ ଚାଇନାର ଖଣ୍ଡନ

# 'ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉନାହୁଁ'

**ନୂଆଦିଲ୍ଲୀ, ୨୯।୩**



ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ ଆଝାରଙ୍କୁ ଜାତିସଂଘ କଳା ତାଲିକାଭୁକ୍ତ କରିବା ପାଇଁ ହେଉଥିବା ଉଦ୍ୟମକୁ ଚାଇନା ବିରୋଧ କରିଆସୁଛି। ଚାଇନାର ଏଭଳି କାର୍ଯ୍ୟ ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି ବୋଲି ଆମେରିକା ଅଭିଯୋଗ କରିଥିବାବେଳେ ବେଜିଂ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ମୁସଲମାନଙ୍କ ପ୍ରତି ଚାଇନା ଲଜ୍ଜାଜନକ ଷଡ଼ଯନ୍ତ୍ର କରୁଥିବା ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ଅଭିଯୋଗ କରିଥିଲେ। ନିଜ ଦେଶରେ ଚାଇନା ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମୁସଲମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାବେଳେ ଜାତିସଂଘରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନକୁ ସୁରକ୍ଷା ଦେଉଛି ବୋଲି ପମ୍ପିଓ କହିଛନ୍ତି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଗେଙ୍ଗ୍ ଶୁଆଙ୍ଗ କହିଛନ୍ତି, ଯଦି ପମ୍ପିଓଙ୍କ ଅଭିଯୋଗ ସତ୍ୟ, ତେବେ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ଅଲ୍-କାଏଦା କାର୍ଯ୍ୟାନୁଷ୍ଠାନ କମିଟିରେ ଯାହାର ବୈଷୟିକ ଅଧିକାର ଅଧିକ ଥିଲା, ଉକ୍ତ ଦେଶ ଅଧିକ ଆତଙ୍କବାଦୀଙ୍କୁ ସୁରକ୍ଷା ଯୋଗାଇ ଆସୁଥିଲା। ଯେଉଁ ଦେଶ ବୈଷୟିକ ପ୍ରସଙ୍ଗ ଉଠାଉଛନ୍ତି ସେମାନେ ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛନ୍ତି କି ବୋଲି ଗେଙ୍ଗ୍ ପ୍ରଶ୍ନ କରିଛନ୍ତି।

## 'ମଥୁରା ସହ ଆଧ୍ୟାତ୍ମିକ ସମ୍ପର୍କ'


**ମଥୁରା, ୨୯।୩(ପି.ଟି.)**


ହେମାମାଳିନୀ

ଉତ୍ତରପ୍ରଦେଶସ୍ଥିତ ମଥୁରାର ଭାଜପା ଏମ୍‌ପି ହେମାମାଳିନୀଙ୍କୁ ବିରୋଧୀ ଦଳଗୁଡ଼ିକ 'ବାହାର ନେତା' ବୋଲି ଟାର୍ଗେଟ କରନ୍ତି। ଭାଜପାରୁ ଏଥର ପୁଣି ପ୍ରାର୍ଥୀ ହୋଇଥିବା ହେମାମାଳିନୀ ସେମାନଙ୍କୁ ଜବାବ ଦେବା ଲାଗି କହିଛନ୍ତି, ମଥୁରା ହେଉଛି ଭଗବାନ କୃଷ୍ଣଙ୍କ ସହର। ମଥୁରା ସହ ତାଙ୍କର ଆଧ୍ୟାତ୍ମିକ ସମ୍ପର୍କ ରହିଛି। ମନ୍ତ୍ରୀ ହେବା ପାଇଁ ତାଙ୍କର କୌଣସି ଅଭିଳାଷ ନାହିଁ। ହେମାମାଳିନୀ ମୁମ୍ବାଇରେ ରହୁଥିବାରୁ ମଥୁରାରେ ଲଢ଼େଇ 'ବାହାର ବନାମ ବ୍ରଜବାସୀ' ହେବ ବୋଲି ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ସମାଲୋଚନା କରିଛି। ତେବେ ବୃନ୍ଦାବନରେ ତାଙ୍କର ଏକ ଘର ଥିବାରୁ ନିଜକୁ ବୃନ୍ଦାବନବାସୀ ବୋଲି ଅଭିହିତ କରିଛନ୍ତି ଅଭିନେତା ଧର୍ମେନ୍ଦ୍ରଙ୍କ ସ୍ତ୍ରୀ।

## [ଇତିହାସର ଆଇନାରେ] ମାର୍ଚ୍ଚ ୩୦ର ପ୍ରମୁଖ ଘଟଣା

୧୯୪୪ ମାର୍ଚ୍ଚ ୩୦(ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ)ରେ ମିତ୍ରଶକ୍ତି ଦ୍ୱାରା ବୁଲ୍‌ଗେରିଆର ସୋଫିଆ ଉପରେ ବୋମା ମାଡ଼ କରାଯାଇଥିଲା। ବିଶେଷକରି ଜର୍ମାନୀ, ଜାପାନ ଏବଂ ଇଟାଲିକୁ ଆକ୍ରମଣରୁ ନିବୃତ୍ତ ରଖିବା ପାଇଁ ମିତ୍ରଶକ୍ତି ଗଠନ କରାଯାଇଥିଲା। ୧୯୩୯ରୁ ୧୯୪୫ ମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସଂଗଠିତ ହୋଇଥିଲା।



୨୦୦୯ ମାର୍ଚ୍ଚ ୩୦ରେ ଲାହୋରସ୍ଥିତ ମାନାଓ୍ୱାନ୍ ପୋଲିସ ଏକାଡେମୀରେ ୧୨ ବନ୍ଧୁକଧାରୀ ଅଚାନକ ଆକ୍ରମଣ କରିଥିଲେ। ସେମାନେ ପୋଲିସ ପୋଷାକ ପରିଧାନ କରି ସ୍ୱୟଂଚାଳିତ ମାରଣାସ୍ତ୍ର, ଗ୍ରାନେଡ ଏବଂ ରକେଟ ପାଖରେ ରଖିଥିଲେ। ୭୫୦ଜଣ ନିରସ୍ତ୍ର ପୋଲିସ ମର୍ନିଂ ପରେଡ୍ କରୁଥିବାବେଳେ ବନ୍ଧୁକଧାରୀମାନେ ମୁଖ୍ୟ ଅଟ୍ଟାଳିକାକୁ କବ୍‌ଜାକୁ ନେଇଯାଇଥିଲେ। ଏହି ଆକ୍ରମଣରେ ୫ ତାଲିମପ୍ରାପ୍ତଙ୍କ ସମେତ ୮ଜଣଙ୍କ ମୃତ୍ୟୁ ଘଟିଥିଲା।

# ମହାମେଣ୍ଟ ମତଭେଦ ଜଳଜଳ

**ପାଟନା, ୨୯।୩ (ପି.ଟି./ଆଇଏଏନ୍‌ଏସ୍)**

■ଆର୍‌ଜେଡି ୧୯, କଂଗ୍ରେସ ୯
■ଘୋଷଣା ବେଳେ କଂଗ୍ରେସ ନେତା ଅନୁପସ୍ଥିତ
■ତେଜପ୍ରତାପଙ୍କୁ ମନାଇବାକୁ ତେଜସ୍ୱୀଙ୍କ ଉଦ୍ୟମ


ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କ ସହ ଏଚ୍‌ଏଏମ୍ ଅଧ୍ୟକ୍ଷ ଜିତନରାମ ମାଞ୍ଝି।

ଦୀର୍ଘସମୟ ଧରି ସହଯୋଗୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଲାଗିରହିବା ପରେ ବିହାର ମହାମେଣ୍ଟ ପକ୍ଷରୁ ଶୁକ୍ରବାର ଆସନ ଆବଣ୍ଟନ ବୁଝାମଣା ଶେଷ ହୋଇଛି। ରାଜ୍ୟର ୪୦ ଲୋକ ସଭା ଆସନ ମଧ୍ୟରୁ ୩୧ଟିର ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ଏହାସହ ଅଧିକାଂଶ ଆସନର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିରୋଧୀ ମହାମେଣ୍ଟ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ପକ୍ଷରୁ ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ଝିଅ ମିସା ଭାରତୀ ପାଟଳିପୁତ୍ରରୁ ପ୍ରାର୍ଥୀ ହୋଇଥିବାବେଳେ ଲୋକ ସଭାର ପୂର୍ବତନ ବାଚସ୍ପତି ମୈରା କୁମାରଙ୍କୁ ସାସାରାମରୁ ଟିକେଟ ଦେଇଛି କଂଗ୍ରେସ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ଏହି ଘୋଷଣା କରିବାବେଳେ ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାଙ୍କ ଅନୁପସ୍ଥିତି ମହାମେଣ୍ଟରେ ଥିବା ମତଭେଦକୁ ପଦାରେ ପକାଇଛି। ଆର୍‌ଜେଡିର ବଡ଼ଭାଇପଣିଆକୁ ନେଇ କଂଗ୍ରେସର ଅସନ୍ତୋଷ ଏଥିରୁ ଜଳଜଳ ହୋଇ ଦିଶୁଛି ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ପାଟନାରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ମହାମେଣ୍ଟର ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ବୁଝାମଣା ଅନୁସାରେ ଆର୍‌ଜେଡିକୁ ୨୦ ଆସନ ମିଳିଛି। ଆର୍‌ଜେଡି ଏଥରୁ ଗୋଟିଏ ସିଟ୍ ସିପିଆଇଏମ୍‌ଏଲ୍‌କୁ ଛାଡ଼ିଦେଇଛି। କଂଗ୍ରେସକୁ ୯ ଆସନ ମିଳିଥିବାବେଳେ ଉପେନ୍ଦ୍ର କୁଶଓ୍ୱାହଙ୍କ ରାଷ୍ଟ୍ରୀୟ ଲୋକ ସମତା ପାର୍ଟି (ଆର୍‌ଏଲ୍‌ଏସ୍‌ପି)କୁ ୫ ଏବଂ ଜିତନରାମ ମାଞ୍ଝିଙ୍କ ହିନ୍ଦୁସ୍ଥାନ ଆଓ୍ୱାମ ପାର୍ଟି (ଏଚ୍‌ଏଏମ୍) ଓ ମୁକେଶ ସାହନୀଙ୍କ ବିକାଶଶୀଳ ଇନ୍‌ଶାନ ପାର୍ଟି (ଭିଆଇପି)କୁ ତିନୋଟି ଲେଖାଏ ଆସନରେ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦିଆଯାଇଛି। ଏହି ଅବସରରେ ତେଜସ୍ୱୀ ଆର୍‌ଜେଡିର ୧୮ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସଂଯୁକ୍ତ ଜନତା ଦଳ (ଜେଡିୟୁ)ରୁ ବିଦା ହେବା ପରେ ଲୋକତାନ୍ତ୍ରିକ ଜନତା ଦଳ (ଏଲ୍‌ଜେଡି) ଗଠନ କରିଥିବା ଶରଦ ଯାଦବଙ୍କୁ ମଧେପୁରା ଆସନରୁ ଲଢ଼ିବା ପାଇଁ ଟିକେଟ ଦେଇଛି ଆର୍‌ଜେଡି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରଘୁବଂଶ ପ୍ରସାଦ ସିଂ ବୈଶାଳୀ ଓ ପୂର୍ବତନ ମନ୍ତ୍ରୀ ଜଗଦାନନ୍ଦ ସିଂ ବକ୍ସାର ଆସନରୁ ଲଢ଼ିବେ। ଜଗଦାନନ୍ଦ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ଚୌବେଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ପୂର୍ବତନ ମନ୍ତ୍ରୀ ଅବ୍‌ଦୁଲ ବାରି ସିଦ୍ଦିକିଙ୍କୁ ଦରଭଙ୍ଗା ଆସନ ମିଳିଛି। ପୂର୍ବତନ କ୍ରିକେଟର ତଥା ଭାଜପା ଛାଡ଼ି ନିକଟରେ କଂଗ୍ରେସରେ ଯୋଗଦେଇଥିବା କୀର୍ତ୍ତି ଆଜାଦଙ୍କୁ କଂଗ୍ରେସ ଏହି ଆସନରୁ ପ୍ରାର୍ଥୀ କରିବାକୁ ଚାହୁଁଥିଲା। ହେଲେ ଦରଭଙ୍ଗା ଆସନ ନ ମିଳିବା ପରେ କଂଗ୍ରେସ ଅସନ୍ତୋଷ ବ୍ୟକ୍ତ କରିଛି। ଅନ୍ୟପକ୍ଷରେ ବରିଷ୍ଠ ଆର୍‌ଜେଡି ନେତା ତନବିର ହାସନଙ୍କୁ ଦଳ ବେଗୁସରାଇରୁ ପ୍ରାର୍ଥୀ କରିଛି। ଏହି ଆସନରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କୁ ଭାଜପା ଟିକେଟ ଦେଇଥିବାବେଳେ ଜେଏନ୍‌ୟୁ ଛାତ୍ର ସଂସଦର ପୂର୍ବତନ ଅଧ୍ୟକ୍ଷ କହ୍ନେୟା କୁମାରଙ୍କୁ ସିପିଆଇ ପ୍ରାର୍ଥୀ କରିଛି। ଜେଲ୍‌ରେ ଥିବା ପୂର୍ବତନ ଏମ୍‌ପି ମହମ୍ମଦ ଶାହବୁଦ୍ଦିନଙ୍କ ସ୍ତ୍ରୀ ହିନା ସହାବ ସିଓ୍ୱାନରୁ ଓ ଲାଲୁଙ୍କ ବଡ଼ପୁଅ ତେଜପ୍ରତାପ ଯାଦବଙ୍କ ଶ୍ୱଶୁର ଚନ୍ଦ୍ରିକା ରାୟ ସାରନ୍ ଆସନରୁ ଆର୍‌ଜେଡି ଟିକେଟରେ ଭାଜପା ଏମ୍‌ପି ରାଜୀବ ପ୍ରତାପ ରୁଡ଼ିଙ୍କ ବିରୋଧରେ ଲଢ଼ିବେ। ସେହିପରି ଭିଆଇପି ମୁଖ୍ୟ ମୁକେଶ ସାହନୀ ଖଗରିଆ ଓ ଏଚ୍‌ଏମ୍ ଅଧ୍ୟକ୍ଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତନ୍‌ରାମ ମାଞ୍ଝି ଗୟାରୁ ପ୍ରାର୍ଥୀ ହୋଇଛନ୍ତି। ଅବଶିଷ୍ଟ ଆସନ ପାଇଁ କଂଗ୍ରେସ ଏବଂ ଆର୍‌ଏସ୍‌ଏଲ୍‌ପି ଖୁବ୍‌ଶୀଘ୍ର ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିବେ ବୋଲି ତେଜସ୍ୱୀ କହିଛନ୍ତି। କେବଳ ଶେଓହର ଆସନରୁ ପ୍ରାର୍ଥୀ ଘୋଷଣା କରାଯାଇନାହିଁ। ଗୁରୁବାର ଆର୍‌ଜେଡି ଛାତ୍ର ଶାଖା ମୁଖ୍ୟ ପଦରୁ ଇସ୍ତଫା ଦେଇଥିବା ଅସନ୍ତୁଷ୍ଟ ତେଜପ୍ରତାପଙ୍କୁ ମନାଇବା ପାଇଁ ତାଙ୍କ ସମର୍ଥକ ଅଙ୍ଗେଶ କୁମାରଙ୍କୁ ଏହି ଆସନରୁ ଲଢ଼ିବା ପାଇଁ ଆର୍‌ଜେଡି ଟିକେଟ ଦିଆଯିବା ନେଇ ଚର୍ଚ୍ଚା ହେଉଛି।

ତେବେ ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସର କେହି ବଡ଼ନେତା ନ ଥିଲେ। ଏମ୍‌ଏଲ୍‌ସି ନରେନ୍ଦ୍ର ଯାଦବ ଦଳର ନାମମାତ୍ର ପ୍ରତିନିଧି ଭାବେ ଯୋଗଦେଇଥିଲେ। ଅଧା ଆସନ ଆର୍‌ଜେଡି ମାଡ଼ିବସିଥିବାରୁ ଏହାକୁ ନେଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଅସନ୍ତୁଷ୍ଟ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ହେଲେ ତେଜସ୍ୱୀ ଏଭଳି ଖବରକୁ ଖଣ୍ଡନ କରି କହିଛନ୍ତି, ମହାମେଣ୍ଟ ଏକଜୁଟ ଅଛି। କଂଗ୍ରେସ ସହ କିଛି ମତଭେଦ ନାହିଁ।




## ସଂକ୍ଷେପରେ

### ସରିଲା ସିବିଏସ୍ଇ ଦଶମ ପରୀକ୍ଷା
### ଏପ୍ରିଲ ଶେଷ ସୁଦ୍ଧା ବାହାରିପାରେ ପରୀକ୍ଷା ଫଳ

**ଭୁବନେଶ୍ୱର, ୨୯।୩ (ବ୍ୟୁରୋ):** ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍ଇ)ର ଦଶମ ଶ୍ରେଣୀ ପରୀକ୍ଷା ଶୁକ୍ରବାର ଶେଷ ହୋଇଛି। ଶେଷ ଦିନ ସୋସିଆଲ ସାଇନ୍ସ ବିଷୟର ପରୀକ୍ଷା ରହିଥିଲା। ତେବେ ଅନ୍ୟ ସବୁ ବିଷୟର ପରୀକ୍ଷା ଶେଷ ହେବାର ୭ ଦିନ ପରେ ଖାତା ଦେଖା ଆରମ୍ଭ ହୋଇଯାଇଥିଲା। ତେଣୁ ଏପ୍ରିଲ ୧୫ ସୁଦ୍ଧା ସମସ୍ତ ଖାତା ଦେଖା ଶେଷ କରିବାକୁ ଯୋଜନା ରହିଛି। ଏପ୍ରିଲ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ କରିବାକୁ ସିବିଏସ୍ଇ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୨ରୁ ସିବିଏସ୍ଇ ଦଶମ ପରୀକ୍ଷା ଆରମ୍ଭ ହୋଇଥିଲା। ଚଳିତବର୍ଷ ଦେଶରେ ୧୮,୨୭,୪୭୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୭,୫୬,୮୯୩ଜଣ ଛାତ୍ରୀ ଥିବାବେଳେ ୧୦,୭୦,୫୭୯ ଜଣ ଛାତ୍ର ରହିଛନ୍ତି।

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଅଭିଭାବକ ମହାସଂଘ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

### ସିବିଏସ୍ଇ ପ୍ରଶ୍ନପତ୍ର ତ୍ରୁଟି ଘଟଣା

ଚଳିତବର୍ଷ ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ହିନ୍ଦୀ, ବିଜ୍ଞାନ ଓ ଗଣିତ ପ୍ରଶ୍ନପତ୍ରରେ ବିଭିନ୍ନ ତ୍ରୁଟି ପରିଲକ୍ଷିତ ହୋଇଥିଲା। ଏ ସଂକ୍ରାନ୍ତରେ ଓଡ଼ିଶା ଅଭିଭାବକ ମହାସଂଘ ନୂଆଦିଲ୍ଲୀରେ ଥିବା ସିବିଏସ୍ଇ ଅଧ୍ୟକ୍ଷା, ସମ୍ପାଦକ, ପରୀକ୍ଷା ନିୟନ୍ତ୍ରକ ଏବଂ ଭୁବନେଶ୍ୱରର ଆଞ୍ଚଳିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲା। ଇତିମଧ୍ୟରେ ୨ ସପ୍ତାହ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସନ୍ତୋଷଜନକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଘଟଣାକୁ ଗମ୍ଭୀରତାର ସହ ନେଇ ଶୁକ୍ରବାର ମହାସଂଘର ଏକ ପ୍ରତିନିଧି ଦଳ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ସମସ୍ତ ତଥ୍ୟ ଓ ଦାବି ଉପସ୍ଥାପନା କରିଛନ୍ତି। ବିଜ୍ଞାନରେ ୪ ମାର୍କ ପ୍ରଶ୍ନ ଦ୍ୱାଦଶ ଶ୍ରେଣୀ ପାଠ୍ୟକ୍ରମରୁ ଆସିଥିବା ବେଳେ ହିନ୍ଦୀ ପ୍ରଶ୍ନପତ୍ରରେ 'ଅଥବା'କୁ ନେଇ ଏକ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ଛାତ୍ରୀଛାତ୍ର ୮ ମାର୍କ ଛାଡ଼ି ଦେଇଛନ୍ତି। ସେହିଭଳି ଗଣିତର ସେଟ୍ 'ବି' ଓ 'ସି'ଠାରୁ ସେଟ୍ 'ଏ' ପ୍ରଶ୍ନପତ୍ର ଅତ୍ୟଧିକ କଠିନ ରହିଥିଲା। ଏହାସହ ପାଠ୍ୟକ୍ରମ ବାହାରୁ ୩୦ ମାର୍କ ଅଧିକ ପ୍ରଶ୍ନ ଆସିବା ଘଟଣାକୁ ପୁଙ୍ଖାନୁପୁଙ୍ଖ ଭାବେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ତେଣୁ ଏହାର ତୁରନ୍ତ ସମାଧାନ କରି ଉତ୍ତର ଖାତା ମୂଲ୍ୟାଙ୍କନ ପୂର୍ବରୁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଗ୍ରେସ୍‌ମାର୍କ ପ୍ରଦାନ କରିବା ପାଇଁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ରାଜ୍ୟପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ସିବିଏସ୍ଇ ଅଧ୍ୟକ୍ଷାଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଥିବା ମହାସଂଘ ପକ୍ଷରୁ କୁହାଯାଇଛି।

ସେହିପରି ବେସରକାରୀ ସ୍କୁଲଗୁଡ଼ିକ ଏନ୍‌ସିଇଆର୍‌ଟି ବହି ବ୍ୟବହାର ନ କରି ବ୍ୟବସାୟିକ ଭିତ୍ତିରେ ଘରୋଇ ପ୍ରକାଶନ ବହିକୁ କିଣିବା ପାଇଁ ଅଭିଭାବକମାନଙ୍କ ଉପରେ ଚାପ ପ୍ରୟୋଗ କରୁଛନ୍ତି। ଏହା ଆର୍ଥିକ ବୋଝ ସାଙ୍ଗକୁ ପିଲାମାନଙ୍କୁ ବସ୍ତାନି ବୋଝ ପଡୁଛି। ଏପରି କି, ଉକ୍ତ ବହିଗୁଡ଼ିକ ପୁନଃ ବ୍ୟବହାର ହୋଇପାରୁ ନ ଥିବା କଥାକୁ ଅଭିଭାବକମାନେ ରାଜ୍ୟପାଳଙ୍କୁ ଜଣାଇଥିଲେ। ଏ ନେଇ ରାଜ୍ୟପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଆସନ୍ତା ଦୁଇମାସ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱସନା ଦେଇଥିଲେ। ଏହି ପ୍ରତିନିଧି ଦଳରେ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ, ସହଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ଭୂମୋହନ ପଟ୍ଟନାୟକ, ଅଶୋକ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ



ମୁଖ୍ୟ ଚିକିତ୍ସାଳୟ ରାସ୍ତା ଅବରୋଧ କରାଯାଇଛି।

**ବାଲେଶ୍ୱର ଅଫିସ, ୨୯।୩**

■ ମୃତଦେହ ରଖି ପରିବାର ଲୋକଙ୍କ ରାସ୍ତାରୋକୋ
■ ତଦନ୍ତ ପାଇଁ କମିଟି ଗଠନ

ଚିକିତ୍ସା ଅବହେଳାରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ୪ବର୍ଷର ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶୁକ୍ରବାର ସକାଳେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତ ଶିଶୁଙ୍କ ପରିବାର ଲୋକେ ଡାକ୍ତରଖାନା ସମ୍ମୁଖରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଡିଏସ୍‌ପି ଉମେଶ ପଣ୍ଡା, ମେଡ଼ିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ସୁଧୀର ଘୋଷ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ବସ୍ତା ଥାନା ଅଧୀନ ମୁକୁଳସି ପଞ୍ଚାୟତ ଶୁଳିଆପଦା ଗ୍ରାମର ପ୍ରଶାନ୍ତ ରାଉତଙ୍କ ୪ବର୍ଷର ଝିଅ ଲକ୍ଷ୍ମୀପ୍ରିୟାର ମୁଣ୍ଡରେ ଟ୍ୟୁମର ହୋଇଥିଲା। ସେ ଜିଲା ମୁଖ୍ୟ ଚିକିତ୍ସାଳୟର ଆସିଷ୍ଟାଣ୍ଟ ସର୍ଜନଙ୍କୁ ଦେଖାଇଥିଲେ। ଡାକ୍ତର ତାଙ୍କୁ ବାରମ୍ବାର ପ୍ରାଇଭେଟ୍ ନର୍ସିଂହୋମ୍‌ରେ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଉଥିବା ବେଳେ ପ୍ରଶାନ୍ତ ଅର୍ଥ ଅଭାବ କାରଣରୁ ସରକାରୀ ସହାୟତାରେ ଅସ୍ତ୍ରୋପଚାର କରିବା ପାଇଁ ଅନୁରୋଧ କରିଥିଲେ। ଗତ ୨୭ ତାରିଖରେ ସମସ୍ତ ପ୍ରକାର ପରୀକ୍ଷାନିରୀକ୍ଷା ହେବା ପରେ ୨୮ ତାରିଖ ଗୁରୁବାର ଅପରାହ୍ନରେ ଲକ୍ଷ୍ମୀପ୍ରିୟାଙ୍କ ଅସ୍ତ୍ରୋପଚାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଦୀର୍ଘ ସମୟ ଧରି ଚେତା ଫେରି ନ ଥିଲା। ତାଙ୍କୁ ଶିଶୁଭବନରେ ଥିବା ଆଇସିୟୁରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ଏହାପରେ ମଧ୍ୟ ମଧ୍ୟରାତ୍ର ପର୍ଯ୍ୟନ୍ତ ଚେତା ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡିଥିଲେ। ସେମାନେ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ରାତି ସାଢେ ଗୋଟାଏ ସମୟରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଭଦ୍ରକ ଏବଂ ପାଣିକୋଇଲି ମଝି ରାସ୍ତାରେ ଲକ୍ଷ୍ମୀପ୍ରିୟାର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ସେଠାରୁ ଫେରି ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ରାସ୍ତାରେ ମୃତଦେହ ରଖି ଧାରଣା ଦେବା ସହ ରାସ୍ତାରୋକୋ କରିଥିଲେ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ପାଢ଼ୀ କହିଛନ୍ତି ଯେ, ଗୁରୁବାର ଅପରାହ୍ନରେ ଉକ୍ତ ଶିଶୁକନ୍ୟାର ଅସ୍ତ୍ରୋପଚାର କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଡାକ୍ତରଙ୍କ ଚିକିତ୍ସାରେ ଅବହେଳା କାରଣରୁ ଯଦି ଶିଶୁକନ୍ୟାର ମୃତ୍ୟୁ ହୋଇଥାଏ ଏହା ତଦନ୍ତଯୋଗ୍ୟ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। କମିଟିର ରିପୋର୍ଟ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


### ତେଲକୋଇରେ ଲଜ୍ଜା
# ଯୁଆଙ୍ଗ ଯୁବତୀଙ୍କୁ ଗଣବଳାତ୍କାର

**ତେଲକୋଇ, ୨୯।୩ (ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇରେ ଏକ ଲଜ୍ଜା ଘଟଣା ଘଟିଛି। ତେଲକୋଇ ଥାନା ଅନ୍ତର୍ଗତ ବିଂଜବାହାଲକୁ ଗତ ଗୁରୁବାର ରାତିରେ ଅପେରା ଦେଖିବାକୁ ଆସିଥିବା ଜଣେ ଯୁଆଙ୍ଗ ଯୁବତୀଙ୍କୁ ୫ ଜଣ ଯୁବକ ମିଶି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ଉକ୍ତ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ବିଂଜବାହାଲ ଗ୍ରାମରେ ପଞ୍ଚଦୋଳ ପାଇଁ ଅପେରା ହେଉଥିଲା। ଗୁରୁବାର ଶେଷ ଅପେରା ଯୋଗୁ ଭିଡ଼ ଜମିଥିଲା। ଗୋଟିଏ ୩ ଜଣ ଯୁବତୀ ସାଙ୍ଗ ହୋଇ ଅପେରା ଦେଖିବାକୁ ବିଂଜବାହାଲକୁ ଆସିଥିଲେ। ଅନ୍ଧାରର ସୁଯୋଗ ନେଇ ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ୨ ଜଣ ଯୁବତୀ କୌଶଳ କ୍ରମେ ଯୁବକମାନଙ୍କ କବଳରୁ ଖସି ପଳାଇଥିଲେ। ଜଣେ ଯୁବତୀଙ୍କୁ ଯୁବକମାନେ ନେଇ ବଳାତ୍କାର କରିବା ପରେ ଅଚେତ ଅବସ୍ଥାରେ ଛାଡି ପଳାଇ ଯାଇଥିଲେ। ସେଠାରେ ପୀଡ଼ିତା ଜଣଙ୍କ ପଡି ରହିଥିଲେ। ବହୁ ବିଳମ୍ବରେ ତାଙ୍କର ୨ ବାନ୍ଧବୀ ଆସି ବହୁ କଷ୍ଟରେ ପୀଡିତାଙ୍କୁ ଘରକୁ ନେଇଥିଲେ। ଅନ୍ଧାର ଯୋଗୁ ଅଭିଯୁକ୍ତମାନଙ୍କୁ ପୀଡିତା ଚିହ୍ନିପାରି ନ ଥିବା କହିଛନ୍ତି। ଜଣେ ଯୁବକ ଲମ୍ବା ଚୁଟି ରଖିଥିବା ପୀଡିତା ଅଭିଯୋଗ କରିଛନ୍ତି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଛି। ମେଡିକାଲରେ ଚିକିତ୍ସା ହେବା ପରେ ପୀଡିତା ଘରକୁ ଫେରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଏକ ମାମଲା (ନଂ. ୩୧/୧୯) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଦ୍ମାସିନୀ ମେହେର କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କ୍ରିଷ୍ଣା
ପରିବାରବର୍ଗ


ଅମ୍ରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜନ୍ମଦିନ ଶୁଭେଚ୍ଛା



**ଆମ ସୁନା ପୁଅ କ୍ରିଷ୍ଣା**

**ନରେନ୍ଦ୍ରକୋଣ, ପୁରୀ**

ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁ ଏବଂ ଶ୍ରୀଶ୍ରୀ ମଦନ ମୋହନ ମହାପ୍ରଭୁ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: **ବାପା, ବୋଉଲ, ମାମା ଓ ପରିବାରବର୍ଗ।** ଧ-୬୪୦୫୬



# classified

### real estate

**SALE**

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No brokers please. 7809525452.** D-65865

Bhubaneswar AIIMS front Govt. roadକୁଲାଗି gharabari yellowzone plot ବିକ୍ରିହେବ: 9439206202. D-66308

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Morningsun residency simplex near Hanspal 32,00,000/- Handover within 1 month. 8908015464, 9853347909. D-65399

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact 9937059891, 9348253463, 8908292617.** D-11883

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-11578

Book 4BHK flat with 3 toilet near AIIMS Square 150 mtr. Aiginia Overbridge. 7978584549. D-66057

Bhubaneswar GITA Collegeଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65397

Booking 2BHK simplex Tankapani road Sai Temple 20,50,000/- gharabari plots Jharapada, Badagada, Canal road: 7735738102. D-11820

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66304

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66056

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 9348253463, 8908292617.** D-11882

### construction

**Built your resudential & commercial project with best quality material @ 1349/- Onwards with 20 years experienced technical team. We provide architecture, structural & BDA Plan approval. SMPL Infratech: 9040008777.** D-11884

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### to-let

Open space available at Pahal near Utkal (Audi Signature Showroom) 15000 sqft. and 25000 sqft. Contact: 9338401309, 9853916309. D-62171

2000+2000 sqft. commercial property at Jagatpur Cuttack available on rent for godown/ small industry at reasonable price. Contact: 8249357618, 9658647848. D-11842

### education


ଘରେବସି Distance course କରିପାରିବେ। BAMS, BHMS, BUMS, D.Pharma, Nursing, B.Tech, MBA, MCA, B.Ed, D.Ed, M.Ed, BA, B.Com, B.Sc, MA. Call: 9893869473. D-66061



# ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ
ନ ଚୈନଂ କ୍ଳେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ"



**✓କୃଷ୍ଣଚନ୍ଦ୍ର ବସ୍ତିଆ**

ପ୍ଲଟ୍ ନଂ.୩୬୭୧, ପ୍ରାଚୀବିହାର, ପଳାଶୁଣି, ଭୁବନେଶ୍ୱର

ଆବିର୍ଭାବ : ୧୯୩୭
ତିରୋଧାନ : ୨୦.୦୩.୨୦୧୯

ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ :**
**ବନ୍ଧୁ ଓ ପରିବାରବର୍ଗ** ଧ-୧୧୮୮୫

### ଶତାୟୁ ଦ୍ୱାଦଶାହ ଉପଲକ୍ଷେ




**ସ୍ୱର୍ଗତା ମୋତି ଭୋଳ**

ଆମଣ, ଫୁଲନଖରା, କଟକ
ଆବିର୍ଭାବ: ୧୭।୦୩।୧୯୧୩
ତିରୋଧାନ: ୧୯।୦୩।୨୦୧୯

ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ, ଅଣନାତି, ଅଣନାତୁଣୀ, ବନ୍ଧୁ ଓ ପରିବାରବର୍ଗ। ଧ-୧୧୮୭୯

### ୨୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ସେଠୀ**

ଭୁବନେଶ୍ୱର
ତିରୋଧାନ: ୧୨।୦୩।୧୯୯୯

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, ଭି.ଏସ୍.ଏସ୍. ନଗର। ଧ-୧୧୮୭୨

### ସପ୍ତଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସାଧବ ସାହୁ**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ
ଆବିର୍ଭାବ: ୦୭।୦୪।୧୯୫୭
ତିରୋଧାନ: ୦୭।୦୪।୨୦୦୨

ତୁମ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିଥାଉ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା। ପୁତ୍ର- ସୁମନ, ସ୍ତ୍ରୀ- ଶାନ୍ତି। ଧ-୫୮୦୬୬


## ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବ

# ଦେଶରେ ଶିକ୍ଷା ବ୍ୟବସ୍ଥା ପରିବର୍ତ୍ତନ ହେବା ଆବଶ୍ୟକ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ଚରିତ୍ର ଗଠନରେ ଶିକ୍ଷାର ପ୍ରମୁଖ ଭୂମିକା ରହିଛି। ହେଲେ ଦେଶରେ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ପରିଲକ୍ଷିତ ହେଉଛି। ଗୁଣାତ୍ମକ ଶିକ୍ଷାଠାରୁ ଆରମ୍ଭ କରି ଆର୍ଥିକ, ଗବେଷଣା, ଫାକଲ୍‌ଟି କମ୍ ରହିବା ଏବଂ ଶିକ୍ଷକଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ଦେଶର ପ୍ରାୟ ସମସ୍ତ ବିଶ୍ୱବିଦ୍ୟାଳୟରେ ଏକ ସାଧାରଣ ସମସ୍ୟା। ଏଥିପାଇଁ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ। ଉଚ୍ଚଶିକ୍ଷାର ଗୁଣାବତ୍ତା କିପରି ବୃଦ୍ଧି ପାଇବ, ସେ ଦିଗରେ କାମ କରିବାକୁ ପଡ଼ିବ। ଦେଶରେ ଉଚ୍ଚଶିକ୍ଷାର ଗୁଣାବତ୍ତାରେ ପରିବର୍ତ୍ତନ କରିବାକୁ ହେଲେ, ଅଧିକ ମାନବ ସମ୍ବଳର ଆବଶ୍ୟକତା ରହିଛି। ଗୋଟିଏ ରାତିରେ ଏହା କେବେ ସମ୍ଭବ ହୋଇପାରିବ ନାହିଁ। କିନ୍ତୁ ଆମ ଦେଶ ପାଇଁ ଏହି ପ୍ରକ୍ରିୟାକୁ ଆରମ୍ଭ କରିବାକୁ ପଡ଼ିବ ବୋଲି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କଲ୍ପେଶ ସତ୍ୟେନ୍ଦ୍ର ଝାବେରୀ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ୪୯ତମ ସମାବର୍ତ୍ତନ ଉତ୍ସବରେ ଜଷ୍ଟିସ୍ ଝାବେରୀ ଯୋଗଦେଇ ତାଙ୍କ ସମାବର୍ତ୍ତନ ଅଭିଭାଷଣରେ ଏହା କହିଛନ୍ତି।ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇ ସେ କହିଥିଲେ, ତୁମେ ନିର୍ଭୀକ ଭାବେ ଉଡ଼ିବା ପାଇଁ ଯଦି ଥରେ ତୁମ ଡେଣାକୁ ମେଲାଇବ, ତେବେ ଆକାଶ ତୁମ ପାଇଁ ସୀମାହୀନ ହେବ। ଦେଶ ଗଠନରେ ତୁମର ପ୍ରମୁଖ ଭୂମିକା ରହିବ। ଦେଶର ବିକାଶରେ ତୁମେମାନେ ମେଣ୍ଟର ହେବ। ଯେଉଁ ପ୍ରଫେଶନକୁ ଗଲେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟରୁ ପାଇଥିବା ଶିକ୍ଷା ଓ ପ୍ରଶିକ୍ଷଣ ତୁମକୁ ଭବିଷ୍ୟତରେ ଆଗକୁ ବଢ଼ିବା ପାଇଁ ସହାୟତା କରିବ। ସେ ଆହୁରି ମଧ୍ୟ କହିଥିଲେ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଯଦି ତୁମେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବ, ତା' ହେଲେ ସଫଳତା ନିଶ୍ଚୟ ପାଇବ। ଯେଉଁମାନେ ତୁମ ପାଇଁ ଚିନ୍ତା କରୁଛନ୍ତି, ସେମାନଙ୍କୁ କେବେ ଭୁଲିବ ନାହିଁ। ନଚେତ୍ ଦିନ ଆସିବ ତୁମେ ଜଣେ ହୀରା ଭଳି ବ୍ୟକ୍ତିତ୍ୱକୁ ହରେଇ ଦେଇଛ ବୋଲି ଅନୁଭବ କରିବ। ଏହାସହ ସମାଜ ସେବାରେ ନିଜକୁ ସାମିଲ କର ବୋଲି ଜଷ୍ଟିସ୍ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିଲେ। ସେହିପରି ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉତ୍ସବରେ ସଭାପତିତ୍ୱ କରି ହସିବା ଗୋଟିଏ ଅଭ୍ୟାସ ରଖ ବୋଲି ପରାମର୍ଶ ଦେଇଥିଲେ। ଭୁବନେଶ୍ୱର ଏମ୍‌ସ ନିର୍ଦ୍ଦେଶିକା ଗୀତାଞ୍ଜଳି ବାଟ୍‌ମାନବେନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ଅଭିଭାଷଣରେ ଅନ୍ୟକୁ ସାହାଯ୍ୟ କରିବା ଉଚିତ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକ କୁଳପତି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ୯୪ଜଣଙ୍କୁ ସ୍ୱର୍ଣ୍ଣପଦକ ସହ ଅର୍ଥରାଶି, ୩୪୪ଜଣଙ୍କୁ ପିଏଚ୍‌ଡି ଏବଂ ୨ଜଣଙ୍କୁ ଡି.ଲିଟ୍ ଉପାଧି ପ୍ରଦାନ କରାଯାଇଥିଲା। ରାଜ୍ୟପାଳ ସମସ୍ତ ଉପାଧିଧାରୀଙ୍କୁ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ କଲେଜ ଡେଭେଲପ୍‌ମେଣ୍ଟ କାଉନସିଲ ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରିଚାଳନା କରିଥିବା ବେଳେ ରେଜିଷ୍ଟ୍ରାର ଦୟାନିଧି ନାୟକ ଓ ପିଜି କାଉନସିଲ ଚେୟାରମ୍ୟାନ ପ୍ରଫେସର ବ୍ରହ୍ମାନନ୍ଦ ଶତପଥୀ ଉପସ୍ଥିତ ଥିଲେ।

ପ୍ରଥମ ପୃଷ୍ଠାରୁ...

## ଖଣି, ଚିଟ୍‌ଫଣ୍ଡ...

ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଗତ ୧୯ ବର୍ଷରେ ରାଜ୍ୟ ସରକାରଙ୍କ ବିଫଳତା ଓ ୫ ବର୍ଷରେ କେନ୍ଦ୍ର ଭାଜପା ସରକାରଙ୍କ ସଫଳତାର ଫର୍ଦ୍ଦ ସଭାରେ ଉପସ୍ଥାପନ କରିଛନ୍ତି ମୋଦି। ଓଡ଼ିଶାରେ ପରିବର୍ତ୍ତନ ଦରକାର। ସେଥିପାଇଁ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାରଙ୍କ ଡବଲ ଇଞ୍ଜିନ ଆଣିବା ପାଇଁ ଅବିଭକ୍ତ କୋରାପୁଟର ମତଦାତାଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଜୟପୁର ନିକଟସ୍ଥ ଏକମ୍ବା ପଞ୍ଚାୟତର ବାଙ୍କବିଜ ପଡ଼ିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ପ୍ରଥମେ ପଦ୍ମଶ୍ରୀ କମଳା ପୂଜାରୀ ମଞ୍ଚ ଉପରକୁ ଯାଇ ମୋଦିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କମଳାଙ୍କୁ ସମ୍ମାନ ଜଣାଇ ମୋଦି କହିଥିଲେ, ମା' କମଳାଙ୍କ ଆଶୀର୍ବାଦ କମଳକୁ ମିଳିଗଲେ ଶକ୍ତି ଆହୁରି ବଢ଼ିବ। ରାଜ୍ୟରେ ମଧ୍ୟ ପଦ୍ମ ଫୁଟିବ। ସମାବେଶକୁ ସମ୍ବୋଧିତ କରି ମୋଦି ପ୍ରଥମେ ଶହୀଦ ଲକ୍ଷ୍ମଣ ନାୟକ, ବିକ୍ରମଦେବ ମହାରାଜଙ୍କ ଭଳି ଅବିଭକ୍ତ କୋରାପୁଟ ଜିଲାର ଦିବଂଗତ ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କୁ ଚଇତି ପର୍ବର ମଧ୍ୟ ଶୁଭେଚ୍ଛା ଜଣାଇଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ, ଭାଜପା ସରକାର ୮ ଲକ୍ଷ ଗରିବ ପରିବାରକୁ ପକ୍କାଘର, ଉଜ୍ଜ୍ୱଳାରେ ୪୦ ଲକ୍ଷ ଘରକୁ ଗ୍ୟାସ୍‌ଚୁଲା, ୩ ହଜାର ଗାଁକୁ ବିଜୁଳି, ୨୪ ଲକ୍ଷ ଘରକୁ ବିଦ୍ୟୁତ ସଂଯୋଗ ଦେଇଛି। ଆଦିବାସୀଙ୍କ ବନଜାତ ଦ୍ରବ୍ୟର ଏମ୍‌ଏସ୍‌ପି ବୃଦ୍ଧି, ରାୟଗଡ଼ାରେ ନୂଆ ରେଳ ଡିଭିଜନ, ମାଲକାନଗିରି-ନବରଙ୍ଗପୁରକୁ ରେଳ ସମ୍ପ୍ରସାରଣ ଭଳି କାମ କରିଛି ଭାଜପା। ୫ ବର୍ଷରେ ମୋ' ସରକାରଙ୍କ ସଫଳତାର ଶ୍ରେୟ ଭାରତ ଏବଂ ଓଡ଼ିଶାବାସୀଙ୍କର। କିନ୍ତୁ କେନ୍ଦ୍ର ଆରମ୍ଭ କରିଥିବା ଆୟୁଷ୍ମାନ ଭଳି ଅନେକ ଯୋଜନାର ଲାଭ ଉଠାଇବା ଦିଗରେ ଓଡ଼ିଶାବାସୀଙ୍କୁ ବଞ୍ଚିତ କରିଛନ୍ତି ରାଜ୍ୟ ସରକାର। ଆୟୁଷ୍ମାନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ଦେଶର ୧୭ ଲକ୍ଷ ଲୋକ ଲାଭବାନ ହୋଇଥିବା ବେଳେ ଓଡ଼ିଶାର ଜଣେ ହେଲେ ଏହାର ସୁବିଧା ପାଇପାରି ନାହାନ୍ତି। ଅପାର ସମ୍ପଦ ଓ ପର୍ଯ୍ୟଟନ ସମ୍ଭାବନା ଥାଇ ମଧ୍ୟ ଏଠିକାର ଲୋକେ ରୋଜଗାର ପାଉନାହାନ୍ତି। ବିଜେଡିକୁ ସିଧାସଳଖ ଟାର୍ଗେଟ୍ କରି ସେ ପ୍ରଶ୍ନ କରିଛନ୍ତି, ରାଜ୍ୟ ସରକାରଙ୍କୁ ୧୦ ପାଦ ଚାଲିବାକୁ ୧୦ ମିନିଟ ଭାବିବାକୁ ପଡୁଛି। ଏଥିରେ ରାଜ୍ୟର ଅଗ୍ରଗତି କିପରି ହୋଇପାରିବ। କାଳିଆ ଯୋଜନାରେ ଗରିବ ଚାଷୀଙ୍କ ବଦଳରେ ଧନୀଲୋକଙ୍କୁ ସହାୟତା ଦିଆଯାଉଛି। ତେଣୁ ଗରିବ, ଚାଷୀ, ମହିଳା ବିରୋଧୀ ସରକାରଙ୍କୁ ରାଜ୍ୟରୁ ସେ ହଟାଇବା ପାଇଁ ଆହ୍ୱାନ ଦେଇଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ରର କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି ମୋଦି। ଭାରତର ସାମରିକ ଶକ୍ତି ବିଶ୍ୱ ଦରବାରରେ ପରିଚିତ କରାଇଛି ଓଡ଼ିଶା। ଜଗନ୍ନାଥଙ୍କ ମାଟି ଓଡ଼ିଶାରେ ହିଁ ସାମରିକ ଅସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି। କିନ୍ତୁ ସେନାର ସଫଳତା ଓ ବୈଜ୍ଞାନିକଙ୍କ ଉପଲବ୍ଧିକୁ ସ୍ୱୀକାର କରୁନାହାନ୍ତି ବିରୋଧୀ। ସେନା ଓ ବୈଜ୍ଞାନିକଙ୍କ ପ୍ରତି ଏଭଳି ଅପମାନର ଜବାବ ମତଦାତା ଦେବେ ନିଶ୍ଚୟ। ସେ ଆହୁରି କହିଛନ୍ତି ଯେ ସଚେତନ ଚୌକିଦାରଙ୍କୁ ହିଁ ଭ୍ରଷ୍ଟାଚାରୀ ଡରିବେ। ଆପଣଙ୍କ ପାଇଁ ଏ ଚୌକିଦାର ପ୍ରସ୍ତୁତ। ଏହାସହ ପିଲାଙ୍କୁ ଶିକ୍ଷା, ବୃଦ୍ଧଙ୍କୁ ପଥ୍ୟ, ଯୁବକଙ୍କୁ ରୋଜଗାର, ଚାଷୀଙ୍କୁ ଜଳସେଚନ ଓ ଜନତାଙ୍କ କଥା ଶୁଣିବା ଭଳି ଦେଶରେ ବିକାଶର ୫ ଧାରା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମାବେଶରେ ଅବିଭକ୍ତ କୋରାପୁଟର ୨ ସଂସଦୀୟ କ୍ଷେତ୍ର ଓ ୧୪ ବିଧାନସଭା ଆସନରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସେ ମତଦାତାଙ୍କୁ ନିବେଦନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ମନମୋହନ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପ୍ରଭାରୀ ଅରୁଣ ସିଂ, ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ, ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବରିଷ୍ଠ ନେତା ବିଜୟ ମହାପାତ୍ର, ପୂର୍ବତନ ଉପବାଚସ୍ପତି ପ୍ରହ୍ଲାଦ ଦୋରା ପ୍ରମୁଖ ମଞ୍ଚାସୀନ ଥିଲେ।

## ୭ ବିଧାୟକଙ୍କ ଟିକେଟ...

ସାରସକଣା ବିଧାୟକ ଭାଦବ ହାଁସଦା, ଉଦଳା ବିଧାୟକ ଗୋଲକ ବିହାରୀ ନାଏକ, ବଡସାହି ବିଧାୟକ ଗଣେଶ୍ୱର ପାତ୍ର, ଭଦ୍ରକ ବିଧାୟକ ଯୁଗଳ କିଶୋର ପଟ୍ଟନାୟକଙ୍କ ଟିକେଟ କଟାଯାଇଛି । ସେହିପରି ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କୁ ଜଗତ୍‌ସିଂହପୁର ଲୋକ ସଭା ପ୍ରାର୍ଥୀ କରାଯାଇଥିବା ବେଳେ ପାରାଦୀପ ବିଧାୟକ ଦାମୋଦର ରାଉତଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି। ଏହି ପର୍ଯ୍ୟାୟରେ ଦଳ ୬ଜଣ ଜଣ ନୂଆ ମୁହଁକୁ ପ୍ରାର୍ଥୀ କରିଛି। ସେମାନେ ହେଲେ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ରୀନା ତନ୍ତି, ଯଶିପୁର ଗୋଲକ ବିହାରୀ ନାୟକ, ସାରସକଣା ଅମରସିଂ ଟୁଡୁ, ବଡସାହି ବୃନ୍ଦାବନ ଦାସ, ଭଦ୍ରକ ସଞ୍ଜୀବ ମଲ୍ଲିକ ଏବଂ ପାରାଦୀପ ବିଧାନସଭା ଆସନ ପାଇଁ ସମ୍ବିତ ରାଉତରାୟ । ୨୦୧୪ରେ ରାଜନଗର ବିଧାନସଭାରୁ ପ୍ରାର୍ଥୀ ହୋଇ ହାରିଥିବା ଧ୍ରୁବ ସାହୁଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ଜଗତ୍‌ସିଂହପୁରରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ବିଷ୍ଣୁ ଚରଣ ଦାସଙ୍କୁ ତିର୍ତ୍ତୋଲରୁ ପୁଣି ପ୍ରାର୍ଥୀ କରାଯାଇଛି। ଜଟଣୀରୁ ୨୦୦୯ରେ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଭୂତି ବଳବନ୍ତରାୟଙ୍କୁ ଦଳ ପୁଣି ପ୍ରାର୍ଥୀ କରିଛି। ସେହିପରି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କୁ ବିଜେଡି ଉଦଳାରୁ ପ୍ରାର୍ଥୀ କରିଛି। ପୂର୍ବତନ ପୁରୁଖା ନେତା ଦାମୋଦର ରାଉତଙ୍କୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡିରୁ ତଡାଯାଇଥିବା ବେଳେ ତାଙ୍କ ପୁତ୍ର ସମ୍ବିତ ରାଉତରାୟଙ୍କ ଉପରେ ଦଳ ଭରସା କରିଛି। ଦାମୋଦର ଏରସମା-ବାଲିକୁଦାରୁ ଭାଜପା ପ୍ରାର୍ଥୀ ହୋଇଛନ୍ତି । ଦାମ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ବିରୋଧରେ ବିଷୋଦଗାର କରୁଥିଲେ ମଧ୍ୟ ତାଙ୍କ ପୁତ୍ରଙ୍କୁ ଦଳ ବିଧାୟକ ଭାବେ ପ୍ରାର୍ଥୀ କରିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଟିକେଟ ପାଇବା ପରେ ସମ୍ବିତ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୋ ଉପରେ ମୋ ବାପାଙ୍କର ଆଶୀର୍ବାଦ ରହିଛି। ତେବେ ଦାମ ସମ୍ବିତଙ୍କ ପ୍ରାର୍ଥୀତ୍ୱକୁ ନେଇ କୌଣସି ପ୍ରତିକ୍ରିୟା ଦେବାକୁ ମନା କରି ଦେଇଛନ୍ତି । ଅନ୍ୟପକ୍ଷରେ ଦଳର ପୁରୁଖା ନେତା ତଥା ପୂର୍ବତନ ମନ୍ତ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କୁ ନିରାଶ ହେବାକୁ ପଡିଛି। ତାଙ୍କୁ କିମ୍ବା ତାଙ୍କ ପୁଅଙ୍କୁ ଦଳ ବିଶ୍ୱାସକୁ ନେଇ ନାହିଁ। ତାଙ୍କ ସ୍ଥାନରେ ଭଦ୍ରକରୁ ସଞ୍ଜୀବ ମଲ୍ଲିକଙ୍କୁ ପ୍ରାର୍ଥୀ କରାଯାଇଛି। ଗତ ୪ଟି ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟରେ ମଧ୍ୟ ଧାନକିଣା ଦୁର୍ନୀତି ଭଳି ବିଭିନ୍ନ ଘଟଣାରେ ବଦନାମ ହୋଇଥିବା ପ୍ରାର୍ଥୀମାନଙ୍କୁ ଦଳ ଟିକେଟ ଦେବାରୁ ବଞ୍ଚିତ କରି ନାହିଁ। ତେବେ ଏରସମା-ବାଲିକୁଦା, ଜଗତ୍‌ସିଂହପୁର, ଯାଜପୁର, କୋରେଇ, ବରି, କେନ୍ଦ୍ରାପଡା, ଜୟଦେବ, ଭୁବନେଶ୍ୱର ଉତ୍ତର, ଭୁବନେଶ୍ୱର ମଧ୍ୟ ଭଳି କେତେକ ସମ୍ବେଦନଶୀଳ ବିଧାନସଭା ସିଟ୍ ପାଇଁ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ବିଜେଡି ମୋଟ ୧୮ଟି ଲୋକ ସଭା ଓ ୧୧୯ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଅବଶିଷ୍ଟ ଆସନ ପାଇଁ ବିଜେଡି ପ୍ରାର୍ଥୀ ତାଲିକା ଘୋଷଣା କରିବା ସମ୍ଭାବନା ରହିଛି।

## ବହୁ ଆସନରେ ନୂଆମୁହଁକୁ...

ଭଦ୍ରକ ଲୋକ ସଭା ଆସନରୁ ପ୍ରାର୍ଥୀ ହେବାର ଥିଲା। ମାତ୍ର ତାଙ୍କ ଝିଅଙ୍କୁ ସେଠାରୁ ପ୍ରାର୍ଥୀ କରାଯିବା ପରେ ଅନନ୍ତଙ୍କୁ ଅନ୍ୟ ସ୍ଥାନରେ ଟିକେଟ ଦିଆଯିବା ସମ୍ଭାବନା ରହିଛି। ଅନନ୍ତଙ୍କ ପୁଅ କୁମାର ଚିରଞ୍ଜୀବଙ୍କୁ ମଧ୍ୟ ଦଳ କୌଣସି ସ୍ଥାନରୁ ଟିକେଟ ଦେଇପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଗୋଟିଏ ପରିବାର ଦୁଇଜଣଙ୍କୁ ଟିକେଟ୍ ପୂର୍ବରୁ କେତେଜଣ ବରିଷ୍ଠ ନେତାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିସାରିଛି। ସେମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ତାଙ୍କ ପୁଅ ସମରେନ୍ଦ୍ର ମିଶ୍ର, ଭକ୍ତ ଦାସ ଓ ତାଙ୍କ ପୁଅ ସାଗର ଦାସ ଏବଂ ଜର୍ଜ ତିର୍କୀ ଓ ତାଙ୍କ ପୁଅ ରୋହିତ ଯୋସେଫ ତିର୍କୀ ରହିଛନ୍ତି। ଏଭଳି ପରିବାରବାଦ ରାଜନୀତି ଯୋଗୁ ଦୀର୍ଘଦିନ ଧରି ଦଳ ପାଇଁ କାମ କରୁଥିବା ବହୁ ନେତା ଟିକେଟ୍ ପାଇବାରୁ ବଞ୍ଚିତ ହୋଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି କି ଭକ୍ତ ଏବଂ ତାଙ୍କ ପୁଅ ଟିକେଟ ପାଇବାର ଦୁଇଦିନ ପରେ କଂଗ୍ରେସର ୨ ପୂର୍ବତନ ବିଧାୟକ ଦଳ ଛାଡିଛନ୍ତି। ଅପରପକ୍ଷରେ କଂଗ୍ରେସ ଢେଙ୍କାନାଳ ଲୋକ ସଭା ଆସନ ପାଇଁ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି କେ.ପି. ସିଂଦେଓଙ୍କୁ ଟିକେଟ୍ ଦେଇଛି। ସେହିପରି କେନ୍ଦୁଝରରୁ ଫକୀର ମୋହନ ନାଏକ, କେନ୍ଦ୍ରାପଡ଼ାରୁ ଧରଣୀଧର ନାୟକ, ଜଗତ୍‌ସିଂହପୁରରୁ ପ୍ରତିମା ମଲ୍ଲିକ ଏବଂ ପୁରୀରୁ ସତ୍ୟପ୍ରକାଶ ନାୟକ କଂଗ୍ରେସର ଲୋକ ସଭା ପ୍ରାର୍ଥୀ ହୋଇଛନ୍ତି। ଏହି ୭ ଲୋକ ସଭା ପ୍ରାର୍ଥୀଙ୍କ ମଧ୍ୟରୁ ୬ଜଣ ହେଉଛନ୍ତି ନୂଆ ପ୍ରାର୍ଥୀ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମସ୍ଥାନରେ ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ଯୋଗୁ ସାମାନ୍ୟ କଥାକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟି ହୋଇପାରେ। ଟେନସନ ଲାଗି ରହିବା କାରଣରୁ କାମ କରିବାକୁ ଆଦୌ ଇଚ୍ଛା ହେବନାହିଁ କିମ୍ବା ବିଭିନ୍ନ ଝମେଲା ମଧ୍ୟରେ ଅଶାନ୍ତ ରହିପାରନ୍ତି। ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ । ଆନୁଷ୍ଠାନିକ କାମ କିମ୍ବା ନିର୍ମାଣ କାମ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ**
ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ କୌଣସି ସମ୍ପର୍କୀୟ ମହିଳାଙ୍କ ସାହାଯ୍ୟରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନ କରିବେ। କେତୁଗ୍ରହ ସଂଯୁକ୍ତ ଶନି ଦୃଷ୍ଟ ଶୁକ୍ର ପ୍ରଭାବରେ କ୍ରନିକ ରୋଗରେ ଶରୀର କଷ୍ଟ ଅନୁଭବ କରିପାରନ୍ତି। କିନ୍ତୁ ଆଇନ ଓ ଗଣତନ୍ତ୍ରର ପ୍ରତୀକ ଶନି ହେତୁ ସଙ୍ଗଠନ, ରାଜନୀତି ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ଅଷ୍ଟମଚନ୍ଦ୍ର ହେଲେ ମଧ୍ୟ ସ୍ୱଗୃହ ଦୃଷ୍ଟି ଫଳରେ ପ୍ରତ୍ୟେକ ପରିସ୍ଥିତିକୁ ସଜାଡ଼ି ନେଇପାରିବେ। ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଭାଇ, ପଡ଼ୋଶୀଙ୍କ ସହ ଆଲୋଚନା ଫଳପ୍ରଦ ହେବ। କଳା, ସାହିତ୍ୟ ଓ କ୍ରୀଡ଼ା ମନୋରଞ୍ଜନ ପ୍ରୀତିପ୍ରଦ ହେବା ସହ ନିର୍ମାଣାଧୀନ କାମ ଓ ଆନୁଷ୍ଠାନିକ କ୍ଷେତ୍ରରେ ଅଗ୍ରଗତି ଘଟିବ।

**କର୍କଟ**
ଦିନଟି ବହୁତ ବଢ଼ିଆ ଯାହା ଆଶା କରୁଛନ୍ତି, ତାହା ଅବଶ୍ୟ ସମ୍ପନ୍ନ ହୋଇପାରିବ। ରାହୁ ଓ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। କର୍ମକ୍ଷେତ୍ରରେ ବନ୍ଧୁ କିମ୍ବା ସହକର୍ମୀ ରାଗିଲେ ମଧ୍ୟ ଟିକିଏ ନୀରବ ରହିବା ଭଲ।

**ସିଂହ**
ପ୍ରତ୍ୟେକ କାମ ସଂଘର୍ଷ ଓ ସମସ୍ୟା ମଧ୍ୟ ଦେଇ ହାସଲ କରିବେ ଅବଶ୍ୟ ପ୍ରତ୍ୟେକ ସ୍ତରରୁ ସାହାଯ୍ୟ, ସହଯୋଗ କମିବ ନାହିଁ। କୌଣସି ଜରୁରୀ କାମରେ ହଠାତ୍ ବାହାରକୁ ଯିବାକୁ ପଡ଼ିପାରେ। ଏଣେ ପରିବାରରେ ଭୁଲ୍ ବୁଝାମଣା କାରଣରୁ ପୁନଶ୍ଚ ସ୍ତ୍ରୀଙ୍କ ସହ ମତଭେଦର ସମ୍ଭାବନା ରହିଛି। କିନ୍ତୁ କର୍ମକ୍ଷେତ୍ରରେ ରହିଥିବା ସମସ୍ୟା ସମାଧାନ ହୋଇଯିବ।

**କନ୍ୟା**
ବିଶେଷ ଅସୁବିଧା ନ ହେଲେ ମଧ୍ୟ ନିଜ ଲୋକମାନଙ୍କ ବିରୁଦ୍ଧାଚରଣ ମନକୁ ବେଶି ବାଧିବ। ଗତକାଲିଠାରୁ ଆପଣ ଯେଉଁଥି ପାଇଁ ଚିନ୍ତିତ ରହିଛନ୍ତି ସେଥିରେ ସଫଳତା ଅବଶ୍ୟ ପାଇବେ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଭାବପ୍ରବଣବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ ।

**ତୁଳା**
ରାଶ୍ୟାଧିପ ଭାଗ୍ୟାଧିପଙ୍କ ସହ କୋଣଭାବସ୍ଥ ହେତୁ ଅର୍ଥନୈତିକ, ସାମାଜିକ, ବୈଷୟିକ ସୁଖ ସୁବିଧାର ଅଭାବ ରହିବ ନାହିଁ। ଆଜି ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବେ ଓ ପ୍ରଶଂସା ଲାଭ କରିବେ । କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଉଚ୍ଚାରୋହୀ ରବିଙ୍କ ପ୍ରଭାବରୁ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
ଦ୍ୱିତୀୟସ୍ଥ ପାପଯୁକ୍ତ ଗୁରୁ ହେତୁ ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ ଲାଭ ବଦଳରେ କ୍ଷତିରେ ପଡ଼ିବେ। ସବୁ ସମୟରେ ଅଯଥା ଗୁଡ଼ିଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। ସାମାଜିକ, ରାଜନୈତିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି।

**ଧନୁ**
ଚନ୍ଦ୍ରଙ୍କ ପ୍ରଭାବରେ ମନରେ ଯାହା ଥାଉନା କାହିଁକି ଉପର ମନରେ ହସିଲେ ହିଁ କଥା କହି ପ୍ରିୟଭାଜନ ହେବେ। ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବା ସାଙ୍ଗକୁ ମନର ବଳ ଖୁବ୍ ଟାଣ ରହିବ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଆର୍ଥିକ ଦିଗରୁ କେତେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର**
ଚନ୍ଦ୍ର ଓ ଶୁକ୍ରଙ୍କ ସ୍ଥିତିରୁ ମାନସିକ ଅସ୍ଥିରତା କ୍ରମଶଃ ଦୂରେଇଯାଇ ମୁହଁରେ ହସ ଫୁଟି ଉଠିବ। ଆଗାମୀ ଆଶା ଓ ଭରସାକୁ ନେଇ ବିଭିନ୍ନ ପ୍ରକାରର କଳ୍ପନାଜଳ୍ପନା କରିପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ ନତୁବା ଅଦଳବଦଳ ହୋଇଯାଇପାରେ। ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ।

**କୁମ୍ଭ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ ଓ ଯେଉଁ କାମରେ ବାହାରିଛନ୍ତି ସେଥିରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ଦ୍ୱିତୀୟସ୍ଥ ରବି ପାରିବାରିକ ସମସ୍ୟା କିମ୍ବା କଳହ ସାଙ୍ଗକୁ ଧନହାନି ଘଟାଇପାରେ। ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିବ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହୋଇପାରନ୍ତି।

**ମୀନ**
ଦ୍ୱାଦଶସ୍ଥ ବୁଧ ଓ ଶୁକ୍ର ସମ୍ବନ୍ଧରୁ ବନ୍ଧୁମାନଙ୍କ ସହ ଦୂର ଯାତ୍ରା କରିପାରନ୍ତି। କଳା ଓ ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ରାଜନୀତି, ସରକାରୀ କାମ, ପ୍ରଶାସନ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ। ପାରିବାରିକ, ଅର୍ଥନୈତିକ ଓ ବନ୍ଧୁ ସମ୍ପର୍କ ମଧ୍ୟ ଊଣା ହେବନାହିଁ ।

ଆଜି ଚୈତ୍ର କୃଷ୍ଣ ଦଶମୀ ଶନିବାର, ମାର୍ଚ୍ଚ ୩୦ ତାରିଖ, ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ମକର, ସିଂହ ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୫୦ମି. ଗତେ ଘ୧।୨୨ମି. ମଧ୍ୟେ, ଘ୨।୫୪ମି. ଗତେ ଘ୪।୨୬ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୬ମି. ଗତେ ଘ୮।୪୮ମି. ମଧ୍ୟେ ମାହେନ୍ଦ୍ର ବେଳା । ସକାଳ ଘ୮।୪୯ମି. ଗତେ ଘ୧୦।୨୦ମି. ମଧ୍ୟେ ରାହୁକାଳ।




# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୪୧.୪%

ଭୁବନେଶ୍ୱର,୨୯।୩(ବ୍ୟୁରୋ)

- ୩୧ ହଜାର ଅବସରପ୍ରାପ୍ତ ଆର୍‌ବିଆଇ ଅଫିସର ଏବଂ କର୍ମଚାରୀଙ୍କର ପେନ୍‌ସନ ସଂଶୋଧନ
- ପେନ୍‌ସନକୁ ଅପେକ୍ଷା କରିଛନ୍ତି ୩ ହଜାର କର୍ମଚାରୀ

ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟ ସୂଚୀ ଜାନୁୟାରୀରେ ୩୦୭ ପଏଣ୍ଟ ଥିଲା। ଏହା ଫେବୃୟାରୀରେ ଅପରିବର୍ତ୍ତିତ ରହିଛି। ତାଳଚେର ଏବଂ ଅନୁଗୋଳରେ ଏହା ୩୨୭ ପଏଣ୍ଟ ଥିଲା। ଏଥିରେ ୧ ପଏଣ୍ଟ ହ୍ରାସ ଘଟି ୩୨୬ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୦୭ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ଘଟି ୩୦୮ ପଏଣ୍ଟ ରହିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୮.୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୨.୬% ବଢି ୧୪୧.୪% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଏପ୍ରିଲ ପହିଲାରୁ ପାଇବେ।

ଜାନୁୟାରୀ ୮ ଏବଂ ୯ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୧.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୬୪.୧% ହୋଇଛି। ଏହା ମେ ପହିଲାରୁ ଏହା ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନଶନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଜାନୁୟାରୀ୨୧ରେ ଓଡ଼ିଶାର ରାଜ୍ୟପାଳ ଗଣେଷି ଲାଲଙ୍କୁ ଏମାନେ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତାକାଲି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିବେ।

ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ ଡିଏରେ ୩% ବୃଦ୍ଧି ଘଟି ୫୭.୪% ହୋଇଛି। ଏହି ବର୍ଦ୍ଧିତ ଡିଏ ମେ' ପହିଲାରୁ ସେମାନେ ପାଇବେ। ସରକାରୀ କର୍ମଚାରୀମାନେ ୧୨% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୪% ବୃଦ୍ଧି ଘଟି ୧୬% ହୋଇଛି। ଏମାନେ ୨୦୧୯ ଜୁଲାଇ ପହିଲାରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡି ମାନେ ମଧ ୧୬% ମହଙ୍ଗା ଭତ୍ତା ପାଇବେ। ଏହା ଜୁଲାଇ ପହିଲାରୁ ଲାଗୁ ହେବ। ଜୁନରେ ରିଜର୍ଭ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ କୌଣସି ମହଙ୍ଗା ଭତ୍ତାରେ କୌଣସି ପରିବର୍ତ୍ତନ ହୁଏ ନାହିଁ। ସେପ୍ଟେମ୍ବର ୪ ଏବଂ ୫ ଦୁଇ ଦିନ ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନ ଏବଂ ପେନଶନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୧ ହଜାର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କର ପେନଶନ ସଂଶୋଧନ କରାଯାଇଛି। ପ୍ରାୟ ୩,୦୦୦ ଅବସରପ୍ରାପ୍ତ ଅଧିକାରୀ ଏବଂ କର୍ମଚାରୀ ପେନଶନକୁ ଅପେକ୍ଷା କରିଛନ୍ତି। ଏପ୍ରିଲ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।




# ପୁଇଁନ୍ତଲା ବିଡିଓଙ୍କୁ ଅପହରଣ: ୨ଘଣ୍ଟା ପରେ ମୁକୁଳିଲେ

ବଲାଙ୍ଗୀର ଅଫିସ, ୨୯।୩

ବଲାଙ୍ଗୀର ଜିଲା ପୁଇଁନ୍ତଲା ବିଡିଓ ସରୋଜ ମିଶ୍ରଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଅପରାହ୍ନରେ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଥିଲା। ଅପହରଣର ୨ଘଣ୍ଟା ପରେ ବିଡିଓ ମିଶ୍ରଙ୍କୁ ଅପହରଣକାରୀମାନେ ବଲାଙ୍ଗୀର ସହରର ଏକ ସ୍ଥାନରେ ଛାଡି ଫେରାର ହୋଇଯାଇଥିବା ଏସ୍‌ପି କେ. ଶିବା ସୁବ୍ରମଣି ସୂଚନା ଦେଇଛନ୍ତି। ବିଡିଓ ଅପହରଣ ଘଟଣାରେ ପୁଇଁନ୍ତଲା ବ୍ଲକ୍ ଉପାଧ୍ୟକ୍ଷ ତଥା କଂଗ୍ରେସ ନେତା ସନ୍ତୋଷ ଗୁରାଣ୍ଡି ଓ ଅନ୍ୟ ୫ଜଣ ସମ୍ପୃକ୍ତ ଥିବା ଏସ୍‌ପି କହିଛନ୍ତି। ତେବେ କେଉଁ କାରଣରୁ ବିଡିଓଙ୍କୁ ଉପାଧ୍ୟକ୍ଷ ଗୁରାଣ୍ଡି ଅପହରଣ କରିଥିଲେ ଓ ପରେ ଛାଡି ଦେଇଛନ୍ତି ତାହା ଜଣାପଡିନାହିଁ। ଶୁକ୍ରବାର ବିଡିଓ ମିଶ୍ର ନିଜ ଅଫିସ ଚ୍ୟାମ୍ବରରେ କାମ କରୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୪ଟା ବେଳେ ମିଶ୍ରଙ୍କୁ ଅପହରଣ କରିନିଆଯାଇଥିବା ପୋଲିସକୁ ସୂଚନା ମିଳିଥିଲା। ଘଟଣାକୁ ନେଇ ଜିଲାପାଳ ଅରିନ୍ଦମ ଡାକୁଆ ଓ ଏସ୍‌ପି କେ. ଶିବା ସୁବ୍ରମଣି ଆଲୋଚନା କରିଥିଲେ। ତେବେ ଅପହରଣର ୨ ଘଣ୍ଟା ପରେ ଅପହୃତ ବିଡିଓ ବଲାଙ୍ଗୀର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିବା ଜଣାପଡିଥିଲା। ବିଡିଓଙ୍କୁ ଏକ କାର (ନଂ.ଓଡି୦୩ଏଚ୍ ୫୬୮୮)ରେ ଅପହରଣ କରିନେଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡିଛି। ସେହି ଗାଡିଟି ବ୍ଲକ୍ ଉପାଧ୍ୟକ୍ଷ ଗୁରାଣ୍ଡିଙ୍କର ବୋଲ ପୋଲିସ କହିଛି।

# 'ରୁହ-ଆଫ୍‌ଜା'ରେ ଅଭିନୟ କରିବେ ଜାହ୍ନବୀ

**ମୁମ୍ବାଇ:** ପ୍ରଯୋଜକ ଦିନେଶ ବିଜନ୍‌ଙ୍କ ଫିଲ୍ମ 'ରୁହ-ଆଫ୍‌ଜା' ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର। ଏଥିରେ ଅନ୍ୟ କଳାକାରଙ୍କ ସହିତ ଅଭିନୟ କରିବେ ରାଜକୁମାର ରାଓ ଏବଂ ବରୁଣ ଶର୍ମା।

ସ୍ୱର୍ଗୀୟା ଅଭିନେତ୍ରୀ ଶ୍ରୀଦେବୀଙ୍କ କନ୍ୟା ଏଥିରେ 'ରୁହି'ଏବଂ 'ଅଫ୍‌ସାନା' ଭଳି ଦୁଇଟି ଚରିତ୍ରରେ ଅଭିନୟ କରିବେ। ଏହି ଦୁଇ ଚରିତ୍ର ଦୁଇ ବିରୋଧାଭାସ ବ୍ୟକ୍ତିତ୍ୱକୁ ଆଧାର କରି ଗଢ଼ିଉଠିଛି। ଦୁଇଟି ଚରିତ୍ରରେ ଜାହ୍ନବୀ ଭଲ ଭାବେ ଅଭିନୟ କରିପାରିବେ ବୋଲି ପ୍ରଯୋଜକ କହିଛନ୍ତି। ଜାହ୍ନବୀଙ୍କୁ ଫିଲ୍ମର ସ୍କ୍ରିପ୍ଟ ଶୁଣାଇ ଦିଆଯାଇଛି। ଉକ୍ତ ଚରିତ୍ର ଜଣେ ନବାଗତା ଏବଂ ତରୁଣୀର ଭୂମିକା ହୋଇଥିବାରୁ ଜାହ୍ନବୀ ଏଥିପାଇଁ ଉପଯୁକ୍ତ ମନେହୋଇଥିବା ବିଜନ୍ କହିଛନ୍ତି। ଏହି ନବାଗତା ଅଭିନେତ୍ରୀ ୨୦୧୮ରେ ଫିଲ୍ମ ଜଗତରେ ପାଦ ଦେଇଥିଲେ।

ବିଜନ ଏବଂ ମୃଗଦୀପ ସିଂ ଲାମ୍ବାଙ୍କ ପ୍ରଯୋଜନାରେ ନିର୍ମାଣ ହେଉଥିବା ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେବେ ହାର୍ଦ୍ଦିକ ମେହେଟା। ଫିଲ୍ମର ଶୁଟିଂ ଆସନ୍ତା ଜୁନ୍‌ରେ ଉତ୍ତରପ୍ରଦେଶରେ ଆରମ୍ଭ ହେବ। ୨୦୨୦ ମାର୍ଚ୍ଚ ୨୦ରେ ଏହା ରିଲିଜ ହେବା ସମ୍ଭାବନା ଅଛି।



# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ: ଛାତ୍ରଙ୍କ ଗଳା କାଟିବା ଘଟଣା
# ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୨୯।୩

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଅଣଛାତ୍ରଙ୍କ ଗୁଣ୍ଡାରାଜକୁ ପ୍ରତିହତ କରାଯାଇପାରୁନି। ସୋମବାର ଜଣେ ଛାତ୍ରଙ୍କ ଗଳାକାଟି ହତ୍ୟା ଉଦ୍ୟମ କରାଯାଇଥିଲା। ପୋଲିସ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଧରିପାରିନି। ଦକ୍ଷିଣ ଓଡ଼ିଶାର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନର ମାନ୍ୟତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ମିଳିଛି। ହେଲେ ଏଠାରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବଂଶଧାରା ଛାତ୍ରାବାସ ୨ର ୮୨ନଂ ରୁମରେ ରହୁଥିବା ଶମ୍ଭୁନାଥ ସାହୁଙ୍କୁ ଗଳା କଟାଯିବା ଘଟଣା ଜାଣିବା ପରେ ତାଙ୍କ ବାପା ଗଙ୍ଗାଧର ସାହୁ ବ୍ରହ୍ମପୁର ବଡ଼ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ପରେ ଏନେଇ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୦/୧୯ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ଚୁପ୍ ହୋଇ ବସିଛି। ସାଧାରଣ ନିର୍ବାଚନ ପରେ ଚିହ୍ନଟ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଚିନ୍ତା କରୁଛି। ଅନ୍ୟପଟେ ବିଶ୍ୱବିଦ୍ୟାଳୟ ତରଫରୁ ବାର୍ଷିକ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାପାଇଁ ବିଶ୍ୱବିଦ୍ୟାଳୟରେ ସିକ୍ୟୁରିଟି ଗାର୍ଡ ନିଯୁକ୍ତି କରାଯାଇଛି। ତାହା ଏବେ କାମରେ ଆସୁନାହିଁ।




SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା (SAMB),
ଏ/୩୪, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, (ଓସ୍କାର୍ଡ଼ ବ୍ୟାଙ୍କ ବିଲ୍ଡିଂ,୪ର୍ଥ ମହଲା),
ଭୁବନେଶ୍ୱର-୭୫୧୦୦୧, ଜିଲ୍ଲା : ଖୋର୍ଦ୍ଧା, ଓଡ଼ିଶା

**ଦଖଲ ନୋଟିସ୍**
[ରୁଲ୍ ୮(୧)]
ସ୍ଥାବର/ଅସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଷ୍ଟ୍ରେସଡ୍ ଆସେଟ୍‌ସ୍ ମ୍ୟାନେଜମେଣ୍ଟ ଶାଖା (SAMB), ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସର ୨୦୦୨ ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା(ମାନ)ଙ୍କୁ ଏବଂ ଜାମିନଦାର(ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୧୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନିମ୍ନଲିଖିତ ଋଣ ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା(ମାନ)ଙ୍କୁ, ଜାମିନଦାର(ମାନ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା(ମାନ)ଙ୍କୁ, ଜାମିନଦାର(ମାନ)ଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ନୋଟିସ ଦର୍ଶିତ ରାଶି ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦଖର୍ଚ୍ଚ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ଅସ୍ଥାବର / ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସାବିତ୍ରୀ ରାଇସ୍ ମିଲ୍ ପ୍ରା.ଲିଃ., ସା: କେର୍‌କେରା, ପୋ: କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, ଓଡିଶା-୭୫୭୦୩୭, ପରିଚାଳନା ନିର୍ଦ୍ଦେଶକ: ଶ୍ରୀ ଦିଲ୍ଲୀପ କୁମାର ଅଗରୱାଲ, ପିତା: ଶ୍ରୀ ବନୱାରୀଲାଲ୍ ଅଗରୱାଲ, ନିର୍ଦ୍ଦେଶକ ମାନେ: ୧) ଶ୍ରୀ ବନୱାରୀଲାଲ୍ ଅଗରୱାଲ, ପିତା:ସ୍ୱ ବାଲୁରାମ ଅଗରୱାଲ, ୨) ଶ୍ରୀମତୀ ସୁଷମା ଅଗରୱାଲ ସ୍ୱାମୀ: ଦିଲ୍ଲୀପ କୁମାର ଅଗରୱାଲ, ସମସ୍ତଙ୍କ ବାସସ୍ଥାନ ସା:ଗିରିମା, ୱାର୍ଡ ନଂ.-୧୨, କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା। | ଜାମିନ୍‌ଦାରମାନେ: ୧) ଶ୍ରୀ ଦିଲ୍ଲୀପ କୁମାର ଅଗରୱାଲ, ପିତା: ଶ୍ରୀ ବନୱାରୀଲାଲ୍ ଅଗରୱାଲ, ୨) ଶ୍ରୀ ବନୱାରୀଲାଲ୍ ଅଗରୱାଲ, ପିତା: ସ୍ୱ ବାଲୁରାମ ଅଗରୱାଲ, ୩)ଶ୍ରୀମତୀ ସୁଷମା ଅଗରୱାଲ ସ୍ୱାମୀ: ଦିଲ୍ଲୀପ କୁମାର ଅଗରୱାଲ,୪)ଶ୍ରୀ ଅଶୋକ କୁମାର ଅଗରୱାଲ ପିତା: ଶ୍ରୀ ବନୱାରୀଲାଲ୍ ଅଗରୱାଲ, ସମସ୍ତଙ୍କ ବାସସ୍ଥାନ ସା:ଗିରିମା, ୱାର୍ଡ ନଂ.-୧୨, କରଞ୍ଜିଆ, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା। ସମ୍ପତ୍ତି ମାଲିକ: ଦିଲ୍ଲୀପ କୁମାର ଅଗରୱାଲ, ଶ୍ରୀମତୀ ସୁଷମା ଅଗରୱାଲ, ଶ୍ରୀ ଅଶୋକ କୁମାର ଅଗରୱାଲ | ଅସ୍ଥାବର ସମ୍ପତ୍ତି: କମ୍ପାନିର ଚଳନ୍ତି ସମ୍ପତ୍ତି ମଧ୍ୟରେ ଥିବା କଞ୍ଚାମାଲ୍, ପ୍ରୋସେସ୍‌ରେ ଥିବା ଷ୍ଟକ୍, ବୁକ୍ ଡେବ୍ଟ, ନିର୍ମିତ ହୋଇ ବିକ୍ରିପାଇଁ ଥିବା ଦ୍ରବ୍ୟ, ରିସିଭେବୁଲ୍, କଞ୍ଜୁମେବୁଲ୍‌ଷ୍ଟୋରସ୍, ଷ୍ଟେୟାରସ୍, ବ୍ୟାଙ୍କ କୁ ହାଇପୋଥିକେସନ୍ ରେ ଦିଆଯାଇଥିବା କାରଖାନା ଏବଂ କଳକବ୍‌ଜା ଇତ୍ୟାଦି ସ୍ଥାବର ସମ୍ପତ୍ତି: ୧) ଦିଲ୍ଲୀପ କୁମାର ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: କେର୍‌କେରା, ଥାନା: କରଞ୍ଜିଆ, ଖାତା ନଂ.: ୨୬୮/୯୧, ପ୍ଲଟ ନଂ.: ୧୮୦୨, କ୍ଷେତ୍ର: ଏକର୦.୧୯ଡିସିମିଲ୍, ପ୍ଲଟ ନଂ.: ୧୮୦୧, କ୍ଷେତ୍ର: ଏକର୦.୧୮ଡିସିମିଲ୍, ପ୍ଲଟ ନଂ.: ୧୮୦୧/୨୨୦୦, କ୍ଷେତ୍ର: ଏକର୦.୧୫ ଡିସିମିଲ୍, ଖାତା ନଂ.: ୨୬୮/୭୨, ପ୍ଲଟ ନଂ.: ୧୭୯୮, କ୍ଷେତ୍ର: ଏକର ୦.୪୨ ଡିସିମିଲ୍, ଖାତା ନଂ.: ୨୬୮/୮୨, ପ୍ଲଟ ନଂ.: ୧୭୯୯, କ୍ଷେତ୍ର: ଏକର୦.୪୯ଡିସିମିଲ୍, ପ୍ଲଟ ନଂ.: ୧୮୧୪, କ୍ଷେତ୍ର ଏକର ୦.୦୭ ଡିସିମିଲ୍, ୨) ଶ୍ରୀମତୀ ସୁଷମା ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: କେର୍‌କେରା, ଥାନା: କରଞ୍ଜିଆ,ଖାତା ନଂ.: ୨୬୮/୭୫, ପ୍ଲଟ ନଂ.: ୧୮୧୫, କ୍ଷେତ୍ର: ଏକର ୦.୩୧ ଡିସିମିଲ୍, ଖାତା ନଂ.: ୨୬୮/୧୦୨, ପ୍ଲଟ ନଂ.: ୧୮୧୩, କ୍ଷେତ୍ର: ଏକର ୨.୬୨ ଡିସିମିଲ୍ ୩) ଦିଲ୍ଲୀପ କୁମାର ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: କେର୍‌କେରା, ଥାନା: କରଞ୍ଜିଆ, ଖାତା ନଂ.: ୨୬୮/୫୪, ପ୍ଲଟ ନଂ.: ୧୪୯୧/୨୧୮୦, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୮୧, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୭୮, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୭୯, କ୍ଷେତ୍ର: ଏକର୦.୧୦ଡିସିମିଲ୍, ଖାତା ନଂ.: ୨୬୮/୭୨, ପ୍ଲଟ ନଂ.: ୧୪୯୧/୨୧୮୨, କ୍ଷେତ୍ର: ଏକର୦.୧୦ଡିସିମିଲ୍, ଖାତା ନଂ.: ୨୬୮/୮୨, ପ୍ଲଟ ନଂ.: ୧୪୯୧/୨୧୭୭, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୮୪, କ୍ଷେତ୍ର: ଏକର୦.୧୦ଡିସିମିଲ୍, ପ୍ଲଟ ନଂ.: ୧୪୯୧/୨୧୮୩, କ୍ଷେତ୍ର: ଏକର୦.୧୦ଡିସିମିଲ୍, ୪) ଦିଲ୍ଲୀପ କୁମାର ଅଗରୱାଲ ଏବଂ ଅଶୋକ କୁମାର ଅଗରୱାଲଙ୍କ ନାମରେ ଥିବା ସମ୍ପତ୍ତିର ଅଂଶବିଶେଷ (ଜମି, ଗୃହ, କାରଖାନା, ଯନ୍ତ୍ରପାତି ଏବଂ ସେଡ୍) ଯାହାର ମୌଜା: ଗିରିମା, ଥାନା: କରଞ୍ଜିଆ, ଖାତା ନଂ.: ୨୭୧/୯, ପ୍ଲଟ ନଂ.: ୭୧୬/୧୧୭୩, କ୍ଷେତ୍ର: ଏକର୦.୦୫ଡିସିମିଲ୍। ସମୁଦାୟ କ୍ଷେତ୍ର ଏକର୫.୨୮ଡିସିମିଲ୍। | ୨୫.୦୭.୨୦୧୭ | ୨୬.୦୩.୨୦୧୯ | ୧୫.୦୩.୨୦୧୯ ସୁଦ୍ଧା ଟ.୮,୫୩,୬୦,୬୦୦/- ଏବଂ ୧୬.୦୩.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ ଇତ୍ୟାଦି |

ତାରିଖ : ୨୬.୦୩.୨୦୧୯
ସ୍ଥାନ : କେର୍‌କେରା

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ।
-ଶ୍ରୀମା



# ଲୋହାନିଙ୍କ ପ୍ରତ୍ୟାବର୍ତ୍ତନ


ଦିଲ୍ଲୀକା ବାବୁ
ଦିଲୀପ ଚେରିଏନ୍


ସମ୍ପ୍ରତି ଜେଟ୍‌ର ଦୁର୍ଦ୍ଦିନ ବେଳେ ଏୟାର ଇଣ୍ଡିଆର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଅଶ୍ୱିନୀ ଲୋହାନିଙ୍କ ପୁନର୍ନିଯୁକ୍ତିକୁ ନେଇ ବାବୁ ମହଲରେ ଖୁବ୍ ଚର୍ଚ୍ଚା ଚାଲିଛି। ଲୋହାନି ରେଲ୍‌ୱେ ବୋର୍ଡର ଅଧକ୍ଷ (ପ୍ରମୁଖ ସଚିବ ସମତୁଲ ପଦ) ଭାବେ ନିଯୁକ୍ତି ପାଇବା ପୂର୍ବରୁ ଏୟାର ଇଣ୍ଡିଆର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ତା'ହେଲେ ସେ କାହିଁକି ଏୟାର ଇଣ୍ଡିଆରେ ପୂର୍ବର ଅତିରିକ୍ତ ସଚିବସ୍ତରୀୟ ପଦକୁ ଫେରିବା ପ୍ରସ୍ତାବକୁ ଗ୍ରହଣ କଲେ, ତାହା ପୁଣି ମାତ୍ର ଏକବର୍ଷ ପାଇଁ? ସର୍ବୋପରି ଏପରି ଅବସର-ପର ପୁନର୍ନିଯୁକ୍ତି ମୋଦି ସରକାର ପାଇଁ ଅସ୍ୱାଭାବିକ। କାରଣ ମୋଦି ସରକାର ସବୁବେଳେ ପ୍ରଶାସନିକ ସ୍ଥିରତା ଉପରେ ଗୁରୁତ୍ୱ ଦେଇଥାନ୍ତି। କେତେକ ବାବୁ-ନିରୀକ୍ଷକଙ୍କ ବିଶ୍ୱାସ ଅନୁସାରେ ଏୟାର ଇଣ୍ଡିଆର ପୁଞ୍ଜି-ବିନିବେଶ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିବା ପାଇଁ ଲୋହାନିଙ୍କୁ ଫେରାଇ ଅଣାଯାଇଛି। ସାଧାରଣ ନିର୍ବାଚନ ପରେ ଯଦି ଏନ୍‌ଡିଏ ସରକାର ପୁନଶ୍ଚ କ୍ଷମତାସୀନ ହୁଅନ୍ତି, ତେବେ ଲୋହାନିଙ୍କ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଟି ସମ୍ପାଦନ କରିବା ଏହି ସରକାରଙ୍କ ଲକ୍ଷ୍ୟ। କୁହାଯାଉଛି ଯେ, କର୍ମଚାରୀ ସଂଗଠନଗୁଡ଼ିକ ଏହି ବିନିବେଶ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବେ ଏବଂ ପ୍ରକ୍ରିୟାକୁ ଶୀଘ୍ର ଶେଷ ହେବାକୁ ଦେବେନାହିଁ। ତେବେ ଲୋହାନିଙ୍କ ପ୍ରତି ଏୟାର ଇଣ୍ଡିଆ କର୍ମଚାରୀମାନଙ୍କର ଗଭୀର ସମ୍ମାନ ଓ ବିଶ୍ୱାସ ରହିଛି। ତେଣୁ ଏ ବିରାଟ କାର୍ଯ୍ୟକୁ ସେ ହିଁ ସଫଳତାର ସହ ସମ୍ପନ୍ନ କରିପାରିବେ ବୋଲି ମୋଦି ସରକାର ବିଶ୍ୱାସ କରୁଛନ୍ତି।

## ପୋଲିସ ବାବୁ ମୁହାଁମୁହିଁ

କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (କ୍ୟାଟ୍)ର ଚଣ୍ଡିଗଡ଼ ଶାଖା ଉପରେ ଏବେ ବାବୁମାନଙ୍କ ଦୃଷ୍ଟି କେନ୍ଦ୍ରୀଭୂତ ହୋଇଛି କାରଣ ଏହି ଶାଖା ପଞ୍ଜାବର ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଦିନକର ଗୁପ୍ତାଙ୍କ ନିଯୁକ୍ତି ବିରୋଧରେ ଆଗତ ଏକ ମାମଲାର ଶୁଣାଣି କରୁଛି। ଟ୍ରିବ୍ୟୁନାଲ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି), ପଞ୍ଜାବ ସରକାର, ଡିଜିପି ଦିନକର ଗୁପ୍ତା, ପୂର୍ବତନ ଡିଜିପି ସୁରେଶ ଅରୋଡ଼ା ଓ ଅନ୍ୟମାନଙ୍କୁ ଏ ନେଇ ନୋଟିସ ଜାରି କରିଛନ୍ତି। ଡିଜିପି-ପାହ୍ୟା ଅଫିସର ସିଦ୍ଧାର୍ଥ ଚଟ୍ଟୋପାଧ୍ୟାୟ ଉକ୍ତ ନିଯୁକ୍ତି ବିରୋଧରେ କ୍ୟାଟ୍‌ରେ ଆବେଦନ କରିଛନ୍ତି ଏବଂ ଏହି ନିଯୁକ୍ତିକୁ ବିରୋଧ କରିବାରେ ସେ ହେଉଛନ୍ତି ପଞ୍ଜାବର ଦ୍ୱିତୀୟ ବରିଷ୍ଠ ପୋଲିସ ଅଫିସର। ଏହା ପୂର୍ବରୁ ଡିଜିପି ପାହ୍ୟା ଅଫିସର ମହମ୍ମଦ ମୁସ୍ତାଫା ଏହା ବିରୋଧରେ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଚଟ୍ଟୋପାଧ୍ୟାୟ ଦାବି କରିଛନ୍ତି ଯେ, ପୂର୍ବତନ ଡିଜିପି ଅରୋଡ଼ାଙ୍କର ଗୁପ୍ତାଙ୍କୁ ନିଯୁକ୍ତି ଦେବାରେ ନିହିତସ୍ୱାର୍ଥ ରହିଥିଲା। କାରଣ ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଉପସ୍ଥାପିତ ଏକ ରିପୋର୍ଟ ଅନୁସାରେ ନିଶା ଚୋରାବେପାରୀ ଓ ଆଇନ ପ୍ରବର୍ତ୍ତନ ସଂସ୍ଥା ସହ ଏହି ଦୁଇ ବାବୁଙ୍କର ଗୁପ୍ତ ବୁଝାମଣା ରହିଥିଲା। ପଞ୍ଜାବର ଡିଜିପିଭାବେ ଗୁପ୍ତାଙ୍କ ନିଯୁକ୍ତି ନେଇ ଫେବୃୟାରୀ ୭ର ଆଦେଶନାମାକୁ ରଦ୍ଦ କରିଦେବା ପାଇଁ ଚଟ୍ଟୋପାଧ୍ୟାୟ କ୍ୟାଟ୍‌କୁ ଅନୁରୋଧ କରିଛନ୍ତି। ହାଇକୋର୍ଟରେ ଉପସ୍ଥାପିତ ରିପୋର୍ଟର ପ୍ରମାଣ ଦାଖଲ କରିବା ପାଇଁ ମଧ୍ୟ କୁହାଯାଇଛି। ଏପ୍ରିଲରେ ଶୁଣାଣି ଆରମ୍ଭ ହେବା ପରେ ଅନେକ କାରନାମା ପଦାରେ ପଡ଼ିବ ବୋଲି ବାବୁ-ନିରୀକ୍ଷକମାନେ ଆଶା କରୁଛନ୍ତି।

## ଭିତରେ ଫାଟ

ସାଧାରଣ ନିର୍ବାଚନ ଆଉ କେଇ ସପ୍ତାହ ବାକି ଥିବାବେଳେ ଉତ୍ତରପ୍ରଦେଶରେ ଆଉ ଏକ ବାବୁ-ଲଢ଼େଇ ଦେଖିବାକୁ ମିଳୁଛି। ଏହା କେବଳ ଯୋଗୀ ଆଦିତ୍ୟନାଥଙ୍କ ସରକାରର ସୁଷ୍ଠୁ ପରିଚାଳନାରେ ବାଧା ସୃଷ୍ଟିକରିବ ନାହିଁ, ବରଂ ନିର୍ବାଚନ ଡ୍ୟୁଟି ସମୟରେ ମଧ୍ୟ ସମସ୍ୟା ସୃଷ୍ଟିକରିବ ବୋଲି ଆଶଙ୍କା କରାଯାଉଛି। ପଦୋନ୍ନତି ପାଇ ଆଇଏଏସ୍ ହୋଇଥିବା ଅଫିସରମାନେ ବିଭେଦ ଓ ପାତରଅନ୍ତରର ଶିକାର ହେଉଥିବା ନେଇ ଅଭିଯୋଗ କରିବା ସହ ରାଜ୍ୟ ଆଇଏଏସ୍ ସଂଘରୁ ବାହାରିଯାଇ ପ୍ରମୋଟି ଆଇଏଏସ୍ ଅଫିସର୍ସ ଫୋରମ୍ ନାମରେ ଏକ ନୂଆ ସଂଘ ଗଠନ କରିଛନ୍ତି ବୋଲି ଫୋରମ୍‌ର ଜେନେରାଲ ସେକ୍ରେଟାରି ତଥା ଆବାହକ ଉମେଶ ପ୍ରତାପ ସିଂ ପ୍ରକାଶ କରିଛନ୍ତି। ସିଧାସଳଖ ଆଇଏଏସ୍ ହୋଇଥିବା ବାବୁମାନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ନିଜର ଦୁଃଖ ଜଣାଇବା ପାଇଁ ମଧ୍ୟ ଫୋରମ୍ ଚିନ୍ତା କରୁଛି। କେନ୍ଦ୍ର ଓ ରାଜ୍ୟ ସେବାର ବିଭିନ୍ନ କ୍ୟାଡର ମଧ୍ୟରେ କ୍ଷେତ୍ରାଧିକାର ଲଢ଼େଇ ନୂଆ ନୁହେଁ। ୨୦୧୭ରେ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କ ମଧ୍ୟରେ ଏହିପରି ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ସେତେବେଳେ ବିଭିନ୍ନ ଜିଲାର ଏସ୍‌ପିମାନେ ଏସ୍‌ଏଚ୍‌ଓମାନଙ୍କର ବଦଳି ଓ ନିଯୁକ୍ତି ନେଇ ଜିଲାପାଳମାନଙ୍କ ଆଦେଶ ମାନିବାକୁ ମନା କରିଦେଇଥିଲେ। ଏହାଦ୍ୱାରା ଆଇପିଏସ୍ ଅଫିସରମାନେ ସେମାନଙ୍କର ପ୍ରଶାସନିକ କ୍ଷମତା କ୍ଷୁଣ୍ଣ ହେବ ବୋଲି ଭାବୁଥିଲେ। ତେବେ ପ୍ରମୋଟି ଆଇଏଏସ୍ ଅଫିସରମାନଙ୍କ ପ୍ରତି କୌଣସି ପାତରଅନ୍ତର କରାଯାଉ ନାହିଁ ଏବଂ ସେମାନଙ୍କ ଅଭିଯୋଗର ସମାଧାନ କରିବା ପାଇଁ ଚେଷ୍ଟା କରାଯାଉଛି ବୋଲି ବର୍ତ୍ତମାନ ଆଇଏଏସ୍ ସଂଘ ପକ୍ଷରୁ କୁହାଯାଇଥିଲେ ମଧ୍ୟ ଏ ବିବାଦ ଏତେ ଶୀଘ୍ର ଦୂର ହେବାର ଆଶା ଦେଖାଯାଉ ନାହିଁ।


Email: dilipcherian@gmail.com


# ଭାରତର ଦୁଇ ପଡ଼ୋଶୀ ଦେଶ


ଉପେନ୍ଦ୍ର ବିଶ୍ୱାଳ


ପାକିସ୍ତାନ ଓ ଇଣ୍ଡୋନେସିଆ ଭାରତର ଦୁଇ ପାର୍ଶ୍ୱରେ ଦୁଇଟି ମୁସଲମାନବହୁଳ ଦେଶ। କିନ୍ତୁ ଏମାନଙ୍କ ମଧ୍ୟରେ ଦୃଷ୍ଟିକୋଣର ଭିନ୍ନତା ଅନେକ। ବିପରୀତମୁଖୀ ଦୁଇଟି ଇସ୍‌ଲାମିକ ଦେଶର ମତି, ଗତି, କୃତି ଓ କୀର୍ତ୍ତି ଆଲୋଚନାର ବିଷୟ। ଗୋଟିଏର ଦୃଷ୍ଟିଭଙ୍ଗୀ ଚାତକ ସମ ଉର୍ଦ୍ଧ୍ୱମୁଖୀ ଥିଲାବେଳେ ଅନ୍ୟଟିର ନିମ୍ନମୁଖୀ ଠିକ୍ ଶାଗୁଣା ପରି। ଜଣକ ଦୃଷ୍ଟିଭଙ୍ଗୀ ସତ୍ ଓ ଆଦର୍ଶମୟ ଥିଲାବେଳେ ଅନ୍ୟଟି ଆଦରି ଚାଲିଛି ଆବର୍ଜନାକୁ। ଭାରତ ପ୍ରତି ବିଶ୍ୱାସଘାତ, ଷଡ଼ଯନ୍ତ୍ରପୂର୍ଣ୍ଣ କାରସାଦିରୁ ସୃଷ୍ଟି ହୁଏ ପାକିସ୍ତାନ। ବେଦନାଦାୟକ ଥିଲା ବିରାଟ ଭୂଖଣ୍ଡର ସେ ବିଭାଜନ ବେଳା। ଲକ୍ଷ ଲକ୍ଷ ଲୋକଙ୍କ ହତ୍ୟା ଓ ରକ୍ତପାତର କୁତ୍ସିତ ପରିଣତି ହେଉଛି ପାକିସ୍ତାନ। ସ୍ୱାଧୀନତାର ୭୨ ବର୍ଷ ପରେ ବି ପାକିସ୍ତାନ ଆଜି କେଉଁଠି? ସେହି ସମାନ ସମୟରେ ସୃଷ୍ଟ ଭାରତ ଆଜି ଚନ୍ଦ୍ର ଓ ମଙ୍ଗଳରେ ବସତି ବସାଇବାକୁ ବ୍ୟଗ୍ର ଓ ବ୍ୟସ୍ତ ଥିଲାବେଳେ ପାକିସ୍ତାନ ଆଜି ଗାତ ବା ବଙ୍କର ଖୋଳିବାରେ ବ୍ୟସ୍ତ। ଭାରତର ବଡ଼ଭାଇପଣିଆକୁ ବିଶ୍ୱ ଆଜି ଏକ ପ୍ରକାର ସ୍ୱୀକୃତି ଦେଇଛି। ସଦ୍ୟତମ ଦୃଷ୍ଟାନ୍ତ ଭାବେ ଇସ୍‌ଲାମିକ ରାଷ୍ଟ୍ର ସଂଗୋଷ୍ଠୀରେ ଭାରତକୁ ମର୍ଯ୍ୟାଦା ମିଳିଛି। ଭାରତର ବୈଦେଶିକ ମନ୍ତ୍ରୀ ମୁଖ୍ୟ ଅତିଥିଭାବେ ଆମନ୍ତ୍ରିତ ହେବା ଓ ପାକିସ୍ତାନ କୋଣଠେସା ହେବା ଏହାର ଏକ ଝଲକ ମାତ୍ର।

ଜାତିସଂଘରେ ଭାରତକୁ ମଧ୍ୟ ଯଥେଷ୍ଟ ମାନ୍ୟତା ଦିଆଯାଉଛି। ହଟ୍‌ଲାଇନ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହିତ ବିଶ୍ୱର ଯେଉଁ ତିନୋଟି ଦେଶର ରାଷ୍ଟ୍ରମୁଖ୍ୟ ବାର୍ତ୍ତାଳାପର ସୁଯୋଗ ପାଇଛନ୍ତି ତନ୍ମଧ୍ୟରୁ ଭାରତ ଅନ୍ୟତମ। ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଟୁଇଟରରେ ବିଶ୍ୱର ମାତ୍ର ୧୩ଜଣ ବ୍ୟକ୍ତିଙ୍କୁ ଫଲୋ କରନ୍ତି, ତନ୍ମଧ୍ୟରୁ ଭାରତର ପ୍ରଧାନମନ୍ତ୍ରୀ ଅନ୍ୟତମ। ରୁଷର ପ୍ରଧାନମନ୍ତ୍ରୀ ପୁଟିନଙ୍କ ସହିତ ବିଶ୍ୱର ମାତ୍ର ଦୁଇଟି ଦେଶ ଆମେରିକା ଓ ଭାରତ ହଟ୍‌ଲାଇନରେ ସିଧା କଥା ହୋଇପାରିବେ। ଆମେରିକା ଓ ରୁଷିଆ ପରି ଶକ୍ତିଶାଳୀ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହିତ କଥା ହେବା ପାଇଁ ଅନ୍ୟ ଦେଶଗୁଡ଼ିକୁ ଦିନ ଦିନ ଧରି ଲାଇନ୍ ଦେବାକୁ ପଡ଼ିଥାଏ। ଭାରତକୁ ଦିନେ ନାଲି ଆଖି ଦେଖାଉଥିବା ଚାଇନା ମଧ୍ୟ ଆଜିର ଦିନରେ ଚୁପ୍ ରହିବାକୁ ବାଧ୍ୟ ହେଉଛି। ଡ୍ରାଗନ୍‌ର ଦର୍ପ, ଦମ୍ଭ, ଦୌରାତ୍ମ୍ୟ ଦବି ଯାଇଛି ଅନେକ। ଏପରି ସ୍ଥଳେ ନିଜ ଅସ୍ତିତ୍ୱ ପାଇଁ ସଂଗ୍ରାମ କରୁଛି ପାକିସ୍ତାନ। ହାତରେ ଭିକ୍ଷା ଥାଳ ଧରି ବିଶ୍ୱ ଦରବାରରେ ସେ ଦ୍ୱାରସ୍ଥ।

ବିଦେଶୀ ଋଣ ହେଉଛି ପାକିସ୍ତାନର ପ୍ରାଣ, ତା' ଅର୍ଥ ବ୍ୟବସ୍ଥାର ଅସଲ ଆଧାର। ଏହା ବିନା ପାହୁଣ୍ଡେ ବି ପାକିସ୍ତାନ ଆଗେଇ ପାରିବନି। ଦେଶରେ ଜିଡିପିର ୭୨ ଭାଗ କେବଳ ଋଣ ପରିଶୋଧରେ ଯାଉଛି। ଏହା ସତ୍ତ୍ୱେ ପାକିସ୍ତାନ ଛାଡ଼ିପାରୁନି ତା'ର ହୀନ ପ୍ରକୃତି। ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇ ରକ୍ତପାତ କରିବା ଇସ୍‌ଲାମାବାଦର ଇସ୍ତାହାର। ଭାରତରେ ଆତଙ୍କବାଦୀ ଆକ୍ରମଣରେ ହିଁ ତା'ର ଆତ୍ମତୃପ୍ତି। ସନ୍ତ୍ରାସବାଦର ଷଠିଘର, ଆତଙ୍କବାଦୀଙ୍କ ଆଖଡ଼ାଶାଳ ଭାବେ ଅପଖ୍ୟାତ ଆଜି ପାକିସ୍ତାନ। ଜନ୍ମଲଗ୍ନରୁ ଅଦ୍ୟାବଧି ତା'ର ଏକମାତ୍ର ଲକ୍ଷ୍ୟ ହେଉଛି ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚିବା। ପାକିସ୍ତାନ ପଛେ ମାଟିରେ ମିଶିଯିବ କିନ୍ତୁ ଭାରତବିରୋଧୀ ବିଚାରଧାରାରୁ ବିଚ୍ୟୁତ ହେବନି। କାରଣ ଉଗ୍ର ମୌଳବାଦ ହିଁ ପାକିସ୍ତାନର ପାଠ୍ୟ ଖସଡ଼ା। ୧୯୪୭ ମସିହା ସ୍ୱାଧୀନତା ସମୟରେ ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ସେଠାକାର ଜନସଂଖ୍ୟାର ଶତକଡ଼ା ୧୫ ଭାଗ ଥିଲା ବେଳେ ସମ୍ପ୍ରତି ତାହା ୧.୫ଠୁଁ ବି କମିଗଲାଣି। ଅନ୍ୟ ପକ୍ଷରେ ଭାରତରେ ଏହାର ଠିକ୍ ଓଲଟା। ସ୍ୱାଧୀନତା ସମୟରେ ଏଠାରେ ମୁସଲମାନଙ୍କ ସଂଖ୍ୟା ଦେଶର ଜନସଂଖ୍ୟାର ୮ ଭାଗ ଥିଲାବେଳେ ୨୦୧୧ ଜନଗଣନାରେ ତାହା ୧୪.୨ରୁ ଅଧିକ ଥିବା ଲକ୍ଷ୍ୟ କରାଯାଇଛି।

ଏବେ ଆସନ୍ତୁ ଅନୁଶୀଳନ କରିବା ବିଶ୍ୱର ସର୍ବାଧିକ ମୁସଲମାନବହୁଳ ଦେଶ ଇଣ୍ଡୋନେସିଆକୁ। ପ୍ରାୟ ୨୦ କୋଟି ଲୋକସଂଖ୍ୟା ବିଶିଷ୍ଟ ପାକିସ୍ତାନ ଆତଙ୍କବାଦକୁ ଆଦର୍ଶ ମାନି ଚାଲିଥିବା ବେଳେ ୨୬କୋଟି ଜନସଂଖ୍ୟା ବିଶିଷ୍ଟ ଇଣ୍ଡୋନେସିଆ ଦ୍ରୁତ ବିକାଶଶୀଳ ଦେଶ ଭାବେ ସୁବିଦିତ। ଆଗ୍ନେୟଗିରିର ଆଁ ଭିତରେ ଓ ଶତକଡ଼ା ୯୦ଭାଗ ଭୂକମ୍ପପ୍ରବଣ ଅଞ୍ଚଳରେ ଇଣ୍ଡୋନେସିଆର ଅବସ୍ଥିତି। ଦୁର୍ଯୋଗର ଦ୍ୱାରଦେଶରେ ରହିଥିବାରୁ ଦୁର୍ଭାଗ୍ୟର ଦୟନୀୟ ଦୃଶ୍ୟ ଦେଖିବାକୁ ମିଳେ ସାରା ବର୍ଷରେ। ସୁନାମି ପରି ଏକାଧିକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ତା'ର ବାଟ ଓଗାଳୁଥିବା ସତ୍ତ୍ୱେ, ସେ ଖୁବ୍ ଦମ୍ଭର ସହିତ ଆଗେଇ ଚାଲିଛି ଆଗକୁ ଆଗକୁ। ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ପ୍ରତିହତ କରି ଝଡ଼ର ଇଗଲ ସମ ଇଣ୍ଡୋନେସିଆ ଚାଲିଛି ସଂହତି ଓ ସମୃଦ୍ଧିକୁ ସାଥୀ କରି। ମୌଳବାଦ ନୁହେଁ, ମାଟିର ମୌଳିକତା ହିଁ ଜାକର୍ତ୍ତାର ଜପାମାଳି। ମୁସ୍‌ଲିମ ଦେଶ ହେଲେ ମଧ୍ୟ ପିଢ଼ି ପରେ ପିଢ଼ି ଧରି ପ୍ରଚଳିତ ପବିତ୍ର ପରମ୍ପରା ହେଉଛି ତା'ର ପଥପ୍ରଦର୍ଶକ। ଭାରତୀୟ ସଂସ୍କୃତି ହେଉଛି ସେ ରାଷ୍ଟ୍ରର ଜୀବନୀ ଶକ୍ତି, ମାଟି ମହନୀୟତାର ମହାମୃତ୍ୟୁଞ୍ଜୟ ମନ୍ତ୍ର। ସମାଜ ଜୀବନରେ ହିନ୍ଦୁତ୍ୱର ଶାଶ୍ୱତ ଭାବଧାରା ହିଁ ତା'ର ସାଫଲ୍ୟର ସୂତ୍ର। ହିନ୍ଦୁ ଦେବଦେବୀଙ୍କ ଚିତ୍ର ଅପେକ୍ଷା ତାଙ୍କ ଚରିତ୍ର ହେଉଛି ସେ ମାଟିର ଆଦର୍ଶର ଆଧାର। ମୂର୍ତ୍ତି ଅପେକ୍ଷା ମନ୍ତ୍ର ହିଁ ଏହି ମାଟିର ମୂଳ। ଯେଉଁଥିପାଇଁ କି ସେ ଦେଶ, ଭାରତଠାରୁ ବି ଅଧିକ ଶାନ୍ତ, ଶୃଙ୍ଖଳିତ ଓ ମାର୍ଜିତ।

ଶ୍ରୀରାମ ଓ ଶ୍ରୀଶଙ୍କରଙ୍କ ଆଦର୍ଶରେ ସେମାନେ ଖୁବ୍ ଅନୁପ୍ରାଣିତ। ପ୍ରଭୁ ଶ୍ରୀରାମ ଓ ଶ୍ରୀଗଣେଶଙ୍କ ପରି ସେ ମାଟିର ପ୍ରତିଟି ସନ୍ତାନ ମାତୃପିତୃଭକ୍ତ। ଭାରତ ପରି ସେଠାରେ ବହୁ ସଂଖ୍ୟାରେ ଜରାଶ୍ରମ ଦୃଷ୍ଟିଗୋଚର ହୁଏ ନାହିଁ। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ସେ ମାଟି ଏତେ ବୁଦ୍ଧିମନ୍ତ ଯେ, କୌଣସି ଇସ୍‌ଲାମିକ ମୌଳବାଦ ବା ଭ୍ରଷ୍ଟବୁଦ୍ଧି ତାକୁ କବଳିତ କରିପାରି ନାହିଁ। ସେଠାକାର ଘରେ ଘରେ ଶ୍ରୀରାମ କଥାମୃତ କଣ୍ଠସ୍ଥ। ରାମାୟଣର କଥାବସ୍ତୁ ଗାଁରୁ ସହର ପର୍ଯ୍ୟନ୍ତ ବେଶ୍ ଆଦୃତ। ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମ ହେଉଛନ୍ତି ତାଙ୍କର ରାଷ୍ଟ୍ରୀୟ ଆଦର୍ଶ। ଭଗବାନ ଶିବଙ୍କ ଅନ୍ୟ ଏକ ଅବତାର ବଟରାଗୁରୁ ହେଉଛନ୍ତି ରାଷ୍ଟ୍ରୀୟ ଦେବତା। ଶ୍ରୀକୃଷ୍ଣଙ୍କ ବାହନ ଗରୁଡ଼ ହେଉଛନ୍ତି ସେ ଦେଶର ରାଷ୍ଟ୍ରୀୟ ସଙ୍କେତ।

ଏକ ଅଶାନ୍ତ ଦେଶ ଭାବେ ପାକିସ୍ତାନ ପରିଚିତ ଥିଲାବେଳେ ଶାନ୍ତିପ୍ରିୟ ଦେଶ ଭାବେ ଇଣ୍ଡୋନେସିଆ ସୁପରିଚିତ। ବିଶ୍ୱର ଷୋଡ଼ଶ ବୃହତ୍ ଅର୍ଥବ୍ୟବସ୍ଥାର ଭୂଖଣ୍ଡଟିଏ ତଥା ଭାରତ ପରି ଦ୍ରୁତ ଅଭିବୃଦ୍ଧିର ଦେଶ ସେ। ଏପରି କି ୨୦୧୨ ମସିହାରେ ଦ୍ରୁତ ଅଭିବୃଦ୍ଧିରେ ଭାରତକୁ ପଛରେ ପକାଇ ଚାଇନା ପରେ ଏହା ଥିଲା ଏସିଆର ଦ୍ୱିତୀୟ ସମୃଦ୍ଧ ଦେଶ। ଆର୍ଥିକ ସମ୍ପନ୍ନ ଦେଶଗୁଡ଼ିକୁ ନେଇ ଗଠିତ ଆନ୍ତର୍ଜାତିକ ସଂଗୋଷ୍ଠୀ, ମର୍ଯ୍ୟାଦାଜନକ ଜି-୨୦ର ମଧ୍ୟ ସେ ସଦସ୍ୟ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ, ପର୍ଯ୍ୟାବରଣ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ଜାକର୍ତ୍ତାର ଜୟଯାତ୍ରା ଜଗତଖ୍ୟାତ। ଶିକ୍ଷା ହେଉଛି ଯେକୌଣସି ଦେଶର ପ୍ରଗତିର ପରିମାପକ, ପରିଚୟପତ୍ର। ଶିକ୍ଷା ଦ୍ୱାରା ହିଁ ଜନତାଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହୁଏ, ଚେତନାର ବିକାଶ ହୁଏ, ଯାହାଫଳରେ ଲୋକଶକ୍ତି, ରାଷ୍ଟ୍ରଶକ୍ତିରେ ପରିଣତ ହୁଏ। ଏଣୁ ଆସନ୍ତୁ ନିରୀକ୍ଷଣ କରିବା ଦୁଇ ଦେଶର ଶିକ୍ଷା ବ୍ୟବସ୍ଥାକୁ।

ଇଣ୍ଡୋନେସିଆର ସାକ୍ଷରତା ହାର ଶତକଡ଼ା ୯୬ ଭାଗ ଥିଲାବେଳେ ପାକିସ୍ତାନର ମାତ୍ର ୫୮ ଭାଗ। ମହିଳା ସାକ୍ଷରତା ହାର ଇଣ୍ଡୋନେସିଆର ୯୪ ଭାଗ ଥିଲାବେଳେ ପାକିସ୍ତାନରେ ମାତ୍ର ୪୬ ଭାଗ। ସେମିତି ସ୍ୱାସ୍ଥ୍ୟ କଥାକୁ ଦେଖିବା। ଉନ୍ନତମାନର ସ୍ୱାସ୍ଥ୍ୟ ବ୍ୟବସ୍ଥା ଅଭାବରୁ ଉତ୍କୃଷ୍ଟ ଚିକିତ୍ସା ପାଇଁ ପାକିସ୍ତାନବାସୀ ଭାରତରେ ଭିଡ଼ ଜମାନ୍ତି। ମାତ୍ର ଇଣ୍ଡୋନେସିଆରେ ଉନ୍ନତ ଧରଣର ଚିକିତ୍ସାସେବା ପାଇବା ପାଇଁ ବିଦେଶୀମାନେ ଜାକର୍ତ୍ତାକୁ ଯାତ୍ରା କରିଥାନ୍ତି। ବିଶ୍ୱସ୍ତରୀୟ ଏକାଧିକ ମେଡିକାଲ କଲେଜ ସେ ମୂଳକର ଖ୍ୟାତି ବଢ଼ାଇଛି। କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନରେ ଜାକର୍ତ୍ତାର ଜୟଧ୍ୱଜା ଆହୁରି ଉଚ୍ଚରେ। ଗତ ୨୦୧୮ ଏସିଆଡ୍ ଗେମ୍‌ରେ ମାତ୍ର ୪ଟି ବ୍ରୋଞ୍ଜ ପଦକ ପାଇ ପାକିସ୍ତାନ ଖୁସି ଥିଲାବେଳେ ୩୧ଟି ସ୍ୱର୍ଣ୍ଣ ପଦକ ସହିତ ଇଣ୍ଡୋନେସିଆ ମୋଟ ୯୮ଟି ପଦକ ପାଇଥିଲା, ଯାହାକି ଭାରତଠାରୁ (୬୯) ଯଥେଷ୍ଟ ଅଧିକ। ଗତ ୨୦୧୬ ଅଲିମ୍ପିକ ପ୍ରତିଯୋଗିତାରେ ପାକିସ୍ତାନ ଗୋଟିଏ ହେଲେ ପଦକ ପାଇ ନ ଥିଲାବେଳେ ଇଣ୍ଡୋନେସିଆ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ ପଦକ ପାଇ ଭାରତଠାରୁ ଯଥେଷ୍ଟ ଆଗରେ ଥିଲା। ଏହିପରି ହିନ୍ଦୁତ୍ୱ ଧାରାର ବଶବର୍ତ୍ତୀ ମୁସଲମାନବହୁଳ ଭୂଖଣ୍ଡଟି ବିଭିନ୍ନ କ୍ଷେତ୍ରରେ ବିଶ୍ୱବକ୍ଷରେ ନିଜର ଉନ୍ନତ ଓ ଉଜ୍ଜ୍ୱଳ ଉପସ୍ଥିତି ଜାହିର କରି ଚାଲିଥିଲାବେଳେ ପାକିସ୍ତାନ ନିଜର ମୌଳବାଦ ଓ ଧର୍ମାନ୍ଧତାକୁ ନେଇ ପ୍ରଶସ୍ତ କରିଚାଲିଛି ନିଜ ପତନର ପଥକୁ।


ଗୋଡ଼ିଶୁଳ, ସଜନାଗଡ଼, ବାଲେଶ୍ୱର,
ମୋ- ୯୪୩୭୪୩୬୦୭୩


# ସୁଖଶାନ୍ତିର ମାର୍ଗ


ଭୁଜେନ୍ଦ୍ର କୁମାର ସ୍ୱାଇଁ


ବସ୍ତୁବାଦୀ ଜଗତରେ ବିଷୟଭୋଗୀ ମନୁଷ୍ୟ ଚାହେଁ ସୁଖଶାନ୍ତିରେ ଜୀବନଯାପନ କରିବାକୁ। ଅର୍ଥ ଉପାର୍ଜନ କରିବା, ଧନସମ୍ପତ୍ତି ଠୁଳକରିବା ଓ ସେଗୁଡ଼ିକର ଉପଭୋଗରୁ ପ୍ରକୃତ ସୁଖଶାନ୍ତି ମିଳେ ବୋଲି ତା'ର ଦୃଢ଼ ଧାରଣା ଥାଏ। ଏହା ହିଁ ସୁଖଶାନ୍ତି ପ୍ରାପ୍ତିର ଏକମାତ୍ର ମାର୍ଗ ବୋଲି ତା'ର ହୃଦ୍‌ବୋଧ ହୋଇଥାଏ। ଏହି ବିଚାରଧାରାରେ ବଶବର୍ତ୍ତୀ ହୋଇ ଅର୍ଥ ଉପାର୍ଜନରେ ନିଜକୁ ନିୟୋଜିତ କରିଥାଏ। ଅଧିକରୁ ଅଧିକ ପାଇବାକୁ ତୀବ୍ର ଆଶା ରଖିଥାଏ। ଆଶା ପୂର୍ତ୍ତି ନିମିତ୍ତ ଅକ୍ଳାନ୍ତ ପରିଶ୍ରମ, ପ୍ରଚୁର ଅର୍ଥ ବିନିଯୋଗ ଓ ସମୟ ଅପଚୟ କରିଥାଏ। ଦୁର୍ନୀତି ଓ ଅନୀତିର ଆଶ୍ରୟ ନେବାକୁ ପଛାଏ ନାହିଁ। ଫଳରେ ସେ ଦୈନନ୍ଦିନ ଉତ୍କଣ୍ଠା, ବ୍ୟତିବ୍ୟସ୍ତତା ଓ ଉଦ୍‌ବେଳନ ଦେଇ ଗତି କରୁଥାଏ। ଲୋଭ, ଭୟ, କ୍ରୋଧ, ହିଂସା, ଈର୍ଷା ଓ ଚିନ୍ତାରେ ଭାରାକ୍ରାନ୍ତ ହୋଇ ରହିଥାଏ। ଉପରେ ସେ ଖୁବ୍ ଭଲରେ ଅଛି ବୋଲି ପ୍ରତୀୟମାନ ହେଉଥିଲେ ହେଁ ଭିତରେ କିନ୍ତୁ ଘୋର ଅଶାନ୍ତି ଓ ଉଦ୍‌ବେଳିତ ଅବସ୍ଥାରେ ରହିଥାଏ। ତା'ର ଏହି ଭାରାକ୍ରାନ୍ତ ମନ କ୍ରମେ ଶରୀର ଉପରେ ଗଭୀର ପ୍ରଭାବ ପକାଉଥାଏ। ବିତ୍ତବାନ, ଖ୍ୟାତିସମ୍ପନ୍ନ ହୋଇଥାଏ ସତ କିନ୍ତୁ ଶାନ୍ତି ଟିକକ କ'ଣ ଜାଣିପାରି ନ ଥାଏ। ଦୀର୍ଘକାଳ ଧରି ଏହିପରି କାଳାତିପାତ କରି ଆସୁଥିବାରୁ ଅନିଦ୍ରା ସହିତ ବିଭିନ୍ନ ଦୁରାରୋଗ୍ୟ ବ୍ୟାଧିରେ ଆକ୍ରାନ୍ତ ହୋଇପଡ଼େ। ତା'ର ଏହି ଭୁଲ ବିଚାର ହେତୁ ସେ ପରିକଳ୍ପିତ ସୁଖଶାନ୍ତି ପାଇବା ପରିବର୍ତ୍ତେ ପାଇଥାଏ ଦୁଃଖଦୁର୍ଦ୍ଦଶା। ନିଜେ ନିଜ ପାଇଁ ଆଣିଥାଏ ବିପର୍ଯ୍ୟୟ।

ତୁମେ ଯେଉଁ ସୁଖଶାନ୍ତି ଚାହୁଁଛ ତାହା ଏଇ ଦୁଃଖମିଶ୍ରିତ କ୍ଷଣିକ ସୁଖ ନୁହେଁ। ତୁମେ ଚାହୁଁଛ ପରମାର୍ଥିକ ସୁଖଶାନ୍ତି, ଯାହାକୁ ପାଇଲେ ପରମ ଶାନ୍ତି ମିଳିଥାଏ। ଏହି ଶାନ୍ତି ହେଉଛି ଏକ ଅମୂଲ୍ୟ ନିଧି। ଶାନ୍ତି ବିନା ସକଳ ଧନସମ୍ପତ୍ତି, ବିଭବ, ବିଳାସବ୍ୟସନ, ଯଶଖ୍ୟାତିର କିଛି ଅର୍ଥ ନ ଥାଏ। ସେ ସବୁ ଶାନ୍ତି ଅଭାବରେ ବିଷତୁଲ୍ୟ ପ୍ରତୀତ ହୋଇଥାଏ। ମନର ସଂଯମ ତଥା ଶାନ୍ତ ଭାବରୁ ତାହା ମିଳିଥାଏ। ଆଧ୍ୟାତ୍ମିକତା ଓ ସରଳ ଜୀବନଯାପନ ମନରେ ଶାନ୍ତ ଭାବ ସୃଷ୍ଟି କରିଥାଏ। ଗଭୀର ଈଶ୍ୱରବିଶ୍ୱାସ ଓ ଭକ୍ତିରସରେ ଆଧ୍ୟାତ୍ମିକତା ନିହିତ ଥାଏ। ନିୟମିତ ମନୋଯୋଗ ସହ ପ୍ରାର୍ଥନା, ନିରନ୍ତର ଧ୍ୟାନ, ପୁରାଣଶାସ୍ତ୍ର ପଠନ, ବିଷୟ ଭୋଗ ପ୍ରତି ବିତୃଷ୍ଣା, ଭଗବତ୍ ଚର୍ଚ୍ଚା, ଭଜନ, କୀର୍ତ୍ତନ, ଶ୍ରବଣ, ସଦାଚାର, ସତ୍‌ସଙ୍ଗ, ଭଗବତ୍ ଚିନ୍ତନ, ସତ୍‌କର୍ମ, ସତ୍‌ବିଚାର ଆଦି ହେଉଛି ଗୋଟିଏ ଗୋଟିଏ ଆଧ୍ୟାତ୍ମିକ କ୍ଷେତ୍ର। ଏହି କ୍ଷେତ୍ରଗୁଡ଼ିକ ବିକ୍ଷେପିତ ମନକୁ ଶାନ୍ତ କରାଇ ପରମ ଶାନ୍ତି ପ୍ରଦାନ କରାଇଥାଏ। ମାନସିକ ଚାପ, ଅବସାଦ, ବ୍ୟତିବ୍ୟସ୍ତତା ଓ ଉଦ୍‌ବେଗ ଦୂର କରି ମନକୁ ପ୍ରଫୁଲ୍ଲ ରଖିଥାଏ। ଶାରୀରିକ ସୁସ୍ଥତା ବୃଦ୍ଧି କରିଥାଏ। ହୃଦ୍‌ଘାତ, ଉଚ୍ଚ ରକ୍ତଚାପ, ବହୁମୂତ୍ର, ପକ୍ଷାଘାତ ଆଦି ଭଳି ଜଟିଳ ରୋଗ ହେବାର ଅବକାଶ ନ ଥାଏ।

ତେଣୁ କୁହାଯାଏ ଆଧ୍ୟାତ୍ମିକତା ଜଟିଳ ରୋଗର ମହୌଷଧି। କେବଳ ସ୍ଥିର ମନରୁ ପରମ ଶାନ୍ତି ମିଳିଥାଏ। ବିଚାର କରନ୍ତୁ ତୁମ ମନରେ ହିଁ ଶାଶ୍ୱତ ସୁଖଶାନ୍ତି ଭରି ରହିଛି। ତୁମେ ନିଜେ ହିଁ ହେଉଛ ଶାନ୍ତିର ସ୍ୱରୂପ। ଏଇ ବାଣୀଟି ମଧ୍ୟ ବ୍ରହ୍ମାନୁଭବ ଉପନିଷଦ୍‌ରେ ଉଲ୍ଲେଖ ଅଛି- 'ଶାନ୍ତି ସ୍ୱରୂପୋଽହଂ'। କାନ୍ଧରେ ପକାଇ ପିଲାଟିକୁ ଏଣେତେଣେ ଖୋଜିବା ପରି ତୁମ ଭିତରେ ସୁଖଶାନ୍ତି ଥାଇ ତୁଚ୍ଛାଟାରେ ବାହ୍ୟ ପଦାର୍ଥକୁ ଅଣ୍ଡାଳୁଛ ପାଇବା ପାଇଁ। ଏ ସଂସାର ମରୀଚିକାମୟ। ଯେଉଁଠାରେ ଖୋଜିଲେ ବି ଶାନ୍ତିର ଆଭାସ ମିଳି ନ ଥାଏ। ଭୌତିକ ସୁଖ ତୁମେ ସମ୍ମୁଖୀନ ହେଉଥିବା ସକଳ ସମସ୍ୟାର ମୂଳ ବୀଜ।

ଆମ ସମ୍ମୁଖରେ ଦୁଇଟି ପରିସର ବିଦ୍ୟମାନ। ଗୋଟିଏ ହେଲା ସାଂସାରିକ ପରିସର। ଏହି ଇଲାକାଟି ରାଜସିକ ଓ ତାମସିକ ଗୁଣ ଦ୍ୱାରା ସୃଷ୍ଟ। ଏହା ବନ୍ଧନ, କ୍ରୋଧ, ଲୋଭ, ମୋହ, ହିଂସା, ଆସକ୍ତି, କାମନା ବାସନା, ଅହଂକାର, ରାଗ, ଦ୍ୱେଷ, ଅନ୍ୟାୟ, ଅତ୍ୟାଚାର, ଦୁଶ୍ଚିନ୍ତା ଇତ୍ୟାଦିରେ ପରିପୂର୍ଣ୍ଣ। ଏଥିରେ ପ୍ରବେଶ କଲେ ଯାବତୀୟ ଦୁଃଖଦୁର୍ଦ୍ଦଶା, ଜଟିଳ ବ୍ୟାଧି ଓ ବାରମ୍ବାର ଜନ୍ମମୃତ୍ୟୁ ନିଶ୍ଚିତ ଭୋଗିବାକୁ ପଡ଼ିଥାଏ। ଅନ୍ୟଟି ହେଉଛି ଆଧ୍ୟାତ୍ମିକ ଚେତନା ପରିସର, ଯେଉଁଥିରେ କି ପରମାନନ୍ଦ ପୂର୍ଣ୍ଣରୂପେ ବିରାଜମାନ। ଭଗବତ୍‌ପ୍ରେମୀ ମନୁଷ୍ୟ ଏଥିରେ ପ୍ରବେଶ କରି ପରମାନନ୍ଦ ରସ ପାନକରି ନୈସର୍ଗିକ ସୁଖଶାନ୍ତିରେ ରହିଥାଏ। ଆଉ ଶରୀର ତ୍ୟାଗ ପରେ ମୋକ୍ଷ ପ୍ରାପ୍ତ କରି ଆତ୍ମାଲୋକରେ ସ୍ଥିତ ରହେ। ବିଚାର ମନୁଷ୍ୟକୁ ପରିବର୍ତ୍ତନ କରିଥାଏ। ତୁମର ପୂର୍ବ ବିଚାରଧାରାରେ ବଶବର୍ତ୍ତୀ ହୋଇ ଭୌତିକ ସୁଖଶାନ୍ତି ଲାଳସାରେ ସାଂସାରିକତାକୁ ଗ୍ରହଣ କରି ବର୍ତ୍ତମାନ ଯେଉଁ ଦୁଃଖ ଓ ଜଟିଳ ସମସ୍ୟାଗୁଡ଼ିକ ଭୋଗ କରି ଚାଲିଛ ତାହା ତୁମେ ଅଙ୍ଗେ ନିଭାଉଛ। ଏବେ ସେହି ବିଚାର ପଦ୍ଧତିକୁ ବଦଳାଇ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୁଅ, ଦେଖିବ ଆକାଂକ୍ଷିତ ସୁଖଶାନ୍ତି ଆପେ ଆପେ ଆସିଯିବ। ଏବେ ସମୟ ଆସିଛି ପୁନଃ ବିଚାର କରିବାର।


ନେତାଜୀ ବିହାର, ରସୁଲଗଡ଼, ଭୁବନେଶ୍ୱର,
ମୋ-୯୪୩୯୧୭୬୮୧୮


## ଏଇ ଭାରତରେ

ଗୁଗ୍‌ଲରେ ଚାକିରି କରିବା କେତେକଙ୍କର ସ୍ୱପ୍ନ ଥାଏ। ଏଥିପାଇଁ କେତେଜଣ ଆବେଦନ କରି ମଧ୍ୟ ସଫଳ ହେଉ ନ ଥିବାବେଳେ ମୁମ୍ବାଇର ଅବଦୁଲ୍ଲା ଖାଁ ଏ ଦିଗରେ ଜଣେ ବ୍ୟତିକ୍ରମ ବ୍ୟକ୍ତିତ୍ୱ। ତାଙ୍କ ବୟସ ୨୧ ବର୍ଷ। ସେ ଜଣେ ଅଣ-ଆଇଆଇଟି ଛାତ୍ର। ତାଙ୍କୁ ଗୁଗ୍‌ଲରେ ବାର୍ଷିକ ୧.୨ କୋଟି ଟଙ୍କା ଦରମାରେ ଚାକିରି ମିଳିଛି। ସ୍ଥାନୀୟ ମୀରା ରୋଡ୍‌ସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ସେ କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମର ଶେଷବର୍ଷ ଛାତ୍ର ଭାବେ ଅଧ୍ୟୟନ କରୁଛନ୍ତି। ଗୁଗ୍‌ଲରେ ଆବେଦନ ନ କରି ମଧ୍ୟ ତାଙ୍କୁ ସାକ୍ଷାତ୍‌କାର ପାଇଁ ମେଲ୍ ଆସିଥିଲା। ସେ କମ୍ପିଟିଟିଭ୍ ପ୍ରୋଗ୍ରାମିଂ ଚ୍ୟାଲେଞ୍ଜ୍ ହୋଷ୍ଟ ସାଇଟ୍‌ରେ ନିଜର ପ୍ରୋଫାଇଲ୍ ଅପ୍‌ଲୋଡ୍ କରିଥିଲେ। ଏହାପରେ ଗୁଗ୍‌ଲ ପକ୍ଷରୁ ତାଙ୍କ ପାଖକୁ କଲ୍ ଆସିଥିଲା। ସେ ଗୁଗ୍‌ଲର ଲଣ୍ଡନ ସ୍ଥିତ ଅଫିସ୍‌ରେ ସେପ୍ଟେମ୍ବରରେ ଯୋଗଦେବେ। ଅବଦୁଲ୍ଲାଙ୍କ ଏହି ସଫଳତା ଏବେ ସୋସିଆଲ ମିଡ଼ିଆରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ପଉଷ-ଶୀତଳ କର୍କଶ କରେ ଛୁଇଁ
ମୋ ଦେହ, କହିଲା,- ଜୀବନ! ଜୀବନ ମୁହିଁ!
କାହିଁକି ଜୀବନ-ପୁଚ୍ଛିଲି, ଏ ଧରାତଳେ?
ଚଉଦିଶେ ଏ ଯେ ମୃତ୍ୟୁର ଚିତା ଜଳେ!

(ଜୀବନର ସ୍ପର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୯୪

- ଚାଇନା ଓ ରୁଷିଆ ମଧ୍ୟରେ ମହାକାଶ କ୍ଷେତ୍ରରେ ସୁଦୂର ପ୍ରସାରୀ ସହଯୋଗ ଲାଗି ଏକ ଚୁକ୍ତି ସ୍ୱାକ୍ଷରିତ।
- ଆମେରିକାର ୫ଟି ରାଜ୍ୟରେ ପ୍ରବଳ ଘୂର୍ଣ୍ଣିବାତ୍ୟା ଓ ଝଡତୋଫାନ ହେତୁ ୪୨ ଜଣଙ୍କ ମୃତ୍ୟୁ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | B | | 6 | | | | A | | | 9 | | | |
| 8 | E | | | | | | | | | | | 4 | | 2 |
| 5 | 4 | 9 | | C | | | | | | | B | 3 | E | 1 |
| 2 | | | | | 9 | 7 | C | | E | 3 | | | | 5 |
| | | | 8 | | | E | 4 | | | | 7 | | 6 | |
| | | 4 | | | | | | 0 | | 2 | E | | 1 | |
| | | | 0 | | | | 2 | 5 | 9 | | 8 | | 4 | |
| E | | | 7 | | | | | | B | | 4 | | | A |
| | A | | 2 | | | 8 | | | D | 1 | | | | |
| B | | | | | | | 1 | | | C | | 6 | 9 | |
| D | 0 | 1 | E | | | | | | 8 | | | | C | |
| | | | | | | | D | | | | 5 | | B | 3 |
| | | | | 3 | 5 | C | 6 | | | | | | | |
| C | 8 | | A | 0 | | | 5 | 4 | 1 | | | | | E |
| 9 | B | | | | 2 | | 0 | | | | | A | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 3 | 8 | 5 | 0 | 7 | 6 | 9 | C | 2 | B | A | 4 | E | 1 |
| 4 | 9 | E | 3 | 1 | 2 | B | 5 | A | 7 | 0 | C | 8 | D | 6 |
| B | 1 | 2 | 9 | D | 8 | 0 | 4 | 3 | E | 5 | 6 | C | 7 | A |
| 5 | 6 | 0 | B | C | A | E | 8 | 7 | 4 | 1 | D | 9 | 3 | 2 |
| C | 7 | A | E | 4 | 6 | 1 | D | 2 | 8 | 9 | 3 | 5 | B | 0 |
| A | 5 | 4 | C | E | 3 | 7 | B | 8 | D | 2 | 1 | 0 | 6 | 9 |
| 7 | 0 | 9 | 4 | A | 5 | D | 2 | E | 6 | C | 8 | B | 1 | 3 |
| 6 | 2 | C | D | B | 9 | 5 | 0 | 1 | 3 | 7 | 4 | A | 8 | E |
| E | D | B | 8 | 6 | 1 | C | 3 | 9 | 0 | A | 5 | 7 | 2 | 4 |
| 1 | 8 | 3 | 7 | 2 | 0 | 4 | A | 6 | B | E | 9 | D | 5 | C |
| 3 | B | 5 | A | 7 | D | 2 | C | 4 | 9 | 6 | E | 1 | 0 | 8 |
| 2 | 4 | D | 0 | 8 | C | 9 | E | B | 1 | 3 | 7 | 6 | A | 5 |
| 8 | E | 7 | 6 | 9 | B | A | 1 | 0 | 5 | 4 | 2 | 3 | C | D |
| 0 | C | 1 | 2 | 5 | 4 | 3 | 6 | D | A | 8 | B | E | 9 | 7 |
| 9 | A | 6 | 1 | 3 | E | 8 | 7 | 5 | C | D | 0 | 2 | 4 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର

ମହାଶୟ,

ଭାରତରେ ଅନେକେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବାକୁ ଆହ୍ୱାନ ଦିଅନ୍ତି। ନିଜେ ଏହା ଆଚରଣ କରନ୍ତି କି? କହିବାର କଥା, ବିଲାତି ଆଳୁ, ବିଲାତି ବାଇଗଣ ଇତ୍ୟାଦି ଖାଦ୍ୟଦ୍ରବ୍ୟ ତଥା ବିମାନ, ଏପରିକି ସୈନ୍ୟବାହିନୀରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ଯାନ ବିଦେଶର। ଆମେ ବ୍ୟବହାର କରୁଥିବା ଅନେକ ମୋବାଇଲ ଓ କମ୍ପ୍ୟୁଟର ତଥା ସଫ୍ଟୱେର ବିଦେଶର। ତା'ହେଲେ ଏହାକୁ ବ୍ୟବହାର କରିବା ଉଚିତ ନା ନୁହେଁ? ଆମେ ବିଶ୍ୱ ଭ୍ରାତୃତ୍ୱର ଆହ୍ୱାନ ଦେଉଥିବା ବେଳେ ଏଭଳି ଚିନ୍ତାଧାରା କାହିଁକି? ସ୍ୱଦେଶ ଓ ସ୍ୱଦେଶୀ ପ୍ରୀତି ରହୁ କିନ୍ତୁ ସବୁ କ୍ଷେତ୍ରରେ ସ୍ୱଦେଶୀ ଚଳି ନ ପାରେ। ଦରକାର ବେଳେ ଆମକୁ ବିଦେଶର ଯାହା ଭଲ ତାକୁ ଆପଣେଇବାକୁ ପଡ଼ିବ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡମା, ଜଗତ୍‌ସିଂହପୁର

### ଋଣ କରି ଘିଅ ଖାଅ

୨୦୧୭-୧୮ସୁଦ୍ଧା ରାଜ୍ୟର ଋଣ ଭାର ୭୩,୮୬୪.୬୬ କୋଟି ହୋଇଥିବା ବେଳେ ଚଳିତ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ୩୧।୩।।୧୯ ସୁଦ୍ଧା ଏହାର ପରିମାଣ ୧ ଲକ୍ଷ କୋଟିରେ ପହଞ୍ଚିବ ବୋଲି ଖବର ପ୍ରକାଶ ପାଇଛି। ତେଣୁ ୨୦୧୮-୧୯ରେ ମୁଣ୍ଡପିଛା ଋଣ ଭାର ଟ୨୧,୩୪୦ରେ ପହଞ୍ଚିବ। ନିର୍ବାଚନ ଋତୁରେ କେତେକ ରାଜନେତା ଦଳବଦଳ ଆରମ୍ଭ କରିଛନ୍ତି। ଭୋଟରମାନେ ଯାହା ପାଉଥା ବାନ୍ଧୁଥା ନୀତିରେ ଉଜ୍ଜ୍ୱଳା ହେଉ କି କାଳିଆ ପରି ଯୋଜନାରେ ଯାହା ମିଳୁଛି ହସ ହସ ମୁଖରେ ଗ୍ରହଣ କରି କୃତକୃତ୍ୟ ହେଉଛନ୍ତି। କିନ୍ତୁ ଏତେ ପ୍ରାର୍ଥୀ ଭୋଟ ଭିକାରି ସାଜିଥିଲେ ମଧ୍ୟ ଭୋଟ ଖଣ୍ଡିକ ପାଇବା ପରେ ଆସନ୍ତା ପାଞ୍ଚବର୍ଷ ଯାଏ ସେମାନଙ୍କ ଦେଖାଦର୍ଶନ ମିଳିବା ଅସମ୍ଭବ। କେନ୍ଦ୍ର ସରକାର ମଧ୍ୟ ଋଣଭାରରେ ଆକ୍ରାନ୍ତ, ଯାହା ସମ୍ପ୍ରତି ୮୨ ଲକ୍ଷ କୋଟି ଟପିଛି। ପରବର୍ତ୍ତୀ ଶାସନ ଡୋରି ଯିଏ ଧରିବ ସେମାନେ କିପରି ଏପରି ଆର୍ଥିକ ବିଶୃଙ୍ଖଳାକୁ ସମ୍ଭାଳିବେ ତାହା କେବଳ ଭବିଷ୍ୟତ କହିବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

### ବ୍ରିଜ୍ ଉପରେ ଆଲୁଅ ବ୍ୟବସ୍ଥା

ଯାତାୟାତରେ ସୁବିଧା ପାଇଁ ଓଡ଼ିଶା ସରକାର, ଭାରତୀୟ ରେଳ ବିଭାଗ ପକ୍ଷରୁ ଭିଏସ୍‌ଏସ୍ ନଗର-ଶହୀଦନଗର-ମଞ୍ଚେଶ୍ୱର ଅଞ୍ଚଳକୁ ସଂଯୋଗ କରିବା ପାଇଁ ଫ୍ଲାଏ ଓଭର ବ୍ରିଜ୍‌ର କାର୍ଯ୍ୟକ୍ଷମ କରାଗଲା। କିନ୍ତୁ ଦୁଃଖର ବିଷୟ, ଏହି ବ୍ରିଜ୍ ଉପରେ ଆଲୁଅ ସୁବିଧା ନ ଥିବା ହେତୁ ସନ୍ଧ୍ୟା ହେଲାପରେ ଲୋକେ ଭୟରେ ଚଳପ୍ରଚଳ କରୁଛନ୍ତି। ଅସାମାଜିକ ବ୍ୟକ୍ତିଙ୍କର ଚାଲିଚଳଣି ମଧ୍ୟ ବଢୁଛି। ଏହି ସମସ୍ୟାକୁ ନଜରରେ ରଖି ଓଡ଼ିଶା ସରକାର ତୁରନ୍ତ ଉକ୍ତ ବ୍ରିଜ୍ ଉପରେ ଆଲୁଅ ବ୍ୟବସ୍ଥା କରିବାକୁ ଅନୁରୋଧ।

କେ. ରବି, ଇ-୨୩୭, ଜିଜିପି କଲୋନୀ, ଭୁବନେଶ୍ୱର


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

“ ଯେଉଁ ଲୋକମାନେ ମହାମାନବ ସେମାନେ କଥା କହିଲାବେଳେ ଧୀର, ଅଥଚ କାର୍ଯ୍ୟ କଲାବେଳେ ଦୃଢ଼।
- କନ୍‌ଫୁସିଅସ୍





ଜୟପୁରର ବାଙ୍କବିଜ ପଡ଼ିଆରେ ଅନୁଷ୍ଠିତ ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟ ନେତୃବୃନ୍ଦ ଓ ଅବିଭକ୍ତ କୋରାପୁଟର ଦଳୀୟ ପ୍ରାର୍ଥୀମାନେ।


ପ୍ରଧାନମନ୍ତ୍ରୀ ମୋଦି ବକ୍ତବ୍ୟ ରଖୁଛନ୍ତି।

■ ଜୟପୁରରେ ଭାଜପାର ବିଜୟ ସଂକଳ୍ପ ସମାବେଶ

# କମଳକୁ କମଳାଙ୍କ ଆଶୀର୍ବାଦ ଲୋଡ଼ିଲେ ମୋଦି

ଜୟପୁର/କୋରାପୁଟ,୨୯।୩
(ଡି.ଏନ୍.ଏ./ନି.ପ୍ର./ସ୍ୱ.ପ୍ର.)

ଜୟପୁର ସମାବେଶରେ ପ୍ରଥମେ ମଞ୍ଚ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାରମ୍ପରିକ ତଲାରି (ଛତ୍ରୀ) ଓ ଫୁଲମାଳ ପିନ୍ଧାଇ ମଞ୍ଚ ଉପରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ପଦ୍ମଶ୍ରୀ କମଳା ପୂଜାରୀ। ମା' କମଳାଙ୍କ ଆଶୀର୍ବାଦ କମଳକୁ ମିଳିଲେ ଓଡ଼ିଶାରେ ମଧ୍ୟ ଶକ୍ତି ବଢ଼ିବ ବୋଲି ମୋଦି କହିଥିଲେ। ଅନୁନ୍ନତ କୋରାପୁଟ ଜିଲାର ଜଣେ ଆଦିବାସୀ ମହିଳା ପାରମ୍ପରିକ ଦେଶୀ ପଦ୍ଧତିରେ ଧାନ ସଂରକ୍ଷଣ ପାଇଁ ଯେଉଁ ନିଷ୍ଠା ଦେଖାଇଛନ୍ତି, ସେଥିପାଇଁ ଭାରତ ସରକାରଙ୍କ ତାଙ୍କୁ ପଦ୍ମଶ୍ରୀ ଉପାଧିରେ ଭୂଷିତ କରିଛନ୍ତି। ଦେଶର ଆଦିବାସୀଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାର ଅଧିକ ୩୦ ପ୍ରତିଶତ ଅର୍ଥ ବୃଦ୍ଧି କରିବା ସହିତ ବଜେଟରେ ସ୍ଥାନ ଦେଇଥିବା ସେ ଉଲ୍ଲେଖ କରିଥିଲେ।

**ବରପୁତ୍ରଙ୍କୁ ସ୍ମରଣ, ଓଡ଼ିଆରେ ଭାଷଣ, ଚଇତି ପର୍ବର ଶୁଭେଚ୍ଛା**

ଶୁକ୍ରବାର ଥିଲା ଅବିଭକ୍ତ କୋରାପୁର ଜିଲାର ବରପୁତ୍ର ତଥା ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ। ଜୟପୁର ସଭାରେ ମୋଦି ଲକ୍ଷ୍ମଣ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମହାରାଜା ବିକ୍ରମଦେବ ବର୍ମା, ରାଧାନାଥ ବିଶ୍ୱାସରାୟଙ୍କ ଭଳି ବରପୁତ୍ରମାନଙ୍କୁ ସ୍ମରଣ କରିଥିଲେ। ଜୟ ଜଗନ୍ନାଥ, ବାବା ଗୁପ୍ତେଶ୍ୱର, ମା' ଅଗ୍ନି ଗଙ୍ଗାମ୍ମାଙ୍କ ନାମ ଉଚ୍ଚାରଣ କରି ଓଡ଼ିଆ ଭାଷଣ ଆରମ୍ଭ କରିବା ସହ 'ଆପଣମାନେ କେମିତି ଅଛନ୍ତି' ବୋଲି ଉପସ୍ଥିତ ଜନତାଙ୍କୁ ପଚାରିଥିଲେ ମୋଦି। ଅବିଭକ୍ତ କୋରାପୁଟରେ ଚଇତ ପରବ ଚାଲିଥିବାରୁ ସ୍ଥାନୀୟ ବାସିନ୍ଦାଙ୍କୁ ଏଥିପାଇଁ ସେ ଶୁଭେଚ୍ଛା ଜଣାଇଥିଲେ।



**ମହିଳା ଉତ୍ସାହିତ, ଜନତାଙ୍କ ମୁହଁରେ ମୋଦି ମାସ୍କ**

ସମାବେଶରେ ଖରାକୁ ଖାତିର ନକରି ହଜାର ହଜାର ଜନତାଙ୍କ ସମାଗମ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଦେଖିବା ପାଇଁ ମହିଳାମାନେ ଅଧିକ ଉତ୍ସାହିତ ହେବା ସହ ତାଳି ମାରି ନାଚୁଥିଲେ ଓ ମୋଦି ଡାକରା ଦେଉଥିଲେ। ସେମାନଙ୍କ ମୁହଁରେ ମୋଦି ମାସ୍କ ଥିଲା।

**ଆୟୁଷ୍ମାନ ବନାମ କାଳିଆ**

ଦେଶର ୫୦ କୋଟି ଗରିବ ଶ୍ରେଣୀର ଲୋକଙ୍କୁ ମାଗଣା ତଥା ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କେନ୍ଦ୍ର ସରକାର କରିଥିବା ଆୟୁଷ୍ମାନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ଦେଶର ୧୭ ଲକ୍ଷ ଲୋକ ଲାଭବାନ ହୋଇଛନ୍ତି। କିନ୍ତୁ ଓଡ଼ିଶାର ଜଣେ ହେଲେ ଏହାର ସୁବିଧା ନେଇପାରି ନଥିବା କହି ମୋଦି କ୍ଷୋଭ ବ୍ୟକ୍ତ କରିଥିଲେ। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ଓଡ଼ିଶାରେ ଲାଗୁ କରିବା ଦିଗରେ ରାଜ୍ୟ ସରକାର ବାଧା ସୃଷ୍ଟି କରୁଛନ୍ତି, କିନ୍ତୁ କାଳିଆ ଯୋଜନାରେ ଗରିବ ଚାଷୀଙ୍କ ବଦଳରେ ଧନୀଲୋକଙ୍କୁ ସହାୟତା ଦେଉଛନ୍ତି ବୋଲି ମୋଦି ଅଭିଯୋଗ କରିଥିଲେ।

**ଅବିଭକ୍ତ କୋରାପୁଟର ପ୍ରାର୍ଥୀଙ୍କ ପାଇଁ ଭୋଟ୍ ନିବେଦନ**

ସମାବେଶରେ ଅବିଭକ୍ତ କୋରାପୁଟର ୨ଟି ସଂସଦୀୟ କ୍ଷେତ୍ର ଓ ୧୪ଟି ବିଧାନସଭା ଆସନ ପାଇଁ ଭାଜପାର ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ ମୋଦି। ସଭାରେ ଜିଲା ଭାଜପା ସଭାପତି ବିଜୟ ମିଶ୍ରଙ୍କ ସମେତ ନବରଙ୍ଗପୁର ଲୋକସଭା ପ୍ରାର୍ଥୀ ବଳଭଦ୍ର ମାଝି, କୋରାପୁଟ ଲୋକସଭା ପ୍ରାର୍ଥୀ ଜୟରାମ ପାଙ୍ଗି, କୋରାପୁଟ ବିଧାନସଭା ଆସନ ପ୍ରାର୍ଥୀ ତ୍ରିପୁରାରୀ ଗରଡ଼ା, ପଟ୍ଟାଙ୍ଗିର ରାମଚନ୍ଦ୍ର ପାଙ୍ଗି, ଲକ୍ଷ୍ମୀପୁରର ପ୍ରାର୍ଥୀ କୁମୁଦୁ ସାଉଁତା, ଜୟପୁରରୁ ପ୍ରାର୍ଥୀ ଗୌତମ ସାମନ୍ତରାୟ ଉପସ୍ଥିତ ଥିଲେ।

**କଡ଼ା ସୁରକ୍ଷା, ସଭାକୁ ଛଡ଼ାଗଲାନି ପାଣି ବୋତଲ**

ମୋଦିଙ୍କ ଗସ୍ତକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସଭାମଞ୍ଚ ନିକଟରେ ସ୍ୱତନ୍ତ୍ର ପ୍ରୋଟେକ୍ସନ ଗ୍ରୁପର ୧୫୦ ଜଣ ଅଧିକାରୀ ଓ କର୍ମଚାରୀ ସୁରକ୍ଷା ଦାୟିତ୍ୱରେ ଥିଲେ। ବିଏସ୍‌ଏଫ୍‌ର ୬ ପ୍ଲାଟୁନ, ଓଏସ୍‌ଏପି, ଆଇଆରବିର ୩୦ ପ୍ଲାଟୁନ, ରାଜ୍ୟ ପୋଲିସର ୨୫୦ ଓ ଡିଭିଏଫ୍‌ର ୨୫୦ ଯବାନ ମୁତୟନ ହୋଇଥିଲେ। ଦକ୍ଷିଣା ପଶ୍ଚିମାଞ୍ଚଳ ଡିଆଇଜି, ୪ ଜଣ ଏସ୍‌ପି, ୪ ଜଣ ଏଏସପି, ୧୨ ଜଣ ଡିଏସ୍‌ପି, ୧୫୦ ଜଣ ଇନ୍ସପେକ୍ଟର, ଏସ୍‌ଆଇ ଓ ଏଏସ୍‌ଆଇ ନିୟୋଜିତ ହୋଇଥିଲେ। ସଭାସ୍ଥଳର ୫ କିଲୋମିଟର ପରିଧି ପର୍ଯ୍ୟନ୍ତ ସାଦା ପୋଷାକରେ ଗୋଇନ୍ଦା ବିଭାଗ ରହିଥିଲା। ସମସ୍ତ ରାସ୍ତା ସିଲ୍ କରାଯାଇ ସଭାସ୍ଥଳରୁ ଏକ କିଲୋମିଟର ଦୂରତାରେ ସାଧାରଣ ଲୋକଙ୍କ ବାଇକ ଓ ଅନ୍ୟ ଯାନବାହନ ପ୍ରବେଶ କରାଯାଉ ନଥିଲା। ଏପରିକି ସଭାସ୍ଥଳ ନିକଟକୁ ପାଣି ବୋତଲ ନେବାକୁ ମଧ୍ୟ ବାରଣ କରାଯାଇଥିଲା।

**ହାଇକୋର୍ଟ ବେଞ୍ଚ ଦାବି**

ଅବିଭକ୍ତ କୋରପୁଟ ଜିଲାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ଦେଇଥିଲା ଜୟପୁର ଓକିଲ ସଂଘ।

## ଜୟପୁର ମାଟିରୁ ଖେଳିବ ଫୁଲ ହାୱା: ବିଜୟ ମହାପାତ୍ର

ଦୁଇଦିନ ତଳେ ପୁଣିଥରେ ଭାଜପା ଶିବିରକୁ ଫେରିଥିବା ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କୁ ଜୟପୁର ସମାବେଶରେ ମଞ୍ଚରେ ଦେଖିବାକୁ ମିଳିଥିଲା। ସେ ନିଜ ବକ୍ତବ୍ୟରେ ମୋଦିଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜୟପୁର ମାଟିରୁ ପୁଣିଥରେ ଫୁଲଚିହ୍ନର ହାୱା ସାରା ଭାରତବର୍ଷକୁ ବ୍ୟାପିବ। ଓଡ଼ିଶାରେ ଶାସନ ଗାଦିରେ ଥିବା ବ୍ୟକ୍ତିଙ୍କ ମନରେ ଚିନ୍ତା ପଶିଗଲାଣି। ସେମାନଙ୍କର ସମୟ ଶେଷ ହୋଇଯାଇଛି। ଓଡ଼ିଶାରେ ନୂଆ ଖେଳ ଆରମ୍ଭ ହୋଇଛି। ଫୁଲର ଖେଳ। ଭାରତବର୍ଷରେ ମୋଦିଙ୍କୁ ଦ୍ୱିତୀୟ ବାର ପ୍ରଧାନମନ୍ତ୍ରୀ କରିବା ଆମ ସଙ୍କଳ୍ପ ବୋଲି ସେ କହିଥିଲେ। ସେହିପରି ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କହିଥିଲେ, ଖଣି, ଚିଟ୍‌ଫଣ୍ଡ ଦୁର୍ନୀତିରେ ବୁଡ଼ିଛନ୍ତି ରାଜ୍ୟ ସରକାର। ପରିବର୍ତ୍ତନର ସମୟ ଆସିଗଲାଣି। କେନ୍ଦ୍ର ଓ ରାଜ୍ୟରେ ଭାଜପାର ସରକାର ଆସିଲେ ପ୍ରକୃତ ବିକାଶ ହୋଇପାରିବ।


ସମାବେଶ ପଡ଼ିଆରେ ବିପୁଳ ଜନ ସମାଗମ। ଜନତାଙ୍କ ମୁହଁରେ ମୋଦିଙ୍କ ମାସ୍କ।


ସମାବେଶ ସ୍ଥଳରେ ମୋଦିଙ୍କ ଉପସ୍ଥିତି ଦେଖି ଉତ୍ସାହିତ ମହିଳାମାନେ।

# ମେଡିକାଲ କଲେଜରେ ରକ୍ତଦାନ ଶିବିର

କୋରାପୁଟ,୨୯।୩(ସ୍ୱ.ପ୍ର.)

ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସରେ କୋରାପୁଟସ୍ଥିତ ମେଡିକାଲ କଲେଜରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୯୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କୋରାପୁଟ ମେଡିକାଲ କଲେଜ ପରିସରରେ ହୋଇଥିବା ଏହ ଶିବିରକୁ କଲେଜର ଅଧ୍ୟକ୍ଷ ଡାକ୍ତର କୃଷ୍ଣଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ ରକ୍ତଦେବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ପ୍ରକାଶ କରିଥିଲେ। ମେଡିକାଲ କଲେଜର ଭେଷଜ ବିଭାଗର ମୁଖ୍ୟ ଡାକ୍ତର ଜୟନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ମେଡିକାଲ କଲେଜର ବହୁ ଡାକ୍ତର ଓ ଛାତ୍ରୀଛାତ୍ର ଯୋଗଦେଇ ରକ୍ତଦାନ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ମେଡିକାଲ କଲେଜ ଓ ହସପିଟାଲର ଅଧୀକ୍ଷକ ଡାକ୍ତର ହରେକୃଷ୍ଣ ଦଳେଇ, ସର୍ଜରୀ ବିଭାଗର ମୁଖ୍ୟ ଜଗଦାନନ୍ଦ ମିଶ୍ର, ପୂର୍ବତନ ଅଧୀକ୍ଷକ ଡାକ୍ତର କ୍ଷେତ୍ରବାସୀ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କୋରାପୁଟ ବ୍ଲଡବ୍ୟାଙ୍କର ଅଧିକାରୀ ଏମ୍. ବଳିଆର ସିଂ ଏବଂ ଡାକ୍ତର ରତିକାନ୍ତ ଖଟୁଆ ଯୋଗଦେଇ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ମେଡିକାଲ କଲେଜ ଛାତ୍ର ସଂଘ ସଭାପତି ସହିତ ମହାନ୍ତିଙ୍କ ସମେତ ବହୁ ଛାତ୍ର ଉପସ୍ଥିତ ରହି ସହାୟତା କରିଥିଲେ ।


କୋରାପୁଟ ମେଡିକାଲ କଲେଜ ଛାତ୍ରୀଛାତ୍ର ରକ୍ତଦାନ କରୁଛନ୍ତି।

# କୋଟିଆରେ ଆନ୍ଧ୍ର-ଓଡ଼ିଶାର ବୁଥ୍

■ କେଉଁଠି ଭୋଟ୍ ଦେବେ, ଚିନ୍ତାରେ ଭୋଟର

କୋରାପୁଟ,୨୯।୩(ସ୍ୱ.ପ୍ର.)

ନିର୍ବାଚନ ବେଳେ ଏବେ ପୁଣିଥରେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି ଆନ୍ଧ୍ର ସୀମାନ୍ତ ତଥା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତ। ମତଦାନ ପାଇଁ ଜିଲା ପ୍ରଶାସନ ଏଠାରେ ୯ଟି ବୁଥ୍ ଖୋଲିଥିବାବେଳେ ବିବାଦୀୟ ୨୧ଟି ଗ୍ରାମରେ ରହିଛି ଏଥିରୁ ୫ଟି ବୁଥ୍। ନିର୍ବାଚନ ବେଳେ ଭୋଟ ଦେବା ପାଇଁ ଏହି ଅଞ୍ଚଳରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ପକ୍ଷରୁ ବୁଥ୍ କରାଯାଇଛି । ହେଲେ ସ୍ଥାନୀୟ ଗ୍ରାମବାସୀ କେଉଁ ବୁଥ୍‌ରେ ଭୋଟ୍ ଦେବେ, ତାହା ସେମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଛି। କୋଟିଆ ପଞ୍ଚାୟତରେ ରହିଛି ମୋଟ ୩୫ଟି ଗ୍ରାମ। ସେଥିରେ ୧୨ଟି ହେଉଛି ରାଜସ୍ୱ ଗ୍ରାମ। ଏହି ପଞ୍ଚାୟତରେ ମୋଟ ଭୋଟର ହେଉଛନ୍ତି ୫ ହଜାର ୪୨୦ ଜଣ । କୋଟିଆ ପଞ୍ଚାୟତର ନେରେଡିବାଲସାଠାରେ ଆନ୍ଧ୍ର ସରକାରଙ୍କ ତରଫରୁ ନେରେଡିବାଲସା ଓ ତାର ନିକଟବର୍ତ୍ତୀ ତାଡ଼ିବାଲସା, ଝାଙ୍କରଗୁଡ଼ା, କୁମ୍ଭିମାଡାର ଭୋଟରଙ୍କ ସମେତ ୨୦ରୁ ୨୫ କିମି ଦୂରରେ ଥିବା ତଳ ଗଞ୍ଜେଇପଦର, ଉପର ଗଞ୍ଜେଇପଦର, କୁରୁଡିପଦର, ତଳସେମ୍ଭି, ଉପରସେମ୍ଭି, କୋଟାଯାନୀଗୁଡ଼ା, ଡୋଲିପଦର, ସୀମାଗୁଡ଼ା ଗ୍ରାମର ଭୋଟରଙ୍କ ପାଇଁ ମଧ୍ୟ ଦୁଇଟି ବୁଥ୍ ଖୋଲାଯାଇଥିବା ଜଣାପଡ଼ିଛି । ଅପରପକ୍ଷେ ଓଡ଼ିଶା ସରକାରଙ୍କ ପକ୍ଷରୁ କୋଟିଆ ନିକଟବର୍ତ୍ତୀ ଗ୍ରାମଗୁଡ଼ିକ ସମେତ ନେରେଡିବାଲସା ଭୋଟରଙ୍କ ପାଇଁ ଗଞ୍ଜେଇପଦର ଓ ରଣସିଙ୍ଗଠାରେ ମତଦାନ କେନ୍ଦ୍ର ଖୋଲାଯାଇଛି । ଗୋଟିଏପଟେ ରାଜ୍ୟ ସରକାର ୨୧ଟି ବିବାଦୀୟ ଗ୍ରାମ ପାଇଁ ମାତ୍ର ୫ଟି ଭୋଟକେନ୍ଦ୍ର ଖୋଲିଥିବାବେଳେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଭୋଟରଙ୍କ ପାଇଁ ଖାଦ୍ୟ ସହ ଗମନାଗମନର ସୁବିଧା ସହ ବିଭିନ୍ନ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଯାହାଦ୍ୱାରା ଭୋଟର ଆକୃଷ୍ଟ ହୋଇ ଆନ୍ଧ୍ରରେ ଭୋଟ ଦେବାକୁ ନିଜ ଭିତରେ ଆଲୋଚନା କରୁଛନ୍ତି। ତେବେ ଭତ୍ତା ଓ ଜମି ପଟ୍ଟା ପ୍ରଦାନରେ ଅବହେଳା ଯୋଗୁଁ ଏହି ସୀମାନ୍ତ ଗ୍ରାମବାସୀ ରାଜ୍ୟ ସରକାରଙ୍କୁ ଆଡ଼ ଆଖିରେ ଚାହୁଁଥିବା ଦେଖାଯାଇଛି । ସେହିପରି ବର୍ତ୍ତମାନ ଆନ୍ଧ୍ର ପକ୍ଷରୁ କୋଟିଆରେ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଥିବା ବେଳେ ଏପର୍ଯ୍ୟନ୍ତ ଓଡ଼ିଶା ପକ୍ଷରୁ ରାଜ୍ୟ କିମ୍ବା ଜିଲାସ୍ତରୀୟ କୌଣସି ଦଳର ନେତାଙ୍କ ଏହି ଅଞ୍ଚଳରେ ଦେଖା ମିଳିନାହିଁ।




# ମଧ୍ୟାହ୍ନଭୋଜନ ଅଣ୍ଡାରେ ପୋକ

ଜୟପୁର,୨୯।୩(ଡି.ଏନ୍.ଏ.)

ଜୟପୁର ବ୍ଲକର ଟାଙ୍କୁଆ ପଞ୍ଚାୟତ ମାହାଳିଆପୁଟ ଗ୍ରାମ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ମଧ୍ୟାହ୍ନଭୋଜନରେ ଦିଆଯାଇଥିବା ଅଣ୍ଡାରୁ ପୋକ ବାହାରିଥିବା ଅଭିଯୋଗ ହୋଇଛି । ବିଦ୍ୟାଳୟରେ ୨୭ଜଣ ଛାତ୍ରୀଛାତ୍ର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେଥିରୁ ୩ରୁ ୪ଟି ସିଝା ଅଣ୍ଡାରୁ ପୋକ ବାହାରିଛି। ଜୟପୁର ବ୍ଲକର ସମସ୍ତ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ସ୍ଥାନୀୟ ରଣ୍ଡାପାଲୀ ସ୍ଥିତ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ କେନ୍ଦ୍ରିୟ ରୋଷେଇଗୃହରେ ମଧ୍ୟାହ୍ନ ଭୋଜନ ଏବଂ ସିଝା ଅଣ୍ଡା ପ୍ରସ୍ତୁତ କରାଯାଇଥାଏ । ଏହିପରି ଦୁଇ ମାସ ପୂର୍ବରୁ ଜୟପୁର ପୌରସଂସ୍ଥାର ଦୁଇଟି ବିଦ୍ୟାଳୟ ଏବଂ ବ୍ଲକର ଫାମ୍ପୁଣି ବିଦ୍ୟାଳୟରେ ଏହିପରି ଅଣ୍ଡା ଭିତରରୁ ପୋକ ଏବଂ ଭାତରୁ ଗୋଡ଼ି ବାହାରିଥିବା ନେଇ ଅଭିଯୋଗ ହୋଇଥିଲା। କିନ୍ତୁ ଉକ୍ତ ଘରୋଇ ସଂସ୍ଥା ପକ୍ଷରୁ ବାରମ୍ବାର ଏହିପରି ବିଭ୍ରାଟ ସୃଷ୍ଟି କରାଯାଇ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଥିବା ସତ୍ତ୍ୱେ କୌଣସି ଉଚିତ ପଦକ୍ଷପ ପ୍ରଶାସନ ପକ୍ଷରୁ ନିଆଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ଏନେଇ ବିଇଓ ସରୋଜିନୀ ଦଣ୍ଡସେନାଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ ନେଇ ସେ ତୁରନ୍ତ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।


ମଧ୍ୟାହ୍ନଭୋଜନ ଅଣ୍ଡାରୁ ପୋକ ବାହାରୁଛି ।

# ଝରିଗାଁରୁ ନିର୍ବାଚନୀ ପ୍ରଚାର ଆରମ୍ଭ କଲେ ପ୍ରଦୀପ

ଝରିଗାଁ, ୨୯।୩(ସ୍ୱ.ପ୍ର.)

ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଏମ୍‌ପି ପ୍ରାର୍ଥୀ ତଥା ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଶୁକ୍ରବାର ଝରିଗାଁ ନିର୍ବାଚନ ମଣ୍ଡଳୀରୁ ପ୍ରଚାର ଆରମ୍ଭ କରିଛନ୍ତି। ଝରିଗାଁ ସଦର ମହକୁମାସ୍ଥିତ ମା' ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସେଠାରୁ କଂଗ୍ରେସର ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଥିଲା। ଏହି ସମୟରେ ପ୍ରଦୀପଙ୍କ ବାପା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଭଗବାନ ମାଝି, ବ୍ଲକ କଂଗ୍ରେସ ସଭାପତି ପଦ୍ମନାଭ ପାଣ୍ଡେ, ଝରିଗାଁ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ଉଲଧର ମାଝିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ପରେ ଏକ ବାଇକ୍ ରାଲିରେ ଯାଇ ବାଣୁଆଗୁଡା ପଞ୍ଚାୟତ ଦେଉଳକୋଣା ଗ୍ରାମରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ସେ ଯୋଗ ଦେଇଥିଲେ। ଚାଷୀଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରଦୀପ କହିଥିଲେ। କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ଲୋକଙ୍କୁ ମାସିକ ୬ ହଜାର ଟଙ୍କା ହିସାବରେ ବାର୍ଷିକ ୭୨ ହଜାର ଟଙ୍କା ଦିଆଯିବ ବୋଲି ସେ କହିଥିଲେ। ସେହିପରି ୨ ହଜାର ବିଧବା ଭତ୍ତା, ଝିଅମାନଙ୍କ ବିବାହ ପାଇଁ ୫୫ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ନେଇ ସର୍ବଦା ଗୁରୁତ୍ୱ ଦେବି ବୋଲି ପ୍ରଦୀପ ଅଭିଭାଷଣରେ କହିଥିଲେ। ଏଠାରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ସାମିଲ ହୋଇଥିଲେ।


ନିର୍ବାଚନ ପ୍ରଚାର ପୂର୍ବରୁ ଝରିଗାଁ ମା' ଠାକୁରାଣୀଙ୍କ ମନ୍ଦିରରେ ପ୍ରଦୀପ ଓ ଅନ୍ୟମାନେ।

## ସଂକ୍ଷେପରେ

### ୨ଲକ୍ଷ ଟଙ୍କାର ଗୁଟ୍‌ଖା ଜବତ

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.) ପାରଳାଖେମୁଣ୍ଡି ଥାନା ପୋଲିସ ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଲକ୍ଷ୍ମୀ ଜେନେରାଲ ଷ୍ଟୋରରେ ଚଢାଉ କରି ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଛି। ପୋଲିସ ଏହି ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଏମ୍.ଶ୍ରୀନିବାସ ରାଓ। ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ରଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍.ଆଇ. ଅହଲ୍ୟା ମହାରଣା ଏସ୍‌ସିଏଚ୍ ରାଓ, ଏ.ଏସ୍.ଆଇ. ଜଗଦୀଶ ପଣ୍ଡାଙ୍କୁ ନେଇ ଗଠିତ ଟିମ୍ ଉକ୍ତ ଦୋକାନରେ ଚଢାଉ କରିଥିଲା। ସେଠାରେ ୨୦ରୁ ଊର୍ଦ୍ଧ୍ୱ ବସ୍ତାରେ ବିପୁଳ ପରିମାଣରେ ଗୁଟ୍‌ଖା ମହଜୁଦ ରଖାଯାଇଥିଲା। ଏମ୍. ଶ୍ରୀନିବାସଙ୍କୁ ପୋଲିସ ପଚରା ଉଚରା କରିବା ସମୟରେ ଗୁଟ୍‌ଖା ବ୍ୟବସାୟ ପାଇଁ ଆବଶ୍ୟକ କାଗଜପତ୍ର ନ ଥିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଉକ୍ତ ଗୁଟ୍‌ଖାର ଆନୁମାନିକ ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ପାରଳାଖେମୁଣ୍ଡି ଥାନାରେ ୮୩/୧୯ରେ ମାମଲା ରୁଜୁ କରାଯାଇଛି।

### ଛୁରି ଭୁସି ସ୍କୁଟି ଲୁଟ୍

ଆସିକା,୨୯।୩(ଡି.ଏନ୍.ଏ.)- ବାଲିପଦର ମୁଖ୍ୟରାସ୍ତାର ଚାରିମଇଲି ଛକ ନିକଟରେ ଗୁରୁବାର ରାତିରେ ଜଣେ ସ୍କୁଟି ଆରୋହୀଙ୍କୁ ଲିଫ୍ଟ ଦେବା ମହଙ୍ଗା ପଡିଛି। ଲିଫ୍ଟ ମାଗି କିଛିବାଟ ଯିବାପରେ ଦୁର୍ବୃତ୍ତ ଜଣକ ଛୁରି ଭୁସି ସ୍କୁଟି ନେଇ ଫେରାର୍ ହୋଇଯାଇଛନ୍ତି। ଆହତ ବ୍ୟକ୍ତି ହେଲେ ଭେଟନଇ ଗ୍ରାମର ଏମ୍. ଅନନ୍ତରାଓ ଦୋରା। ଅନନ୍ତ ଆସିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଶୁକ୍ରବାର ସକାଳୁ ଆସିକା ଥାନାରେ ଅଭିଯୋଗ କରିଥିଲେ। ଏନେଇ ନଂ.୧୦୧/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଅପରପକ୍ଷେ ଲୁଟ୍ ହୋଇଥିବା ସ୍କୁଟିକୁ ପୋଲିସ ଉଦ୍ଧାର କରିଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି। ଲୁଟେରାଙ୍କ ସମ୍ପର୍କରେ ସୂଚନା ମିଳିନାହିଁ। ଅନନ୍ତ ରାତିରେ ଭେଟନଇ ଫେରୁଥିଲା ବେଳେ ଚାରିମଇଲି ଛକ ନିକଟରେ ଲୁଟେରା ଜଣକ ତାଙ୍କୁ ସ୍କୁଟିରେ ବସାଇ ନେବା ଲାଗି ଅନୁରୋଧ କରିଥିଲେ। କିଛିବାଟ ଯିବା ପରେ ତାଙ୍କୁ ଛୁରାରେ ଆକ୍ରମଣ କରି ସ୍କୁଟି ନେଇ ଫେରାର୍ ହୋଇଯାଇଥିଲେ।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ନବରଙ୍ଗପୁର,୨୯।୩(ଡି.ଏନ୍.ଏ.)

ଘରକାମକୁ ବିରୋଧ କରି ଜଣେ ଯୁବକଙ୍କୁ ଶୁକ୍ରବାର କେତେଜଣ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଏଥିରେ ଅଣ୍ଟାସର ଗାଁର ମଦନ ଗରଡ଼ାଙ୍କ ପୁଅ ସୁଶୀଳ କୁମାର(୨୫) ଗୁରୁତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ନନ୍ଦାହାଣ୍ଡି ବ୍ଲକ ଅଣ୍ଟାସର ଗାଁର ମଦନ ଗରଡା ଏକ ନୂତନ ଘର ନିର୍ମାଣ କରୁଛନ୍ତି। ଏହାକୁ ସୁଶୀଳ ଦେଖାରଖା କରୁଛନ୍ତି। ଶୁକ୍ରବାର ସକାଳ ସାଢେ ୮ଟାରେ ୬ ଜଣ ଦଳଗତ ଭାବେ ଆସି ଘର କାମ ବନ୍ଦ କରିବାକୁ ସୁଶୀଳଙ୍କୁ ଧମକ ଦେଇଥିଲେ। ସୁଶୀଳ ଏହାକୁ ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସୁଶୀଳ ଏବେ ନବରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏନେଇ ସୁଶୀଳଙ୍କ ବାପା ମଦନ ତେନ୍ତୁଲିଖୁଣ୍ଟି ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।


ଆହତଙ୍କୁ ଡାକ୍ତରଖାନା ନିଆଯାଉଛି।

## ଗଞ୍ଜେଇ ଜବତ,୪ ଗିରଫ

ଖଜୁରିପଡ଼ା,୨୯।୩(ଡି.ଏନ୍.ଏ.)– ଖଜୁରିପଡ଼ା ଥାନା ପୋଲିସ ଶୁକ୍ରବାର ପାଟ୍ରୋଲିଂ କରୁଥିବା ବେଳେ ୪୦ କେଜି ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଫୁଲବାଣୀ ଜିରିଙ୍ଗିପଡ଼ା ସାହିର ଗୋକୁଳ ସାହାଣି, ପାର୍ବତୀ ମହାରାଜା, ଗାଙ୍ଗପୁର ଜିଲା ବନ୍ଧୁଆନର ମଉନି ଦାସ ଓ ମୋଜିନା ଖାନ୍। ସକାଳ ୭ଟାରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ପିରିକୁଡି ପଞ୍ଚାୟତ ନିକଟ ଫୁଲବାଣୀରୁ ମାଧେପୁର ଜାତୀୟ ରାଜପଥ ବିଲାବାଡ଼ି ଘାଟିରେ ଜଣେ ପୁରୁଷ ସହ ୩ ମହିଳା ବସ୍ତାରେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ପୋଲିସକୁ ଦେଖି ଦୌଡ଼ି ପଳାଇବାକୁ ଉଦ୍ୟମ କରି ଧରାପଡ଼ିଥିଲେ। ବସ୍ତାରେ ଥିବା ଗଞ୍ଜେଇ ସହ ନଂ.୩୪/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅନୀତା କିଡ଼ୋ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁ ଯେତେ ହଲାଇବୁ ହଲା**
**ମୁଁ ତଳେ ନ ପଡ଼ିଲେ ଗଲା।**

ଅଲାଜୁକ ବ୍ୟକ୍ତିଙ୍କ ମୁହଁରେ କିଛି ଲାଜ ସରମ ନ ଥାଏ। ଏପରି ବ୍ୟକ୍ତିଙ୍କୁ ବାଟକୁ ଆଣିବା କାଠିକର ପାଠ ହୋଇଥାଏ। କାହାରି କଥା ବା ବୋଲକୁ ସେମାନଙ୍କର ଡର କି ଭୟ ରହି ନ ଥାଏ। ଯିଏ ବଦଳିବାର ନ ଥାଏ ତାକୁ ଯେତେ ଚେଷ୍ଟା କଲେ ମଧ ବଦଳାଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁ ଧାଉଁଛୁ ତୋହରି ପାଇଁ**
**ମତେ କିଆଁ ନିଦ ନାହିଁ।**

ନିଜ ବୃତ୍ତିରେ ନିଜ ପେଟ ପୋଷିବା ଶ୍ରେୟସ୍କର । କାହା ଆଗରେ ହାତ ନ ପତେଇ ନିଜ ଗୋଡ଼ରେ ନିଜେ ଠିଆ ହେଲେ ଯଶ ଓ ସମ୍ମାନ ମିଳିଥାଏ। ଜଣେ ଯେତେବେଳେ ନିଜ ଉପାର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥାନେଇ ଅନ୍ୟକେହି ବ୍ୟତିବ୍ୟସ୍ତ ହେବାରେ କୌଣସି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ଭୋଟର ସଚେତନତା କାର୍ଯ୍ୟକ୍ରମ

## ଶତ ପ୍ରତିଶତ ମତଦାନ ଉପରେ ଗୁରୁତ୍ୱ

ନବରଙ୍ଗପୁର,୨୯।୩(ବି.ପ୍ର.)

ଭୋଟର ସଚେତନତା ଓ ମତଦାନ ସଂକ୍ରାନ୍ତୀୟ ଏକ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ଶାସ୍ତ୍ରୀ ଭବନଠାରେ ଅନୁଷ୍ଠିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣତନ୍ତ୍ର ସୁଦୃଢ ପାଇଁ ଶତ ପ୍ରତିଶତ ମତଦାନ ଉପରେ ଆଲୋକପାତ କରିଥିଲେ। ଦିବ୍ୟାଙ୍ଗ ଭୋଟରଙ୍କୁ ମତଦାନରେ ସାମିଲ କରିବା ଓ ଗଣତନ୍ତ୍ର ସମ୍ମାନ ଉପରେ ମତ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ାଧିକାରୀ ଅକ୍ଷୟ କୁମାର ସିଠ ଉପସ୍ଥିତ ଥିଲେ। ନବରଙ୍ଗପୁର ପୌରପାଳିକା ନିର୍ବାହୀ ଅଧିକାରୀ ବିନୟ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୌରସଂସ୍ଥା କର୍ମଚାରୀ ଜ୍ୟୋତି ପରିଚ୍ଛା, ରାଜେଶ ତ୍ରିପାଠୀ, ଶ୍ରୀକାନ୍ତ ଦାଶ, ରାମଶଙ୍କର ଦାଶ, କେ. ନାଗେଶ୍ୱର ରାଓ, ଦେବାଶିଷ ପ୍ରହରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳର ସମସ୍ତ ବୁଥ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠୁ ପ୍ରସିଦ୍ଧ ଧୋଡ୍ରା ମଣ୍ଡେଇ

ଧୋଡ୍ରା, ୨୯।୩(ଡି.ଏନ.ଏ.)

ଅବିଭକ୍ତ କୋରାପୁଟ ଜିଲାରେ ନିଜର ସ୍ୱତନ୍ତ୍ରତା ବଜାୟ ରଖି ପ୍ରସିଦ୍ଧ ଲାଭ କରିଥିବା ଧୋଡ୍ରା ମଣ୍ଡେଇ ଶନିବାରରୁ ଆରମ୍ଭ ହେଉଛି। ଝରିଗାଁ ଅଧୀନ ଧୋଡ୍ରା ମୁଖ୍ୟରାସ୍ତା ପାର୍ଶ୍ୱସ୍ଥ ହାଟପଦାରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଦେବୀଙ୍କ ପୂଜାକୁ ଆଦିବାସୀମାନେ ଗୁରୁତ୍ୱ ଦେଇଥାନ୍ତି। ମା' ଇଂଲାଜିନିଙ୍କଠାରୁ ଆଜ୍ଞାମାଳ ଅଣାଯିବା ପରେ ଯାତ୍ରା ପଡିଆରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା ପାଠ ସହ ମଣ୍ଡେଇ ଆରମ୍ଭ ହେବ ବୋଲି ପରିଚାଳନା କମିଟି ସଭାପତି ତଥା ଧୋଡ୍ରା ସରପଞ୍ଚ ବେଲ ମାଝି ସୂଚନା ଦେଇଛନ୍ତି। ମଣ୍ଡେଇ ପରିଚାଳନା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଲୋକଙ୍କ ମନୋରଞ୍ଜନ ନିମନ୍ତେ ମଣ୍ଡେଇରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦେଶିଆ ନାଟକର ଆୟୋଜନ କରାଯାଇଛି। ଶିରା ଓ ସେବକ କଣ୍ଟାଦୋଳିରେ ଝୁଲିବା, ଲୁହା ଶିକୁଳିରେ ପିଠିରେ ବାଡେଇବା ଓ ଶରୀରରେ ଛୁରି ଭୁସିବା ଏହି ଯାତ୍ରାର ମୁଖ୍ୟ ଆକର୍ଷଣ।ଏହି ଯାତ୍ରା ଆସନ୍ତା ୩ ତାରିଖରେ ଉଦ୍‌ଯାପିତ ହେବ ବୋଲି ମଣ୍ଡେଇ ପରିଚାଳନା କମିଟି କାର୍ଯ୍ୟକାରୀ ସଭାପତି ରାକେଶ କୁମାର ଜେନା, ସମ୍ପାଦକ ବରୁଣ ପନକା, ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ପଲେଇ ଓ କୋଷାଧକ୍ଷ ରଶ୍ମିକାନ୍ତ ରାଉଳ ସୂଚନା ଦେଇଛନ୍ତି।


ମଣ୍ଡେଇ ପଡିଆରେ ପ୍ରସ୍ତୁତି ଚାଲିଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ

ନବରଙ୍ଗପୁର,୨୯।୩(ବି.ପ୍ର.)

ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସ୍ଥାନୀୟ ଲକ୍ଷ୍ମଣ ନାୟକ ବିଦ୍ୟାପୀଠରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ସମ୍ମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଣାକାର ଠାକୁର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ରାଧାନାଥ ବେହେରା, ବ୍ଲକ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଥମେ ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ।


ଶହୀଦଙ୍କ ପ୍ରତିମୂର୍ତ୍ତି ନିକଟରେ ଅତିଥି, ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

# ପୋଲିସର ଫ୍ଲାଗମାର୍ଚ୍ଚ

ନବରଙ୍ଗପୁର,୨୯।୩(ବି.ପ୍ର.)– ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ସହ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ନବରଙ୍ଗପୁର ପୌରାଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନାଧିକାରୀ ହିମାଂଶୁ ବେହେରା, ଇନ୍ସପେକ୍ଟର ତାରିକ ଅହମ୍ମଦ, ଏସ୍‌ଆଇ ଦିଲ୍ଲୀପ ପ୍ରଧାନଙ୍କ ସମେତ ଅନ୍ୟ କର୍ମଚାରୀ ଓ ୩ ପ୍ଲାଟୁନ ସୁରକ୍ଷା କର୍ମୀ ଫ୍ଲାଗମାର୍ଚ୍ଚରେ ଯୋଗ ଦେଇଥିଲେ। ନବରଙ୍ଗପୁର ସହରର ରାମମନ୍ଦିର, ନୂଆବନ୍ଧସାହି, ହରିଜନ ସାହି, ଦଶହରାପଦା,ତ୍ରିବେଣୀ ଛକ, ଗାଦବାଗୁଡା, ସେନାପତି ସାହି ଦେଇ ଥାନା ପର୍ଯ୍ୟନ୍ତ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିଲା



ପୋଲିସର ଫ୍ଲାଗମାର୍ଚ୍ଚ କରାଯାଉଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ୫ କାଗଜରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge No Guarantor
Online Facility Available
Saharaganj Mall, Shahnajaf Rd, Lucknow, Uttar Pradesh 226001
07535093304
09675742689

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଇନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଜାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663
8743922900

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

GTL Telecom Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 90 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
Mob.: 8676907143, 9348274623

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
BCF ଋଣ ଲିମିଟେଡ୍ ଭରସାର ପ୍ରତିକ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧୨ ଘଣ୍ଟାରେ ୫ କାଗଜରେ ପାଆନ୍ତୁ। 2% ସୁଧ 45% ଛାଡ
No File Charge No Guarantor
Vasundhara Mall, West Boring Canal Rd, Rajapur, Patna, Bihar 800001
8958186716
9675859756

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଜକୁମାରୀ କଲ୍ୟାଣୀଦେବୀ ପ୍ରଚାର କରୁଛନ୍ତି।

# ରାଜକୁମାରୀ କଲ୍ୟାଣୀଦେବୀଙ୍କ ପ୍ରଚାର ଅଭିଯାନ ଆରମ୍ଭ

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ରାଜନହରଠାରେ ବିଜେଡିର ବହୁ ହେଭିୱେଟ୍ ନେତା ଶୁକ୍ରବାର ପହଞ୍ଚି ପ୍ରଚାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ଚଳିତ ନିର୍ବାଚନରେ ବିଜେଡି ପକ୍ଷରୁ ରାଜକୁମାରୀ କଲ୍ୟାଣୀ ଗଜପତିଙ୍କୁ ପାରଳାଖେମୁଣ୍ଡିର ବିଧାୟିକା ପ୍ରାର୍ଥୀ କରାଯାଇଛି। ସେଠାରେ ଶୁକ୍ରବାର ସକାଳେ ବିଜେଡିର ପ୍ରଦୀପ ପାଣିଗ୍ରାହୀ, ବ୍ରହ୍ମପୁର ଏମପି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ପହଞ୍ଚି କର୍ମୀମାନଙ୍କ ସହ ପ୍ରଚାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଅପରାହ୍ନରେ ରାଜକୁମାରୀ କଲ୍ୟାଣୀଦେବୀ ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କରି ସହରର ରାଜଗୁରୁ ସାହି, ପନ୍ଦରା ସାହି, ଜେନାତୋଟା ସାହି ଆଦି ଅଞ୍ଚଳ ସହ ସହରର ଅନ୍ୟାନ୍ୟ ସ୍ଥାନକୁ ଯାଇ ପ୍ରଚାର କରିଥିଲେ। ତାଙ୍କ ସହ ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ପୂର୍ବତନ ଜିଲା ବିଜେଡି ସଭାପତି ବସନ୍ତ ଦାସ, ସଞ୍ଜୁକ୍ତା ବେହେରାଙ୍କ ସମେତ ବହୁ ସଂଖ୍ୟକ ସମର୍ଥକ ଉପସ୍ଥିତ ଥିଲେ।

## ଦଶମନ୍ତପୁରରେ ବିଏସପିର ପ୍ରଚାର ଆରମ୍ଭ



ଦଶମନ୍ତପୁର, ୨୯।୩(ଡ଼ି.ଏନ.ଏ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ସାପ୍ତାହିକ ହାଟନରେ ବିଏସପି ପ୍ରଚାର ଆରମ୍ଭ କରିଛି। ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ଲାଗି ବିଧାୟକ ପ୍ରାର୍ଥୀ ପୂର୍ବତନ ବିଧାୟକ କୃଷ୍ଣ ସଗରିଆଙ୍କ ସ୍ତ୍ରୀ ଅନିତା ସଗରିଆ ପ୍ରଚାର ଜୋରଦାର ଚଳାଇଛନ୍ତି । ଏହି ପ୍ରଚାରରେ ୧୬ଟି ପଞ୍ଚାୟତର ଜନସାଧାରଣ ଯୋଗ ଦେଇଥିଲେ । ପ୍ରତ୍ୟେକ ଦଳର କାର୍ଯ୍ୟକଳାପକୁ ଇଙ୍ଗିତ କରି ପ୍ରଚାର କରିଥିଲେ। ଏହି ଅବସରରେ ବିଜେଡ଼ି କର୍ମୀ ଚଣାବାଡ଼ ପଞ୍ଚାୟତର ବିରିଟାକ୍ରୀ, ବଳଭଦ୍ର ସାଗର, କୁଡୁମା ଗ୍ରାମର ପାତ୍ର ଖୋସ୍ଲାଙ୍କ ସମେତ ଅନେକ କର୍ମୀ ବିଏସପିରେ ସାମିଲ ହୋଇଛନ୍ତି।

### ■ ଲକ୍ଷ୍ମୀପୁରରେ ବିଜେଡିର ବୈଠକ

## ନିର୍ବାଚନମଣ୍ଡଳୀରେ ଦଳକୁ ଜିତାଇବାକୁ ଆହ୍ୱାନ

ଲକ୍ଷ୍ମୀପୁର, ୨୯।୩(ଡି.ଏନ୍.ଏ.)

ଲକ୍ଷ୍ମୀପୁର ବ୍ଲକ ପଡିଆରେ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀପୁର ବ୍ଲକ ବିଜେଡି ସଭାପତି ଦ୍ରୋଣ ଖୋସ୍ଲାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନି, ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଶିବ ପଟ୍ଟନାୟକ, ଦଶମନ୍ତପୁର ବ୍ଲକ ସଭାପତି ମହେନ୍ଦ୍ର କୁଳଦୀପ, ନାରାୟଣ ପାଟଣା ବ୍ଲକ ସଭାପତି ଜେ.ସାଇରାଜୁ, ବନ୍ଧୁଗାଁ ବ୍ଲକ ସଭାପତି ଜି.ଗଣପତି ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ବିଜୟୀ କରିବାକୁ ସେମାନେ କର୍ମୀଙ୍କୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରାୟଣପାଟଣା ଜିଲା ପରିଷଦ ସଭ୍ୟ ଲଳିତ ପରିଡା, ଲକ୍ଷ୍ମୀପୁର ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗି, ପ୍ରସାଦ ଖରା, ପଞ୍ଚାନନ ଟାକ୍ରି, ପ୍ରକାଶ ଖରାଙ୍କ ସମେତ ନାରାୟଣପାଟଣା, ବନ୍ଧୁଗାଁ, ଲକ୍ଷ୍ମୀପୁର ଏବଂ ଦଶମନ୍ତପୁରର ଶତାଧିକ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ଯୋଗ ଦେବାକୁ ଆସିଥିବା ଦଳୀୟ କର୍ମୀଙ୍କୁ ଖାଇବାକୁ ମିଳି ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।



ବୈଠକରେ ମଞ୍ଚାସୀନ ଦଳୀୟ ନେତା ଓ କର୍ମକର୍ତ୍ତା।

## ସୁନ୍ଦରଗଡ଼ ଜିଲା ସହ-ପର୍ଯ୍ୟବେକ୍ଷକ ହେଲେ ରଶ୍ମିବାଳା ମିଶ୍ର

ଭୁବନେଶ୍ୱର, ୨୯।୩ (ବ୍ୟୁରୋ): ବିଜେଡି ସଭାପତି ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲା ପାଇଁ ସହ-ପର୍ଯ୍ୟବେକ୍ଷକ ଭାବେ ରାଉରକେଲା ପୌରପାଳିକାର ପୂର୍ବତନ ଅଧକ୍ଷା ରଶ୍ମିବାଳା ମିଶ୍ରଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ଦଳର ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

## ଗଜପତି ଜିଲା ସଂଗଠନ ଦାୟିତ୍ୱ ଆମୂଳଚୂଳ ପରିବର୍ତ୍ତନ

ଭୁବନେଶ୍ୱର, ୨୯।୩ (ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗଜପତି ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ମାରୁତ ପାଲଙ୍କୁ ନିଯୁକ୍ତ କରିଛନ୍ତି। ସେହିକ୍ରମରେ କେ. ଆପ୍ପା ରାଓଙ୍କୁ ଗଜପତି ଜିଲା ବିଜେଡି ଉପ-ସଭାପତି, ପ୍ରସନ୍ନ ରଇତ ଓ ସୁନେଶ ରଇତଙ୍କୁ ଜିଲା ବିଜେଡି ସମ୍ପାଦକ, ଡି. ଜଗନ୍ନାଥ ରାଜୁଙ୍କୁ ବିଜୁ କୃଷକ ଜନତା ଦଳ ଜିଲା ସଭାପତି, ଏସ. ଲିଙ୍ଗରାଜୁଙ୍କୁ ବିଜେଡି ଗଜପତି ଜିଲା ସଭାପତି, ଲେଙ୍କା ସୀମାଦ୍ରିଙ୍କୁ ଜିଲା କାର୍ଯ୍ୟକାରୀ ସଭାପତି, ସନ୍ତୋଷ ଜେନାଙ୍କୁ ଜିଲା ଉପ-ସଭାପତି, ଲଳିତ ମୋହନ ପାତ୍ରଙ୍କୁ ଜିଲା ଯୁବ ବିଜେଡି ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି କେ. ଶଙ୍କରଙ୍କୁ ଛାତ୍ର ବିଜେଡି ଗଜପତି ଜିଲା ସଭାପତି, ଜିଯୁଶ୍ୟା ମଣ୍ଡଳଙ୍କୁ ଛାତ୍ର ବିଜେଡି ଉପ-ସଭାପତି, ଦେବ ସାହୁଙ୍କୁ ଛାତ୍ର ବିଜେଡି ସମ୍ପାଦକ, ସଂଯୁକ୍ତା ବେହେରାଙ୍କୁ ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି, ସୁରେନ୍ଦ୍ର ପାଲଙ୍କୁ ବିଜେଡି ସଂଖ୍ୟାଲଘୁ ସେଲ୍ ଜିଲା କାର୍ଯ୍ୟକାରୀ ସଭାପତି, ସୂର୍ଯ୍ୟନାରାୟଣ ରାଜଗୁରୁଙ୍କୁ ପାରଳାଖେମୁଣ୍ଡି ବିଜେଡି ନଗର ସଭାପତି, ରୋକମ ରାମ ପ୍ରସାଦଙ୍କୁ ବିଜେଡି କାଶୀନଗର ବ୍ଲକ ସଭାପତି, ସି.ଏଚ୍. ଈଶ୍ୱର ରାଓଙ୍କୁ ବିଜେଡି ଗୋଷାଣି ବ୍ଲକ ସଭାପତି, ଇନୁସ୍ ଶବରଙ୍କୁ ବିଜେଡି ଗୁମ୍ମା ବ୍ଲକ ସଭାପତି, ରଘୁ ରାମ ସାହୁଙ୍କୁ ବିଜେଡି କାଶୀନଗର ଏନ୍ଏସି ସଭାପତି, କେ. ଭେଙ୍କଟ ରାଓଙ୍କୁ ବିଜେଡ଼ି କାଶୀନଗର ଏନ୍ଏସି ଉପ-ସଭାପତି, କେ. ତ୍ରିପତି ରାଓଙ୍କୁ ଯୁବ ବିଜେଡି କାଶୀନଗର ଏନ୍ଏସି ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ଇସ୍ତାହାର ଜରିଆରେ ଏନେଇ ସୂଚନା ଦେଇଛନ୍ତି।

## ନବୀନ ନିବାସରେ ଭିଡ଼



ନବୀନ ନିବାସରେ ଶୁକ୍ରବାର ଟିକେଟ ପାଇଥିବା ନେତାଙ୍କ ଭିଡ଼।



ଶୁକ୍ରବାର ବିଜେଡିରେ ଯୋଗ ଦେଇଥିବା ଅନ୍ୟ ଦଳର ନେତ୍ରୀ, ନେତା ।

# ୧୫ ବର୍ଷ ପରେ ପ୍ରତ୍ୟକ୍ଷ ରାଜନୀତିରେ କେପି

ଢେଙ୍କାନାଳ ଅଫିସ, ୨୯।୩

■ ଭାଜପା, କଂଗ୍ରେସ ଚିତ୍ର ସ୍ପଷ୍ଟ
■ ଝୁଲାଇ ରଖିଛି ବିଜେଡି

ପୁଣିଥରେ ଢେଙ୍କାନାଳ ରାଜପରିବାର ଉପରେ ଭରସା କରିଛି କଂଗ୍ରେସ। ଦଳର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କାମାକ୍ଷାପ୍ରସାଦ ସିଂଦେଓ (କେପି)ଙ୍କୁ ମିଳିଛି ଲୋକସଭା ଟିକେଟ। ନୂଆ ସୀମାକରଣ ଆଶାରେ ଦୀର୍ଘ ୧୫ବର୍ଷ ପରେ କେପି ପ୍ରତ୍ୟକ୍ଷ ରାଜନୀତିକୁ ଫେରିଥିବାବେଳେ ଢେଙ୍କାନାଳ ଲୋକ ସଭା ଲଢ଼େଇ ତୀବ୍ର ହେବ ବୋଲି ଚର୍ଚ୍ଚା ହେଉଛି।

୨୦୦୪ ଲୋକ ସଭା ନିର୍ବାଚନରେ କଂଗ୍ରେସରୁ ଏମ୍ପି ପ୍ରାର୍ଥୀ ହୋଇଥିଲେ କାମାକ୍ଷାପ୍ରସାଦ। ହେଲେ ତାଙ୍କୁ ସଫଳତା ମିଳି ନ ଥିଲା। ଏହାପରେ ସେ ଦଳ ସହ ସଂଶ୍ଳିଷ୍ଟ ଥିଲେ ମଧ୍ୟ ନିଜକୁ ପ୍ରତ୍ୟକ୍ଷ ରାଜନୀତିରୁ ଦୂରେଇ ରଖିଥିଲେ। ୧୯୬୭ରେ କେପି ସ୍ୱତନ୍ତ୍ର ପାର୍ଟିରୁ ଏମ୍ପି ଭାବେ ବିଜୟୀ ହୋଇଥିଲେ। ଏହାପରେ ୧୯୮୦, ୧୯୮୪, ୧୯୯୧, ୧୯୯୬, ୧୯୯୯ରେ ସେ କଂଗ୍ରେସ ପ୍ରାର୍ଥୀ ଭାବେ ବାଜିମାତ୍ କରିଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ପି.ଭି. ନରସିଂହ ରାଓଙ୍କ ମନ୍ତ୍ରିମଣ୍ଡଳରେ ପ୍ରତିରକ୍ଷା, ସୂଚନା ପ୍ରସାରଣ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଦାୟିତ୍ୱରେ ରହି କେପି ନିଜର ଦକ୍ଷତା ପ୍ରତିପାଦନ କରିଛନ୍ତି। ୨୦୧୯ ନିର୍ବାଚନରେ ତାଙ୍କୁ ପୁଣି ଥରେ ସୁଯୋଗ ମିଳିଥିବାରୁ ଏହା ତାଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି।

ଅପରପକ୍ଷେ ଢେଙ୍କାନାଳ ଲୋକ ସଭା ଆସନକୁ ଝୁଲାଇ ରଖିଛି ବିଜେଡି। ଦଳ କାହାକୁ ପ୍ରାର୍ଥୀ କରିବ ସେ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରୁନାହିଁ। କଂଗ୍ରେସ କେପିଙ୍କୁ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇ ଗୋଟିଚାଳନା କରିଥିବାବେଳେ ବିଜେଡି ଆଶାୟୀ ଦୌଡ଼ରେ ଥିବା ତାଙ୍କ ପୁତ୍ରବଧୂ ତଥା ଜ୍ୟେଷ୍ଠ ପୁତ୍ର ଅମରଜ୍ୟୋତି ସିଂଦେଓଙ୍କ ସ୍ତ୍ରୀ ମିନାଲ କୁମାରୀଙ୍କ ପ୍ରାର୍ଥିତ୍ୱକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ବିଧାୟକ ସରୋଜ କୁମାର ସାମଲଙ୍କ ସ୍ତ୍ରୀଙ୍କୁ ବିଜେଡି ଲୋକ ସଭା ଆସନରୁ ପ୍ରାର୍ଥୀ କରିପାରେ ବୋଲି ସହରରେ ଚର୍ଚ୍ଚା ହେଉଛି। ବିଜେଡି ମହିଳା କାର୍ଡ ଖେଳି ସମସ୍ତଙ୍କୁ ଅକଳରେ ପକାଇପାରେ ବୋଲି ଯେଉଁ ଆଲୋଚନା ହେଉଛି, ଏହି ପ୍ରସଙ୍ଗ ତାକୁ ଅଧିକ ରୋଚକ କରିଛି।

ସେହିପରି ଭାଜପା ପକ୍ଷରୁ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି ଏମ୍ପି ପ୍ରାର୍ଥୀ ହୋଇଛନ୍ତି। କେପି ଏବଂ ରୁଦ୍ରନାରାୟଣ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାବେଳେ ବିଜେଡି ନୂଆ ମୁହଁ ଦେଇପାରେ ବୋଲି ଆଲୋଚନା ଜୋର୍ ଧରିଛି। ଏହାକୁ ନେଇ ନିର୍ବାଚନ ବାତାବରଣ ବେଶ୍ ସରଗରମ ହୋଇଛି। ଏ ନେଇ କେପିଙ୍କ ମତାମତ ମିଳିପାରିନାହିଁ।

## ମୀରା ପରିଡ଼ା ହେଲେ ବିଜେଡି ଉପସଭାପତି



ଭୁବନେଶ୍ୱର, ୨୯।୩ (ବ୍ୟୁରୋ)

ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ମୀରା ପରିଡାଙ୍କୁ ଦଳର ଉପସଭାପତି ଭାବେ ଦାୟିତ୍ୱ ମିଳିଛି। କିଛିଦିନ ତଳେ ମୀରା ନବୀନ ନିବାସ ଆସି ବିଜେଡିରେ ଯୋଗ ଦେଇଥିଲେ। ସେହିପରି ଗଜପତି ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଭାବେ ସଂଯୁକ୍ତା ବେହେରାଙ୍କୁ ନିଯୁକ୍ତି ମିଳିଛି। ବିଜେଡି ରାଜ୍ୟ ମହିଳା ସଭାନେତ୍ରୀ ମୀନତି ବେହେରା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହି ସୂଚନା ଦେଇଛନ୍ତି।

# ନାମାଙ୍କନ ପତ୍ର ଦାଖଲକଲେ ବିଜେଡି ପ୍ରାର୍ଥୀ ରାସେଶ୍ୱରୀ ପାଣିଗ୍ରାହୀ

ସମ୍ବଲପୁର, ୨୯।୩ (ବ୍ୟୁରୋ)

ସମ୍ବଲପୁର ବିଧାନସଭା କ୍ଷେତ୍ର ସକାଶେ ବିଜୁ ଜନତା ଦଳ ପ୍ରାର୍ଥିନୀ ରାସେଶ୍ୱରୀ ପାଣିଗ୍ରାହୀ ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅପରାହ୍ନରେ ସେ ସମ୍ବଲପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପ୍ରଦୀପ କୁମାରଙ୍କ ପାଖରେ ୨ ସେଟ୍ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରସ୍ତାବକ ଭାବେ ପୂର୍ବତନ ରାଜ୍ୟ ସଭା ଏମ୍ପି ପ୍ରମିଳା ବହିଦାର ଓ ଡା. କବିରଦାସ ପୁରୋହିତ ରହିଛନ୍ତି। ଏହି ସମୟରେ ସମ୍ବଲପୁର ବିଜେଡି ଲୋକସଭା ପ୍ରାର୍ଥୀ ନଳିନୀ ପ୍ରଧାନ, ରାସେଶ୍ୱରୀଙ୍କ ରାଜନୈତିକ ଏଜେଣ୍ଟ ସୁବାସ ପାଣିଗ୍ରାହୀ ଉପସ୍ଥିତ ଥିଲେ। ରାସେଶ୍ୱରୀ ଖବରଦାତାଙ୍କୁ କହିଥିଲେ ଯେ, ସେ ରାଜନୀତିକୁ ଦୃଢ଼ ସଂକଳ୍ପ ଓ ପ୍ରତିବଦ୍ଧତା ନେଇ ଆସିଛନ୍ତି। ବିଗତ ୫ବର୍ଷ ଧରି ସେ ଜନସେବାରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ଆଗାମୀ ଦିନରେ ସମ୍ବଲପୁର ବିଧାନସଭା କ୍ଷେତ୍ର ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ସେହି ଲକ୍ଷ୍ୟ ରଖିଛନ୍ତି। ସକାଳେ ସେ ବୁର୍ଲା ସ୍ଥିତ ଜଗନ୍ନାଥ ମନ୍ଦିର, କ୍ରିଷ୍ଟାନଗରସ୍ଥିତ ହନୁମାନ ମନ୍ଦିରରେ ଦର୍ଶନ କରିଥିଲେ। ପୂର୍ବାହ୍ନରେ ସମ୍ବଲପୁର ଇଷ୍ଟଦେବୀ ମାଁ ସମଲେଶ୍ୱରୀଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ମଧ୍ୟାହ୍ନ ୧୨ଟାରେ ବାଲିବନ୍ଧା ଛକଠାରୁ ଶୋଭାଯାତ୍ରା ବାହାରି କୁଞ୍ଜେଲପଡା ଛକ, ଝାଡୁଆପଡା, ନନ୍ଦପଡା, ମାରୱାଡି ପଡା, ହାଟପଡା, ଦଲେଇପଡା, ମ୍ୟୁନିସିପାଲିଟି ଛକ, କଚେରି ରୋଡ, କଚେରୀ ଛକ ପରିକ୍ରମା କରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିଥିଲା। ବିଭିନ୍ନ ଛକ ଗୁଡିକରେ ମହିଳା ଓ ପୁରୁଷମାନେ ବିଧାୟିକାଙ୍କୁ ସ୍ୱାଗତ କରିଥିଲେ। ନବୀନ ପଟ୍ଟନାୟକ ଜିନ୍ଦାବାଦ୍, ବିଜେଡି ଜିନ୍ଦାବାଦ ଧ୍ୱନିରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ନେତା ପ୍ରଶାନ୍ତ ହାଓ, ଅତାବିରାର ଗୁଣନିଧି କର୍ମୀ, ଆନନ୍ଦ ଜେନା, ଗୁରଜିନ୍ଦର କୌର, ରାଜେଶ୍ୱରୀ ଜେନା, ମହମ୍ମଦ ସନାୱଲା, ମହମ୍ମଦ ଶୁଭମ, ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ଗୋକୁଳ ମେହେର, ମନୋଜ ମହାପାତ୍ର, ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ଦେବାଶିଷ ନନ୍ଦ, ଡା. ସୁମିତ୍ରା ଅଗ୍ରୱାଲ, ରେଣୁବାଳା ମରେଇ, ଆରଏ ଶିବକୁମାର, ସୁଭାଷ ଜେନା, ବସନ୍ତ ମିଶ୍ର, ଆନନ୍ଦ ବଡଗାୟାଁ, ଫାଦର୍ ଫିଲିପ୍, ସୁରଜିଦ ସିଂ, କାହ୍ନୁଚରଣ ମିଶ୍ର, ହୀରାକୁଦ ଟାଉନ ସଭାପତି ଶାନ୍ତନୁ କୁମାର ବଡପଣ୍ଡା ପ୍ରମୁଖ ନେତା ଓ କର୍ମୀ ସାମିଲ ଥିଲେ।



ଶୁକ୍ରବାର ସମ୍ବଲପୁର ଉପଜିଲାପାଳଙ୍କ ଅଫିସରେ ବିଜେଡି ପ୍ରାର୍ଥିନୀ ରାସେଶ୍ୱରୀ ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ପୁରୀରୁ ପ୍ରାର୍ଥିପତ୍ର ଦାଖଲ କଲେ ସମ୍ବିତ୍

## ପିପିଲିରୁ ଆଶ୍ରିତ, ସତ୍ୟବାଦୀରୁ ଓମ୍‌ପ୍ରକାଶ ବି ଦାଖଲ କଲେ

ପୁରୀ ଅଫିସ, ୨୯।୩

ଗୁରୁତ୍ୱପୂର୍ଣ୍ଣ ପୁରୀ ଲୋକ ସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଗୁରୁବାରଠାରୁ ଆରମ୍ଭ ହୋଇଛି ନାମାଙ୍କନ ଦାଖଲ। ପ୍ରଥମ ଦିନରେ ସିପିଆଇ (ଏମ୍ଏଲ୍) ଲିବରେଶନର ଦୁଇଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିଲେ। ଶୁକ୍ରବାର ଭାଜପାର ପୁରୀ ଲୋକ ସଭା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ରଙ୍କ ସମେତ ମୋଟ ୪ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅନ୍ୟ ୩ ପ୍ରାର୍ଥୀ ହେଲେ ପିପିଲି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମିଶ୍ର ଓ ପିପିଲି ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ସମ୍ବିତ ପଟ୍ଟନାୟକ। ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ରିଟର୍ନିଂ ଅଫିସର ତଥା ପୁରୀ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ନିକଟରେ, ଆଶ୍ରିତ, ଓମ୍‌ପ୍ରକାଶ ଏବଂ ସ୍ୱାଧୀନ ପ୍ରାର୍ଥୀ ସମ୍ବିତ୍ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।



ଭାଜପା ଲୋକସଭା ପ୍ରାର୍ଥୀ ସମ୍ବିତ୍ ପାତ୍ର ଅନ୍ୟ ନେତାଙ୍କ ସହ ନାମାଙ୍କନ ପତ୍ର ଦାଖଲ ପାଇଁ ଯାଉଛନ୍ତି।

ଲୋକ ସଭା ପ୍ରାର୍ଥୀ ସମ୍ବିତ୍ ପ୍ରଥମେ ସମର୍ଥକଙ୍କ ସହ ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ଦକ୍ଷିଣକାଳୀ ମନ୍ଦିରକୁ ଯାଇ ସେଠାରେ ଦର୍ଶନ ସାରି ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିରେ ପହଞ୍ଚିଥିଲେ। ପିପିଲିର ଭାଜପା ପ୍ରାର୍ଥୀ ଆଶ୍ରିତ ଏବଂ ସତ୍ୟବାଦୀର ଓମ୍‌ପ୍ରକାଶ ପହଞ୍ଚିବା ପରେ ସେମାନଙ୍କର ମିଳିତ ଶୋଭାଯାତ୍ରା ବାହାରିଥିଲା। ଏକ ସୁସଜ୍ଜିତ ଖୋଲା ଗାଡିରେ ସମ୍ବିତ୍‌ଙ୍କ ସହ ଓମ୍‌ପ୍ରକାଶ, ବ୍ରହ୍ମଗିରି ଭାଜପା ପ୍ରାର୍ଥୀ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରଣପୁରର ଭାଜପା ପ୍ରାର୍ଥିନୀ ସୁରମା ପାଢୀଙ୍କ ସମେତ ଦଳୀୟ ନେତା ଓ କର୍ମୀ ରହିଥିଲେ। ସେହିପରି ଅନ୍ୟ ଏକ ଜିପ୍‌ରେ ଆଶ୍ରିତ ପଟ୍ଟନାୟକ ଏବଂ ତାଙ୍କ ସମର୍ଥକ ଥିଲେ। ଗୁଣ୍ଡିଚା ମନ୍ଦିରଠାରୁ ବାହାରିଥିବା ଶୋଭାଯାତ୍ରାରେ ନାଗା ଓ ମେଢ ନୃତ୍ୟ ସାଙ୍ଗକୁ ଘଣ୍ଟ ବାଦ୍ୟର ତାଳେ ତାଳେ ଶହ ଶହ ସଂଖ୍ୟାରେ ସମର୍ଥକ ସାମିଲ ହୋଇଥିଲେ। ଅପରାହ୍ନ ପ୍ରାୟ ୨ଟା ୨୫ ସୁଦ୍ଧା ପ୍ରାର୍ଥୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ପ୍ରାର୍ଥୀପତ୍ର ଦାଖଲ ପରେ ସମ୍ବିତ ପାତ୍ର କହିଥିଲେ ଯେ, ଓଡ଼ିଶା ତଥା ପୁରୀ ଜନସାଧାରଣଙ୍କ ଆଶୀର୍ବାଦରୁ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆଜିର ଶୋଭାଯାତ୍ରା ହିଁ ଲୋକଙ୍କ ଭିତରେ ଥିବା ଉତ୍ସାହ ପ୍ରମାଣିତ କରିଛି। ଏହି ପବିତ୍ର ସହର ଯେଉଁଭଳି ଅପରାଧୀଙ୍କ ଆଡ୍ଡାସ୍ଥଳୀ ପାଲଟିଛି ତାହା ବନ୍ଦ ହେଉ। ପରିବର୍ତ୍ତନ ଆସିଲେ ହିଁ ଏହି ଆଶା ପୂରଣ ହୋଇପାରିବ ବୋଲି ସେ କହିଥିଲେ। ପିପିଲି ଭାଜପା ପ୍ରାର୍ଥୀ ଆଶ୍ରିତ କହିଥିଲେ, ଏକ ସୁସ୍ଥ ଡେଲାଙ୍ଗ-ପିପିଲି ଗଠନ ଲାଗି ଆଜି ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇଛନ୍ତି। ୨୦୧୯ ନିର୍ବାଚନ ପିପିଲି ନିର୍ବାଚନମଣ୍ଡଳୀରେ ନିଶ୍ଚିତ ପରିବର୍ତ୍ତନ ଆଣିବ। ସତ୍ୟବାଦୀର ଭାଜପା ପ୍ରାର୍ଥୀ ଓମ୍‌ପ୍ରକାଶ ମଧ୍ୟ ଏଥର ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ଆସିବ ଏବଂ ସେ ବିଜୟୀ ହେବେ ବୋଲି କହିଥିଲେ।

# ତ୍ରିମୁଖୀ ଲଢ଼େଇ ପାଇଁ ରଣକ୍ଷେତ୍ର ପ୍ରସ୍ତୁତ

## କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ

କଳାହାଣ୍ଡି ଲୋକ ସଭା ଆସନ ପାଇଁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିବା ପରେ ନାମାଙ୍କନପତ୍ର ଦାଖଲ ମଧ ଶେଷ ହୋଇଛି। ମାର୍ଚ୍ଚ ୨୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ତାରିଖ ବି ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୧୧ରେ ଏହି ଆସନ ପାଇଁ ଭୋଟ ଗ୍ରହଣ କରାଯିବ। ସେଥିପାଇଁ ପ୍ରାର୍ଥୀମାନେ ନିଜ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। କଂଗ୍ରେସ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେଡିରୁ ଧର୍ମଗଡ଼ ବିଧାୟକ ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ଏବଂ ଭାଜପାରୁ ନୂଆପଡା ବିଧାୟକ ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡାଙ୍କୁ ପ୍ରାର୍ଥୀ କରିଛି। ଉପରୋକ୍ତ ୩ ହେଭିଓ୍ୱେଟ୍ ନେତାଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ। ଏଥିପାଇଁ ରଣକ୍ଷେତ୍ର ପ୍ରସ୍ତୁତ ରହିଛି ବୋଲି ଏଠାରେ ଚର୍ଚ୍ଚା ଜୋର ଧରିଛି।

ଭକ୍ତ ଚରଣ ଦାସ ୧୯୮୫ରେ ଜନତା ଦଳରୁ ପ୍ରଥମେ ବିଧାୟକ ହୋଇଥିଲେ । ୧୯୮୯ ନିର୍ବାଚନରେ ଜନତା ଦଳରୁ ଏମ୍‌ପି ହୋଇଥିଲେ । ୧୯୯୦ରେ ତାଙ୍କୁ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ପଦ ମିଳିଥିଲା। ସେହି ବର୍ଷ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଲୋକ ସଭାରେ ଆସ୍ଥା ଭୋଟରେ ପରାଜିତ ହେବା ପରେ ଚନ୍ଦ୍ରଶେଖର ପ୍ରଧାନମନ୍ତ୍ରୀ ହୋଇଥିଲେ। ଭକ୍ତଙ୍କୁ ତାଙ୍କ ମନ୍ତ୍ରିମଣ୍ଡଳରେ ରେଳ ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ମିଳିଥିଲା । ୧୯୯୬ରେ ଭକ୍ତ ସମତା ପାର୍ଟିରୁ ପୁଣିଥରେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ । ତେବେ ଭକ୍ତ ୧୯୯୮, ୧୯୯୯ ଓ ୨୦୦୪ ନିର୍ବାଚନରେ କଂଗ୍ରେସରୁ ଏମ୍‌ପି ପ୍ରାର୍ଥୀ ଭାବେ ପରାଜିତ ହୋଇଥିବା ବେଳେ ୨୦୦୯ରେ ବିଜୟୀ ଏବଂ ୨୦୧୪ ନିର୍ବାଚନରେ ପରାଜିତ ହୋଇଥିଲେ। ସେ ଏଆଇସିସିର ସମ୍ପାଦକ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ଆସିଛନ୍ତି । ବର୍ତ୍ତମାନ ସେ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଅଛନ୍ତି । ଭକ୍ତଙ୍କ କହିବା କଥା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ନୀତିରେ ବୁଡି ରହିଛନ୍ତି। ଚାଷୀଙ୍କୁ ଅବହେଳା କରାଯାଉଥିବା ବେଳେ ରାଜ୍ୟରେ ବେକାରି ସମସ୍ୟା ବୃଦ୍ଧି ପାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ସବୁ ସମସ୍ୟାର ସମାଧାନ ହେବ। ଏଥି ସହିତ ଜିଲାର ବିଭିନ୍ନ ସମସ୍ୟା ରହିଛି। ଆମେ ଲୋକଙ୍କ ପାଖରେ ପହଞ୍ଚି ସେ ସବୁର ସମାଧାନ କରିବୁ। ଭାଜପା ପ୍ରାର୍ଥୀ ବସନ୍ତ କୁମାର ପଣ୍ଡା ନୂଆପଡା ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୦–୨୦୦୪ ଓ ୨୦୧୪ରୁ ଅଦ୍ୟାବଧି ବିଧାୟକ ଅଛନ୍ତି। ୧୯୯୨ରେ ଅବିଭକ୍ତ କଳାହାଣ୍ଡି ଜିଲା ଭାଗ ହୋଇ ନୂଆପଡା ଜିଲା ଗଠିତ ହୋଇଥିଲା। ନୂଆପଡା କଳାହାଣ୍ଡି ଲୋକସଭା କ୍ଷେତ୍ରର ଅନ୍ୟତମ ବିଧାନସଭା ନିର୍ବାଚନମଣ୍ଡଳୀ । ନୂଆପଡା ଜିଲା ଗଠନ ହେବାର ୨୪ ବର୍ଷ ମଧ୍ୟରେ ନୂଆପଡା ଜିଲାରୁ କୌଣସି ଜଣେ ବ୍ୟକ୍ତି ଲୋକ ସଭାକୁ ନିର୍ବାଚିତ ହୋଇନାହାନ୍ତି। ବର୍ତ୍ତମାନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହୋଇଥିବାରୁ ଭାଜପା କର୍ମୀଙ୍କ ମଧ୍ୟରେ ନୂଆ ଆଶା ସୃଷ୍ଟି ହୋଇଛି। ଏ ନେଇ ବସନ୍ତ ପଣ୍ଡା କୁହନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ରହିଛି। କେନ୍ଦ୍ରର ଏନଡିଏ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତାକୁ ଲୋକେ ଅନୁଭବ କରିଛନ୍ତି। ଏହି ବାର୍ତ୍ତାକୁ ନେଇ ଲୋକଙ୍କ ପାଖକୁ ଯିବି। ନିଶ୍ଚିତ ବିଜୟ ହାସଲ କରିବି।

ଧର୍ମଗଡ ବିଧାୟକ ତଥା ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ ବିଜେଡିର ଲୋକସଭା ପ୍ରାର୍ଥୀ ହୋଇଛନ୍ତି। ସିଂହଦେଓ ଜଣେ ଅଭିଜ୍ଞ ରାଜନୀତିଜ୍ଞ। ତାଙ୍କ ବାପା ଚନ୍ଦ୍ରଭାନୁ ସିଂହଦେଓ ସ୍ୱତନ୍ତ୍ର ପାର୍ଟିରୁ ୧୯୭୪–୭୭ ପର୍ଯ୍ୟନ୍ତ କୋକସରା ବିଧାୟକ ଥିଲେ। ଚନ୍ଦ୍ରଭାନୁଙ୍କ ପରଲୋକ ପରେ ତାଙ୍କ ସ୍ତ୍ରୀ ତଥା ପୁଷ୍ପେନ୍ଦ୍ରଙ୍କ ମା'ରୋଶନୀ ସିଂହଦେଓ ୧୯୯୫–୨୦୦୦ ପର୍ଯ୍ୟନ୍ତ ଜନତା ଦଳରୁ ବିଧାୟିକା ଥିବା ବେଳେ ୨୦୦୦–୨୦୦୪ ପର୍ଯ୍ୟନ୍ତ ବିଜେଡିରୁ ବିଧାୟକ ଥିଲେ। ରୋଶନୀ ବିଧାୟକ ଥିବା ବେଳେ ତାଙ୍କ ସମସ୍ତ ରାଜନୈତିକ ଓ ପ୍ରଶାସନିକ କାର୍ଯ୍ୟ ତାଙ୍କ ପୁଅ ପୁଷ୍ପେନ୍ଦ୍ର ତୁଲାଉଥିଲେ। ପରେ ପୁଷ୍ପେନ୍ଦ୍ର ୨୦୦୪–୨୦୦୯ ପର୍ଯ୍ୟନ୍ତ କୋକସରା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡିରୁ ବିଧାୟକ ହୋଇଥିଲେ। ୨୦୦୯ରେ ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ପରେ କୋକସରା ନିର୍ବାଚନମଣ୍ଡଳୀ ଉଚ୍ଛେଦ ହୋଇଯାଇଥିଲା। ସୀମାନିର୍ଦ୍ଧାରଣପରେ ୨୦୦୯–୨୦୧୪ ଓ ୨୦୧୪ରୁ ଅଦ୍ୟାବଧି ପୁଷ୍ପେନ୍ଦ୍ରସିଂହଦେଓ ବିଜେଡିରୁ ଲଗାତର ଭାବେ ୨ ଥର ଧର୍ମଗଡ ବିଧାୟକ ହୋଇଛନ୍ତି। ସେ ୨ ଥର ମନ୍ତ୍ରୀ ହେବା ସହିତ ବିଜେଡିର ଜିଲା ସଭାପତି ଅଛନ୍ତି। ପୁଷ୍ପେନ୍ଦ୍ର କୁହନ୍ତି, ଦୀର୍ଘବର୍ଷ ଧରି ଲୋକଙ୍କ ପାଇଁ କାମ କରିଆସୁଛି। ତେଣୁ ଜନସାଧାରଣ ମୋ ସହ ଅଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ବଡପୁଞ୍ଜି ହୋଇଥିବାରୁ ଆଗାମୀ ନିର୍ବାଚନରେ ମୁଁ ନିଶ୍ଚିତ ବିଜୟ ଲାଭ କରିବି ବୋଲି ଆଶା ରଖିଛି। ଉପରୋକ୍ତ ଦୃଷ୍ଟିରୁ ବିଚାର କଲେ ଆଗାମୀ ଲୋକସଭା ନିର୍ବାଚନରେ ଭକ୍ତ, ପୁଷ୍ପେନ୍ଦ୍ର ଓ ବସନ୍ତଙ୍କ ମଧ୍ୟରେ ତ୍ରିମୁଖୀ ଲଢ଼େଇ ହେବ । ତେବେ ଏହି ଆସନ ପାଇଁ ପ୍ରେମାଲାଲ ବାଗ ବିଏସ୍‌ପି, କମଳିନୀ ଯାଦବ ସ୍ୱାଧୀନ, ଛବିଲାଲ ନିଆଲ ଏପିଆଇ ଓ ହାତୀରାମ ଦୁର୍ଗା ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନରେ ଅଛନ୍ତି।




କଂଗ୍ରେସ ପ୍ରାର୍ଥୀ ଭକ୍ତ ଚରଣ ଦାସ


ଭାଜପା ପ୍ରାର୍ଥୀ ବସନ୍ତ କୁମାର ପଣ୍ଡା


ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ

# ନାମାଙ୍କନ ପ୍ରତ୍ୟାହାର କଲେ ମିନତି

## ଦଳ ପାଇଁ କାମ କରିବାକୁ ପରାମର୍ଶ

ରାଉରକେଲା ଅଫିସ,୨୯।୩

ରାଉରକେଲା ବିଧାନସଭା କ୍ଷେତ୍ର ବିଜେଡି ପ୍ରାର୍ଥିତ୍ୱକୁ ବିରୋଧ କରି ନାମାଙ୍କନ ଦାଖଲ କରିଥିବା ମହିଳା ନେତ୍ରୀ ମିନତି ଦେବତା ଦଳୀୟ ହସ୍ତକ୍ଷେପ ପରେ ଶୁକ୍ରବାର ନାମାଙ୍କନ ପ୍ରତ୍ୟାହାର କରିଛନ୍ତି। ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। କେଉଁ ପରିସ୍ଥିତିରେ ଓ କାହିଁକି ପ୍ରାର୍ଥିପତ୍ର ଦାଖଲ କରିଥିଲେ ସେ ବାବଦରେ ଉପରିସ୍ଥ ନେତାଙ୍କୁ ଅବଗତ କରାଇଛି। ସୁନ୍ଦରଗଡ଼ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ହୋଇଥିବା ସୁନୀତା ବିଶ୍ୱାଳଙ୍କ ପାଇଁ ତାଙ୍କୁ କାମ କରିବାକୁ ପରାମର୍ଶ ଦିଆଯାଇଛି। ଏନେଇ ସୁନ୍ଦରଗଡ଼ ଜିଲାରେ ବୁଲି ସୁନୀତାଙ୍କ ପାଇଁ କାମ କରିବି ବୋଲି ମିନତି କହିଛନ୍ତି। ଆର୍‌ଡିଏ ଅଧ୍ୟକ୍ଷ ପଦ ସମ୍ପର୍କରେ ପ୍ରଶ୍ନ କରିବାରୁ ମିନତି କହିଥିଲେ, ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ସେନେଇ ଦଳ ସଭାପତି କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ବର୍ତ୍ତମାନ ଦଳର ନିର୍ଦ୍ଦେଶ ଅନୁସାରେ ଜଣେ ଶୃଙ୍ଖଳିତ ସଭ୍ୟ ପରି କାମ କରିବି। ବିଶ୍ୱାସ ରହିଛି ମିଳିଥିବା ପ୍ରତିଶ୍ରୁତି ନିଶ୍ଚିତ ପୂରଣ ହେବ ବୋଲି ସେ କହିଛନ୍ତି। ବିଦ୍ରୋହୀ ଭାବେ ନାମାଙ୍କନ ଦାଖଲ କରିଥିବା ମିନତି ନିଜ ଜିଦରୁ ଓହରିଯିବା ପରେ ଦଳୀୟ ପ୍ରାର୍ଥୀ ସାରଦାଙ୍କ ସମର୍ଥକମାନେ କିଛିମାତ୍ରାରେ ଆଶ୍ୱସ୍ତ ହୋଇଛନ୍ତି। ତଥାପି ନିର୍ବାଚନ ମଇଦାନରେ ଅନ୍ୟ ଜଣେ ଅସନ୍ତୁଷ୍ଟ ଯୁବ ପ୍ରାର୍ଥୀ ବିକାଶ ମାନସିଂ ପ୍ରାର୍ଥିପତ୍ର ପ୍ରତ୍ୟାହର କରି ନାହାନ୍ତି। ବିଦ୍ରୋହୀ ପ୍ରାର୍ଥୀ ମିନତି ଓହରିଯିବା ପରେ ସାରଦାଙ୍କ ପାଇଁ ଅନ୍ୟ ବିରୋଧୀଙ୍କୁ ମୁକାବିଲା କରିବା କଷ୍ଟକର ହେବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ମହିଳା ନେତ୍ରୀ ମିନତି ଦେବତା ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଉଛନ୍ତି।

# ବିଜେଡିରେ ମିଶିଲେ ୯ ଭାଜପା ଜିଲା ପରିଷଦ ସଭ୍ୟ

ସୋହେଲା/ପଦ୍ମପର, ୨୯।୩(ଡି.ଏନ.ଏ.)

ଗୁରୁବାର ରାତିରେ ଭାଜପାରୁ ଇସ୍ତଫା ଦେଇଥିବା ବରଗଡ ଜିଲାର ୯ଜଣ ଜିଲା ପରିଷଦ ସଭ୍ୟ ବିଜେଡିରେ ଯୋଗ ଦେଇଛନ୍ତି । ସେମାନେ ହେଲେ ସଂଯୁକ୍ତା ମାଝି, ଅଞ୍ଜଳି ଭୋଇ, ସୁଜାତା ବାରିକ, ବିଳାସିନୀ ମେହେର, ବିଶ୍ୱକାନ୍ତି ଭୋଇ, ସୁଷମା ଭୁଏ, ପଞ୍ଚାନନ ମିର୍ଦ୍ଧା, ପାର୍ବତୀ ଭୋଇ ଓ ଉମେଶ ଚନ୍ଦ୍ର ବେହେରା ।

ଶୁକ୍ରବାର ପଦ୍ମପୁର ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ନିରାଡମ୍ବର ସଭାରେ ବିଜେଡି ବରଗଡ ଜିଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହା, ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ନାରାୟଣ ସାହୁ ଓ ଯୁବନେତା ସୁବ୍ରତ ସିଂଙ୍କ ଉପସ୍ଥିତିରେ ଜିଲା ପରିଷଦ ସଦସ୍ୟା ସଦସ୍ୟମାନେ ଦଳରେ ଯୋଗ ଦେଇଥିଲେ । ଜିଲା ସଭାପତି ବରିହା ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନିଃସ୍ୱାର୍ଥପର ଭାବେ ଦଳ ଓ ଜନସାଧାରଣଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଥିଲେ । ଭାଜପାରୁ ଇସ୍ତଫା ଦେଇଥିବା ସଂଯୁକ୍ତା ମାଝି ତାଙ୍କ ପ୍ରତିକ୍ରିୟାରେ କହିଥିଲେ, ବରଗଡ ଜିଲାରେ ଭାଜପା ତା'ର ସମସ୍ତ ନୀତିକୁ ଜଳାଞ୍ଜଳି ଦେଇ ସାରିଛି । ଫଳରେ ଦଳରେ କାର୍ଯ୍ୟ କରିବା ସମ୍ଭବପର ନୁହେଁ । ସ୍ଥାନୀୟ ଭାଜପା ନେତାମାନେ ସମସ୍ତଙ୍କୁ ହତାଦର କରିବା ସହ ଅଞ୍ଚଳର ବିକାଶକୁ ପଥଚ୍ୟୁତ କରୁଛନ୍ତି । ଏଣୁ ବାଧ୍ୟ ହୋଇ ଆମେମାନେ ଭାଜପାରୁ ଇସ୍ତଫା ଦେବା ସହିତ ବରଗଡ ଜିଲାର ସାମୂହିକ ବିକାଶ ପାଇଁ ବିଜେଡିରେ କୌଣସି ସର୍ତ୍ତ ନ ରଖି ଯୋଗଦାନ କରିଛୁ । ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ମିଶ୍ରଣପର୍ବ ପରେ ନୂତନ ଭାବେ ଯୋଗ ଦେଇଥିବା ଜିଲା ପରିଷଦ ସଭ୍ୟମାନେ ଭୁବନେଶ୍ୱର ନବୀନ ନିବାସ ଯିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷେ ଇସ୍ତଫା ଦେଇଥିବା ଭାଜପା ଜିଲା ଉପସଭାପତି ପ୍ରଶାନ୍ତ ମାଝି ଏହି ମିଶ୍ରଣ ପର୍ବରେ ଯୋଗଦେଇ ନ ଥିଲେ । ପ୍ରଫୁଲ୍ଲ ପଧାନ, କାର୍ତ୍ତିକ ନାଗ, ଲିଙ୍ଗ ଗୁରୁ, ଧୀରେନ୍ଦ୍ର ବେହେରା, ପରମାନନ୍ଦ ସା, ପ୍ରୀତମ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।୯ ଜିଲା ପରିଷଦ ସଭ୍ୟ ଦଳ ଛାଡିବା ପରେ ବରଗଡ଼ ଜିଲା ପରିଷଦ ଗଠନ କରିଥିବା ଭାଜପାର ଭବିଷ୍ୟତ ପ୍ରତି ଆଶଙ୍କା ସୃଷ୍ଟି ହେଇଛି।



ଭାଜପାରୁ ଇସ୍ତଫା ଦେଇଥିବା ୯ଜଣ ଜିଲା ପରିଷଦ ସଭ୍ୟ ବିଜେଡିରେ ଯୋଗ ଦେଉଛନ୍ତି ।

# ଭାଜପାରେ ଯୋଗଦେଲେ ବହୁ ବିଜେଡି କର୍ମୀ

ଭୁବନେଶ୍ୱର,୨୯।୩ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁକ୍ରବାର ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତ। ଖଲ୍ଲିକୋଟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଭାରତୀ ବେହେରାଙ୍କ ନେତୃତ୍ୱରେ ବିକ୍ରମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଧନୁରାମ ପ୍ରଧାନ, ବର୍ତ୍ତମାନ ସରପଞ୍ଚ ମମତା ପ୍ରଧାନ, ବିଜେଡି ଯୁବ ନେତା ଶୁଭଜିତ୍ ମହାନ୍ତି, ବିଜୁ ଯୁବ ବାହିନୀର ସଦସ୍ୟ ଲକ୍ଷ୍ମଣ ମହାନ୍ତି ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ବିଧିବଦ୍ଧ ଭାବେ ଦଳରେ ସାମିଲ କରାଇଛନ୍ତି। ଏହି ମିଶ୍ରଣ ଦ୍ୱାରା ଦଳ ଆହୁରି ମଜଭୁତ୍ ହେବ ବୋଲି ସମୀର କହିଛନ୍ତି। ବିଜେଡି ପ୍ରତି ଅତିଷ୍ଠ ହୋଇ ଏବଂ ମୋଦିଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସମସ୍ତେ ଭାଜପାରେ ସାମିଲ ହୋଇଛନ୍ତି ବୋଲି କହିଛନ୍ତି।


ରାଜ୍ୟ ଉପସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ବିଜେଡି କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି।

# ବିଜେଡି ଛାଡ଼ି କଂଗ୍ରେସ ପ୍ରାର୍ଥୀ ହେଲେ ପ୍ରଶାନ୍ତ

ରାଉରକେଲା ଅଫିସ,୨୯।୩

ବିଜେଡି ଛାଡି କଂଗ୍ରେସରେ ଯୋଗଦେଇଥିବା ପ୍ରଶାନ୍ତ ସେଠୀଙ୍କୁ ଦଳ ରଘୁନାଥପାଲି ନିର୍ବାଚନୀମଣ୍ଡଳୀର ପ୍ରାର୍ଥୀ କରିଛି। ପ୍ରଶାନ୍ତ ବର୍ତ୍ତମାନ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇ ଏବଂ ଭାଜପା ପ୍ରାର୍ଥୀ ଜଗବନ୍ଧୁ ବେହେରାଙ୍କ ସହ ମୁକାବିଲା କରିବେ। ଏହାକୁ ନେଇ ନିର୍ବାଚନୀ ରଣାଙ୍ଗନରେ ଉଷ୍ମତା ଦେଖାଦେଇଛି। ଅନ୍ୟପକ୍ଷେ ବିଜେଡି ଅସନ୍ତୁଷ୍ଟଙ୍କ ମଧ୍ୟରୁ କେତେଜଣ ପ୍ରଶାନ୍ତଙ୍କ ପାଇଁ ପ୍ରଚାର ଆରମ୍ଭ କରିଥିବା ବେଳେ ଏହାକୁ ଦେଖି ଭାଜପା ଓ ବିଜେଡି ନିଜ ରଣନୀତି ବଦଳାଇବାକୁ ଚେଷ୍ଟା କରୁଥିବା ଜଣାପଡିଛି। ନିର୍ବାଚନମଣ୍ଡଳୀର ନୂଆ ଭୋଟର ପ୍ରଶାନ୍ତଙ୍କ ଉପରେ ଏବେ ମତ ଦେବା ଆରମ୍ଭ କରିଛନ୍ତି। ଏପରି ଅବସ୍ଥାରେ ବିଜେଡି ପ୍ରାର୍ଥୀ ତରାଇ ଏବଂ ଭାଜପା ନେତା ଜଗବନ୍ଧୁ କିଭଳି ପ୍ରଶାନ୍ତଙ୍କୁ ମୁକାବିଲା କରୁଛନ୍ତି ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ଏହି ନିର୍ବାଚନମଣ୍ଡଳୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସ୍ପଷ୍ଟ ହୋଇଛି।

# ଭାଜପାରୁ ଟିକେଟ ନେଲେ, ବିଜେଡିରେ ମିଶିଲେ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳ ବଦଳ ନାଟକ ମଧ ସେତିକି ରୋଚକ ହେଉଛି। ଟିକେଟ ନ ପାଇବାରୁ ଏମ୍‌ପି, ବିଧାୟକ, ପୂର୍ବତନ ବିଧାୟକ ଦଳ ଡେଇଁ ଚାଲିଛନ୍ତି। କିନ୍ତୁ କୌତୂହଳର ବିଷୟ ଯେ ବିଧାନସଭା ଆସନ ପାଇଁ ଟିକେଟ ପାଇ ମଧ ଅନ୍ୟ ଦଳକୁ ଡେଇଁବା ଘଟଣା ବେଶ୍ ଚର୍ଚ୍ଚାର ଖୋରାକ ଯୋଗାଇଛି। ଚଳିତ ନିର୍ବାଚନରେ ଆନନ୍ଦପୁର ବିଧାନସଭା ଆସନ ପାଇଁ ଭାଜପାରୁ ଟିକେଟ ପାଇଥିବା ଭାଗୀରଥି ସେଠୀ ବିଜେଡିରେ ସାମିଲ ହୋଇଛନ୍ତି। ଶୁକ୍ରବାର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ୨୦୦୯ରେ ଭାଗୀରଥି ସେଠୀ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ରେ ଦଳ ତାଙ୍କୁ ଟିକେଟ ନ ଦେବାରୁ ସେ ବିଜେଡି ଛାଡି ଭାଜପାରେ ଯୋଗ ଦେଇଥିଲେ। ଚଳିତ ନିର୍ବାନରେ ଭାଜପା ତାଙ୍କୁ ଆନନ୍ଦପୁର ଆସନ ପାଇଁ ଟିକେଟ ଦେଇଥିଲା । ବିଜେଡିରେ ଯୋଗ ଦେବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଭାଗୀରଥି କହିଛନ୍ତି ଯେ ଭାଜପାରେ ତଳସ୍ତରରେ ଅନ୍ତର୍ଦ୍ୱନ୍ଦ୍ୱ ରହିଛି। ଏଭଳି ପରିସ୍ଥିତିରେ ଭାଜପାରେ ରହିବା ଠିକ୍ ହେବ ନାହିଁ। ବିଜୁ ପରିବାରର ସେ ଜଣେ ସଦସ୍ୟ। ତାଙ୍କର ଘରବାହୁଡା ହୋଇଛି ବୋଲି ଭାଗୀରଥି କହିଛନ୍ତି।



# ସରକାରୀ ଅଫିସର ବିଜେଡି ପାଇଁ କାମ କରୁଛନ୍ତି: ଭାଜପା

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ସରକାରୀ ଅଫିସରମାନେ ଆସିଷ୍ଟାଣ୍ଟ ରିଟର୍ନିଂ ଅଫିସର, ଜିଲା ନିର୍ବାଚନ ଅଧିକାରୀ ଏବଂ ରିଟର୍ନିଂ ଅଫିସର ଭାବେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି। ଛେଣ୍ଡିପଦା ବିଜେଡି ବିଧାୟକ ସୁଶାନ୍ତ ବେହେରାଙ୍କ ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆ ଏବଂ ଗଣମାଧ୍ୟମରେ ଭାଇରାଲ ହୋଇଛି। ସେ କହିଛନ୍ତି ଯେ ବିଡିଓ, ଜିଲାପାଳ ଏବଂ ରାଜ୍ୟ ଗୋଇନ୍ଦା ବିଭାଗର ଅଧିକାରୀମାନେ ସିଧାସଳଖ ଭାବେ ବିଜେଡି ଟିକେଟ ବଣ୍ଟନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ସତ୍ତ୍ୱେ ସରକାରୀ ଅଫିସରମାନେ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି ଖୋଦ୍ ବିଜେଡି ବିଧାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିଆନ ବିଧାନସଭା ଏବଂ ଲୋକ ସଭା ପାଇଁ ବିଜେଡି ଟିକେଟ ବାଣ୍ଟୁଛନ୍ତି। ସରକାରୀ ଅଫିସର ଏବଂ ସଚିବଙ୍କ ଏପରି ବେଆଇନ କାର୍ଯ୍ୟ ବିରୋଧରେ ତଥ୍ୟ ପ୍ରମାଣ ସହ ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ରାଜ୍ୟ ସରକାରଙ୍କ ଅଫିସରମାନେ ପ୍ରାର୍ଥୀ ଚୟନ ପ୍ରକ୍ରିୟାରେ ସାମିଲ ଅଛନ୍ତି। ସେମାନଙ୍କ ନିର୍ଦ୍ଦେଶ ଅନୁଯାୟୀ ଟିକେଟ ମିଳୁଛି। ନିର୍ବାଚନ ପ୍ରକ୍ରିୟାରେ ସରକାରୀ ବାବୁମାନେ ସିଧାସଳଖ ଜଡିତ ରହୁଛନ୍ତି। ବିଜେଡି ସମ୍ପୂର୍ଣ୍ଣ ଭାବେ ସରକାରୀ କଳକୁ ରାଜନୀତିକରଣ କରୁଛି ବୋଲି ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ରାଜ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଘଟଣା ସମ୍ପର୍କରେ ଅବଗତ ହେବା ପରେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇ ଦୋଷୀଙ୍କ ବିରୋଧରେ ଏତଲା ଦିଆଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିନିଧି ଦଳକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର, ଆଇନଜୀବୀ ଜୟନ୍ତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ୫୪ ଇଭିଏମ୍‌ର ଯାଞ୍ଚ




ରାୟଗଡା ଅଫିସ୍, ୨୯।୩: ଭୋଟରଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଜିଲାର ୩ଟି ନିର୍ବାଚନମଣ୍ଡଳୀକୁ ଯାଇଥିବା ଇଭିଏମ୍‌ଗୁଡିକ ଶୁକ୍ରବାର ଯାଞ୍ଚ କରାଯାଇଛି । ୫୪ଟି ଇଭିଏମ୍ ଯାଞ୍ଚ କରି ଜିଲା ପ୍ରଶାସନ ଏହାକୁ ଷ୍ଟ୍ରଙ୍ଗରୁମରେ ରଖିଛି । ଦୀର୍ଘ ୧ ମାସ ଧରି ଜିଲାର ୩ଟି ନିର୍ବାଚନମଣ୍ଡଳୀର ସମସ୍ତ ରାଜସ୍ୱ ଗ୍ରାମରେ ଇଭିଏମ୍ ଗୁଡିକ ପ୍ରଦର୍ଶିତ କରାଯାଇଥିଲା । ୭ଟି ଟିମ୍‌ରେ ବିଭକ୍ତ ହୋଇ ଭୋଟରଙ୍କ ନିକଟକୁ ଯାଇ ଇଭିଏମ୍ ପ୍ରଦର୍ଶିତ କରାଯିବା ସହ ଭିଭିପିଏଟି ସମ୍ପର୍କରେ ମଧ ବୁଝାଯାଇଥିଲା । ପଥପ୍ରାନ୍ତ ନାଟକ ଓ ବିଭିନ୍ନ ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ ଏଥିନିମନ୍ତେ ଅନୁଷ୍ଠିତ ହୋଇଥିଲା । ସଚେତନତା କାର୍ଯ୍ୟକ୍ରମ ପରେ ଜିଲା ନିର୍ବାଚନ ବିଭାଗକୁ ଇଭିଏମ ହସ୍ତାନ୍ତର ପରେ ପୁନର୍ବାର ଏହା ଯାଞ୍ଚ କରି ରଖାଯାଇଛି । ଜିଲା ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର ସମସ୍ତ ଇଭିଏମ୍‌କୁ ଗ୍ରହଣ କରିଥିଲେ ।

### ନନ୍ଦାବାଡ଼ି ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋଲନରା, ୨୯।୩ (ଡି.ଏନ୍.ଏ.):ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ନନ୍ଦାବାଡି ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ କୋଲନରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଏମ୍ ଖଗେଶ୍ୱର ରାଓ, କୋଲନରା ପିଇଓ ଭି. ମୁରଲୀ କ୍ରିଷ୍ଣା, ରେଙ୍ଗାଲପାଡୁ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମେଘନାଦ ବେହେରା, କୋଲନରା ବିଦ୍ୟାଳୟ ସହକାରୀ ଶିକ୍ଷକ ଗୌରୀଶଙ୍କର ପଟ୍ଟନାୟକ ଏସ୍‌ଏମ୍‌ସିର ସଭାନେତ୍ରୀ ଗୌରୀ ମାଣ୍ଡାଙ୍ଗି, ବିଦ୍ୟାଳୟ ସଭାପତି ସୁକ୍କୁ ମାଣ୍ଡାଙ୍ଗି ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିନାଥ ପାଢ଼ୀ, ସହକାରୀ ଶିକ୍ଷକ ଗୋପବନ୍ଧୁ ଦାସ ପରିଚାଳନା କରିଥିଲେ । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କର ଶିକ୍ଷଣ ଦକ୍ଷତା ଦେଖି ଅତିଥିମାନେ ଖୁସି ବ୍ୟକ୍ତ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ପାଢ଼ୀ ଧନ୍ୟବାଦ ଦେଇଥିଲେ ।

### ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ଗୁଣପୁର,୨୯।୩(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ମହର୍ଷି ଗୁରୁକୁଳ ଯୁକ୍ତ ୨ କଲେଜର ୨ୟ ବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ଅର୍ଥ ନିର୍ଦ୍ଦେଶକ ଲୋକନାଥ ମିଶ୍ର, ଅଧ୍ୟକ୍ଷ ପ୍ରିୟବ୍ରତ ବିଶୋୟୀ, ଶିକ୍ଷକ ସୁରେନ୍ଦ୍ର କୁମାର ମଲିକ ଏବଂ ଅଧ୍ୟାପକ ସନ୍ତୋଷ କୁମାର ହୋତା ମାଞ୍ଚାସୀନ ଥିଲେ । କଲେଜରୁ ବିଦାୟ ନେଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

### ରାଷ୍ଟ୍ରୀୟ ସଭାପତିଙ୍କ ଗସ୍ତକୁ ନେଇ ଭାଜପା ଶିବିର ଉତ୍ସାହିତ

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.): ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଭାଜପା ରାଷ୍ଟ୍ରୀୟ ସଭାପତି ଅମିତ ଶାହଙ୍କ ଗସ୍ତକ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ଏ ସମ୍ପର୍କରେ ଜିଲା ଭାଜପା ସଭାପତି ଜି.ଭେଙ୍କଟରାବଣା କହିଛନ୍ତି ପ୍ରଥମ ଥର ପାଇଁ ଶାହ ଗଜପତି ଗସ୍ତରେ ଆସୁଥିବାରୁ ଜିଲାର ଭାଜପା କର୍ମୀମାନେ ଉତ୍ସାହିତ ରହିଛନ୍ତି । ଶାହଙ୍କ ଗସ୍ତକୁ ନେଇ ପ୍ରସ୍ତୁତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶାହ ଆସନ୍ତା ୧ ତାରିଖରେ କାଶୀନଗର ବ୍ଲକ ଅନ୍ତର୍ଗତ ସିଦ୍ଧାମଡଙ୍ଗଠାରେ ଏକ ସାଧାରଣ ସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ସଭାପତି ସୂଚନା ଦେଇଛନ୍ତି ।

# ବିଜେଡିର ରୋଡ୍ ଶୋ

ମୁନିଗୁଡ଼ା,୨୯।୩(ଡ଼ି.ଏନ.ଏ)



ରୋଡ଼ଶୋରେ ଏମପି ପ୍ରାର୍ଥୀ କୌଶଲ୍ୟା ହିକ୍‌କା,ବିଷମକଟକ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା, ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓଙ୍କ ସହ ଅନ୍ୟମାନେ ।

ଆଗାମୀ ନିର୍ବାଚନ ପାଇଁ ସବୁ ଦଳ ନିଜ ନିଜର ଶକ୍ତି ପ୍ରଦର୍ଶନ ଆରମ୍ଭ କରିଥିବା ବେଳେ ଶୁକ୍ରବାର ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ବିଜେଡ଼ି ରୋଡ଼ ଶୋ କରିଛି । ମୁନିଗୁଡ଼ା ବିଜେଡ଼ି ବ୍ଲକ ସଭାପତି ରତନଲାଲ ଜୈନ ଓ ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ମିଳିତ ନେତୃତ୍ୱରେ ବିଜେଡ଼ି ପ୍ରଚାର ଆରମ୍ଭ କରିବା ସହ ରୋଡ଼ ଶୋ ମାଧ୍ୟମରେ ନିଜ ଶକ୍ତି ପ୍ରଦର୍ଶନ କରିଛି । ଭାଜପା ଛାଡ଼ି ବିଜେଡ଼ିରେ ସାମିଲ ହୋଇଥିବା ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକାଙ୍କୁ ରାଜ୍ୟ ସଭା ସଦସ୍ୟ ଏନ. ଭାସ୍କର ରାଓ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇ ସ୍ୱାଗତ କରିଥିଲେ । ପରେ ସ୍ଥାନୀୟ କନିକା ପରମେଶ୍ୱରୀ ମନ୍ଦିରରୁ ୫ ହଜାରରୁ ଅଧିକ ଦଳୀୟ ନେତା ଓ କର୍ମୀଙ୍କୁ ନେଇ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି କମ୍ୟୁନିଟି ହଲଠାରେ ପହଞ୍ଚିଥିଲେ । ଉକ୍ତ ରୋଡ଼ ଶୋ'ରେ କୋରାପୁଟ ଏମପି ପ୍ରାର୍ଥୀ କୌଶଲ୍ୟା ହିକ୍‌କା, ବିଷମକଟକ ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ସମେତ ରାଜ୍ୟ ଯୋଜନାବୋର୍ଡ଼ ସଦସ୍ୟ ସୁଧୀର ଦାସ, ରାଜ୍ୟ ଖଦିବୋର୍ଡ଼ ସଦସ୍ୟ ପୃଥିରାଜ ସାହୁ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡୁକା, ଡ଼ି. ଶିବ ପ୍ରସାଦ, ଧ୍ରୁବ ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଏଥିରେ ବିଜେଡ଼ି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ ।

## ଡକାୟତି ଯୋଜନା ପଣ୍ଡ କଲା ପୋଲିସ

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.)

- ୩ ଅଭିଯୁକ୍ତ ଗିରଫ
- ମାରଣାସ୍ତ୍ର ସହ ୨ ଅଫୁଟା ବୋମା ଜବତ

ଡକାୟତି ଯୋଜନା କରୁଥିବା ୩ଜଣ ଅଭିଯୁକ୍ତଙ୍କୁ ଶୁକ୍ରବାର ଭୋରରୁ ପାରଳାଖେମୁଣ୍ଡି ପୋଲିସ ଗିରଫ କରିଛି । ସେମାନଙ୍କ ନିକଟରୁ ମାରଣାସ୍ତ୍ର ଓ ଅଫୁଟା ବୋମା ଜବତ କରାଯାଇଥିବା ନେଇ ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ପାରଳାଖେମୁଣ୍ଡି କାମ୍ପ ସାହି ଲେନ୍-୩ର ଡି.ରାଜେଶ(୨୭), ନୂଆ କାମ୍ପ ସାହି ଲେନ୍-୫ର ଏନ୍.ଭୀମା ରାଓ(୨୨) ଓ ରେଖଣା ସାହିର କେ.ଶଙ୍କର ରାଓ(୨୮) । ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି ।

ପ୍ରକାଶ ଯେ, ଶୁକ୍ରବାର ଭୋର ୩ଟାରେ ପାରଳାଖେମୁଣ୍ଡି ଉପକଣ୍ଠ ଝାମିଗାଁ ରୋଡର ଏକ ଆମ୍ବତୋଟାରେ କିଛି ଅସାମାଜିକ ଯୁବକ ଡକାୟତି ଯୋଜନା କରୁଥିବା ନେଇ ପୋଲିସ ଖବର ପାଇଥିଲା । ପାରଳାଖେମୁଣ୍ଡି ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ ଏବଂ ଏସ୍.ଆଇ. ସୁନୀଲ କୁମାର ଦଳେଇଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ ସେଠାରେ ଚଢାଉ କରି ୩ଜଣଙ୍କୁ ଗିରଫ କରିଥିଲା । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଖଣ୍ଡା, ଛୁରୀ, ମୋବାଇଲ ଫୋନ ସହ ୨ଟି ଅଫୁଟା ବୋମା ଜବତ କରିଛି । ଏହାଛଡ଼ା ବୋମା ତିଆରି ସରଞ୍ଜାମକୁ ମଧ ପୋଲିସ ଘଟଣାସ୍ଥଳରୁ ଜବତ କରିଛି । ଏହି ସମୟରେ ଅନ୍ୟ ୫ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ପାତ୍ର ସୂଚନା ଦେଇଛନ୍ତି । ଏ ନେଇ ପାରଳାଖେମୁଣ୍ଡି ଥାନାରେ କେଶ୍ ନଂ. ୮୪/୧୯ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି ।

## ବିଜେଡିର 'ହକ୍ ମାଗୁଛି ଓଡ଼ିଶା' କାର୍ଯ୍ୟକ୍ରମ

ରାମନାଗୁଡ଼ା,୨୯।୩(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି କର୍ମୀମାନେ ।

ଶୁକ୍ରବାର ରାୟଗଡା ଜିଲା ରାମନାଗୁଡା ବ୍ଲକ ସଦର ମହକୁମାର ଯୁବ ଛାତ୍ର ବିଜେଡି ତରଫରୁ ହକ୍ ମାଗୁଛି ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଆରଜିଏଫ୍ ପାଣ୍ଠି ଉଚ୍ଛେଦ, ଆଦିବାସୀ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା କଟାଯିବା, ରେଳବାଇରେ ବାର୍ଷିକ ୨୦ ହଜାର କୋଟି ରାଜସ୍ୱ ମିଳୁଥିଲେ ସୁଦ୍ଧା ବୈମାତୃକ ମନୋଭାବ ପୋଷଣ, ମହାନଦୀ ଜଳ ବଣ୍ଟନ ନୀତି, ପୋଲାଭରମ୍ ପ୍ରକଳ୍ପର ଆନ୍ଧ୍ରପ୍ରଦେଶକୁ ଅହେତୁକ ଅନୁକମ୍ପା, ଧାନର ସର୍ବନିମ୍ନ ନିର୍ଦ୍ଧାରଣ ମୂଲ୍ୟ ଧାର୍ଯ୍ୟ କରିବା, ବର୍ଷକୁ ୩୬ ଲକ୍ଷ ଚାକିରି ଦେବାକୁ କହି ଠକିବା, ଗ୍ୟାସ୍ ମାଗଣା ଦେବାକୁ କହି ନ ଦେବା, ଓଡ଼ିଶାକୁ ପଛୁଆ ରାଜ୍ୟ ଘୋଷଣା କେବଳ ଧୂଆଁବାଣ ଇତ୍ୟାଦି ପ୍ରସଙ୍ଗରେ ସ୍ଥାନୀୟ ନେତାମାନେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି, ଉପାଧକ୍ଷ ସୂର୍ଯ୍ୟ ରାସ କୁମ୍ବିରିକା, ସରପଞ୍ଚ ଗାୟତ୍ରୀ ମାଣ୍ଡାଙ୍ଗି, ଜିଲା ଯୁବ ଉପସଭାପତି ଅମିତ ମହାରଣା, ବିଜେଡି ବ୍ଲକ ସଭାପତି ବିଜୟ ମାଣ୍ଡାଙ୍ଗି, ପର୍ଯ୍ୟବେକ୍ଷକ ଭବାନୀଶଙ୍କର ସାହୁ, ଛାତ୍ର ବିଜେଡ଼ି ସଭାପତି ନିଗମ କୁମାର ବେହେରା, ବିଜୁ ଯୁବବାହିନୀ ସଂଯୋଜକ ମାଧବ ମୁଣ୍ଡିକା, ଗୁଣପୁର ନିର୍ବାଚନ ମଣ୍ଡଳୀ ଯୁବ ସଭାପତି କମଳ ମୁଣ୍ଡିକା, ଜିଲା ସମ୍ପାଦକ ଗଗନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ,ଶତାଧିକ ବିଜୁ ପରିବାର କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ ଦିନରେ ବିଜେଡିର ପ୍ରାର୍ଥୀଙ୍କୁ ଜିତାଇବାକୁ ଘୋଷଣା କରିଥିଲେ ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଗୁଣପୁର,୨୯।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସହକାରୀ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ସ୍କୁଲ ପ୍ରଧାନ ଶିକ୍ଷକ ସୁକଦେବ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀମାନଙ୍କୁ ମାନପତ୍ର ସହର ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

## ଭୋଟର ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.)

ଗଜପତି ଜିଲାପାଳ ଅନୁପମ ଶାହା ଏବଂ ଜିଲା ନିର୍ବାଚନ ବିଭାଗ ନିଷ୍ପତ୍ତିକ୍ରମେ ଜିଲାର ବିଭିନ୍ନ ସ୍ଥାନରେ ଲୋକନୃତ୍ୟ ମାଧ୍ୟମରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହା ଜିଲାର ଗୁମ୍ମା, ଗୋଷାଣୀ ଏବଂ ପାରଳାଖେମୁଣ୍ଡି ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେବ । ଏହା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ଅନୁଷ୍ଠିତ ହେବ । ଭୋଟରମାନେ ଭୋଟ କେନ୍ଦ୍ରକୁ ଯିବା ସମୟରେ ନିଜର ଭୋଟ ପରିଚୟ ପତ୍ର ନେବାକୁ ଯେପରି ନ ଭୁଲନ୍ତି ସେଥିପାଇଁ ସଚେତନ କରାଯାଉଛି । ଯଦି କୌଣସି କାରଣରୁ ଭୋଟ ପରିଚୟ ନ ଥାଏ, ତେବେ ପାସପୋର୍ଟ, ସ୍ମାର୍ଟ କାର୍ଡ, ଜବ୍‌କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଆଧାର କାର୍ଡ, ପାସ୍‌ବୁକ୍, ପାନ୍ କାର୍ଡ ଇତ୍ୟାଦି ମଧ୍ୟରୁ ଯେ କୌଣସି ଗୋଟିଏ ପରିଚୟ ପତ୍ର ନେଇପାରିବେ ବୋଲି ଲୋକଙ୍କୁ କୁହାଯାଉଛି । କଳାକାରମାନେ ଏହି ସମସ୍ତ ସୂଚନା ନାଚଗୀତ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଉଛନ୍ତି ।

## ଜିଆଇଇଟିରେ ଜାତୀୟସ୍ତରୀୟ ଆଲୋଚନାଚକ୍ର



ଗୁଣପୁର,୨୯।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି କମ୍ପ୍ୟୁଟର ସାଇନ୍ସ ବିଭାଗ ପକ୍ଷରୁ ଦୁଇ ଦିନିଆ ଜାତୀୟସ୍ତରୀୟ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ସଭାପତି ଡ.ସତ୍ୟ ପ୍ରକାଶ ପଣ୍ଡା, ବାଲେଶ୍ୱରସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ.ସଚ୍ଚିଦାନନ୍ଦ ଦେହୁରି, ଭାରପ୍ରାପ୍ତ କୁଳପତି ଡ.କେ.ସେନ୍ଥିଲ କୁମାର ପ୍ରମୁଖ ଯୋଗ ଦେଇ ଆଜିର ଯୁଗରେ କମ୍ପ୍ୟୁଟର ସାଇନ୍ସର ଆବଶ୍ୟକତା ଏବଂ ଉପଯୋଗିତା ଉପରେ କହିଥିଲେ । ଆଲୋଚନାଚକ୍ର ଆବାହକ ତଥା ବିଭାଗୀୟ ମୁଖ୍ୟ ଡ.ସଞ୍ଜୟ କୁମାର କଅଁର ସ୍ୱାଗତ ଭାଷଣ ଦେଇଥିଲେ । ସହ ଆବାହକ ରଞ୍ଜିତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ ହୋଇଥିଲା । ଫ୍ୟୁଚର ଟ୍ରେଣ୍ଡସ ଇନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଆଇଓଟି ସନ୍ଦର୍ଭକୁ ନେଇ ଏହା ଆୟୋଜିତ ହୋଇଥିଲା ।

## ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା

ଦିଗପହଣ୍ଡି,୨୯।୩(ଡି.ଏନ.ଏ.)

ମା' ଦଣ୍ଡକାଳୀଙ୍କ ଯାତ୍ରା ପାଇଁ ଦିଗପହଣ୍ଡି ସହର ଉତ୍ସବମୁଖର ହୋଇ ଉଠିଛି । ସ୍ଥାନୀୟ ଭାବକୁଣ୍ଡଳେଶ୍ୱର ବ୍ୟବସାୟୀ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡଠାରେ ଗୌରୀ ଶଙ୍କର ଦଣ୍ଡନୃତ୍ୟ ଅନୁଷ୍ଠାନ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ମିଛୁଆ ରାଧୁଆ ଗପ ସରିଲା ମଞ୍ଚସ୍ଥ କରାଯାଇଥିଲା । ସାମାଜିକ କର୍ମୀ ଅଳକ ନାଥ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ନାଟକ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀରେ ବ୍ୟବସାୟୀ ସଂଘ କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ପଣ୍ଡା, ଅଶୋକ କୁମାର ନନ୍ଦ, ଜେ. ମିଟୁ ରାଓ, ବାବୁଲା ଚୌଧୁରୀ, ସୀମାଞ୍ଚଳ ବେହେରା, ବାବୁଲା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଦଣ୍ଡନୃତ୍ୟ ଅନୁଷ୍ଠାନ ପରିଚାଳକ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ, କାର୍ଯ୍ୟକର୍ତ୍ତା ତରୁଣ ପାତ୍ର, ବିଜୟ ଦାସ, ଆର. ଗୋପବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଫ୍ଲାଇଂ ସ୍କ୍ୱାଡ୍‌ର ଚଢ଼ାଉ, ୫ ଲକ୍ଷ ଟଙ୍କା ଜବତ

ଗୁଣପୁର,୨୯।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ଶୁକ୍ରବାର ଫ୍ଲାଇଂ ଦ୍ୱାରା ସ୍କ୍ୱାଡ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୫ ଲକ୍ଷ ଟଙ୍କା ଜବତ କରାଯାଇଛି । ଗଜପତି ରାୟଗଡା ସୀମାନ୍ତ ଅଞ୍ଚଳରେ ୨ ଲକ୍ଷ ୫୦ ହଜାର ଏବଂ ପଦ୍ମପୁର ରାସ୍ତାରେ ୨ଲକ୍ଷ ୫୦ ହଜାର ଏପରି ଦୁଇଟି ଅଞ୍ଚଳରେ ପୃଥକ ପୃଥକ ଚଢାଉ କରାଯାଇ ୫ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଏହାର ତଦନ୍ତ ଚାଲିଛି । ତଦନ୍ତରେ ଏହି ଟଙ୍କା କେଉଁଠାରୁ ଆସିଲା ଏବଂ କୁଆଡେ ଯାଉଥିଲା ତାହା ଜଣାପଡିଲେ ସେହି ଅନୁଯାୟୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରକାଶ କରିଛନ୍ତି । ଏହି ଅବସରରେ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ତଥା ଡିଆରଡିଏ ପିଡି ଅମ୍ରିତ ରତୁରାଜ ପ୍ରମୁଖ ଉପସ୍ଥିତ ଥିଲେ ।। ପଦ୍ମପୁର ତହସିଲଦାରଙ୍କ ନେତୃତ୍ୱରେ ଏକ ଦଳ ଗଜପତି ରାୟଗଡା ସୀମାନ୍ତରେ ଚଢାଉ କରିଥିବା ବେଳେ ପଦ୍ମପୁର ଯିବା ରାସ୍ତାରେ ରାମନାଗୁଡା ଅତିରିକ୍ତ ତହସିଲଦାର ଚଢାଉ କରିଥିଲେ ।

## ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧଦିବସ ପାଳିତ



ଶହୀଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି ।

ରାୟଗଡା ଅଫିସ୍, ୨୯।୩

ରାୟଗଡା ଜିଲାସ୍ତରୀୟ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ସକାଳ ୭ଟାରେ ସ୍ଥାନୀୟ ଶାସ୍ତ୍ରୀନଗର ରାଜମାର୍ଗ ପାର୍ଶ୍ୱରେ ଅବସ୍ଥାପିତ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ଏଥିରେ ରାୟଗଡା ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶହୀଦଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ତାଙ୍କର ତ୍ୟାଗପୂତ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ସେହିପରି ଡା. ନରେନ୍ଦ୍ର ମିଶ୍ର, ଡା.ଦୁଷ୍ମନ୍ତ କୁମାର ମହାନ୍ତି, ଜୟରାମ ଜେନା ପ୍ରମୁଖ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ନୃସିଂହନାଥ ପାଢ଼ୀ, ବାଦଲ କୁମାର ତା, ବରିଷ୍ଠ ନାଗରିକ ଗୋପୀନାଥ ସାହୁ, ସୁରେନ୍ଦ୍ରନାଥ ସାହୁ, ଆଇନ୍‌ଜୀବୀ କେଦାର ପଣ୍ଡା, ବି.କାନ୍ତାରାଓ, ଅଜୟ ରଥ, ଦୀପକ ପୃଷ୍ଟି, ବି.ନାଗାରାଜୁ, ସହଦେବ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ରଜନୀକାନ୍ତ ସାମନ୍ତରାୟ, ପ୍ରଧାନଶିକ୍ଷୟିତ୍ରୀ ପି.ଶୌଡେଶ୍ୱରୀ, ଆର୍‌ଏସ୍‌ସିଡବ୍ଲ୍ୟୁସିର ଶିକ୍ଷକ ପ୍ରଶାନ୍ତ ନାୟକଙ୍କ ସମେତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ଫ୍ଲାଗ୍ ମାର୍ଚ୍ଚ କରି ଲୋକଙ୍କୁ ସଚେତନ କଲା ପୋଲିସ



ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରୁଛି ।

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଇ ଲୋକମାନଙ୍କୁ ସଚେତନ କରାଯାଇଛି । ପାରଳାଖେମୁଣ୍ଡି ଉପଖଣ୍ଡୀୟ ପୋଲିସ ଅଧିକାରୀ ଠାକୁର ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ଜିଲା ପୋଲିସ ପକ୍ଷରୁ ଏହି ଫ୍ଲାଗ୍‌ମାର୍ଚ୍ଚ ପାରଳାଖେମୁଣ୍ଡି ଥାନା ପରିସରରୁ ବାହାରି ସହର ପରିକ୍ରମା କରିଥିଲା । ଜନସାଧାରଣଙ୍କୁ ନିର୍ଭିକ ଭାବେ ମତଦାନ ପ୍ରକ୍ରିୟାରେ ସାମିଲ ହେବାକୁ ସେମାନେ ସଚେତନ କରିଥିଲେ । ଆଗକୁ ନିର୍ବାଚନ ଥିବାରୁ କୌଣସି ପ୍ରକାର ପ୍ରଲୋଭିତ ନ ହେବା, ନିଜ ଇଚ୍ଛାମୁତାବକ ଭୋଟଦାନ କରିବା, ଭୋଟଦାନକୁ ଅଗ୍ରାଧିକାର ଦେବା ନେଇ ଲୋକମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ, ଏସ୍‌ଆଇ ମନୋରଞ୍ଜନ ଦାସ, ସୁନିଲ ଦଳେଇ, ଏଏସ୍‌ଆଇ ପୀତବାସ ଶତପଥୀଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପଦ୍ମପୁରରେ ବିଜେଡିର ପ୍ରଚାର ଆରମ୍ଭ


ପଦ୍ମପୁର,୨୯।୩(ଡ଼ି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ନିର୍ବାଚନମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଶୁକ୍ରବାର ପଦ୍ମପୁର ବ୍ଲକରେ ପ୍ରଚାର ଆରମ୍ଭ କରିଛନ୍ତି । ପ୍ରଥମେ ପଦ୍ମପୁର ବିଜୁ ପାଠାଗାରଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱର୍ଗତ ଯଯାତୀ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିଥିଲେ । ସେଠାରୁ ଶତାଧିକ କର୍ମୀ ଓ ନେତାଙ୍କ ସହ ଶୋଭାଯାତ୍ରା ବାହାରି ମୁଖ୍ୟବଜାର ସହ ଗଳିକନ୍ଧିରେ ଲୋକଙ୍କୁ ଆକୃଷ୍ଟ କରିବାରେ ଲାଗି ପଡ଼ିଥିଲେ । ପରେ ପଦ୍ମପୁରରୁ ଏକ ମୋଟରସାଇକେଲ ର୍‍ୟାଲିରେ ବାହାରି ଖିଲାପଦର, କାରେଣୀ, ବିଚିକୋଟ ଆଦି ଅଞ୍ଚଳ ପରିକ୍ରମା କରିଥିଲେ । ପରେ ବିଚିକୋଟ ଆମ୍ବତୋଟାଠାରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଜେଡ଼ି ଜିଲା ଉପସଭାପତି କୈଳାସ କ୍ରାସ୍କା, ବରିଷ୍ଠ ଯୁବ ସଂଗଠକ ଗୋଦାବରୀ ରାଉତ, ପଦ୍ମପୁର ବ୍ଲକ ସଭାପତି ମଟୁ ଆଚାର୍ଯ୍ୟ ଗୁଣପୁର ଜିଲା ସାଧାରଣ ସମ୍ପାଦକ ନିଗମ କୁମାର ବେହେରା, ରାଜ୍ୟ ପର୍ଯ୍ୟବେକ୍ଷକ ଭବାନୀକାନ୍ତ ସାହୁ, ବିଜୁ ଛାତ୍ର ଜନତା ଦଳର ଉପସଭାପତି ନିଖିଳ ପାତ୍ର ପ୍ରମୁଖ ହକ୍ ମାଗୁଛି ଓଡ଼ିଶା ସମ୍ପର୍କରେ କହିଥିଲେ । ଆଗାମୀ ଦିନରେ ଦଳ କିଭଳି ଶାନ୍ତିଶୃଙ୍ଖଳାରେ ଭୋଟରଙ୍କ ନିକଟତର ହେବ ସେନେଇ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପିଙ୍କୁ ପଣ୍ଡା,ପ୍ରଶାନ୍ତ ଦଳେଇ, ରାମାନନ୍ଦ ସାହୁ, କରୁଣାକର ଶବରଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ ।




ବୈଠକରେ ଯୋଗ ଦେଇଥିବା ବିଜେଡ଼ି କର୍ମକର୍ତ୍ତା ।


## ଆଜିର ମ୍ୟାଚ



କିଙ୍ଗ୍ସ ଇଲେଭେନ ପଞ୍ଜାବ **ବନାମ** ମୁମ୍ବାଇ ଇଣ୍ଡିଆନ୍ସ
ପ୍ରସାରଣ — ସ୍ଥାନ : ମୋହାଲି, ସମୟ : ଅପରାହ୍ନ ୪ଟା

ଦିଲ୍ଲୀ କ୍ୟାପିଟାଲ୍ସ **ବନାମ** କୋଲକାତା ନାଇଟ ରାଇଡର୍ସ
ପ୍ରସାରଣ — ସ୍ଥାନ : ଦିଲ୍ଲୀ, ସମୟ : ରାତି ୮ଟା

ଷ୍ଟାର ସ୍ପୋର୍ଟ୍ସ



"ପାଣ୍ଠି ଓ ଟ୍ରେନିଂର ଅଭାବ ଯୋଗୁ ମୋ ବ୍ୟାଡ୍‌ମିଣ୍ଟନ ସ୍ୱପ୍ନ ସାକାର ପାଇଁ ମୋତେ ଦୁଇଥର ଜାତୀୟତା ବଦଳାଇବାକୁ ପଡ଼ିଛି ।"
– ଝାଙ୍ଗ ବିଓ୍ୱେନ, ଆମେରିକା ବ୍ୟାଡ୍‌ମିଣ୍ଟନ ଖେଳାଳି



"ଯଶପ୍ରୀତ ବୁମ୍‌ରା କ୍ରମେ ଅଧିକ ପରିପକ୍ୱ ହେଉଛନ୍ତି । ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ଦିନକୁ ଦିନ ଉନ୍ନତ ପ୍ରଦର୍ଶନ କରୁଛନ୍ତି ।"
– ରୋହିତ ଶର୍ମା, ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ

# ମୁମ୍ବାଇର ପ୍ରଥମ ବିଜୟ

**ବେଙ୍ଗାଲୁରୁ, ୨୯।୩(ପି.ଟି.)**

ଶେଷ ଓଭରରେ ବିଜୟ ପାଇଁ ୧୭ରନ ଆବଶ୍ୟକ ହେଉଥିବା ବେଳେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମାତ୍ର ୧୦ ରନ ସଂଗ୍ରହ କରିଥିଲା । ଫଳରେ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ମୁମ୍ବାଇ ଇଣ୍ଡିଆନ୍ସ ୬ ରନରେ ବିଜୟୀ ହୋଇଥିଲା । ଏଥିସହ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ପ୍ରଥମ ବିଜୟ ହାସଲ କରିଛି । ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍‌ର ସପ୍ତମ ମ୍ୟାଚ୍‌ରେ ଟସ୍ ଜିତି ବାଙ୍ଗାଲୋର ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୮ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରିଥିଲା । ଜବାବରେ ବାଙ୍ଗାଲୋର ୨୦ ଓଭରରେ ୫ ଉଇକେଟ ହରାଇ ୧୮୧ ରନ କରି ମ୍ୟାଚ୍ ହାତଛଡ଼ା କରିଛି । ୨୦ ରନ ଦେଇ ମୂଲ୍ୟବାନ ୩ ଉଇକେଟ ଅକ୍ତିଆର କରିଥିବା ମୁମ୍ବାଇ ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

୧୮୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଙ୍ଗାଲୋର ପ୍ରଥମେ ମୋଇନ ଅଲିଙ୍କୁ ହରାଇଥିଲା । ମୋଇନ ୭ଟି ବଲ୍ ଖେଳି ୧ ଚୌକା, ୧ ଛକା ସହ ୧୩ ରନ କରିଥିବା ବେଳେ ରୋହିତ୍ ଶର୍ମାଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ । ଏହାପରେ ଓପନର ପାର୍ଥିବ ପଟେଲ ୨୨ ବଲରୁ ୪ ଚୌକା ୧ ଛକା ସହ ୩୧ ରନ କରି ଯୁବ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ । ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ପାର୍ଥିବଙ୍କ ସହ ୪୦ ରନ ସଂଗ୍ରହ କରିଥିଲେ । ୩୨ଟି ବଲର ସମ୍ମୁଖୀନ ହୋଇ ୬ ଚୌକା ସହ କ୍ରିଜ୍‌ରେ ଜମିଆସୁଥିବା ବେଳେ କୋହଲି ବୁମ୍‌ରାଙ୍କ ଶର୍ଟ ବଲକୁ ମାରିବାକୁ ଯାଇଥିଲେ । ବଲ୍ ଓ ବ୍ୟାଟ୍‌ର ସଂଯୋଗ ନ ହେବାରୁ କୋହଲି ମିଡ୍‌ଉଇକେଟରେ ପାଣ୍ଡ୍ୟାଙ୍କ ହାତରେ ଧରାପଡିଥିଲେ । ଜୀବନଦାନ ପାଇଥବା ଏବି ଡିଭିଲର୍ସ ଏହାର ସୁଯୋଗ ନେଇ ଧୂଆଁଧାର ବ୍ୟାଟିଂ କରିଥିଲେ । ତୃତୀୟ ଉଇକେଟ ଯୋଡିରେ କୋହଲି ଓ ଡିଭିଲର୍ସ ୪୯ ରନ ସଂଗ୍ରହ କରିଥିଲେ । ୫ ରନ କରିଥିବା ବେଳେ ସିମରନ ହେଟମେୟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ । ଏହାପରେ କଲିନ୍ ଡି ଗ୍ରାଣ୍ଡହୋମ ୭ଟି ବଲ ଖେଳି ମାତ୍ର ୨ ରନ କରି ବୁମ୍‌ରାଙ୍କ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟାଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ । ଡିଭିଲର୍ସ ୪୧ଟି ବଲ ଖେଳି ୪ ଚୌକା ଓ ୬ ଛକା ସହ ୭୦ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ । ଶିବମ୍ ଦୁବେ ୫ ବଲରୁ ୧ ଛକା ସହ ୯ ରନ କରି ଅପରାଜିତ ରହିଥିଲେ । ବୋଲିଂରେ ମୁମ୍ବାଇ ତରଫରୁ ବୁମ୍‌ରା ୩, ମୟଙ୍କ ମାର୍କଣ୍ଡେ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ ।

### ଯୁବିଙ୍କ ହ୍ୟାଟ୍ରିକ ଛକା

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ଇନିଂସରେ ଯୁବରାଜ ସିଂଙ୍କ ହ୍ୟାଟ୍ରିକ ଛକା ମୁଖ୍ୟ ଘଟଣା ଥିଲା । ଦଳ ଆରମ୍ଭରୁ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିଥିଲା । ଓପନର ତଥା ଅଧିନାୟକ ରୋହିତ ଶର୍ମା ଓ କ୍ୱିଣ୍ଟନ ଡି କକ୍ ପ୍ରଥମ ଉଇକେଟରେ ୩୯ ବଲରୁ ୫୪ ରନ ସଂଗ୍ରହ କରିଥିଲେ । ତେବେ ଡି କକ୍ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୩ ରନ କରି ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ କ୍ଲିନ ବୋଲ୍ଡ ହୋଇ ପ୍ରଥମେ ପ୍ୟାଭିଲିୟନ ଫେରିଥିଲେ । ରୋହିତ ୩୩ଟି ବଲ ଖେଳି ୮ ଚୌକା ଓ ୧ ଛକା ସହ ୪୮ ରନ କରିଥିବା ବେଳେ ଲମ୍ବା ଶଟ୍ ଖେଳିବାକୁ ଯାଇ ଲଙ୍ଗଅନ୍‌ରେ ମହମ୍ମଦ ସିରାଜଙ୍କ ହାତରେ ଧରାପଡିଥିଲେ । ଅଭିଜ୍ଞ ଯୁବରାଜ ସିଂ ମାତ୍ର ୧୨ ବଲରୁ କ୍ରମାଗତ ୩ଟି ଛକା ସହ ୨୩ ରନ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ । ୧୪ତମ ଓଭରରେ ଚହଲଙ୍କୁ ପ୍ରଥମ ୩ଟି ବଲ୍‌ରେ ଯୁବରାଜ କ୍ରମାଗତ ୩ଟି ଛକା ମାରି ଦର୍ଶକଙ୍କ ଭରପୂର ମନୋରଞ୍ଜନ କରିଥିଲେ । ହ୍ୟାଟ୍ରିକ ଛକା ଉପଭୋଗ କରିବା ସହ ଦର୍ଶକ ପୁରୁଣା ଯୁବିଙ୍କୁ ଦେଖିବାକୁ ପାଇଥିଲେ । ତେବେ ଚତୁର୍ଥ ବଲ୍‌ରେ ଚହଲଙ୍କ ଗୁଗ୍‌ଲିରେ ଯୁବି ପୁଣି ଛକା ମାରିବାକୁ ଯାଇ ଚକ୍‌ମା ଖାଇଥିଲେ ଓ ଲଙ୍ଗ୍ ଅଫ୍‌ରେ ସିରାଜ୍ ତାଙ୍କ କ୍ୟାଚ୍ ନେଇଥିଲେ । ଏହାପରେ ସୂର୍ଯ୍ୟକୁମାର ଯାଦବ ୨୪ ବଲରୁ ୪ ଚୌକା ଓ ୧ ଛକା ସହ ୩୮ ରନ କରି ଚହଲଙ୍କ ବଲ୍‌ରେ ମୋଇନ ଅଲିଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ । ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପୁରୁଣା ଶୈଳୀରେ ବ୍ୟାଟିଂ କରି ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ । ସେ ୧୪ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ଓ ୩ ଛକା ସହ ୩୨ ରନ କରି ଅପରାଜିତ ରହିବା ସହ ଦଳକୁ ଚ୍ୟାଲେଞ୍ଜିଂ ସ୍କୋର ପ୍ରଦାନ କରିଥିଲେ । ତେବେ ଅନ୍ୟମାନେ ବିଫଳ ହୋଇଥିଲେ । ଏହି କ୍ରମରେ କିରଣ ପୋଲାର୍ଡ ୫, କ୍ରୁନାଲ ପାଣ୍ଡ୍ୟା ୧, ମିଚେଲ ମ୍ୟାକ୍‌କ୍ଲିନ୍‌ଘନ ୧, ମୟଙ୍କ ମାର୍କଣ୍ଡେ ୬ ରନ କରି ଆଉଟ ହୋଇଥିବା ବେଳେ ଯଶପ୍ରୀତ୍ ବୁମ୍‌ରା ବିନା ସ୍କୋରରେ ଅପରାଜିତ ରହିଥିଲେ । ବୋଲିଂରେ ବାଙ୍ଗାଲୋର ତରଫରୁ ଚହଲ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ । ସେ ୩୮ ରନ ବ୍ୟୟ କରି ସର୍ବାଧିକ ୪ଟି ଉଇକେଟ ହାସଲ କରିଥିଲେ । ସେହିପରି ମହମ୍ମଦ ସିରାଜ ଓ ଉମେଶ ଯାଦବ ୨ଟି ଉଇକେଟ ଅକ୍ତିଆର କରିଥିଲେ । ମ୍ୟାକ୍‌କ୍ଲିନ୍‌ଘନ ଓ ମାର୍କଣ୍ଡେ ସିରାଜଙ୍କ ଦ୍ୱାରା ଆଉଟ ହୋଇଥିବା ବେଳେ ପୋଲାର୍ଡ ଚହଲଙ୍କ ଚତୁର୍ଥ ଶିକାର ହୋଇଥିଲେ । କ୍ରୁନାଲ ଉମେଶଙ୍କ ଦ୍ୱାରା ପ୍ୟାଭିଲିୟନ ଫେରିଥିଲେ ।



ବିରାଟ କୋହଲିଙ୍କୁ ଆଉଟ କରିବା ପରେ ଯଶପ୍ରୀତ ବୁମରାଙ୍କୁ ସାଥୀ ଖେଳାଳି ବଧାଇ ଜଣାଉଛନ୍ତି ।

### ସଂକ୍ଷିପ୍ତ ସ୍କୋର

- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୮୭/୮ (ରୋହିତ- ୪୮, ସୂର୍ଯ୍ୟକୁମାର- ୩୮, ହାର୍ଦ୍ଦିକ- ୩୨*, ଯୁବରାଜ- ୨୩, ଡି କକ- ୨୩, ଚହଲ- ୪/୩୮, ଉମେଶ- ୨/୨୬, ସିରାଜ- ୨/୩୮ )।
- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୮୧/୫ (ଡିଭିଲର୍ସ- ୭୦*, କୋହଲି- ୪୬, ପାର୍ଥିବ- ୩୧, ବୁମ୍‌ରା- ୩/୨୦)।

## ଡ୍ରଗ୍ ଟେଷ୍ଟରେ ବିଫଳ ହେଲେ ଜାପାନ ସନ୍ତରଣକାରୀ

ଟୋକିଓ, ୨୯।୩ (ଏଏଫ୍‌ପି)-ଏକ ଡ୍ରଗ୍ ଟେଷ୍ଟରେ ବିଫଳ ହେବା ପରେ ଜାପାନିଜ ଅଲିମ୍ପିକ ସନ୍ତରଣକାରୀ ହିରୋମାସା ଫୁଜିମୋରିଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଛି। ଶୁକ୍ରବାର ଦେଶର ସୁଇମିଂ ଫେଡେରେଶନ ଏ ବିଷୟରେ ସୂଚନା ଦେଇଛି। ୨୭ବର୍ଷୀୟ ଫୁଜିମୋରି ୨୦୧୬ ରିଓ ଅଲିମ୍ପିକ୍ସ ୨୦୦ ମିଟର ବ୍ୟକ୍ତିଗତ ମିଡ୍‌ଲେରେ ମାଇକେଲ ଫେଲ୍‌ପ୍ସ ଏବଂ ନିଜ ଦେଶର କୋସୁକି ହାଜିନୋଙ୍କ ପଛକୁ ଚତୁର୍ଥ ସ୍ଥାନରେ ରହିଥିଲେ। ଗତ ଡିସେମ୍ବରରେ ଚାଇନାରେ ଅନୁଷ୍ଠିତ ଶର୍ଟ କୋର୍ସ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ତାଙ୍କର ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ନିଷିଦ୍ଧ ଷ୍ଟିମୁଲାଣ୍ଟ ଏଫିଡ୍ରିନର ମାତ୍ରା ଠାବ କରାଯାଇଛି। ଫୁଜିମୁରି ହେଉଛନ୍ତି ଜଣେ ପୂର୍ବତନ ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା। ବର୍ତ୍ତମାନ ସସ୍‌ପେଣ୍ଡ ହୋଇଥିବା ଯୋଗୁ ଆସନ୍ତା ମାସରେ ହେବାକୁଥିବା ଜାତୀୟ ଚାମ୍ପିୟନଶିପ୍‌ରେ ସେ ଅଂଶଗ୍ରହଣ କରିପାରିବେ ନାହିଁ। ଚଳିତ ଗ୍ରୀଷ୍ମଋତୁରେ ଦକ୍ଷିଣ କୋରିଆରେ ବିଶ୍ୱ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଜାତୀୟ ଚାମ୍ପିୟନଶିପ୍‌କୁ ଏହାର ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଉଭୟ 'ଏ' ଓ 'ବି' ନମୁନା ପଜିଟିଭ ଆସିବା ପରେ ସୁଇମିଂର ଗଭର୍ନିଂ ବଡି 'ଫିନା' ଫୁଜିମୁରିଙ୍କ ବାସନ୍ଦ ସମୟ ସୀମା ଧାର୍ଯ୍ୟ କରିବ। ଗତବର୍ଷ ପୂର୍ବତନ ବ୍ୟାକ୍‌ଷ୍ଟ୍ରୋକ୍ ବିଶ୍ୱ ଚାମ୍ପିୟନ ଜୁନ୍ୟା କୋଗାଙ୍କ ପରେ ଡୋପ୍ ଟେଷ୍ଟରେ ବିଫଳ ହେବାରେ ଫୁଜିମୁରି ଜାପାନର ଦ୍ୱିତୀୟ ହାଇ ପ୍ରୋଫାଇଲ ସନ୍ତରଣକାରୀ। ୨୦୦୯ରେ ଏକ ବିଶ୍ୱ ଟାଇଟଲ ଜିତିଥିବା କୋଗା ଏବେ ୪ବର୍ଷ ବାସନ୍ଦ ଦଣ୍ଡ ଭୋଗୁଛନ୍ତି। ଏହି ଦଣ୍ଡ ବିରୋଧରେ ସେ ଗତ ନଭେମ୍ବରରେ କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର୍ ସ୍ପୋର୍ଟ୍ସ (କାସ୍)ରେ ଆବେଦନ କରିଥିଲେ। କୋଗାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରୁ ମାଂସପେଶୀ ମଜଭୁତକାରକ ଉପାଦାନ ଠାବ କରାଯାଇଥିଲା। ଏହା ତାଙ୍କ ଅଜ୍ଞାତରେ ଖାଦ୍ୟପଦାର୍ଥର ଏକ ଅଂଶ ବିଶେଷ ଥିଲା। ଫୁଜିମୋରି ମଧ୍ୟ ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଉଛନ୍ତି।

## ମନ୍ଧାନା ୩ୟ, ପୁନମ ୨ୟ ସ୍ଥାନ ବଜାୟ ରଖିଲେ

**ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍**

ଦୁବାଇ, ୨୯।୩ (ପି.ଟି.) ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମହିଳା ଟି୨୦ ଖେଳାଳି ର୍‍ୟାଙ୍କିଙ୍ଗ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଭାରତୀୟ ଓପନର ସ୍ମୃତି ମନ୍ଧାନା ଏବଂ ଲେଗ୍ ସ୍ପିନର ପୁନମ ଯାଦବ ଯଥାକ୍ରମେ ବ୍ୟାଟିଂ ଓ ବୋଲିଂ ର୍‍ୟାଙ୍କିଙ୍ଗରେ ତୃତୀୟ ଓ ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜରେ ନିୟମିତ ଅଧିନାୟିକା ହରମନପ୍ରୀତ କୌରଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିବା ମନ୍ଧାନାଙ୍କ ପଏଣ୍ଟ ସଂଖ୍ୟା ବର୍ତ୍ତମାନ ୬୯୮ ରହିଛି। ନ୍ୟୁଜିଲାଣ୍ଡର ସୁଜି ବେଟ୍ସ (୭୬୭ ପଏଣ୍ଟ) ଏବଂ ୱେଷ୍ଟଇଣ୍ଡିଜର ଡିଏଣ୍ଡ୍ରା ଡଟିନ (୭୨୫ପଏଣ୍ଟ) ଯଥାକ୍ରମେ ବ୍ୟାଟିଂ ତାଲିକାର ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଏହି ତାଲିକାରେ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଜେମିମା ରୋଡ୍ରିଗୁଏଜ୍ ତାଙ୍କ ୬ଷ୍ଠ ସ୍ଥାନ ବଜାୟ ରଖିଥିବାବେଳେ ଗୋଇଠିରେ ଆଘାତପ୍ରାପ୍ତ ଯୋଗୁ ଇଂଲଣ୍ଡ ବିପକ୍ଷ ସିରିଜ ଖେଳି ନ ଥିବା ହରମନପ୍ରୀତ ୧୦ମ ସ୍ଥାନରେ ଅଛନ୍ତି। ବୋଲର ର୍‍ୟାଙ୍କିଙ୍ଗ ତାଲିକାରେ ଅଷ୍ଟ୍ରେଲିଆର ମେଗାନ ସ୍କଟ୍ ପ୍ରଥମ ଏବଂ ଭାରତୀୟ ଖେଳାଳି ପୁନମ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବାମହାତୀ ସ୍ପିନର ରାଧା ଯାଦବ ଏବଂ ଦକ୍ଷିଣ ଆଫ୍ରିକାର ଶବନିମ ଇସ୍‌ମାଇଲ ମିଳିତ ୫ମ ସ୍ଥାନରେ ଅଛନ୍ତି। ଆଇସିସି ମହିଳା ଟି୨୦ ଟିମ୍ ର୍‍ୟାଙ୍କିଙ୍ଗରେ ଭାରତ ପୂର୍ବଭଳି ୫ମ ସ୍ଥାନ ବଜାୟ ରଖିଛି। ଟେବୁଲରେ ଅଷ୍ଟ୍ରେଲିଆ ସର୍ବାଧିକ ୨୮୩ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଏହା ପଛରେ ଇଂଲଣ୍ଡ (୨୭୮ ପଏଣ୍ଟ) ରହିଛି। ଶ୍ରୀଲଙ୍କା ଗୋଟିଏ ପଏଣ୍ଟ ହରାଇ ବର୍ତ୍ତମାନ ୨୦୫ ପଏଣ୍ଟ ସହ ୮ମ ସ୍ଥାନରେ ଥିବାବେଳେ ୱେଷ୍ଟଇଣ୍ଡିଜ ଚତୁର୍ଥ ସ୍ଥାନରେ ରହିଛି।

## ଦଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ

**ଜ୍ୟାକ୍ କାଲିସ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭରୁ ବେଶ୍ ମଜାଦାର ହୋଇଛି। ଗତ ୪ଟି ମ୍ୟାଚ୍‌ରେ ଜବରଦସ୍ତ ଆକ୍ସନ ଓ ରୋମାଞ୍ଚ ଦେଖିବାକୁ ମିଳିଛି। ଇଡେନ ଗାର୍ଡେନ୍ସରେ ଆମ ଦଳ କୋଲକାତା ନାଇଟ୍ ରାଇଡର୍ସ ତାର ଦୁଇଟି ଯାକ ଘରୋଇ ମ୍ୟାଚ୍‌ରେ ଚମତ୍କାର ବିଜୟ ହାସଲ କରିଛି। ଏଥିପାଇଁ ଘରୋଇ ଦର୍ଶକଙ୍କୁ ଧନ୍ୟବାଦ ଜଣାଉଛି। ଦର୍ଶକଙ୍କ ସମର୍ଥନ ବେଶ୍ ଉତ୍ସାହଜନକ ଥିଲା। ୩ ବର୍ଷ ପରେ ମଧ୍ୟ ଏଭଳି ସମର୍ଥନରେ ମୁଁ ଅଭିଭୂତ। ମ୍ୟାଚ୍‌ରେ ଫର୍ମ ବଜାୟ ରଖିବା ସବୁଠାରୁ ବଡ଼ କଥା। ଫର୍ମକୁ ଏପଟ ସେପଟ କରିବା ଠିକ୍ ନୁହଁ। ଫର୍ମ ରହିଲେ ଜଣେ ଖେଳାଳି ଉଚ୍ଚକୋଟୀର ପ୍ରଦର୍ଶନ କରିଥାଏ। ତେବେ ବିନା କାରଣରେ ଏହା ଆସିଥାଏ ଓ ଚାଲିଯାଇଥାଏ ମଧ୍ୟ। ଆମ ପାଇଁ ଦଳ ସବୁକିଛି। ଦଳକୁ ପ୍ରଥମେ ଆମେ ଅଗ୍ରାଧିକାର ଦେଇଥାଉ। ଯଦିଓ କେତେକ ଖେଳାଳି କୌଣସି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥାନ୍ତି। ତେବେ ଶେଷରେ ଦଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ। କାରଣ ଦଳ ହିଁ ଶେଷରେ ଜିତିଥାଏ କିମ୍ବା ହାରିଥାଏ।

ଆନ୍ଦ୍ରେ ରସେଲ ଏପର୍ଯ୍ୟନ୍ତ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି। ଟି୨୦ରେ ସେ ଚୌକା ଅପେକ୍ଷା ଅଧିକ ଛକା ମାରିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ଦଳର ବିଜୟରେ ତାଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ପୂର୍ବରୁ ମଧ୍ୟ ସେ ଏଭଳି ଇନିଂସ ଖେଳିଛନ୍ତି। କେବଳ ବ୍ୟାଟିଂରେ ନୁହଁ ସେ ବୋଲିଂରେ ମଧ୍ୟ ଦମ୍ ଦେଖାଇଛନ୍ତି। ଟି୨୦ରେ ରସେଲଙ୍କୁ ବିଶ୍ୱର ଶ୍ରେଷ୍ଠ ଅଲରାଉଣ୍ଡର ବୋଲି କୁହାଯାଇପାରେ। କ୍ରିସ୍ ଗେଲ୍ ମଧ୍ୟ ଏଭଳି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। କିନ୍ତୁ ରସେଲ ଯଦି ଏହି ପ୍ରଦର୍ଶନ ଜାରି ରଖିବେ ତାହେଲେ ଗେଲଙ୍କୁ ପଛରେ ପକାଇପାରିବେ ବୋଲି କୁହାଯାଇପାରେ। ରସେଲ ଜଣେ କେବଳ ଭଲ ଖେଳାଳି ନୁହଁନ୍ତି ଜଣେ ମଜାଦାର ବ୍ୟକ୍ତି ମଧ୍ୟ। ଦଳରେ ସେ ସମସ୍ତଙ୍କର ମନୋରଞ୍ଜନ କରିଥାନ୍ତି। ସଫଳତା କିମ୍ବା ବିଫଳତାରେ ସେ ସମାନ ଭାବେ ଆଚରଣ ପ୍ରଦର୍ଶନ କରିଥାନ୍ତି। ସେ ଶୂନରେ ଆଉଟ ହୋଇଥାନ୍ତୁ କି ୧୫ ବଲରୁ ୫୦ କରିଥାନ୍ତୁ, ସବୁ ପରିସ୍ଥିତିରେ ସେ ସମାନ ଲାଗିଥାନ୍ତି। ଟି୨୦ରେ ବିଜୟଧାରା ତଥା ସ୍ଥିରତା ବଜାୟ ରଖିବା ସବୁଠାରୁ ବଡ଼ କଥା। କାରଣ ଗୋଟିଏ ଦୁଇଟି ପରାଜୟ ୩ୟ କିମ୍ବା ୪ର୍ଥରେ ପରିଣତ ହୋଇପାରେ।

ସୁନୀଲ ନାରିନ୍ କାହିଁକି ଇନିଂସ ଓପନ କରୁନାହାନ୍ତି ବୋଲି କେତେକ ମୋତେ ପ୍ରଶ୍ନ କରୁଛନ୍ତି। ବିଭିନ୍ନ ଦଳ ପାଇଁ ଭିନ୍ନ ରଣନୀତ ଆପଣେଇବାକୁ ହୋଇଥାଏ। ପୁଣି ପରିସ୍ଥିତି ଅନୁଯାୟୀ ନିଷ୍ପତ୍ତି ନେବାକୁ ପଡିଥାଏ। ପ୍ରତ୍ୟେକ ଦଳ ଉଭୟ ବଲ୍ ଓ ବ୍ୟାଟ୍‌ରେ ଭଲ ପ୍ରଦର୍ଶନ କରି ଜିତିବାକୁ ପ୍ରୟାସ କରିଥାନ୍ତି। ଏଥିପାଇଁ କେତେ ରିସର୍ଚ୍ଚ ଓ ହୋମୱାର୍କ କରିବାକୁ ପଡିଥାଏ। ଯଦିଓ ଏସବୁ ମୁଁ ଏକା କରି ନ ଥାଏ। ମୋତେ ଯାହା ସୂଚନା ପ୍ରଦାନ କରାଯାଇଥାଏ ସେହି ଅନୁସାରେ ରଣନୀତି ଆପଣେଇ ଅଧିକରୁ ଅଧିକ ରନ ଓ ଉଇକେଟ ନେବାକୁ ଦଳ ପ୍ରୟାସ କରିଥାଏ। ପ୍ରତିପକ୍ଷ ଦଳର ସମ୍ଭାବ୍ୟ ଖେଳାଳି ତାଲିକାକୁ ଦୃଷ୍ଟିରେ ରଖି ଆମେ ମଧ୍ୟ ଖେଳାଳିଙ୍କୁ ଦଳରେ ସାମିଲ କରିଥାଉ ଓ ସେହି ଅନୁସାରେ ବ୍ୟାଟିଂ ତଥା ବୋଲିଂ କ୍ରମରେ ପରିବର୍ତ୍ତନ ଆଣିଥାଉ। ଅବଶ୍ୟ ଏ ନେଇ ପୂର୍ବାନୁମାନ ସବୁ ବେଳେ ଠିକ୍ ହୋଇ ନ ଥାଏ।

(ଗେମ୍‌ପ୍ଲାନ୍/ ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE INVATUBULAR

ଧରିତ୍ରୀ DHARITRI CAREER APPOINTMENT
every Wednesday & Saturday

**ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ନିଯୁକ୍ତି**
ନିଜ ନିଜ ଜିଲ୍ଲା ଓ ବ୍ଲକ୍‌ରେ କାମ କରିବା ପାଇଁ ପ୍ରାର୍ଥୀ ଆବଶ୍ୟକ। ବୟସ 30 ବର୍ଷ ମଧ୍ୟରେ, ଯୋଗ୍ୟତା: 8thରୁ +3. ଦରମା: 6,500/- to 25,800/-.
Mob: 9583494854

**REQUIRED**
Service Manager (DME), Sales Man and Mis Person (Graduate) for Mahindra Dealership. Min. Exp. 3 Yrs. Apply with details to following
hod.edbbs@gmail.com

**URGENTLY REQUIRED**
**ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବାପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.45,000
For More Details Contact 9178134788 7064222275

**WANTED**
WORKING BOYS / GIRLS
For PEST-Control Company in Bhubaneswar.
Contact
9861022646/ 8249937131

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବେ। କେବଳ ଅଭିଜ୍ଞ ପ୍ରାର୍ଥୀ। ହୋଣ୍ଡା ସିଟି କାର ଡ୍ରାଇଭର। ରୋଷେୟା। ଅଫିସ୍ ଆସିଷ୍ଟାଣ୍ଟ। ଚାକର। ଘର କେୟାର୍-ଟେକର୍। ଭଲ ଦରମା। ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲିଃ:
9884761210

**WANTED +2/ GRADUATE**
As Harbour Data Collector (Trainee) in NETFISH, ODISHA Rs. 17000/- PM, +2 Biology or any graduate with computer knowledge, 30 years. Mob No: **9438004106**. Send biodata to **netfish.odisha@gmail.com** on or before 04.04.2019.

**ଡ୍ରାଇଭର ଓ ମାଳି ଆବଶ୍ୟକ**
ଅଫିସ୍ ଓ ଘରୋଇ ଚାରିଚକିଆ ଯାନ ଚଳେଇବା ପାଇଁ ଡ୍ରାଇଭର ଏବଂ ଫୁଲ ଗଛ ଓ ପରିବା ଚାଷ ପାଇଁ ମାଳି ଆବଶ୍ୟକ। ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ।
ଠିକଣାରେ ଯୋଗାଯୋଗ କରନ୍ତୁ
DLF Cibercity, Infront of Silicon Institute, Patia, 9th Floor, #929, Bhubaneswar
Phone No. : 0674-7107777, 7852984720

**ଆବଶ୍ୟକ**
ମହିଳା ଡାକ୍ତରଙ୍କ ଭୁବନେଶ୍ୱର ଘରେ ରହି ଘରକାମ ଯଥା ରୋଷେଇ, ଲୁଗାସଫା, ବାସନ ସଫା ଆଦି ପାଇଁ ମହିଳା ଆବଶ୍ୟକ। ଯୋଗାଯୋଗ ନଂ:-
9778054164
9439991751

**URGENTLY REQUIRED**
1. Lady Receptionist cum Front office In charge - 1 No.
2. House Keeping Staff - 2 Nos.
3. Travel Executive - 1 No.
4. Lady office Executive (Travel & Tours) - 1 No.
Please contact : TRIUMPH INN, 58, ASHOK NAGAR, BHUBANESWAR.
MOB -9437012533

**Contact: 9938414918**
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

Bhubaneswar Snacks Cafe ପାଇଁ Sales Boy/Girl ଆବଶ୍ୟକ ଏବଂ ଦୋକାନରେ କାମ କରିବା ପାଇଁ ପିଲା ଆବଶ୍ୟକ।
7609948661
8984466226

**WANTED**
ଧରିତ୍ରୀ Oriya daily is looking for
Anchors
- Candidates having Bachelors Degree in Journalism, Broadcasting or Communications.
- Responsibilities include scripting, anchoring, research and reporting, having strong idea on use of digital and social media.

Bulletin Producers
- Experienced news producers to coordinate newscasts, editorial package presentation in digital platform.

Visual Editors
- Candidate should be able to edit videos and create attractive news packages for digital audience.
- Should have working knowledge of uploading videos & creating Live Stream feeds.
- Experience in online video editing work will be given preference.

Apply immediately to : recruitment@dharitri.com
Attractive salary commensurate with experience

**WANTED**
ଭୁବନେଶ୍ୱର ନୟାପଲ୍ଲୀସ୍ଥିତ କଲେଜ ନିମନ୍ତେ Clerk, Accountant (M), ବସ୍ ଡ୍ରାଇଭର, କାର ଡ୍ରାଇଭର, ପିଅନ, ହାଉସ କିପିଂ Staff ଆବଶ୍ୟକ। ରହିବା ବ୍ୟବସ୍ଥା ଅଛି।
BIMSR, 1480. IRC Village, Bhubaneswar -
9040009727, 8456845313

**PART / FULL TIME**
ଘରକାମ / ରୋଷେଇ / ରୋଗୀଙ୍କ ଯତ୍ନ / ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ।
7381222430
7008010850

**TEACHERS WANTED**
Applications are invited from trained & experienced Teachers with good English Communication for primary & Nursery group. English, Hindi, Maths subjects efficiency are mostly required.
SUNRISE PUBLIC SCHOOL, B-48, Ruchika Market, Baramunda, BBSR-03, Classes from Pre-Nursery/ Nursery, Std-I to Std-VIII.
Contact: 9937014627, 9439363445, 9439733552
E-mail ID: sunrisepub.school@gmail.com

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା:- 10th/above. Monthly Salary upto Rs.27,000/- (Part Time / Full Time)
Contact-9938676412

**WALK-IN-INTERVIEW**

| NO EXPERIENCE REQUIRED | SEO EXPERIENCE (MUST) REQUIRED |
|---|---|
| • HR & DM<br>• Sales & Marketing | • Content Writer<br>• SEO Sale (International)<br>• Web Developer<br>• Social Media Analyst<br>• PPC Analyst |

Excellent in Written and Spoken English.
AuroIN 933, DLF Ciber City, Patia, Bhubaneswar
Mob : 9437513333, 7381738333, 9937292133

**OFFICIALLY JOB**
ଯୋଗ୍ୟତା:- ଦଶମ ପାସ୍/ଫେଲ୍, ବୟସ:- (18-40) Yrs. ମାସିକ ଦରମା upto Rs.25,000/-
Contact Immediately
Mob-8763257042

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। ଦରମା: 27,000/, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

**Teachers Wanted**
Walk in interview. Candidates with NTT, CT and B.Ed are invited to face an interview on 2nd April 2019 at 10 AM. in the premises of Utkal International School situated. At- Banipada, Post- Chasapada, Dist- Cuttack, PIN-754027. Candidates are requested to Come with their original document with 2 sets of Xerox Copies and Passport size Photos.

**Vacancy In Citicon Engineers Ltd.**
1) **Relationship Manager - 5 nos (M/F)**, Fresher or experience in Real Estate.
2) **Office Manager -1(M)**, Minimum 0-3 years experience required. Candidate must be Graduate with Basic Computer Knowledge.
3) **Personal Assistant To Director -1(M/F)**, Minimum 0-5 years experience required. Candidate must be Graduate or above with Basic Computer Knowledge.
4) **Personal Secretary to CMD -1(F/M)**, Minimum 5-7 years experience required. Candidate must be Graduate with MBA & Computer Knowledge.
5) **Transport Manager -1(M)**, 0-5 years experience required in Vehicle maintenance or Automobile Field.
6) **Data Entry Operator -1(M/F)**, Minimum 2-5 years experience with knowledge in Tally
7) **Office Assistant -2(M)**, Fresher or experience, Matric or above having Two wheeler is a must.
SALARY –NEGOTIABLE
WALK-IN INTERVIEW : 01.04.19 to 10.04.19
ADDRESS- Head Office, Plot No – 540, Saheed Nagar, Near Saheed Sporting Club, BBSR-7, Odisha, India
CONTACT NO-6372015600 / 06742540528
MAIL ID- Hr@citiconengineers.com
WEBSITE- www.citiconengineers.com



EDUCATORS REQUIRED
PARAMITA SCHOOLS
CBSE ICSE IGCSE SSC
Creative and Successful - DAY & RESIDENTIAL Schools near Hyderabad looking for EDUCATORS for CAMBRIDGE-IGCSE, CISCE-ICSE & CBSE. Also require FRENCH/SPANISH EDUCATOR.

| Minimum Salary package p.a. | | |
|---|---|---|
| PRE-PRIMARY | ENGLISH & SOCIAL | MATH & SCIENCE |
| Rs. 3,00,000 | Rs. 3,60,000 | Rs. 4,20,000 |

Higher pay for deserving and experienced Educators. Freshers with good communication skills can also apply.
FREE Board & Accommodation facility
For more information contact 8886127373, 9885136655
Apply online https://jobs.paramitaschools.in for Interview
Must register online for interviews
INTERVIEWS 31-MAR-2019, SUNDAY 10:00AM - 05:00PM
WALK-IN : HOTEL MAYFAIR Panposh Road, Raghunathpali, ROURKELA

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.14 (↓16) | 38,672.91 (↑127.19) | 11,623.90 (↑53.90) | 32,700.00 (↓₹395) | 38,260.00 (↓₹590) |

ୟୁରୋପ ଏବଂ ଓସିନୀୟା ଦେଶଗୁଡ଼ିକ ସହ ରହିଥିବା ବାଣିଜ୍ୟ ସମ୍ଭାବନା ବୃଦ୍ଧି ଉପରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

– ଅନୁପ ୱାଧୱାନ, ବାଣିଜ୍ୟ ସଚିବ



ଇନପୁଟ ଖର୍ଚ୍ଚ ଏବଂ ବିଭିନ୍ନ ଅର୍ଥନୈତିକ କାରଣକୁ ବିଚାର କରି ଡାଟଶନ ଗୋ ଏବଂ ଗ୍ଲୋ ପ୍ଲସର ମୂଲ୍ୟ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି।

–ହରଦୀପ ସିଂ ବ୍ରାର, ବିକ୍ରି ନିର୍ଦ୍ଦେଶକ, ନିଶାନ ଇଣ୍ଡିଆ



## ସଂକ୍ଷେପରେ

### ରାଜସ୍ୱ ନିଅଣ୍ଟ ୧୩୪% ଟପିଲା

ନୂଆଦିଲ୍ଲୀ,୨୯-୩: କେନ୍ଦ୍ରସରକାରଙ୍କ ରାଜସ୍ୱ ନିଅଣ୍ଟ ପରିମାଣ ଚଳିତବର୍ଷ ଫେବୃୟାରୀ ଶେଷ ସୁଦ୍ଧା ସଂଶୋଧିତ ବଜେଟ ଅନୁମାନର ୧୩୪.୨ ପ୍ରତିଶତରେ ପହଞ୍ଚିଯାଇଛି। ଶୁକ୍ରବାର ଜାରି ସରକାରୀ ତଥ୍ୟ ଅନୁସାରେ ରାଜସ୍ୱ ଆଦାୟ ହ୍ରାସ ପାଇବା କାରଣରୁ ରାଜସ୍ୱ ନିଅଣ୍ଟ ବୃଦ୍ଧି ପାଇଛି। ଲେଖା ମହାନିୟନ୍ତ୍ରକ(ସିଜିଏ)ର ପରିସଂଖ୍ୟାନ ଅନୁସାରେ ଏପ୍ରିଲ-ଫେବୃୟାରୀ, ୨୦୧୮-୧୯ରେ ରାଜସ୍ୱ ନିଅଣ୍ଟ ପରିମାଣ ୮.୫୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି, ଯାହାକି ସମ୍ପୂର୍ଣ୍ଣ ବର୍ଷ ଲାଗି ସଂଶୋଧିତ ବଜେଟ ଅନୁମାନ ୬.୩୪ ଲକ୍ଷ କୋଟି ଟଙ୍କାଠାରୁ ଯଥେଷ୍ଟ ଅଧିକ। ଅର୍ଥନୈତିକ ବ୍ୟାପାର ସଚିବ ଏସ.ସି.ଗର୍ଗ କହିଛନ୍ତି ଯେ, କେନ୍ଦ୍ର ସରକାର ରାଜସ୍ୱ ନିଅଣ୍ଟ ପରିମାଣକୁ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୩.୪%ରେ ସୀମିତ ରଖିବାକୁ ପ୍ରତିଶ୍ରୁତିବଦ୍ଧ। ପରିସଂଖ୍ୟାନ ଅନୁଯାୟୀ, ସରକାର ରାଜସ୍ୱ ବାବଦରେ ୧୨.୬୫ ଲକ୍ଷ କୋଟି ଟଙ୍କା ହାସଲ କରିଛନ୍ତି, ଯାହାକି ସଂଶୋଧିତ ବଜେଟ ଅନୁମାନର ୭୩.୨%। ଗତ ଆର୍ଥିକବର୍ଷର ସମାନ ଅବଧିରେ ୭୮.୨% ରାଜସ୍ୱ ମିଳିଥିଲା। ସରକାର ଟିକସ ବାବଦରେ ୧୦.୯୪ ଲକ୍ଷ କୋଟି ଟଙ୍କା ଓ ଅଣ-ରାଜସ୍ୱ ବାବଦରେ ୧.୭ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ତେବେ ୨୦୧୮-୧୯ ଏପ୍ରିଲ-ଫେବୃୟାରୀ ଅବଧିରେ ସରକାର ମୋଟ ୨୧.୮୮ ଲକ୍ଷ କୋଟି ଟଙ୍କା(ବଜେଟ ଅନୁମାନର ୮୯.୦୮%) ବ୍ୟୟ କରିଛନ୍ତି। ଏହି ଅବଧିରେ ରାଜ୍ୟ ସରକାରଗୁଡ଼ିକୁ ସେମାନଙ୍କ ଅଂଶଧନ ବାବଦରେ କେନ୍ଦ୍ର ସରକାର ଫେବୃୟାରୀ ଶେଷ ସୁଦ୍ଧା ୫.୯୬ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ଅର୍ଥ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ।

### ଚଳନ୍ତି ଖାତା ନିଅଣ୍ଟ ଜିଡିପିର ୨.୫%କୁ ବୃଦ୍ଧି

ନୂଆଦିଲ୍ଲୀ,୨୯-୩: ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ପରିମାଣ ଚଳିତ ଆର୍ଥିକ ବର୍ଷ ୨୦୧୮-୧୯ର ତୃତୀୟ ତ୍ରୈମାସରେ ମୋଟ ଘରୋଇ ଉତ୍ପାଦ(ଜିଡିପି)ର ୨.୫%କୁ ବୃଦ୍ଧି ପାଇଛି। ବର୍ଷକ ପୂର୍ବେ ସମାନ ଅବଧିରେ ଏହା ୨.୧% ରହିଥିଲା। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି ଯେ, ବାଣିଜ୍ୟ ନିଅଣ୍ଟ ବଢ଼ିବା କାରଣରୁ ସିଏଡି ବୃଦ୍ଧି ପାଇଛି। ମୂଲ୍ୟ ହିସାବରେ ଦେଖିଲେ ଅକ୍ଟୋବର-ଡିସେମ୍ବର ତ୍ରୈମାସରେ ସିଏଡି ୧୬.୯ ବିଲିୟନ ଡଲାର ରହିଛି, ଯାହାକି ବର୍ଷକ ପୂର୍ବେ ଏହି ଅବଧିରେ ୧୩.୭ ବିଲିୟନ ଡଲାର ଥିଲା। ତେବେ ପୂର୍ବ ତ୍ରୈମାସ(ଜୁଲାଇ-ସେପ୍ଟେମ୍ବର)ରେ ସିଏଡି ହ୍ରାସ ପାଇ ଜିଡିପିର ୨.୯% ଅର୍ଥାତ୍ ୧୯.୧ ବିଲିୟନ ଡଲାର ଥିଲା। ସମୀକ୍ଷାଧୀନ ତ୍ରୈମାସରେ ବାଣିଜ୍ୟ ନିଅଣ୍ଟ ପରିମାଣ ୪୯.୫ ବିଲିୟନ ଡଲାର ଯାହାକି ପୂର୍ବ ଆର୍ଥିକ ବର୍ଷରେ ୪୪ ବିଲିୟନ ଡଲାର ଥିଲା।

### ଥାର୍ଡ ପାର୍ଟି ଇନସ୍ୟୁରାନ୍ସ ପ୍ରିମିୟମ ବଢ଼ିବନି

ନୂଆଦିଲ୍ଲୀ,୨୯-୩: ଚଳିତ ବର୍ଷ ଲାଗି ସମସ୍ତ ପ୍ରକାର ଦୁଇ ଚକିଆ,ତିନି ଚକିଆ ଓ ଚାରିଚକିଆ ଘରୋଇ ଓ ବାଣିଜ୍ୟିକ ଗାଡ଼ି ଉପରେ ଥାର୍ଡ ପାର୍ଟି ଇନସ୍ୟୁରାନ୍ସ ପ୍ରିମିୟମ ବଢ଼ିବ ନାହିଁ ବୋଲି ବୀମା ନିୟାମକ ଆଇଆରଡିଏଆଇ ନିଷ୍ପତ୍ତି ନେଇଛନ୍ତି। ଫଳରେ ଗାଡ଼ି ମାଲିକମାନେ ଆଶ୍ୱସ୍ତ ହୋଇଛନ୍ତି। ଗତ ଏକ ଦଶନ୍ଧି ଧରି ପ୍ରତିବର୍ଷ ଏପ୍ରିଲ ପୂର୍ବରୁ ଗାଡ଼ି ଉପରେ ଥାର୍ଡ ପାର୍ଟି ବୀମା ପ୍ରିମିୟମ ୧୦ରୁ ୪୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଯାଇ ଆସୁଛି। ତେବେ ଗତବର୍ଷ ବାଇକ, କାର ଓ ଟ୍ୟାକ୍ସିର ପ୍ରିମିୟମ ୧୦ରୁ ୨୦ ପ୍ରତିଶତ ବଢ଼ିଥିଲା। ଥାର୍ଡ ପାର୍ଟି ଇନସ୍ୟୁରାନ୍ସ ପ୍ରିମିୟମ ଧାର୍ଯ୍ୟ କରୁଥିବା ଇନସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପ୍‌ମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ(ଆଇଆରଡିଏଆଇ) ଦୁର୍ଘଟଣା ମାମଲା ଲାଗି ପ୍ରିମିୟମ ହାର ଧାର୍ଯ୍ୟ କରିବାକୁ ବୀମାକର୍ତ୍ତାଙ୍କୁ ଅନୁମତି ଦେଇଥାନ୍ତି। ଚଳିତ ବର୍ଷ ବୀମା ପ୍ରିମିୟମ ୨୦ରୁ ୩୦ ପ୍ରତିଶତ ବଢ଼ିବ ବୋଲି ଆଶା କରାଯାଉଥିଲା। ଉପଭୋକ୍ତାମାନେ ଏହି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଆଇଆରଡିଏଆଇ ପକ୍ଷରୁ କୁହାଯାଇଥିଲା ଯେ, ଗତବର୍ଷ ଏପ୍ରିଲ ପହିଲାରେ ଲାଗୁ କରାଯାଇଥିବା ପ୍ରିମିୟମ ହାର ଚଳିତ ବର୍ଷ ପାଇଁ ମଧ୍ୟ ଲାଗୁ ହେବ। ଅନ୍ୟ ଅର୍ଥରେ କହିଲେ ଗାଡ଼ି ମାଲିକମାନେ ଏବେ ଯେଉଁ ପ୍ରିମିୟମ ହାର ଦେଉଛନ୍ତି ପରବର୍ତ୍ତୀ ନୋଟିସ ନ ବାହାରିବା ପର୍ଯ୍ୟନ୍ତ ତାହା ହିଁ ଦେବେ। ୭୫ସିସିରୁ କମ୍ ଇଞ୍ଜିନଥିବା ଦୁଇଚକିଆ ଗାଡ଼ିର ପ୍ରିମିୟମ ଦର ପୂର୍ବଭଳି ୪୨୭ ଟଙ୍କା ରହିବ।

## ପିଏନ୍‌ବି ମହାଠକେଇ ମାମଲା

# ନୀରବଙ୍କୁ ମିଳିଲାନି ଜାମିନ

- ଏପ୍ରିଲ ୨୬ଯାଏ ରହିବେ ଜେଲ୍‌ରେ
- ସାକ୍ଷୀଙ୍କୁ ହତ୍ୟା ଧମକ ଦେଇଥିଲେ



ଲଣ୍ଡନ,୨୯-୩

ପ୍ରାୟ ସାଢ଼େ ୧୩ ହଜାର କୋଟି ଟଙ୍କାର ପିଏନ୍‌ବି ମହାଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ନୀରବ ମୋଦି ଏବେ ଜେଲ୍‌ରେ ରହିବେ। ସ୍ଥାନୀୟ ୱେଷ୍ଟମିନିଷ୍ଟର କୋର୍ଟ ଶୁକ୍ରବାର ତାଙ୍କର ଦ୍ୱିତୀୟ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ମାମଲାକୁ ଅସାମାନ୍ୟ ଜାଲିଆତି ବୋଲି ଅଭିହିତ କରିଛନ୍ତି।

ଲଣ୍ଡନର ୱେଷ୍ଟମିନିଷ୍ଟର କୋର୍ଟରେ ନୀରବଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଚକିତ କଲା ଭଳି ତଥ୍ୟ ସାମ୍ନାକୁ ଆସିଥିଲା। ଭାରତୀୟ ତଦନ୍ତ ଏଜେନ୍ସିଙ୍କ ପକ୍ଷରୁ କୋର୍ଟରେ ଉପସ୍ଥିତ ହୋଇଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସର ବରିଷ୍ଠ ଓକିଲ ଟବି କ୍ୟାଡମ୍ୟାନ ଅଦାଲତକୁ ଜଣାଇଥିଲେ ଯେ, ନୀରବ ମୋଦି ଜଣେ ସାକ୍ଷୀ ଆଶିଷ ଲାଡ୍‌ଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୬ରେ ହେବ। ସେହିଦିନ ପର୍ଯ୍ୟନ୍ତ ମୋଦି ଲଣ୍ଡନ ଜେଲ୍‌ରେ ବନ୍ଦୀ ଜୀବନଯାପନ କରିବାକୁ ବାଧ ହେବେ। ନୀରବଙ୍କ ଜାମିନ ଆବେଦନକୁ ଖାରଜ କରି ବିଚାରପତି ଏମ୍ମା ଅର୍ବଥନଟ କହିଥିଲେ ଯେ, ପଳାତକ ହୀରା ବ୍ୟବସାୟୀଙ୍କୁ କାହିଁକି ଜାମିନ ଦିଆଯିବ ନାହିଁ ଏହାର ଯଥେଷ୍ଟ କାରଣ ରହିଛି। ତାଙ୍କର ଆତ୍ମସମର୍ପଣ କରିବା ନେଇ ସନ୍ଦେହ ରହିଛି। ନୀରବଙ୍କ ଜାମିନ ଆବେଦନକୁ ବିରୋଧ କରି କ୍ୟାଡମ୍ୟାନ କହିଥିଲେ ଯେ, ଜାମିନ ପାଇବା ମାତ୍ରେ ନୀରବ ଦେଶତ୍ୟାଗ କରିବାର ସମ୍ଭାବନା ରହିଛି। ଏହାଛଡ଼ା ସେ ସାକ୍ଷ୍ୟପ୍ରମାଣ ନଷ୍ଟ କରିବା ତଥା ସାକ୍ଷୀଙ୍କୁ ଭୟଭୀତ କରିପାରନ୍ତି। ଅନ୍ୟପକ୍ଷରେ ନୀରବଙ୍କ ଓକିଲ ଯୁକ୍ତି ଦର୍ଶାଇ କହିଥିଲେ ଯେ, ତାଙ୍କ ମହକିଲ ଗତବର୍ଷ ଜାନୁୟାରୀରୁ ଲଣ୍ଡନରେ ରହିଛନ୍ତି। ସମସ୍ତେ ତାହା ଜାଣନ୍ତି। ସେ ଏହାକୁ ଲୁଚାଇବାକୁ ଚେଷ୍ଟା କରିନାହାନ୍ତି। ଜାମିନ ପ୍ରଦାନ କରି ନୀରବଙ୍କୁ ଗୃହବନ୍ଦୀ ଅଥବା ଇଲେକ୍ଟ୍ରୋନିକ ସର୍ଭେଲାନ୍ସ ଅଧୀନରେ ମଧ୍ୟ ରଖାଯାଇପାରେ। ଏହାଛଡ଼ା ଦୈନିକ ସ୍ଥାନୀୟ ଥାନାରେ ହାଜର ହେବା ବ୍ୟବସ୍ଥା କରାଯିବା ସମ୍ଭବ। ତାଙ୍କୁ ସ୍ୱତନ୍ତ୍ର ଧରଣର ଫୋନ ଦିଆଯାଇପାରେ, ଯାହାଦ୍ୱାରା କର୍ତ୍ତୃପକ୍ଷ ଯେକୌଣସି ସମୟରେ ସମ୍ପର୍କ ରକ୍ଷା କରିପାରିବେ। ସୂଚନାଥାଉ କି, ଗିରଫ ହେବା ମାତ୍ରେ ନୀରବ ପ୍ରଥମ ଜାମିନ ଆବେଦନ କରିଥିଲେ ଯାହା ଖାରଜ ହୋଇଯାଇଥିଲା।

### ଅତିରିକ୍ତ ପ୍ରମାଣ ଉପସ୍ଥାପିତ

ଲଣ୍ଡନ,୨୯-୩

ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କ ଜାମିନ ଆବେଦନରୁ ଶୁଣାଣି ପୂର୍ବରୁ ଭାରତୀୟ ଯାଞ୍ଚ ଏଜେନ୍ସିମାନେ ସ୍ଥାନୀୟ ୱେଷ୍ଟମିନିଷ୍ଟର କୋର୍ଟରେ ପିଏନ୍‌ବି ମହାଠକେଇ ସମ୍ପର୍କିତ ଅତିରିକ୍ତ ପ୍ରମାଣ ଉପସ୍ଥାପନ କରିଛନ୍ତି। ଭାରତ ପକ୍ଷରୁ ଲଢ଼ୁଥିବା ଲଣ୍ଡନର କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ ଏହି ପ୍ରମାଣ ସମ୍ପର୍କିତ ଫାଇଲ ବିଚାରପତି ଏମ୍ମା ଅର୍ବଥନଟଙ୍କ ଇଜଲାସରେ ଦାଖଲ କରିଛନ୍ତି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିଚାରପତି କହିଛନ୍ତି ଯେ, ଏହା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ରର ଏକ ବିରାଟ ଫାଇଲ। ସୂଚନାଥାଉ କି, ଏହି ମହିଳା ବିଚାରପତି ମଦ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ପ୍ରତ୍ୟର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନୀରବଙ୍କୁ ଗିରଫ କରାଯିବା ପରେ ୱେଷ୍ଟମିନିଷ୍ଟର କୋର୍ଟ ବିଚାରପତି ମେରୀ ମେଲୋନ ତାଙ୍କର ପ୍ରଥମ ଜାମିନ ଆବେଦନକୁ ଖାରଜ କରିଥିଲେ। ଏହାପରେ ନୀରବ ଦ୍ୱିତୀୟଥର ପାଇଁ ଜାମିନ ଆବେଦନ କରିଛନ୍ତି।

### ଆଇଓଙ୍କୁ ହଟାଇବା ନେଇ ହଟଚମଟ

ନୂଆଦିଲ୍ଲୀ,୨୯-୩

ହାଇପ୍ରୋଫାଇଲ ନୀରବ ମୋଦି ମାମଲାର ତଦନ୍ତକାରୀ ଅଧିକାରୀ(ଆଇଓ)ଙ୍କୁ ଦାୟିତ୍ୱରୁ ହଟାଇବାକୁ ନେଇ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ରେ ହଟଚମଟ ସୃଷ୍ଟି ହୋଇଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ନୀରବଙ୍କ ବିରୋଧରେ ତଦନ୍ତ କରୁଥିବା ମୁମ୍ବାଇ ଜୋନାଲ ୟୁନିଟ-୧ର ଇଡି ଅଧିକାରୀ ଯୁଗ୍ମ ନିର୍ଦ୍ଦେଶକ ସତ୍ୟବ୍ରତ କୁମାରଙ୍କୁ ପଶ୍ଚିମାଞ୍ଚଳ ଜୋନ୍‌ର ସ୍ପେଶାଲ ଡାଇରେକ୍ଟର ବିନୀତ ଅଗ୍ରୱାଲ ଶୁକ୍ରବାର ଦାୟିତ୍ୱରୁ ହଟାଇ ଦେଇଥିଲେ। ମୋଦିଙ୍କ ଜାମିନ ଆବେଦନର ଶୁଣାଣି ପାଇଁ କୁମାର ଏବେ ଲଣ୍ଡନରେ ରହିଛନ୍ତି। ଏହି ସୂଚନା ପାଇବା ମାତ୍ରେ ଇଡି ଡାଇରେକ୍ଟର ସଞ୍ଜୟ କୁମାର ମିଶ୍ର ତୁରନ୍ତ ଏହି ନିର୍ଦ୍ଦେଶକୁ ନୂଆଦିଲ୍ଲୀ ମୁଖ୍ୟ କାର୍ଯ୍ୟାଳୟରେ ଥାଇ ବାତିଲ କରିଦେଇଥିଲେ ଏବଂ ତାଙ୍କୁ ପୁନର୍ବାର ଦାୟିତ୍ୱରେ ଅବସ୍ଥାପିତ କରିଥିଲେ। କଷ୍ଟମ୍ସ ଆଣ୍ଡ ଇନଡାଇରେକ୍ଟ ଟ୍ୟାକ୍ସେସ ସର୍ଭିସର ଇଣ୍ଡିଆନ ରେଭେନ୍ୟୁ ସର୍ଭିସ କୁମାରଙ୍କୁ ଅଗ୍ରୱାଲ ଟେକ୍ନିକାଲ ଗ୍ରାଉଣ୍ଡରେ ଦାୟିତ୍ୱରୁ ହଟାଇ ଦେଇଥିଲେ।

## ଭୁବନେଶ୍ୱରରେ ବିଗ୍ ବଜାରର ପଞ୍ଚମ ଷ୍ଟୋର



- ୩୦ ହଜାର ବର୍ଗଫୁଟ ସ୍ଥାନରେ ଷ୍ଟୋର
- ଓଡ଼ିଶାରେ ସମ୍ପ୍ରସାରଣ ଧାରା ଜାରି ରହିବ:ମନୀଷ ଅଗ୍ରୱାଲ

ଭୁବନେଶ୍ୱର,୨୯-୩(ବ୍ୟୁରୋ)

ପ୍ରମୁଖ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ ଭୁବନେଶ୍ୱରରେ ଏହାର ପଞ୍ଚମ ଷ୍ଟୋର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋରକୁ ବିଗ୍ ବଜାରର ପୂର୍ବାଞ୍ଚଳ ମୁଖ୍ୟ ମନୀଷ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏହା ୩୦,୦୦୦ ବର୍ଗଫୁଟ ସ୍ଥାନରେ ଅବସ୍ଥାପିତ ଥିବା ବେଳେ ପାତ୍ରପଡା ଡିଏନ୍ ରେଗାଲିଆ ମଲ୍‌ରେ ଖୋଲିଛି। ନୂଆ ଷ୍ଟୋରକୁ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ଅଗ୍ରୱାଲ କହିଛନ୍ତି। ସହରର କଳେବର ବଢିବା ସହ ଲୋକଙ୍କ ଚାହିଦାରେ ପରିବର୍ତ୍ତନ ହେଉଛି। ଏହାକୁ ନଜରରେ ରଖି ସଦ୍ୟତମ ଫର୍ମାଟରେ ନୂଆ ଷ୍ଟୋର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ନୂଆ ଷ୍ଟୋରକୁ ଆକର୍ଷଣୀୟ କରି ଗଢି ତୋଳିବା ଲାଗି ପ୍ରୟାସ ରହିଛି। ଏହା ଗ୍ରାହକଙ୍କ ଦ୍ୱାରା ଆଦୃତ ହେବା ନେଇ ଆଶାବାଦୀ। ୨୦୦୪ରେ ଭୁବନେଶ୍ୱରର ଖାରବେଳ ନଗରରେ ବିଗ୍ ବଜାର ଷ୍ଟୋର ଖୋଲିବା ପରଠାରୁ ଗ୍ରାହକଙ୍କଠାରୁ ଭଲ ରେସପନ୍ସ ମିଳିଛି। ବର୍ତ୍ତମାନ ଭୁବନେଶ୍ୱରର ପଟିଆ, ଖାରବେଳ ନଗର, କ୍ରିଷ୍ଣା ପ୍ଲାଜା, ଏସ୍‌ପ୍ଲାନେଡ ମଲ୍‌ରେ ବିଗ୍ ବଜାର ଷ୍ଟୋର ରହିଛି। ଏହାବାଦ ରାଜ୍ୟର କଟକ, ଯାଜପୁର ରୋଡ, କେନ୍ଦୁଝର,ସମ୍ବଲପୁର, ଝାରସୁଗୁଡା, ରାଉରକେଲା ଏବଂ ପୁରୀ ଭଳି ସ୍ଥାନରେ କମ୍ପାନୀ ଉପସ୍ଥିତି ଜାହିର କରିଥିବା ସେ କହିଛନ୍ତି। ଓଡିଶାରେ ସମ୍ପ୍ରସାରଣ ଧାରା ଜାରିରହିଥିବା ଅଗ୍ରୱାଲ କହିଛନ୍ତି। ଭୁବନେଶ୍ୱରର ସିମ୍ଫୋନୀ ମଲ୍‌ରେ ଆଉ ଏକ ବିଗ୍ ବଜାର ଷ୍ଟୋର ଖୋଲିବାକୁ ଯୋଜନା ରହିଛି। ସେହିଭଳି ରାଜ୍ୟର ବ୍ରହ୍ମପୁର, ବଲାଙ୍ଗୀର ଏବଂ ବାଲେଶ୍ୱର ଭଳି ସହରରେ ନୂଆ ଷ୍ଟୋର ଖୋଲିବ। ଏଠାରେ ଗ୍ରାହକମାନେ ବିଭିନ୍ନ ବର୍ଗରେ ସାମଗ୍ରୀ ଲାଭ କରିବାକୁ ସକ୍ଷମ ହେବେ ବୋଲି ଅଗ୍ରୱାଲ କହିଛନ୍ତି।

## ୧୦୦୦ତମ ଡିଲର ନେଟ୍‌ୱର୍କ ଯୋଡ଼ିଲା ହୋଣ୍ଡା

ମୋହାଲି,୨୯-୩

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପଞ୍ଜାବ ମୋହାଲି ଜିଲାର ଜିରାକପୁରଠାରେ ୧୦୦୦ତମ ଡିଲରଶିପ ଶୁଭାରମ୍ଭ କରିଛି। ଏଠାରେ ଗ୍ରାହକମାନେ ବିକ୍ରି,ସେବା, ସ୍ପେୟାର ଏବଂ ସୁରକ୍ଷା ଭଳି ବିଭିନ୍ନ ସେବା ଲାଭ କରି ପାରିବେ। ଘରୋଇ ଟୁହ୍ୱିଲର୍ସ ଶିଳ୍ପରେ ଏକମାତ୍ର କମ୍ପାନୀ ଭାବେ ହୋଣ୍ଡା ଏହାର ଡିଲର ନେଟ୍‌ୱର୍କକୁ ଦୁଇଗୁଣ କରିପାରିଛି। କମ୍ପାନୀ ଗତ ପାଞ୍ଚବର୍ଷରେ ୩,୩୦୦ ନୂଆ ଟଚ୍ ପଏଣ୍ଟ ଖୋଲିଛି। ନୂଆ ଡିଲରଶିପକୁ ମିଶାଇ ହୋଣ୍ଡାର ମୋଟ ଟଚ୍ ପଏଣ୍ଟ ସଂଖ୍ୟା ୬୦୦୦ ଛୁଇଁଛି। ଏଭଳି ପଦକ୍ଷେପ ଦ୍ୱାରା ହୋଣ୍ଡା ଗ୍ରାହକଙ୍କ ନିକଟତର ହେବା ସହ ବ୍ରାଣ୍ଡ ଉପରେ ରହିଥିବା ବିଶ୍ୱାସକୁ ବଢାଇ ପାରିଛୁ ବୋଲି କମ୍ପାନୀର ସିଇଓ ତଥା ସଭାପତି ମିନୋରୋ କାଟୋ ଏହି ଅବସରରେ କହିଛନ୍ତି।

## ସ୍ୱଳ୍ପ ସଞ୍ଚୟ ଯୋଜନା ସୁଧ ହାର ଅପରିବର୍ତ୍ତିତ

ନୂଆଦିଲ୍ଲୀ,୨୯-୩

କେନ୍ଦ୍ର ସରକାର ଏପ୍ରିଲ-ଜୁନ ତ୍ରୈମାସ ଲାଗି ରାଷ୍ଟ୍ରୀୟ ସଞ୍ଚୟ ଜମା ପ୍ରମାଣପତ୍ର(ଏନ୍‌ଏସ୍‌ସି), ଭବିଷ୍ୟନିଧି ପାଣ୍ଠି(ପିପିଏଫ) ସମେତ ସମସ୍ତ ପ୍ରକାର ସ୍ୱଳ୍ପ ସଞ୍ଚୟ ଜମା ଉପରେ ସୁଧ ହାରକୁ ଅପରିବର୍ତ୍ତିତ ରଖିଛନ୍ତି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଜାରି ଅଧିସୂଚନା ଅନୁଯାୟୀ, ଉକ୍ତ ତ୍ରୈମାସ ଲାଗି ପିପିଏଫ୍ ଓ ଏନ୍‌ଏସ୍‌ସିରେ ୮ ପ୍ରତିଶତ ସୁଧ ମିଳିବ। ସେହିପରି କିଷାନ ବିକାଶ ପତ୍ର(କେଭିପି)ରେ ୭.୭% ସୁଧ ଦିଆଯିବ ଓ ଏହା ୧୧୨ ମାସରେ ପରିପକ୍ୱ ହେବ। ସୂଚନାଥାଉ କି, ତ୍ରୈମାସ ଆଧାରରେ ସ୍ୱଳ୍ପ ସଞ୍ଚୟ ଯୋଜନାର ସୁଧ ହାର ନିର୍ଦ୍ଧାରଣ କରାଯାଇଥାଏ।


NATION TAX MARKET GST

ଫୋନ୍: ୦୬୭୪-୨୫୮୯୩୫୦
ଫାକ୍ସ: ୦୬୭୪-୨୫୮୯୭୩୮
ଇମେଲ୍ ଆଇଡି
commissionercgstbbsr@gmail.com

ମୁଖ୍ୟ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଉତ୍ପାଦ, ଭୁବନେଶ୍ୱର ଆୟୁକ୍ତାଳୟ
OFFICE OF CHIEF COMMISSIONER, GST & CX, BHUBANESWAR COMMISSIONERATE
କେନ୍ଦ୍ରୀୟ ରାଜସ୍ୱ ଭବନ, ରାଜସ୍ୱ ବିହାର, ଭୁବନେଶ୍ୱର, ଓଡ଼ିଶା, ପିନ୍ - ୭୫୧୦୦୭
C.R. BUILDING, RAJASWA VIHAR, BHUBANESWAR, ODISHA, PIN-751007

ବିଜ୍ଞପ୍ତି ତାରିଖ: ୨୯।୦୩।୨୦୧୯

ସମସ୍ତ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ସୂଚନାର୍ଥେ ଜଣାଇଦିଆଯାଉଛି କି, ମୁଖ୍ୟ ସୀମା ଶୁଳ୍କ, କେନ୍ଦ୍ରୀୟ ଜିଏସ୍‌ଟି ଆୟୁକ୍ତ, ଭୁବନେଶ୍ୱର ଜୋନ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ଟିକସଦାତାଙ୍କ ସୁବିଧା ପାଇଁ ତା୩୦।୦୩।୨୦୧୯ରିଖ (ଶନିବାର) ଏବଂ ତା୩୧।୦୩।୨୦୧୯ରିଖ (ରବିବାର) ଦିନ ଖୋଲା ରହିବ।

(ଏସ୍.କେ. ମହାନ୍ତି),
ଅତିରିକ୍ତ ଆୟୁକ୍ତ (ସିସିଓ),
ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ
ଭୁବନେଶ୍ୱର ଜୋନ୍



ପୌର ପରିଷଦ କାର୍ଯ୍ୟାଳୟ, ସୁନ୍ଦରଗଡ଼
ପରିପତ୍ର ସଂଖ୍ୟା: ୧୮୩୪ ତା: ୨୯।୦୩।୧୯ରିଖ

ବିଜ୍ଞାପନ
ଗୃହ ଟିକସ ପୈଠ ଉପରେ ବିଶେଷ ରିହାତି

ପୂର୍ବବର୍ଷର ବକେୟା ଟିକସ ନଥାଇ ଯେଉଁ ଗୃହ ମାଲିକମାନେ ୨୦୧୯-୨୦ ଆର୍ଥିକ ବର୍ଷର ଅଗ୍ରିମ ଦେୟ ଏକ କିସ୍ତିରେ ତା୦୨।୦୪।୨୦୧୯ରିଖଠାରୁ ତା୩୧।୦୫।୨୦୧୯ରିଖ ମଧ୍ୟରେ (ସରକାରୀ ଛୁଟି ବ୍ୟତୀତ) ସୁନ୍ଦରଗଡ଼ ପୌରପାଳିକା କାର୍ଯ୍ୟାଳୟରେ ପୈଠ କରିବେ, ଏହା ମ୍ୟୁନିସିପାଲ ନିୟମ ୧୯୫୩ ଧାରା ୧୫୯ (କ) ଅନୁଯାୟୀ ଏପ୍ରିଲ ମାସ ତା୦୨।୦୪।୨୦୧୯ରିଖଠାରୁ ୩୦।୦୪।୨୦୧୯ ପର୍ଯ୍ୟନ୍ତ ଶତକଡ଼ା ୧୦% ରିହାତି ଓ ମଇ ମାସ ତା୦୧।୦୫।୨୦୧୯ରିଖଠାରୁ ତା୩୧।୦୫।୨୦୧୯ ପର୍ଯ୍ୟନ୍ତ ଶତକଡ଼ା ୫% ଦେୟରେ ରିହାତି ପାଇପାରିବେ।

ପୌରପାଳିକା ଅନ୍ତର୍ଗତ ୱାର୍ଡମାନଙ୍କରେ ନିର୍ମିତ ନୂତନ ଗୃହ ଏବଂ ପୂର୍ବରୁ ଗୃହ ଟିକସ ଧାର୍ଯ୍ୟ ହୋଇଥିବା ପରିବର୍ଦ୍ଧିତ ଗୃହଗୁଡ଼ିକର ପୁନଃ ମୂଲ୍ୟାୟନ ନିମନ୍ତେ ଆବଶ୍ୟକୀୟ କାଗଜାତ ପୌର ପରିଷଦ କାର୍ଯ୍ୟାଳୟରେ ଟିକସ ଦାରୋଗାଙ୍କ ନିକଟରେ ଦାଖଲ କରି ଟିକସ ନିର୍ଦ୍ଧାରଣ କରାଇନେବା ପାଇଁ ଗୃହ ମାଲିକମାନଙ୍କୁ ଅନୁରୋଧ କରାଯାଉଅଛି।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୁନ୍ଦରଗଡ଼ ପୌର ପରିଷଦ



OFFICE OF THE SUB-COLLECTOR & RETURNING OFFICER, NUAPADA

No.823 Date:28.03.2019

NOTIFICATION

Sri Anurag Srivastav, IP&TAFS, Expenditure Observer for 71-Nuapada & 72- Khariar Assembly Constituency has fixed the programme to review the Account & Expenditure of all the Political Parties and Contesting Candidates as per following Schedule.

Date : 01.04.2019, 05.04.2019 & 08.04.2019
Time : 11:30 AM. Each day
Venue : Sadhbhana Sabha Gruha, Nuapada

All concerned are requested to attend and show the details of accounts of Election Expenditure to the Observer on the date & time fixed.

Sd./- Sub-Collector
& Returning Officer, Nuapada



CUTTACK MUNICIPAL CORPORATION

Ref. No.2861 Date:29.03.2019

CORRIGENDUM

Due to imposition of Model Code of Conduct for General Election - 2019, the date of opening of tenders published vide Tender Ref No.2198 dated: 02.03.2019 is postponed up to the 1st Week of June.
The exact date will be intimated later on after MCC is lifted.

Sd./- Commissioner
Cuttack Municipal Corporation



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
(A Government of Odisha Undertaking)
SCRIPS PMU, BHUBANESWAR,
OPTCL Lifeline of Odisha
Finance Wing Building, OPTCL Hqrs., Janpath, Bhubaneswar-751022
E-mail : scripspmu@optcl.co.in, Phone : 0674-2542230, CIN : U40102OR2004SGC007553

ସାର୍ବଜନିକ ଅଧିସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି, ୧୩୨ କେଭି ଭୂତଳ ବିଦ୍ୟୁତ୍ କେବୁଲ୍ ଲାଇନ୍ ୨୨୦/୧୩୨/୩୩ କେଭି ସବ୍-ଷ୍ଟେସନ୍, ଚନ୍ଦକା-ଖ ଠାରୁ ୧୩୨/୩୩ କେଭି ସବ୍-ଷ୍ଟେସନ୍, ୟୁନିଟ୍-୮ ପର୍ଯ୍ୟନ୍ତ (ଗଭର୍ଣ୍ଣର ହାଉସ୍ ଛକ ଠାରୁ ପଟିଆ ଛକ ସଂଯୁକ୍ତ ରାସ୍ତାର ବାମ ପାର୍ଶ୍ୱର ନିର୍ଦ୍ଧାରିତ ପଦଚାରୀଙ୍କ ରାସ୍ତା ତଳେ) ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି । ଏହି ଲାଇନ୍ ଇନ୍‌ଫୋସିଟି ପୋଲିସ୍ ଷ୍ଟେସନ, କିଟ୍ ଆନ୍ତର୍ଜାତୀୟ ବିଦ୍ୟାଳୟ, କିମ୍‌ସ, ସାଇ ଆନ୍ତର୍ଜାତୀୟ ବିଦ୍ୟାଳୟ, ସିପେଟ, ପଟିଆ ଛକ, ଡମଣା ଛକ, କଳିଙ୍ଗ ହସ୍ପିଟାଲ ଛକ, ଜୟଦେବ ବିହାର ଛକ, ଇଡକୋ କମ୍ୟୁନିଟି ସେଣ୍ଟର, ସ୍ପୋର୍ଟ୍ସ ସେଣ୍ଟର କଲୋନି, କଳିଙ୍ଗ ଷ୍ଟାଡିୟମ, ପାୱାର ହାଉସ ଛକ ଓ ଶକ୍ତି ବିଭାଗ ପୋଲିସ ଷ୍ଟେସନ ଦେଇ ଯାଇଅଛି । ଉକ୍ତ ୧୩୨ କେଭି ଅତ୍ୟୁଚ୍ଚ ଭୂତଳ ବିଦ୍ୟୁତ୍ କେବୁଲ୍ ଲାଇନ୍ ଆସନ୍ତା ତା.୩୦.୦୩.୨୦୧୯ ଠାରୁ ଯେ କୌଣସି ମୁହୂର୍ତ୍ତରେ ସଂଯୋଗ କରାଯାଇ ବିଦ୍ୟୁତ୍ ସରବରାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ୍‌ର ଧାରା ଅନୁଯାଇ ଭୂତଳ ଲାଇନ୍ ଉପରେ କୌଣସି ଖୋଳା ଖୋଳି କାର୍ଯ୍ୟ, ଭୂତଳ କାର୍ଯ୍ୟ ଯଥା ସୁଡ଼ଙ୍ଗ କରିବା ଏବଂ ଘର ତୋଳିବା, ଗଛ ଲଗାଇବା, ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା ଆଦି ନିଷେଧ, ଦଣ୍ଡନୀୟ ଓ ବିପଦଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଅଶଙ୍କା ଅଛି ।

ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିଜ ଧନଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ ।

ମହାପ୍ରବନ୍ଧକ (ବିଦ୍ୟୁତ୍)
ସ୍କ୍ରିପ୍ସ, ଓପିଟିସିଏଲ, ଭୁବନେଶ୍ୱର

Please connect us : optcl.odisha optcl_odisha energyodisha



भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR

No.IITBBS/ADVT.18-19/10 Date: 29/03/2019

निविदा के लिए आमंत्रण/NOTICE INVITING TENDER

Sealed Tenders are invited from the reputed Manufacturers or their Authorised Dealers, Registered Firms/Agencies for procurement of the following Furniture and equipment:

| Sl. No. | Name of the Furniture / Equipment |
|---|---|
| 1 | Hostel Furniture |
| 2 | Advance Polarisation Microscope |
| 3 | Optical Emission Spectroscopy |

Detailed terms and conditions of Tender is available at www.iitbbs.ac.in/ www.eprocure.gov.in
Registrar



ଭୁବନେଶ୍ୱର ମହାନଗର ନିଗମ
ସଂଖ୍ୟା : ୯୮୧୬ ତା ୨୦.୦୩.୨୦୧୯

ବିଜ୍ଞାପନ

ବିଗତ ବର୍ଷ ମାନଙ୍କ ପରି ଆଗାମୀ ଆର୍ଥୀକ ବର୍ଷ (୨୦୧୯-୨୦) ନିମନ୍ତେ ତା.୦୨.୦୪.୨୦୧୯ ରିଖ ଠାରୁ ତା.୩୦.୦୪.୨୦୧୯ ରିଖ ମଧ୍ୟରେ (ସରକାରୀ ଛୁଟି ଦିବସ ବ୍ୟତୀତ) ବାର୍ଷିକ ଗୃହ ଟିକସ ଅଗ୍ରୀମ ପଇଠ କଲେ ସରକାରୀ ଓ ବେସରକାରୀ ଗୃହ ମାଲିକ ମାନଙ୍କୁ ଶତକଡ଼ା ୫% ରିହାତି ଦେବାର ବ୍ୟବସ୍ଥା କରାଯାଇଅଛି । ଟିକସ ଦାତାମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ମହାନଗର ନିଗମ ତରଫରୁ ମହାନଗର ନିଗମର ନିମ୍ନ ବର୍ଣ୍ଣିତ ବିଭିନ୍ନ ଶାଖା କାର୍ଯ୍ୟାଳୟରେ ଗୃହ ଟିକସ ଦିବା ୮ଘଟିକା ଠାରୁ ଅପରାହ୍ନ ୧ଘଟିକା ପର୍ଯ୍ୟନ୍ତ ଆଦାୟ କରାଯିବାର ବନ୍ଦୋବସ୍ତ କରାଯାଇ ଅଛି ।

| | | |
|---|---|---|
| ୧. | ଦକ୍ଷୀଣ ଚଣ୍ଡୀ କଲ୍ୟାଣ ମଣ୍ଡପ | ୱାର୍ଡ଼ ନଂ - ୫୯, ୬୦, ୬୧, ୬୭ |
| ୨. | ଦକ୍ଷିଣ-ପୂର୍ବ ମଣ୍ଡଳ କାର୍ଯ୍ୟାଳୟ ଓଡିଶା ବିହନ ନିଗମ କାର୍ଯ୍ୟାଳୟ (ତଳ ମହଲା) ସାମନ୍ତରାପୁର | ୱାର୍ଡ଼ ନଂ - ୪୪, ୫୪, ୫୫, ୫୬, ୫୭ ଓ ୫୮ |
| ୩. | ବାପୁଜୀନଗର ପାଠାଗାର | ୱାର୍ଡ଼ ନଂ - ୪୦, ୪୬, ୪୭, ୫୨ ଓ ୫୩ |
| ୪. | ଯାତ୍ରୀ ନିବାସ | ୱାର୍ଡ଼ ନଂ - ୩୧, ୩୨, ୩୩, ୪୨, ୪୩ ଓ ୪୫ |
| ୫. | ଶହୀଦ ନଗର କଲ୍ୟାଣ ମଣ୍ଡପ | ୱାର୍ଡ଼ ନଂ - ୩୦, ୩୪ ଓ ୪୧ |
| ୬. | ଭି.ଏସ୍.ଏସ୍.ନଗର କଲ୍ୟାଣ ମଣ୍ଡପ | ୱାର୍ଡ଼ ନଂ - ୯, ୧୦ ଓ ୧୭ |
| ୭. | ଭି.ଏସ୍.ଏସ୍.ନଗର କଲ୍ୟାଣ ମଣ୍ଡପ | ୱାର୍ଡ଼ ନଂ - ୪, ୫, ୧୧, ୧୮ ଓ ୧୯ |
| ୮. | ଉତ୍ତର ମଣ୍ଡଳ କାର୍ଯ୍ୟାଳୟ (ସାମନ୍ତବିହାର) | ୱାର୍ଡ଼ ନଂ - ୧,୨,୩,୬,୭,୮,୧୨,୧୩,୧୪,୧୬ ୨୦, ୨୧ ଓ ୨୬ |
| ୯. | ୟୁନିଟ୍-୮ କମ୍ୟୁନିଟ୍ ସେଣ୍ଟର | ୱାର୍ଡ଼ ନଂ - ୨୪, ୩୭, ୩୮, ୩୯, ୪୮, ୫୦ ଓ ୫୧ |
| ୧୦. | ଆଇ.ଆର୍.ସି. ଭିଲେଜ ଏନ୍-୨ ପାଣି ଟାଙ୍କି ନିକଟସ୍ଥ | ୱାର୍ଡ଼ ନଂ - ୧୫, ୨୫ ଓ ୨୭ |
| ୧୧. | ଆଚାର୍ଯ୍ୟ ବିହାର କମ୍ୟୁନିଟି ସେଂଟର | ୱାର୍ଡ଼ ନଂ - ୨୮ ଓ ୨୯ |
| ୧୨. | ମଧୁସୂଦନ ନଗର (ନଗର କମିଟି ଗୃହ) | ୱାର୍ଡ଼ ନଂ - ୩୫ ଓ ୩୬ |
| ୧୩. | ଜାଗମରା ସିଦ୍ଧେଶ୍ୱର ଯୁବକ ସଂଘ | ୱାର୍ଡ଼ ନଂ - ୨୨,୨୩,୪୯,୬୨,୬୩, ୬୪,୬୫ ଓ ୬୬ |

ଉପରୋକ୍ତ ଟିକସ ଆଦାୟ କେନ୍ଦ୍ର ମାନଙ୍କରେ ଅଗ୍ରିମ ଟିକସ ଆଦାୟ ସଂଗେ ସଂଗେ ପୂର୍ବ ବର୍ଷର ବକେୟା ଟିକସ ମଧ୍ୟ ଆଦାୟ କରାଯିବ । ଅଗ୍ରୀମ ଟିକସ ପଇଠ ସମୟରେ ଗତ ବର୍ଷର ଟିକସ ଦାଖଲ ରସିଦ ସଂଗରେ ନେଇ ଆସନ୍ତୁ, ଯାହାକି ବକେୟା ଅର୍ଥ ପଇଠର ପ୍ରମାଣ ହିସାବରେ ସହାୟକ ହେବ । ଯେଉଁ ଗୃହ ମାଲିକ ମାନଙ୍କର ନିଜସ୍ୱ ଗୃହ ଉପରେ ଗୃହ ଟିକସ ଧାର୍ଯ୍ୟ କରାଯାଇନାହିଁ (ନୂତନ ଭାବେ ହେଉ କିମ୍ବା ବର୍ଦ୍ଧିତ ଗୃହ), ସେମାନଙ୍କୁ ଅନୁରୋଧ, ସେମାନେ ଗୃହ ଟିକସ ପଇଠ ସମୟରେ କାଉଣ୍ଟର ମାନଙ୍କରୁ ଆବେଦନ ଫର୍ମ ସଂଗ୍ରହ ପୂର୍ବକ ଯଥାଶୀଘ୍ର ଆବଶ୍ୟକୀୟ କାଗଜ ପତ୍ର ସଂପୃକ୍ତ ଟିକସ ଅସୁଲକାରୀଙ୍କ ନିକଟରେ ଦାଖଲ ଦେଇ ଟିକସ ନିର୍ଦ୍ଧାରଣ କରାଇ ନିଅନ୍ତୁ ।

୨୦୧୮-୧୯ ଆର୍ଥୀକ ବର୍ଷରେ ଟିକସ ଦାତା ମାନଙ୍କର ଟିକସ ପଇଠ ଉତ୍ସାହଜନକ ଥିଲା । ଚଳିତ ବର୍ଷ ମଧ୍ୟ ଆପଣଙ୍କର ଟିକସ ଆଦାୟରେ ସହଯୋଗ, ମହାନଗର ନିଗମକୁ ସହରବାସୀଙ୍କ ପାଇଁ ଉନ୍ନତ ମାନର ସେବା ଯୋଗାଇବାରେ ସହାୟକ ହେବ ।

କମିଶନରଙ୍କ ଆଦେଶ ମତେ
ଉପ ଆୟୁକ୍ତ (ରାଜସ୍ୱ)
ଭୁବନେଶ୍ୱର ମହାନଗର ନିଗମ

ଭାଗିଦାରୀ ମାଧ୍ୟମରେ ପ୍ରଗତି- ଏକ ସୁନ୍ଦର ଭୁବନେଶ୍ୱର ପାଇଁ

## ସଂକ୍ଷେପରେ

### ୧ରେ କୋରାପୁଟ ଆସିବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳାଧିପତି

କୋରାପୁଟ,୨୯।୩(ସ୍ୱ.ପ୍ର.): କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳାଧିପତି ପ୍ରଫେସର ପି.ଭି. କୃଷ୍ଣା ଭଟ୍ଟ ଏପ୍ରିଲ ୧ରେ ଦୁଇଦିନିଆ କୋରାପୁଟ ଗସ୍ତରେ ଆସୁଛନ୍ତି। ଏନେଇ ଶୁକ୍ରବାର ବିଶ୍ୱବିଦ୍ୟାଳୟର ଲୋକ ସଂପର୍କ ଅଧିକାରୀ ଫଗୁନାଥ ଭୋଇ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ଏପ୍ରିଲ ପହିଲାରେ ପ୍ରଫେସର କ୍ରିଷ୍ଣା ଭଟ୍ଟ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବେ। ସେହିପରି ଭାରପ୍ରାପ୍ତ କୁଳପତି ପ୍ରଫେସର ଏସ୍.କେ. ପାଲିତା ଓ ରେଜିଷ୍ଟ୍ରାର ଅସିତ କୁମାର ଦାସଙ୍କ ସହ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ନେଇ ଆଲୋଚନା କରିବେ। ସେହିପରି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସୂଚନାଯୋଗ୍ୟ ଯେ, ପ୍ରଫେସର ଭଟ୍ଟ ୧୯୮୨ରୁ ୧୯୮୫ କର୍ଣ୍ଣାଟକ ବିଧାନସଭା ପରିଷଦର ସଦସ୍ୟ ରହିଥିବାବେଳେ ୧୯୯୨ରୁ ୧୯୯୮ ପର୍ଯ୍ୟନ୍ତ ମହୀଶୂର ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ, ଆଇସିଏସଏସଆର ସଦସ୍ୟ, ଆଇଜିସିଏ ସଦସ୍ୟ, ମାନବ ସମ୍ବଳ ବିଭାଗର ଗ୍ରାଣ୍ଟ ଇନ ଏଡ୍ କମିଟିର ସଦସ୍ୟ, ଜାତୀୟ ଶିକ୍ଷା କମିଶନର ପ୍ରୌଢ଼ ଶିକ୍ଷା କମିଟିର ସଦସ୍ୟ ଓ ନାକ୍‌ର ସଦସ୍ୟ ରହିସାରିଛନ୍ତି। ୨୦୧୮ ଅଗଷ୍ଟରୁ ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାର କୁଳାଧିପତି ଦାୟିତ୍ୱ ନେଇଛନ୍ତି।

## ବିଜେଡିର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ

କାଲିମେଳା,୨୯।୩(ଡି.ଏନ.ଏ.)

ମାଲକାନଗିରି ନିର୍ବାଚନ ମଣ୍ଡଳୀ ଅଧୀନ କାଲିମେଳା ସଦରରେ ବିଜେଡି ପକ୍ଷରୁ ୨ଟି ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ପ୍ରାର୍ଥୀ ମୁକୁନ୍ଦ ସୋଡିଙ୍କ ସହ ରୁଦ୍ର ପାତ୍ର, ପୂର୍ବତନ ବ୍ଲକ ସଭାପତି କାର୍ତ୍ତିକ ଦେବନାଥ, ଅନୁପ ମିସ୍ତ୍ରି,ବ୍ଲକ ସଭାପତି ଇ. ଭେଙ୍କଟ ରାଓ, ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ, ଶଙ୍କର ହାଲଦାର, ଦିଲୀପ ବିଶ୍ୱାସ ପ୍ରମୁଖ ଉପସ୍ଥିତିରେ ଏହି କାର୍ଯ୍ୟଳୟ ଉଦ୍‌ଘାଟିତ ହୋଇଥିଲା। ଦଳୀୟ କାର୍ଯ୍ୟାଳୟ ଉଦଘାଟନ ଅବସରରେ ଅନ୍ୟଦଳର ୫ ଜଣ ସୋଡିଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ସେମାନେ ହେଲେ ଏମଭି-୬୭ ଗ୍ରାମର ଅସିତ ବାରିକ, ସଞ୍ଜୟ କୁମାର ରାୟ, ପ୍ରସନଜିତ ଦତ୍ତ,ଏମଭି-୫୭ ଗ୍ରାମର ନନ୍ଦଲାଲ ବାଲା ଓ ଏମଭି-୩୩ ଗ୍ରାମର ରବିନ ମଣ୍ଡଳ।

## ମହିଳା ମହାବିଦ୍ୟାଳୟରେ ଶହୀଦ୍‌ଙ୍କ ତିରୋଧାନ ଦିବସ

ମାଲକାନଗିରି,୨୯।୩ (ଡି.ଏନ.ଏ.) –

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମହିଳା ମହାବିଦ୍ୟାଳୟରେ ଶୁକ୍ରବାର ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ପୂର୍ବାହ୍ନରେ ମହାବିଦ୍ୟାଳୟ ପରିସରରେ ଥିବା ଶହୀଦ୍‌ଙ୍କ ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ, ଅଧ୍ୟାପିକା ଏବଂ ଛାତ୍ରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଅଧ୍ୟକ୍ଷ ଦୁଷ୍ମନ୍ତ ଜେନାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ସେହିପରି ଶିଖ୍‌ପାଲିସ୍ଥିତ ଶହୀଦ୍ ଲକ୍ଷ୍ମଣ ନାୟକ ଉଚ୍ଚ ବିଦ୍ୟାଳୟ ପରିସରରେ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଛାତ୍ରୀଛାତ୍ରମାନେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶହୀଦ୍‌ଙ୍କ ସ୍ମୃତି ଚାରଣ କରିଥିଲେ ।

## ଜ୍ୱରରେ ୨ ଶିଶୁ ମୃତ, ୧୫ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ପାତ୍ରପୁର,୨୯।୩ (ଡି.ଏନ୍.ଏ.)–

ପାତ୍ରପୁର ବ୍ଲକ ଦୁର୍ଗମ ଆଙ୍କୁଲି ପଞ୍ଚାୟତରେ ଜ୍ୱରରେ ୨ଜଣ ଶିଶୁଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ସେମାନେ ହେଲେ ପାହାଡ଼ ଉପରେ ଥିବା ଝରବାଡ଼ ଗ୍ରାମର ଭୀମ ପ୍ରଧାନଙ୍କ ପୁଅ(୫) ଓ ଝିଅ (୨)। ବଣିଆବସାର ମାଳେଶ୍ୱର ପ୍ରଧାନ, ସନ୍ତୋଷୀ ପ୍ରଧାନ, ପାୟଲ ପ୍ରଧାନ, ଭାସ୍କର ଦଳେଇ, ଲକ୍ଷ୍ମୀ ଦଳେଇ, ଆପନା ଦଳେଇ, କାଳି ଦଳେଇ, ଦୁହିତା ଦଳେଇ, ଝରବାଡ଼ ଗ୍ରାମର ପୂର୍ଣ୍ଣ ପ୍ରଧାନ, ରାମଚନ୍ଦ୍ର ପ୍ରଧାନ, ଉଷା ପ୍ରଧାନ, ସମ୍ବାରୁ ପ୍ରଧାନ ଆକ୍ରାନ୍ତ ହୋଇଛନ୍ତି। ସେହିଭଳି ବେହେରାପୁଟ ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ଜ୍ୱରରେ ଅସୁସ୍ଥ ହୋଇ ଖାରିଆଗୁଡ଼ା, ତୁରୁବୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ଗ୍ରାମରେ ରାସ୍ତା ସମସ୍ୟା ଥିବାରୁ ଆକ୍ରାନ୍ତମାନେ ଗାଁରେ ରହି ଛଟପଟ ହେଉଛନ୍ତି। ବ୍ଲକର ତୁମ୍ବା, ବୁରାତାଲ, ଆଙ୍କୁଲି, ସାମନ୍ତରାପୁର, ତୁରୁବୁଡ଼ି ଆଦି ଆଦିବାସୀ ପଞ୍ଚାୟତ ହୋଇଥିବାରୁ ବହୁ ଗ୍ରାମ ପାହାଡ଼ ଉପରେ ରହି ବିଭିନ୍ନ ମୌଳିକ ସମସ୍ୟା ନେଇ ଗତି କରୁଛନ୍ତି।

# ତଦାରଖ ପାଇଁ ମାଲକାନଗିରିରେ ପହଞ୍ଚିଲେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ

ମାଲକାନଗିରି,୨୯।୩ (ଡି.ଏନ.ଏ.)

୨୦୧୯ ସାଧାରଣ ନିର୍ବାଚନ ପାଇଁ କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ନିର୍ବାଚନ ପରିଚାଳନା ସମ୍ପର୍କିତ ତଥ୍ୟ ଏବଂ ଆଚରଣ ବିଧି ତଦାରଖ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଦଳ ଶୁକ୍ରବାର ମାଲକାନଗିରି ଜିଲାରେ ପହଞ୍ଚିଛନ୍ତି। ପର୍ଯ୍ୟବେକ୍ଷକ ରଜନିକାନ୍ତ ଜୈନ ଏବଂ ହିସାବ ପର୍ଯ୍ୟବେକ୍ଷକ ସତିଶ କୁମାର ମାଲକାନଗିରିରେ ପହଞ୍ଚି ପ୍ରଥମେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଏବଂ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ପଦାଧିକାରୀଙ୍କ ସହ ସର୍କିଟ୍ ହାଉସ୍‌ରେ ଆଲୋଚନା କରିଥିଲେ। ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉଭୟ ମାଲକାନଗିରି ଓ ଚିତ୍ରକୋଣ୍ଡା ଦଳୀୟ ଓ ସ୍ୱାଧୀନ ପ୍ରାର୍ଥୀ ଏବଂ ସେମାନଙ୍କ ପ୍ରତିନିଧିଙ୍କ ସହ ନିର୍ବାଚନ ସୁପରିଚାଳନା ଏବଂ ଆଚରଣ ବିଧି ସମ୍ପର୍କରେ ଉଭୟେ ଆଲୋଚନା କରିଥିଲେ । ଜୈନ୍ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ନିର୍ବାଚନ ସମ୍ପର୍କିତ ନିୟମାବଳୀ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରତ୍ୟେକ ଦଳୀୟ ପ୍ରାର୍ଥୀ କିମ୍ବା ସ୍ୱାଧୀନ ପ୍ରାର୍ଥୀ ସେମାନଙ୍କ ନିର୍ବାଚନ ଖର୍ଚ୍ଚ ପ୍ରତିଦିନ ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ର ପ୍ରର୍ଯ୍ୟବେକ୍ଷକଙ୍କୁ ଜଣାଇବେ। କୌଣସି ପ୍ରାର୍ଥୀଙ୍କ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନିର୍ବାଚନ କାର୍ଯ୍ୟରେ ଖର୍ଚ୍ଚ କରୁଥିଲେ ତାହା ଚେକ୍ ଆକାରରେ ପ୍ରଦାନ କରିବେ। ସଭା ସମିତି, ପୋଷ୍ଟର, ବ୍ୟାନର ବ୍ୟବହାର କରିବା ପୂର୍ବରୁ ନିର୍ବାଚନ ଅଧିକାରୀଙ୍କ ଅନୁମତି ନେବେ। କୌଣସି ଦଳୀୟ ବିଶିଷ୍ଟ ବ୍ୟକ୍ତି ସଭାରେ ଯୋଗ ଦେଉଥିଲେ ତାଙ୍କ ହେଲିକପ୍ଟର କିମ୍ବା ବ୍ୟବହୃତ ଯାନ ସମ୍ପର୍କରେ ୨୪ ଘଣ୍ଟା ପୂର୍ବରୁ ଜଣାଇବେ । କୌଣସି ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀ ଦଳୀୟ କାର୍ଯ୍ୟରେ ଯାନବାହାନ ବ୍ୟବହାର କଲେ ତାହାର ତାଲିକା,ରେଜିଷ୍ଟ୍ରେସନ୍, ଡ୍ରାଇଭିଂ ଲାଇସେନ୍ସ , ଇନ୍‌ସୁରାନ୍ସ ସମ୍ବନ୍ଧୀୟ ତଥ୍ୟ ଦେବେ। ସରକାରୀ କାର୍ଯ୍ୟାଳୟ ପାଚେରିରେ ନିର୍ବାଚନ ସମ୍ପର୍କିତ ଲେଖା,ବ୍ୟାନର ପୋଷ୍ଟର ଲଗାଇ ପାରିବେ ନାହିଁ। କୌଣସି ଭୋଟରଙ୍କୁ ପ୍ରଲୋଭିତ କରି ସଭା ସ୍ଥଳକୁ ଯାନବାହାନରେ ନେବା ଆଣିବା କରିବେ ନାହିଁ । ଏ ସମସ୍ତ ନିୟମକୁ ଯେପରି ବ୍ୟାତିକ୍ରମ କରା ନ ଯାଏ ସେଥିପାଇଁ ପର୍ଯ୍ୟବେକ୍ଷକମାନେ ସମସ୍ତ ପ୍ରାର୍ଥୀଙ୍କ ସହଯୋଗ କାମନା କରିଥିଲେ । ଯେ କୌଣସି ସାଧାରଣ ଲୋକ କିମ୍ବା ଦଳୀୟ ପ୍ରାର୍ଥୀ କିମ୍ବା ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କ ଅଭିଯୋଗ ପର୍ଯ୍ୟବେକ୍ଷକ ଜୈନଙ୍କ ନମ୍ବର ୯୪୨୫୧୧୨୦୦୦ ଏବଂ କେନ୍ଦ୍ରୀୟ ହିସାବ ନିରୀକ୍ଷକ (ଏମ.ସି) ୯୪୯୯୧୭୦୫୭ ଙ୍କୁ ଜଣାଇଲେ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ଜୈନ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ମନୀଷ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ବୀର୍‌ସେନ ପ୍ରଧାନ, ପିଡି ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ସହକାରୀ ଜିଲାପାଳ (ନିର୍ବାଚନ) ଦାଶରଥି ସରାବୁଙ୍କ ଅନ୍ୟମାନେ ଉପସ୍ଥିତ ଥିଲେ।



କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଟିମ୍ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

## ୩ ନାବାଳିକାଙ୍କୁ ଥଇଥାନ କଲା ଶିଶୁ କଲ୍ୟାଣ ସମିତି

ପାରଳାଖେମୁଣ୍ଡି, ୨୯।୩ (ସ୍ୱ.ପ୍ର.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଶିଶୁ କଲ୍ୟାଣ ସମିତି କାର୍ଯ୍ୟାଳୟ ପକ୍ଷରୁ ୩ଜଣ ନାବାଳିକାଙ୍କୁ ଥଇଥାନ କରାଯାଇଛି । ଏମାନଙ୍କ ମଧ୍ୟରେ ୨ଜଣ ନାବାଳିକା ରାୟଗଡ ଅଞ୍ଚଳର। ସେମାନଙ୍କ ବୟସ ୭ବର୍ଷ ଓ ୧୧ବର୍ଷ ବୋଲି ଜଣାପଡିଛି। ଏହି ଦୁଇ ନାବାଳିକା ରାୟଗଡାସ୍ଥିତ ଏକ ଶିଶୁ ଅନୁଷ୍ଠାନରେ ରହି ପଢୁଥିଲେ । ମାତ୍ର ସେହି ଅନୁଷ୍ଠାନର ପଞ୍ଜିକରଣ ରଦ୍ଦ ହେବା ପରେ ଏମାନଙ୍କୁ ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଅଣାଯାଇ ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଆଶ୍ରମରେ ରଖାଯାଇ ପାଠପଢା ବ୍ୟବସ୍ଥା କରାଯାଇଛି । ସେହିପରି ଅନ୍ୟଜଣେ ନାବାଳିକା ଯାହାଙ୍କ ବୟସ ୧୩ବର୍ଷ ସେ ରାୟଗଡ ବ୍ଲକ ଲକ୍ଷ୍ମୀପୁର ପଞ୍ଚାୟତର ବାସିନ୍ଦା । ତାଙ୍କର ମାଆବାପାଙ୍କ ମୃତ୍ୟୁ ପରେ ସେ ୫ମ ଶ୍ରେଣୀରୁ ପାଠପଢା ଛାଡି ଜଣେ ସମ୍ପର୍କୀୟଙ୍କ ଘରେ ରହୁଥିଲେ । ମାତ୍ର ସମ୍ପର୍କୀୟ ଜଣକ ନାବାଳିକାଙ୍କ ପାଳନ ପୋଷଣ ପାଇଁ ଅସମର୍ଥ ହେବାରୁ ସେ ଶିଶୁ କଲ୍ୟାଣ ସମିତିର ଆଶ୍ରୟ ନେଇଥିଲେ । ଏହି ନାବାଳିକାଙ୍କୁ ଶିଶୁ କଲ୍ୟାଣ ସମିତି ଦ୍ୱାରା ରାୟଗଡାସ୍ଥିତ କସ୍ତୁରୀବା ଗାନ୍ଧୀ ବିଦ୍ୟାଳୟରେ ଥଇଥାନ କରାଯାଇଛି ବୋଲି ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି ।

## ଜନ୍ମମାଟିରେ ଦିଆଗଲା ଶ୍ରଦ୍ଧାଞ୍ଜଳି

ବୈପାରୀଗୁଡ଼ା,୨୯।୩(ଡି.ଏନ୍.ଏ.)

ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କୁ ତାଙ୍କ ଜନ୍ମମାଟି ବୈପାରୀଗୁଡ଼ା ବ୍ଲକ ତେନ୍ତୁଳିଗୁମ୍ମାରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ଥାନୀୟ ଏବିଡିଓ ରଜନୀକାନ୍ତ ଦାସ, ବ୍ଲକ ଉପାଧ୍ୟକ୍ଷ ତଥା ସମିତି ସଭ୍ୟ ତ୍ରିଲୋଚନ ଜେନା ଏବଂ ସ୍ଥାନୀୟ ସରପଞ୍ଚ ବୁଦ୍ରା ଭୁମିଆ ଯୋଗଦେଇ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ଶୋଭାଯାତ୍ରାରେ ଯାଇ ଶହୀଦଙ୍କ ସମାଧିରେ ପୁଷ୍ପମାଲ୍ୟ ଅର୍ପଣ ଓ ପରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହାକୁ ଅତି ନିରାଡମ୍ବର ସହକାରେ ପାଳନ କରାଯାଇଥିଲା । ସେହିପରି ବୈପାରୀଗୁଡ଼ା ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କନିଷ୍ଠ ମହାବିଦ୍ୟାଳୟରେ ମଧ୍ୟ ଏହି ତିରୋଧାନ ଦିବସ ପାଳିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ କୁମୁଦ ରଞ୍ଜନ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ତେନ୍ତୁଳିଗୁମ୍ମାରେ ଅନୁଷ୍ଠିତ ତିରୋଧାନ ସଭା ।

## କେକେବିଏନ୍‌ର ପ୍ରେସ୍ ବିଜ୍ଞପ୍ତି
## ମାଓବାଦୀ ପାର୍ଟି ବିକାଶ ବିରୋଧୀ ନୁହେଁ

ବାଲିଗୁଡା,୨୯।୨(ଡି.ଏନ୍.ଏ.)

ଭାରତର କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ କେକେବିଏନ୍) ଡିଭିଜନାଲ୍ କମିଟି ତରଫରୁ ଏକ ପ୍ରେସ ବିଜ୍ଞପ୍ତି ଜାରୀ କରିଛନ୍ତି। ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ମାଓବାଦୀ ପାର୍ଟି ବିକାଶ ବିରୋଧୀ ନୁହେଁ ବୋଲି ଉପରେ ଲେଖା ହୋଇଥିବାବେଳେ ତଳେ ରାଜ୍ୟ ସରକାର ଓ ପୋଲିସ୍ ପ୍ରଶାସନ ବିରୋଧରେ ବହୁ ଅଭିଯୋଗମାନ ଲେଖାଯାଇଛି। ତୁରନ୍ତ ସମାଧାନ କରିବା ସହ ସମସ୍ତେ ଏକଜୁଟ ହେବା ପାଇଁ ଆହ୍ୱାନ ଦିଆଯାଇଛି। ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଆଜିର ସରକାରୀ ବିକାଶ ଯୋଜନା କେବଳ ପ୍ରହେଳିକା, ପ୍ରତାରଣା ଓ ଧୂଆଁବାଣ ବୋଲି ଉଲ୍ଲେଖ ରହିଛି। ଏଥିରେ ଦେଶୀ, ବିଦେଶୀ କମ୍ପାନୀ, ଜମିଦାର ଓ ଧନୀ ଲୋକଙ୍କ ସ୍ୱାର୍ଥରକ୍ଷା ଏବଂ ଆବଶ୍ୟକତା ପାଇଁ ବିକାଶ ଯୋଜନା ହୋଇଥାଏ। ଯାହା ଫଳରେ ନେତା, ଅମଲା, ଦଲାଲ, ଠିକାଦାର, ସରକାରୀ କର୍ମଚାରୀଙ୍କ ପକେଟ୍ ଗରମ ହୋଇଥାଏ। ଏଥିଯୋଗୁ ଦୁର୍ନୀତି ବ୍ୟାପୁଛି ବୋଲି ଉଲ୍ଲେଖ ରହିଛି। ଏହି ଅଞ୍ଚଳରେ ମାଓବାଦୀ ପାର୍ଟି ବିକାଶକୁ ବିରୋଧ କରୁନାହିଁ ବରଂ ଲୋକଙ୍କ ସାମାଜିକ ଓ ଆର୍ଥିକ ଦାବି ସହ ମୌଳିକ ସୁବିଧା ପାଇଁ ଏହି ଆନ୍ଦୋଳନ ଜାରି ରଖିଥିବା ବିଜ୍ଞପ୍ତି ମାଧମରେ କହିଛନ୍ତି। ମାଓବାଦୀମାନେ ଗଞ୍ଜେଇ ଚାଷ କରୁଥିବା ଅପପ୍ରଚାର ବୋଲି ଉଲ୍ଲେଖ ରହିଛି।

## ସ୍ମୃତିରେ ଝଲସିଲେ ଶହୀଦ ଲକ୍ଷ୍ମଣ ନାୟକ

କୋରାପୁଟ,୨୯।୩(ସ୍ୱ.ପ୍ର.)

କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଶହୀଦ ଲକ୍ଷ୍ମଣ ନାୟକଙ୍କ ୭୬ତମ ତିରୋଧାନ ଦିବସ ପାଳିତ ହୋଇଛି। ଜିଲା ପ୍ରଶାସନ ଓ ଜିଲା ସ୍ମାରକୀ କମିଟିର ମିଳିତ ଆନୁକୂଲ୍ୟରେ କୋରାପୁଟ ବସଷ୍ଟାଣ୍ଡ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ମାଲ୍ୟାର୍ପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, ସ୍ମାରକୀ କମିଟି ସଭ୍ୟ ରାମପ୍ରସାଦ ଶର୍ମା, ନିମାଇଁ ସରକାର ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ସେହିପରି କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଅଧ୍ୟକ୍ଷ ଡାକ୍ତର କୃଷ୍ଣଚନ୍ଦ୍ର ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏଥିରେ ମେଡିକାଲ କଲେଜ ଓ ହସପିଟାଲର ପୂର୍ବତନ ଅଧୀକ୍ଷକ ଡାକ୍ତର କ୍ଷେତ୍ରବାସୀ ସୁବୁଦ୍ଧି, ସର୍ଜରୀ ବିଭାଗ ମୁଖ୍ୟ ଡାକ୍ତର ଜଗଦାନନ୍ଦ ମିଶ୍ର, ଭେଷଜ ବିଭାଗ ମୁଖ୍ୟ ଡାକ୍ତର ଏସ୍.ସି. ପ୍ରଧାନ, ଶିଶୁ ବିଭାଗର ସହକାରୀ ପ୍ରଫେସର ଡାକ୍ତର ସ୍ୱରୂପା ପଣ୍ଡା ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

ସେହିପରି ଜୟପୁରରେ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ମାତାରାମ ଲିୟାଙ୍ଗି ପୁରାତନ ଚିକିତ୍ସାଳୟ ସମ୍ମୁଖସ୍ଥ ଶହୀଦ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି କମିଟି ପକ୍ଷରୁ ମଧ୍ୟ ଲକ୍ଷ୍ମଣ ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ଏହି ଅବସରରେ ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ, ପ୍ରଭୁଦାନ ଭତ୍ରା, ମଦନମୋହନ ନାୟକ, ମାଧବ ଚୌଧୁରୀ ଉପସ୍ଥିତ ଥିଲେ।



କୋରାପୁଟରେ ଶହୀଦଙ୍କ ସ୍ମୃତିଚାରଣ କରାଯାଉଛି।

## ଶହୀଦ ଲକ୍ଷ୍ମଣ ନାୟକଙ୍କୁ ଝୁରୁଛି ତେନ୍ତୁଳିଗୁମ୍ମା



ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

ବ୍ରହ୍ମପୁର ଅଫିସ,୨୯।୩

ଜାତୀୟ ମୁକ୍ତି ସଂଗ୍ରାମର ମହାନ ଯୋଦ୍ଧା ଲକ୍ଷ୍ମଣ ନାୟକ ଦେଶ ମାତୃକା ପାଇଁ ଶହୀଦ ହୋଇଯାଇଥିଲେ । ତାଙ୍କର ଲକ୍ଷ୍ୟ ଓ ବିଶ୍ୱାସ ଥିଲା ସଂଗ୍ରାମ ଜରିଆରେ ଦେଶକୁ ସ୍ୱାଧୀନ କରିବା। ତାଙ୍କର ସାହସ, ବୀରତ୍ୱ ଓ ଆତ୍ମବଳିର ଗାଥା ଅତୁଳନୀୟ ବୋଲି ଶୁକ୍ରବାର ମଣ୍ଡଳ କାରାଗାରରେ ଅନୁଷ୍ଠିତ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାରାଗାରର ବରିଷ୍ଠ ଅଧିକ୍ଷକ ଆଶିଷ କୁମାର ସିହ୍ନା କହିଛନ୍ତି । ଶହୀଦ ଲକ୍ଷ୍ମଣ ନାୟକ ଶହୀଦ ଦିବସରେ ଓଡ଼ିଶା ତଥା ଭାରତ ମାତାର ମହାନ ସନ୍ତାନଙ୍କ ପ୍ରତି ମଣ୍ଡଳ କାରାଗାରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ମହାଜନ ଓ ବ୍ରିଟିଶ ଶାସକଙ୍କ ଅତ୍ୟାଚାର ବିରୋଧରେ ଲଢ଼େଇ କରି ଲକ୍ଷ୍ମଣ ନାୟକ ଶେଷରେ ଶହୀଦ ହୋଇଯାଇଥିଲେ। ଜନ୍ମମାଟି କୋରାପୁଟ ଜିଲା ମାଥିଲି ତେନ୍ତୁଳିଗୁମ୍ମା ଆଜି ବି ଲକ୍ଷ୍ମଣ ନାୟକଙ୍କୁ ଝୁରୁଛି ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ । ୧୯୩୦ରେ ପ୍ରଥମେ ଚାରିଅଣା ଦେଇ ଭାରତୀୟ ଜାତୀୟ କଂଗ୍ରେସରେ ସେ ସଭ୍ୟ ହୋଇଥିଲେ। ଆଇନ ଅମାନ୍ୟ ଆନ୍ଦୋଳନରେ ଯୋଗଦେଇ ୯ ମାସ ସଶ୍ରମ କାରାଦଣ୍ଡ ଭୋଗିଥିଲେ । ୧୯୪୨ ଅଗଷ୍ଟ ୨୧ରେ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀଙ୍କୁ ନେଇ ଲକ୍ଷ୍ମଣ ନାୟକ ମାଥିଲି ହାଟରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୋଲିସ ଗୁଳିରେ ସେ ଗୁରୁତର ଆହତ ହୋଇଥିଲେ। ପରେ ତାଙ୍କୁ ଗିରଫ କରାଯାଇ କୋରାପୁଟ ଜେଲରେ ରଖାଯାଇଥିଲା । ଶେଷରେ ବିଚାରଣା ପରେ ୧୯୪୩ ମାର୍ଚ୍ଚ ୨୯ରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଥିଲା। ଦେଶମାତୃକା ପାଇଁ ଲକ୍ଷ୍ମଣ ନାୟକଙ୍କ ତ୍ୟାଗ ତାଙ୍କୁ ସବୁବେଳେ ଅମର କରି ରଖିବ ବୋଲି ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ମଣ୍ଡଳ କାରାଗାରର କାରାପାଳ ଶଶିକାନ୍ତ ମହାଲିକ, ବ୍ରହ୍ମପୁର ସୂଚନା ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଜଳନ୍ଧର ପୁଷିକ ପ୍ରମୁଖ ଉପସ୍ଥିତ ରହି ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିଚାରଣ କରିଥିଲେ । ଲକ୍ଷ୍ମଣ ନାୟକଙ୍କ ପୂର୍ଣ୍ଣ ଆବୟବ ପ୍ରତିମୂର୍ତ୍ତି ମଣ୍ଡଳ କାରାଗାରରେ ସ୍ଥାପନ କରାଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା । ଏପରିକି ଶହୀଦଙ୍କ ନାମରେ ଏକ ମଣ୍ଡପ ମଧ୍ୟ ନିର୍ମାଣ କରିବା ସକାଶେ ରାଜ୍ୟ ସଂସ୍କୃତି ବିଭାଗ କମିଶନର ଓ ଶାସନ ସଚିବଙ୍କୁ ଦରଖାସ୍ତ ଦେବାକୁ ସ୍ଥିର ହୋଇଛି । ଏପରିକି ଜନସାଧାରଣଙ୍କ ଠାରୁ ଏନେଇ ଦସ୍ତଖତ ସଂଗ୍ରହ କରାଯାଇ ସଂସ୍କୃତି ବିଭାଗ ଉପ-ନିର୍ଦ୍ଦେଶକଙ୍କ ନିକଟକୁ ମଧ୍ୟ ପଠାଯିବ ବୋଲି ଜିଲା ଲୋକ ସମ୍ପର୍କ ଅଧିକାରୀ ବିରଞ୍ଚି ପ୍ରଧାନ ସୂଚନା ଦେଇଛନ୍ତି । ପରେ କୋର୍ଟପେଟାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ବିଦ୍ୟାପୀଠରେ ଥିବା ପ୍ରତିମୂର୍ତ୍ତିରେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବରିଷ୍ଠ ଅଧିକ୍ଷକ ଆଶିଷ କୁମାର ସିହ୍ନା, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ଜଳନ୍ଧର ପୁଷିକ ଓ ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକମାନେ ଯୋଗଦେଇ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ ।

**ମଣ୍ଡଳ କାରାଗାରରେ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବି**

## ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ

ଜୟପୁର,୨୯।୩(ନି.ପ୍ର.)

ଜୟପୁର ପୌରାଞ୍ଚଳର ମୁଖ୍ୟରାସ୍ତା ସ୍ଥିତ ବାଳିକା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜିନୀ ଦଣ୍ଡସେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କନକମଞ୍ଜରୀ ରଥ, ଏବିଓ ହେମଲତା ଚେଟ୍ଟି, ହରିଶ୍ଚନ୍ଦ୍ର ରାଓ, ସିଆରସିସି, କମଳକାନ୍ତ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଉତ୍ସବରେ ଶିକ୍ଷୟିତ୍ରୀ ବିନୋଦିନୀ ହୋତା ସ୍ୱାଗତ ଭାଷଣ ଓ ମୀନାକ୍ଷୀ ମିଶ୍ର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଦେବାହୂତୀ ମିଶ୍ର, ବାସନ୍ତୀ ମିଶ୍ର, ବାସନ୍ତୀ ପାତ୍ର, ଏମ୍. ଶୈଳ କୁମାରୀ, ଏସ୍. ସୁଜାତା ଫିଲିଫ୍‌ସ, ସୌଦାମିନୀ ପାଟଯୋଶି, ପଦ୍ମଜା ଷଡ଼ଙ୍ଗୀ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ।

## ଗୋପାଳପୁର ବିଧାନସଭା କ୍ଷେତ୍ରରେ ତ୍ରିମୁଖୀ ଲଢ଼େଇ

ବ୍ରହ୍ମପୁର ଅଫିସ,୨୯।୩

ବ୍ରହ୍ମପୁର ଲୋକସଭା ଅଧୀନ ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏଥର ୭ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସେମାନେ ହେଲେ ବିଜେଡିରୁ ପ୍ରଦୀପ କୁମାର ପାଣିଗ୍ରାହୀ, ଭାଜପାର ବିଭୂତି ଭୂଷଣ ଜେନା, କଂଗ୍ରେସର ଏସ. ଧର୍ମାରାଜୁ ରେଡ୍ଡୀଙ୍କ ସମେତ ଆମ୍ବେଡକର ଜାତୀୟ କଂଗ୍ରେସର ଦୁର୍ଯ୍ୟୋଧନ ବେହେରା, ଏସୟୁସିଆଇ (କମ୍ୟୁନିଷ୍ଟ) ପ୍ରାର୍ଥୀ ପି. ଶିବ ପ୍ରସାଦ ରେଡ୍ଡୀ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକର ସନ୍ତୋଷ କୁମାର ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱବିହାରୀ ବିଶୋୟୀ। ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବାର ଚାଲିଛି ରାଜନୈତିକ ଚର୍ଚ୍ଚା ।

ତୃତୀୟ ଥର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଜେଡି ପ୍ରାର୍ଥୀ ପ୍ରଦୀପ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିଛନ୍ତି। ଏଥିରେ ରୋକ ଲଗାଇବାକୁ ଭାଜପା ପ୍ରାର୍ଥୀ ବିଭୂତି ଆପ୍ରାଣ ଉଦ୍ୟମ ଚଳାଇଛନ୍ତି । ବିଭୂତି ମଧ୍ୟ ତୃତୀୟଥର ମଇଦାନକୁ ଆସିଛନ୍ତି । କଂଗ୍ରେସ ପକ୍ଷରୁ ନୂଆ ମୁହଁ ଧର୍ମାରାଜୁ ଦୁଇ ପୁରୁଣା ପ୍ରାର୍ଥୀଙ୍କୁ ଟକ୍କର ଦେବା ପାଇଁ ରଣନୀତି ପ୍ରସ୍ତୁତ କରିଛନ୍ତି । ଏହି ଆସନରେ ସମୁଦାୟ ୨ ଲକ୍ଷ ୮ ହଜାର ୬୯ ଭୋଟରଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ତେଲୁଗୁ ଭାଷାଭାଷୀ ଥିବା ଏବଂ କଂଗ୍ରେସର ଲୋକସଭା ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ମଧ୍ୟ ତେଲୁଗୁ ହୋଇଥିବାରୁ ଧର୍ମାରାଜୁ ଉତ୍ସାହିତ ହୋଇଯାଇଛନ୍ତି। ୩ ପ୍ରମୁଖ ପ୍ରାର୍ଥୀ ନିର୍ବାଚନୀ ପ୍ରଚାରକୁ ଜୋରଦାର କରି ଦେଇଛନ୍ତି । ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଭଗବାନ ଗନ୍ତାୟତ ତୃତୀୟ ସ୍ଥାନରେ ଥିଲେ ।

ବିଜେଡି ପକ୍ଷରୁ ରାଜ୍ୟ ପ୍ରତି କେନ୍ଦ୍ର ସରକାରଙ୍କ ଲଗାତର ଅବହେଳାକୁ ମୁଖ୍ୟ ପ୍ରସଙ୍ଗ କରାଯାଇଛି ଏବଂ ନବୀନ ପଟ୍ଟନାୟକ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନା ସମ୍ପର୍କରେ ପ୍ରଚାର କରାଯାଉଛି । ଗତ ୧୦ ବର୍ଷରେ ଏହି ନିର୍ବାଚନ ମଣ୍ଡଳୀରେ ହୋଇଥିବା ବହୁ ହଜାର କୋଟି ଟଙ୍କାର ବିକାଶ ଯୋଜନା କରାଯାଇଥିବାରୁ ପୁନର୍ବାର ନିର୍ବାଚିତ ହୋଇ ହ୍ୟାଟ୍ରିକ ଅର୍ଜନ କରିବା ପାଇଁ ଆଶାବାଦୀ ହୋଇଛନ୍ତି ପ୍ରଦୀପ । ପ୍ରଚାର ଅଭିଯାନରେ ଦଳର ଯୁବ, ଛାତ୍ର, ମହିଳା ଓ ଛାମୁଆ ସଂଗଠନର ବହୁ ସଂଖ୍ୟକ ନେତା, କର୍ମୀ ଓ ଅନ୍ୟମାନେ ସାମିଲ ହୋଇଛନ୍ତି । ଭାଜପାରୁ ତୃତୀୟଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ରାଜ୍ୟ ସମ୍ପାଦକ ବିଭୂତି ଜେନା । ୨୦୧୪ ନିର୍ବାଚନରେ ସେ ଦ୍ୱିତୀୟ ସ୍ଥାନରେ ଥିଲେ । ସଂଗଠନରେ ଦକ୍ଷତା ଥିବା ଜେନା ଅଞ୍ଚଳର ସମସ୍ୟା ନେଇ ଏବଂ ରାଜ୍ୟ ସରକାରଙ୍କ ବିଫଳ ଶାସନ ବିରୋଧରେ ଆନ୍ଦୋଳନ ପରେ ଆନ୍ଦୋଳନ ଚଳାଇ ତାଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବାରେ ଲାଗି ପଡ଼ିଛନ୍ତି । ୨୦୧୭ ପଞ୍ଚାୟତ ନିର୍ବାଚନରେ ନିର୍ବାଚନ ମଣ୍ଡଳୀରେ ଦୁଇଟି ଜିଲା ପରିଷଦ ଜୋନ ଦଖଲ କରିବାରେ ସେ ସକ୍ଷମ ହୋଇଥିଲେ । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲୋକପ୍ରିୟତାକୁ ଆଧାର କରି ବ୍ୟାପକ ପ୍ରଚାର ଆରମ୍ଭ କରିଛନ୍ତି । ଏଥର ଗୋପାଳପୁର ଆସନରେ ପଦ୍ମ ଫୁଟିବ ବୋଲି ବିଭୂତି ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି । ଦୁଇ ପୁରୁଣା ଯୋଦ୍ଧାଙ୍କୁ ଟକ୍କର ଦେଉଛନ୍ତି କଂଗ୍ରେସ ପ୍ରାର୍ଥୀ ଧର୍ମାରାଜୁ । ପ୍ରଥମକରି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। କଂଗ୍ରେସର ପକେଟ ଭୋଟ ଏବଂ ତେଲୁଗୁ ଲୋକଙ୍କ ସମର୍ଥନ ମିଳିବାର ସେ ଆଶାବାଦୀ ଅଛନ୍ତି । ଲୋକସଭା ପ୍ରାର୍ଥୀ ନାଇଡୁ ଏବଂ ଗୋପାଳପୁର ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା ଓ କାଯର୍ଯ୍ୟକାରୀ ସଭାପତି ପୀତବାସ ପଣ୍ଡାଙ୍କୁ ନେଇ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ବହୁବାର କର୍ମୀ ସମ୍ମିଳନୀ କରି ଦଳର ସଂଗଠନକୁ ମଜଭୁତ କରିବାରେ ଲାଗିଥିଲେ । ଏବେ ମଧ୍ୟ ସାଙ୍ଗଠନିକ କାଯର୍ଯ୍ୟକ୍ରମ ଜୋରଦାର ଚାଲିଛି । ଯୁବ ପ୍ରାର୍ଥୀ ରେଡ୍ଡି ଏହି ଆସନରେ ଏଥର ନିଶ୍ଚିତ ପରିବର୍ତ୍ତନ ହେବ ଓ କଂଗ୍ରେସର ଜିତାପଟ ହେବାର ଦୃଢ଼ତା ପ୍ରକାଶ କରୁଛନ୍ତି ।



ବ୍ୟାଡ୍‌ମିଣ୍ଟନରୁ ଅବସର ପରେ କୋଚ୍ ହେବାକୁ ଚାହେଁ, କିନ୍ତୁ ବର୍ତ୍ତମାନ ମୋ ଲକ୍ଷ୍ୟ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ ।
– ପାରୁପାଲ୍ଲୀ କାଶ୍ୟପ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି

ଯୁବରାଜ ସିଂ ମୋ ବୋଲିଂରେ କ୍ରମାଗତ ୩ଟି ଛକା ଲଗାଇଲା ବେଳେ ମୋତେ ଷ୍ଟୁଆର୍ଟ ବ୍ରଡ୍ ଭଳି ମନେ ହେଉଥିଲା ।
– ଯୁଜବେନ୍ଦ୍ର ଚହଲ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ସ୍ପିନର



## ସଂକ୍ଷେପରେ

### ତୁର୍କୀଶ ପାରା ବ୍ୟାଡ୍‌ମିଣ୍ଟନ ଫାଇନାଲରେ ପ୍ରମୋଦ

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି): ଆଣ୍ଟାଲ୍ୟାଠାରେ ଚାଲିଥିବା ଅନ୍ତର୍ଜାତୀୟ ତୁର୍କୀଶ ପାରା ବ୍ୟାଡ୍‌ମିଣ୍ଟନ (ଇନେସ କପ୍-୨୦୧୯) ଟୁର୍ନାମେଣ୍ଟର ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଲିଗ୍ ପର୍ଯ୍ୟାୟରେ ଦିଲେଶ୍ୱର ରାଓ ଗାଡେଲାଙ୍କୁ ୨୧-୧୬, ୨୧-୧୪ ପଏଣ୍ଟରେ ହରାଇଥିବା ପ୍ରମୋଦ କ୍ୱାର୍ଟର ଫାଇନାଲରେ ମାଥ୍ୟୁ ଥୋମାସଙ୍କୁ ୨୧-୧୯, ୨୪-୨୨ ପଏଣ୍ଟରେ ହରାଇଥିଲେ। ସେହିପରି ସେ ସେମିଫାଇନାଲରେ କୁମାର ନୀତେଶଙ୍କୁ ୨୩-୨୧, ୧୭-୨୧, ୨୧-୧୫ ପଏଣ୍ଟରେ ପରାସ୍ତ କରି ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ଏହା ବ୍ୟତୀତ ଡବଲ୍ସ ସେମି ଫାଇନାଲରେ ମଧ ସେ ପ୍ରବେଶ କରିଛନ୍ତି। ଶନିବାର ଉଭୟ ବିଭାଗର ଫାଇନାଲ ଅନୁଷ୍ଠିତ ହେବ।

### ମନୁ, ସୌରଭଙ୍କୁ ପୁଣି ସ୍ୱର୍ଣ୍ଣ

ନୂଆଦିଲ୍ଲୀ,୨୯।୩(ପିଟି)- ଯୁବା ପିସ୍ତଲ ଶୁଟର ମନୁ ଭାକର ଓ ସୌରଭ ଚୌଧାରୀ ଚାଇନିଜ ତାଇପେଠାରେ ଚାଲିଥିବା ୧୨ତମ ଏସିଆନ୍ ଏୟାରଗନ ଚାମ୍ପିୟନଶିପ୍‌ରେ ପୁଣି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରତିଯୋଗିତାର ୩ୟ ଦିନ ମନୁ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ସୌରଭ ଦଳଗତ ଇଭେଣ୍ଟରେ ଶୀର୍ଷ ସଫଳତା ପାଇଛନ୍ତି। ଅଭିଷେକ ବର୍ମା ବ୍ୟକ୍ତିଗତ ୧୦ ମି. ଏୟାର ପିସ୍ତଲ ଇଭେଣ୍ଟରେ ରୌପ୍ୟ ପଦକ ହାତେଇଛନ୍ତି। ମହିଳା ପିସ୍ତଲ ଦଳଗତ ଇଭେଣ୍ଟରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଛି। ପଦକ ତାଲିକାରେ ଭାରତ ସର୍ବାଧିକ ୫ ସ୍ୱର୍ଣ୍ଣ ସମେତ ମୋଟ ୯ ପଦକ ସହ ଶୀର୍ଷରେ ରହିଛି।

# ଭାରତ– କୋରିଆ ଫାଇନାଲ ଆଜି

ଇପୋ(ମାଲେସିଆ),୨୯।୩(ପି.ଟି.)

ଏଠାରେ ଚାଲିଥିବା ଆଜ୍‌ଲାନ ଶାହ କପ୍ ହକି ଟୁର୍ନାମେଣ୍ଟରେ ପୂର୍ବରୁ ଫାଇନାଲରେ ପ୍ରବେଶ କରିସାରିଥିବା ଭାରତ ତା'ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ପୋଲାଣ୍ଡକୁ ୧୦–୦ ଗୋଲରେ ପରାସ୍ତ କରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଭାବ ବିସ୍ତାର କରି ଭାରତ ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଏହି ମ୍ୟାଚ୍ ହାତେଇ ନେଇଛି। ଏଥିସହିତ ଶନିବାର ଖେଳାଯିବାକୁ ଥିବା ଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତ ତା'ର ପ୍ରସ୍ତୁତି ଜୋର୍‌ଦାର କରିଛି। ଟାଇଟଲ ପାଇଁ ଫାଇନାଲରେ ଭାରତ ଓ କୋରିଆ ମୁହାଁମୁହିଁ ହେବେ। ଓଡ଼ିଆ ତାରକା ଡିଫେଣ୍ଡର ଅମିତ୍ ରୋହିଦାସ ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏକ ପେନାଲ୍ଟି କର୍ନର ଜରିଆରେ ସୁରେନ୍ଦରଙ୍କ ସହଯୋଗରେ ଅମିତ୍ ଗୋଲ ଦେବାରେ ସଫଳ ହୋଇଥିଲେ। ଏହା ଭାରତର ଦଶମ ତଥା ଶେଷ ଗୋଲ ଥିଲା। ଷ୍ଟ୍ରାଇକର ମନଦୀପ ସିଂ ତାଙ୍କ ଦମ୍‌ଦାର ଫର୍ମ ଜାରି ରଖି ଦୁଇଟି ଗୋଲ ସ୍କୋର କରିଥିଲେ। ସେ ୫୦ ଓ ୫୧ ତମ ମିନିଟ୍‌ରେ ଏହି ଦୁଇଟି ଗୋଲ ଦେଇଥିଲେ। ସେହିପରି ଡ୍ରାଗ ଫ୍ଲିକର ବରୁଣ କୁମାର ୧୮ ଓ ୨୫ତମ ମିନିଟରେ ମଧ ଦୁଇଟି ଗୋଲ ଦେଇଥିଲେ। ଅନ୍ୟପଟେ ବିବେକ ସାଗର ପ୍ରସାଦ ପ୍ରଥମ ମିନିଟରେ ଗୋଲ ଦେଇଥିବା ବେଳେ ସୁମିତ୍ କୁମାର ସପ୍ତମ ମିନିଟ୍‌ରେ ଗୋଲ ପ୍ରଦାନ କରିଥିଲେ। ସେହିପରି ସୁରେନ୍ଦର କୁମାର ୧୯, ସିମରନଜିତ୍ ସିଂ ୨୯, ନୀଳକାନ୍ତ ଶର୍ମା ୩୬ତମ ମିନିଟ୍‌ରେ ଗୋଲ ପ୍ରଦାନ କରିଥିଲେ।



ଗୋଲ ସ୍କୋର ପରେ ଅମିତ ରୋହିଦାସ (ଡାହାଣ)ଙ୍କୁ ସୁରେନ୍ଦରଙ୍କ ବଧେଇ।

**ଆଜଲାନ ଶାହ କପ୍ ହକି**

**ଭାରତ ୧୦- ପୋଲାଣ୍ଡ ୦**

ବିବେକ ପ୍ରସାଦ- ପ୍ରଥମ ମିନିଟ (ଫିଲ୍ଡ ଗୋଲ)
ସୁମିତ କୁମାର- ସପ୍ତମ ମିନିଟ (ଫିଲ୍ଡ ଗୋଲ)
ବରୁଣ କୁମାର- ୧୮ ଓ ୨୫ତମ ମିନିଟ (ପେନାଲ୍ଟି କର୍ନର)
ସୁରେନ୍ଦର କୁମାର- ୧୯ତମ ମିନିଟ (ପେନାଲ୍ଟି କର୍ନର)
ସିମରନଜିତ୍ ସିଂ- ୨୯ତମ ମିନିଟ (ଫିଲ୍ଡ ଗୋଲ)
ନୀଳକାନ୍ତ ଶର୍ମା- ୩୬ତମ ମିନିଟ (ଫିଲ୍ଡ ଗୋଲ)
ମନଦୀପ ସିଂ- ୫୦ ଓ ୫୧ତମ ମିନିଟ (ଫିଲ୍ଡ ଗୋଲ)
ଅମିତ ରୋହିଦାସ- ୫୫ତମ ମିନିଟ (ପେନାଲ୍ଟି କର୍ନର)

ଏହି ଟୁର୍ନାମେଣ୍ଟରେ ୫ଥର ଟାଇଟଲ ହାସଲ କରିଥିବା ଭାରତ ଏଥର ତା'ର ଅପରାଜେୟଧାରା ବଜାୟ ରଖିବାରେ ସକ୍ଷମ ହୋଇଛି। ୫ଟି ଲିଗ୍ ମ୍ୟାଚ୍ ଖେଳି ଭାରତ ୪ଟି ବିଜୟ ଓ ଗୋଟିଏ ଡ୍ର ସହ ମୋଟ ୧୩ ପଏଣ୍ଟ ପାଇଛି। ମନଦୀପ ଏପର୍ଯ୍ୟନ୍ତ ୭ଟି ଗୋଲ ସ୍କୋର କରି ସର୍ବାଧିକ ଗୋଲ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ସେହିପରି ବରୁଣ ୫ଟି ଗୋଲ ଦେଇଛନ୍ତି। ପୋଲାଣ୍ଡ ବିପକ୍ଷ ମୁକାବିଲ ଏକପାଖିଆ ହେବ ବୋଲି ଆଶା କରାଯାଉଥିଲା। ବୃହତ୍ ପରାଜୟ ବରଣ କରିଥିଲେ ମଧ ପୋଲାଣ୍ଡ ଗୋଲକିପର ଭାରତୀୟ ଖେଳାଳିଙ୍କ କେତୋଟି ପ୍ରୟାସକୁ ପଣ୍ଡ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଗୁରୁସାହିବଜିତ ସିଂ, ସିମରନଜିତ ସିଂ ଓ ଅମିତଙ୍କ ଶଟ୍‌କୁ ଅଟକାଇବାରେ ସଫଳ ହୋଇଥିଲେ ପୋଲାଣ୍ଡ ଗୋଲ କିପର ପୋପିଓଲକୋୱିସ୍କି।

ଫାଇନାଲ ମ୍ୟାଚରେ ଭାରତ କୋରିଆ ବିପକ୍ଷରେ ଫେଭରାଇଟ୍ ବିବେଚିତ ହେଉଛି। ଗୋଟିଏ ସପ୍ତାହରେ ଦ୍ୱିତୀୟ ଥର ପାଇଁ ଦୁଇ ଦଳ ଭେଟିବାକୁ ଯାଉଛନ୍ତି। ଏପର୍ଯ୍ୟନ୍ତ ଉଭୟ ଦଳ ପରସ୍ପରକୁ ୮୧ଟି ମ୍ୟାଚ୍‌ରେ ଭେଟିଛନ୍ତି। ଏଥିରେ ଭାରତ ୩୨ ଓ କୋରିଆ ୩୧ଟିରେ ବିଜୟୀ ହୋଇଛନ୍ତି। ୧୮ଟି ମ୍ୟାଚ ଡ୍ର ରହିଛି। ଆଜଲାନ ଶାହ କପ୍‌ରେ ଉଭୟ ଦଳ ୧୬ ଥର ପରସ୍ପରକୁ ଭେଟିଛନ୍ତି। ତେବେ କୋରିଆ ୮ଟିରେ ବିଜୟୀ ହୋଇଥିବା ବେଳେ ଭାରତ ୫ଟିରେ ବାଜି ମାରିଛି ଓ ୩ଟି ମୁକାବିଲା ଡ୍ର ରହିଛି। ଭାରତ ୧୯୮୫, ୧୯୯୧, ୧୯୯୫ ଓ ୨୦୦୯ରେ ଟାଇଟଲ ଜିତିଥିଲା। ଅପରପକ୍ଷରେ କୋରିଆ ୧୯୯୬ରେ ଚାମ୍ପିୟନ ହୋଇଥିଲା। ତେବେ ୨୦୧୦ରେ ବର୍ଷା କାରଣରୁ ଫାଇନାଲ ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ କୋରିଆ ଓ ଭାରତ ଯୁଗ୍ମ ବିଜେତା ଘୋଷିତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ମନଦୀପ, ଅମିତ ଓ ବରୁଣଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେହିଭଳି କୋରିଆର ଲି ନାମ ୟଙ୍ଗ, ଜାଙ୍ଗ ଜୋଙ୍ଗ- ହ୍ୟୁନ, ଜଙ୍ଗ ମାନ-ଜାଏଙ୍କୁ ରୋକିପାରିଲେ ଭାରତ ଫାଇଦାରେ ରହିପାରିବ। ଏହି ଟାଇଟଲ ମୁକାବିଲାରେ ଅମିତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। କାରଣ ସେ ଫାଷ୍ଟ ରନର ଭାବେ ପେନାଲ୍ଟି କର୍ନରକୁ ରୋକିବାକୁ ହେବ ଓ ପୁଣି ତାଙ୍କୁ ଡ୍ରାଗ ଫ୍ଲକ୍ ସ୍ପେଶାଲିଷ୍ଟ ଭାବେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାକୁ ହେବ। ତେଣୁ ଭାରତର ସଫଳତା ଅମିତଙ୍କ ପ୍ରଦର୍ଶନ ଉପରେ ନିର୍ଭର କରୁଛି। ଟୁର୍ନାମେଣ୍ଟରେ ୫ଥର ଟାଇଟଲ ଜିତିଥିବାରୁ ଭାରତର ରେକର୍ଡ ଭଲ ରହିଛି। କିନ୍ତୁ କୋରିଆ ବିପକ୍ଷରେ ଭଲ ନାହିଁ। ସାମ୍ପ୍ରତିକ ଫର୍ମ ଦୃଷ୍ଟିରୁ ଭାରତ ଗୋଟିଏ ପାଦ ଆଗରେ ରହିଛି। ତେଣୁ ଟାଇଟଲ ପାଇଁ ଭାରତକୁ ଫେଭରାଇଟ୍ ବୋଲି କୁହାଯାଇପାରେ।

### ଅମ୍ପାୟର ରବିଙ୍କୁ ଦଣ୍ଡିତ କରାଯାଇ ନ ପାରେ

ନୂଆଦିଲ୍ଲୀ,୨୯।୩

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ସୁନ୍ଦରମ ରବିଙ୍କ ତ୍ରୁଟିପୂର୍ଣ୍ଣ ଅମ୍ପାୟରିଂ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ମହଙ୍ଗା ପଡ଼ିଥିଲା। ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଅଫିସିଆଲଙ୍କ ଅଭାବ ଯୋଗୁ ରବିଙ୍କୁ ଦଣ୍ଡିତ କରାଯାଇ ନ ପାରେ। ବର୍ତ୍ତମାନ ୧୭ ଅମ୍ପାୟରଙ୍କୁ ୫୬ ଆଇପିଏଲ ମ୍ୟାଚ୍ ଫିଲ୍ଡ ଓ ୩ୟ ଅମ୍ପାୟର ଲାଗି ନିଯୁକ୍ତ କରାଯାଇଛି। ଏମାନଙ୍କ ମଧ୍ୟରେ ୧୧ ଭାରତୀୟ ଓ ଏଲିଟ ପ୍ୟାନେଲର ୬ ବିଦେଶୀ ଅମ୍ପାୟର ରହିଛନ୍ତି। ଏହାବାଦ୍ ୪ର୍ଥ ଅମ୍ପାୟର ପାଇଁ ଆହୁରି ୬ ଭାରତୀୟଙ୍କୁ ନିୟୋଜିତ କରାଯାଇଛି। ରବି ଅନ୍ୟତମ ଭାରତୀୟ ଅମ୍ପାୟର ଭାବେ ଆଇସିସି ଏଲିଟ ପ୍ୟାନେଲରେ ସ୍ଥାନ ପାଇଛନ୍ତି। ସେ ଲାସିଥ ମାଲିଙ୍ଗାଙ୍କ ଏକ ନୋ ବଲକୁ ଚିହ୍ନଟ କରି ପାରି ନ ଥିଲେ। ଏଥିନେଇ ଆରସିବି ୬ ରନ୍‌ରେ ମ୍ୟାଚ୍ ହାରିଯାଇଥିଲା। ଏଭଳି ଅମ୍ପାୟରିଂକୁ ଭାରତୀୟ ଦଳର ଅଧିନାୟକ ବିରାଟ କୋହଲି ସମାଲୋଚନା କରିଥିବାବେଳେ ଅନ୍ୟ ଫିଲ୍ଡ ଅମ୍ପାୟର ସି. ଚନ୍ଦନଙ୍କ ଅମ୍ପାୟରିଂ ଉପରେ ରୋହିତ ଶର୍ମା ପ୍ରଶ୍ନ ଉଠାଇଛନ୍ତି। ଏହି ଦୁଇ ଅମ୍ପାୟରଙ୍କୁ ଆଇପିଏଲର ପ୍ଲେ-ଅଫ୍ ପର୍ଯ୍ୟାୟରେ ନିୟୋଜିତ କରା ନ ଯାଇପାରେ। ରବିଙ୍କ ବ୍ୟତୀତ ନନ୍ଦନ, ଶାମସୁଦ୍ଦିନ, ଅନିଲ ଚୌଧାରୀ ଓ ନୀତିନ ମେନନଙ୍କ ଭଳି ଅମ୍ପାୟର ଅଛନ୍ତି, ଯେଉଁମାନେ ଆଇସିସି ଇଣ୍ଟରନ୍ୟାଶନାଲ ପ୍ୟାନେଲ ସ୍ଥାନ ପାଇଛନ୍ତି। ଅନ୍ୟ ୬ ଜଣ ଘରୋଇ ମ୍ୟାଚ୍ ପରିଚାଳନା କରୁଛନ୍ତି। ମ୍ୟାଚ୍ ରେଫରି ମନୁ ନାୟାରଙ୍କ ନିକଟରେ କିଛି ବିକଳ୍ପ ନାହିଁ। ତାଙ୍କୁ ରବି ଓ ନନ୍ଦନଙ୍କ ତ୍ରୁଟି ସମ୍ପର୍କରେ ରିପୋର୍ଟ ଦେବାକୁ ପଡ଼ିବ।

■ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ

## ସଡନ୍‌ଡେଥ୍‌ରେ ଆର୍‌ବିଆଇ ଚାମ୍ପିୟନ

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି)

ପୋଖରୀପୁଟ ଖେଳ ପଡ଼ିଆରେ ୪ର୍ଥ ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଆର୍‌ବିଆଇ ପ୍ରତିପକ୍ଷ ଜଗା ୟୁନାଇଟେଡକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ ସ୍ଥିତିରେ ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ପେନାଲ୍ଟି ଶୁଟ୍ ଆଉଟର ସହାୟତା ନିଆ ଯାଇଥିଲା। ଏହି ପର୍ଯ୍ୟାୟରେ ଗେମ୍ ୫–୫ ସ୍ଥିତିରେ ରହିବାରୁ ସଡନ୍‌ଡେଥ୍‌ର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ବାଜି ମାରି ଆର୍‌ବିଆଇ ୭–୬ ଗୋଲରେ ବିଜୟୀ ହୋଇ ଟାଇଟଲ ହାସଲ କରିଥିଲା। ଉନ୍ନତ ପ୍ରଦର୍ଶନ ପାଇଁ ଅନ୍ତର୍ଯ୍ୟାମୀ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଫରି ଏସ.କେ. ଖାଁ, ରବି ମହାରଣା, ରାଜୁ ବାରିକ ଓ ବାପି ଦାସ ଖେଳ ପରିଚାଳନା କରିଥିଲେ। ଅମିୟ ଦାସ, ମିହିର ମହାନ୍ତି, ଚିତ୍ତ ବିଶ୍ୱାଳ, ସୁଶାନ୍ତ ବିଶ୍ୱାଳ, କୃଷ୍ଣ ଚନ୍ଦ୍ର ସାମନ୍ତରାୟ, ନୀଳାଦ୍ରି ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଆରବିଆଇ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

### ୨୦୧୨ ଅଲିମ୍ପିକ୍ ବ୍ରୋଞ୍ଜ ବିଜେତା ଅଯୋଗ୍ୟ

ଲାଉସାନେ(ସୁଇଜରଲାଣ୍ଡ), ୨୯।୩(ଏପି)

ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଡୋପ୍ ଟେଷ୍ଟରେ ବିଫଳ ହୋଇଥିବା ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜେତା ଭାରୋତ୍ତୋଳନକାରୀଙ୍କ ସମେତ ୩ ଆଥ୍‌ଲେଟଙ୍କୁ ଅଯୋଗ୍ୟ ଘୋଷଣା କରିଛି। ୫୬କେଜି ବର୍ଗରେ ଭାଲେଣ୍ଟିନ ହ୍ରିସ୍ତୋଭ ୩ୟ ସ୍ଥାନ ଅଧିକାର କରିଥିଲେ। ତାଙ୍କ ନମୁନାରେ ନିଷିଦ୍ଧ ଔଷଧ ମାତ୍ରା ମିଳିଥିବା ଗତ ଡିସେମ୍ବରରେ ଘୋଷଣା କରାଯାଇଥିଲା। ତାଙ୍କ ବ୍ୟତୀତ ବେଲାରୁଷ ୮୦୦ ମିଟର ରନର ଆନିସ ଆନାନେଙ୍କା ଓ ମହିଳା ହାମର ଥ୍ରୋୟର ଆଲେନା ମୋଟୋସ୍କା ମଧ ବିଫଳ ହୋଇଥିଲେ। ଏମାନଙ୍କ ନମୁନାର ପୁନଃ ଯାଞ୍ଚ କରାଯିବା ପରେ ଆନାବୋଲିକ ଷ୍ଟେରଏଡ୍ ଥିବା ଜଣାପଡ଼ିଛି। ଦୁଇ ଖେଳାଳି ପଦକ ଜିତି ନ ଥିଲେ। ୨୦୦୮ ବେଜିଂ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ୧୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଡୋପରେ ବିଫଳ ହୋଇଛନ୍ତି। ଏଥିମଧ୍ୟରେ ୧୨ ଜଣ ପଦକଧାରୀ ମଧ ରହିଛନ୍ତି।

■ ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ

## ଆର୍ଯ୍ୟନ, ଲଳିତ, ସୋହିନୀଙ୍କୁ ଡବଲ ଟାଇଟଲ





କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏଆଇଟିଏ–ଓଟିଏ ଟ୍ୟାଲେଣ୍ଟ ସିରିଜ(ଟିଏସ୭) ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଡି.ଆର୍ଯ୍ୟନ ସ୍ୱାମୀ, ଲଳିତ ଟୁଡୁ ଓ ସୋହିନୀ ଏସ. ମହାନ୍ତି ନିଜ ବୟସବର୍ଗରେ ଡବଲ ଟାଇଟଲ ବିଜୟୀ ହୋଇଛନ୍ତି। ଡି.ଆର୍ଯ୍ୟନ ସ୍ୱାମୀ ୧୬ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ, ଲଳିତ ଟୁଡୁ ୧୨ ବର୍ଷରୁ କମ୍ ବାଳକ ବିଭାଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ସୋହିନୀ ଉଭୟ ୧୨ ଓ ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଲଳିତ ନିଜ ରାଜ୍ୟର ଆରୁଷ ଶର୍ମାଙ୍କୁ ୬–୦, ୪–୬, ୬–୩ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଡବଲ୍ସରେ ଲଳିତ ଓ ଦିଶାନ୍ତ ମହାନ୍ତି ଯୋଡ଼ି ଚାମ୍ପିୟନ ହୋଇଥିଲେ। ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଫାଇନାଲରେ ଆର୍ଯ୍ୟନ ୬–୧, ୬–୩ ସେଟ୍‌ରେ ଅନ୍ୟତମ ଓଡ଼ିଆ ଖେଳାଳି ବିଘ୍ନେଶ ନନ୍ଦଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସ ଫାଇନାଲରେ ଆର୍ଯ୍ୟନ ଓ ବିଘ୍ନେଶ ଯୋଡ଼ି ୬–୨, ୬–୩ ସେଟ୍‌ରେ ବିଶେଷ ସାହୁ ଓ ପ୍ରଣେଶ ସାହୁଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ୧୨ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସୋହିନୀ ମହାନ୍ତି ୬–୦, ୬–୩ ସେଟ୍‌ରେ ସେହିନୀ ଚାଟାର୍ଜୀଙ୍କୁ ଏବଂ ୧୬ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ସୋହିନୀ ୬–୧, ୬–୦ରେ ତମନ୍ନା ଶାହାଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ଟେନିସ ଆସୋସିଏଶନ(ଓଟିଏ) ଉପସଭାପତି ବ୍ରହ୍ମାନନ୍ଦ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଡାଇରେକ୍ଟର ବି.କେ.ଦାସ, ରେଫରି ଯତୀନ ବୈଶ୍ୟ, ଓଟିଏ ମ୍ୟାନେଜର ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ। ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୧୫ ଓ ୧୨ ଏଟିପି ର୍‍ୟାଙ୍କିଙ୍ଗ ପଏଣ୍ଟ ମିଳିଛି।

### ସିନ୍ଧୁ, ଶ୍ରୀକାନ୍ତ, କାଶ୍ୟପ ସେମିରେ

ନୂଆଦିଲ୍ଲୀ, ୨୯।୩ (ପି.ଟି.)

ଭାରତର କିଦାମ୍ବି ଶ୍ରୀକାନ୍ତ ଓ ପାରୁପାଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ମହିଳା ସିଙ୍ଗଲ୍ସରେ ପୂର୍ବତନ ଚାମ୍ପିୟନ ପି.ଭି. ସିନ୍ଧୁ ମଧ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ୨୦୧୭ ଚାମ୍ପିୟନ ଏବଂ ୨୦୧୬ ଫାଇନାଲିଷ୍ଟ ସିନ୍ଧୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୮ମ ସିଡ୍ ତଥା ଡେନମାର୍କର ମିଆ ବ୍ଲିଚଫେଲ୍ଟଙ୍କୁ ୨୧–୧୯, ୨୨–୨୦ରେ ପରାସ୍ତ କରିଛନ୍ତି। ଶନିବାର ସେମିଫାଇନାଲରେ ସେ ଚାଇନାର ହି ବିଙ୍ଗ୍‌ଜିଆଓଙ୍କ ସହିତ ମୁକାବିଲା କରିବେ। ଶ୍ରୀକାନ୍ତ କ୍ୱାର୍ଟରଫାଇନାଲରେ ନିଜ ଦେଶର ବି, ସାଇ ପ୍ରଣୀଥ୍‌ଙ୍କୁ ୨୧–୨୩, ୨୧–୧୧, ୨୧–୧୯ରେ ହରାଇ ଦେଇଛନ୍ତି। ଟୁର୍ନାମେଣ୍ଟର ଗତ ସଂସ୍କରଣରେ ସେ କ୍ୱାର୍ଟରଫାଇନାଲରୁ ବିଦାୟ ନେଇଥିଲେ। କାଶ୍ୟପ ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ଚାଇନିଜ ତାଇପେର ୱାଙ୍ଗ୍ ତିଜୁୱିଙ୍କୁ ୨୧–୧୬, ୨୧–୧୧ରେ ହରାଇ ଦେଇଛନ୍ତି।

# ମୁମ୍ବାଇକୁ ହରାଇ ଚେନ୍ନାଇନ୍ କ୍ୱାର୍ଟର ଫାଇନାଲରେ

ଭୁବନେଶ୍ୱର, ୨୯।୩(କ୍ରୀଡ଼ା ପ୍ରତିନିଧି)

ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟିକୁ ୨–୦ ଗୋଲରେ ହରାଇ ଚେନ୍ନାଇନ୍ ଏଫସି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଦଳ ପକ୍ଷରୁ ମ୍ୟାଚର ୪୨ତମ ମିନିଟରେ ସି.କେ. ଭିନିଥ ଏବଂ ୪୩ତମ ମିନିଟରେ ଜେଜେ ଲାଲପେଖଲୁଆ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମୁମ୍ବାଇ ସିଟି ଭଲ ଖେଳିଥିଲେ ହେଁ ୨ ମିନିଟ ବ୍ୟବଧାନରେ ୨ ଗୋଲ ବରଣ ଦଳପାଇଁ ମହଙ୍ଗା ପଡ଼ିଥିଲା। ନେରୋକା ଓ ନର୍ଥଇଷ୍ଟ ୟୁନାଇଟେଡର ମ୍ୟାଚ ବିଜେତାକୁ ଚେନ୍ନାଇନ୍ ଏପ୍ରିଲ ୭ରେ କ୍ୱାର୍ଟର ଫାଇନାଲରେ ଭେଟିବ।

### ଆରୋଜ–ଗୋଆ

ଶନିବାର ଗୋଆ ଏଫସି ଓ ଇଣ୍ଡିଆନ ଆରୋଜ ମଧ୍ୟରେ ପ୍ରି–କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଫର୍ମରେ ଥିବା ଗୋଆ ଏଫସି ଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ଇଣ୍ଡିଆନ ଆରୋଜ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି କୋଚ୍ ଫ୍ଲୟଡ ପିଣ୍ଟୋ ପ୍ରକାଶ କରିଛନ୍ତି। ଚଳିତ ସିଜନରେ ଗୋଆ ଏଫସିର ପ୍ରଦର୍ଶନ ଅତ୍ୟନ୍ତ ଚମତ୍କାର ରହିଛି। ଦଳ ଇଣ୍ଡିଆନ ସୁପର ଲିଗ୍‌ରେ ରନର୍ସଅପ୍ ହୋଇ ନିଜ ଦକ୍ଷତା ଦେଖାଇଛି। ଫାଇନାଲରେ ବେଙ୍ଗାଲୁରୁ ଏଫସିକୁ କଡ଼ା ଚ୍ୟାଲେଞ୍ଜ ଦେଇ ଗୋଆ ୦–୧ ବ୍ୟବଧାନରେ ପରାସ୍ତ ହୋଇଥିଲା। ବ୍ୟକ୍ତିଗତ ପ୍ରଦର୍ଶନ ଦେଖିଲେ ଦଳର ବିଦେଶୀ ଖେଳାଳି କୋରୋ କ୍ରମାଗତ ଦ୍ୱିତୀୟ ଥରପାଇଁ ଗୋଲ୍ଡେନ ବୁଟ୍ ପୁରସ୍କାର ଜିତିଥିବାବେଳେ ପ୍ରଥମଥରପାଇଁ ଗୋଲ୍ଡେନ ବଲ୍ ମଧ ପାଇଥିଲେ। ତାଙ୍କୁ ଉଡୁ ବେଡିଆ, ବ୍ରେଣ୍ଟନ ଫର୍ନାଣ୍ଡିଜ ଓ ଜ୍ୟାକିଚାନ୍ଦ ସିଂ ଉପଯୁକ୍ତ ସହାୟତା କରିଥିଲେ। ଏହି ୪ ଖେଳାଳି ମୋଟ ୧୪ ଗୋଲ ସ୍କୋର କରିଥିଲେ। ''ଆମେ ଏକ କଷ୍ଟସାଧ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଶନିବାର ଭେଟିବାକୁ ଯାଉଛୁ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାକୁ ହେଲେ ଆମକୁ ଏହି ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡ଼ିବ'' ବୋଲି ଦଳର ସ୍ପାନିଶ୍ କୋଚ୍ ସର୍ଗିଓ ଲୋବେରା ପ୍ରକାଶ କରିଛନ୍ତି। ଭୁବନେଶ୍ୱରର ପରିବେଶ ସହିତ ଆରୋଜ ଅଧିକ ଅଭ୍ୟସ୍ତ। ଏଠାରେ ସେମାନେ ଦୀର୍ଘଦିନଧରି ଖେଳି ଆସୁଛନ୍ତି। ତେବେ ଆମେ ଏହି ମ୍ୟାଚକୁ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ ବୋଲି ସେ କହିଛନ୍ତି। ଗୋଟିଏ ଦଳରେ ସର୍ବାଧିକ ୪ ବିଦେଶୀ ଖେଳାଳି ରହିବାର ନିୟମ ଥିବାରୁ ଗୋଆ ଅହମଦ ଜାହୋଉଙ୍କ ବିନା ପଡ଼ିଆକୁ ଓହ୍ଲାଇବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆରୋଜର ଭଲ ପ୍ରଦର୍ଶନ ନେଇ ପିଣ୍ଟୋ ବେଶ୍ ଆଶାବାଦୀ। ''ଆମେ ଦେଶର ଅନ୍ୟତମ ଶ୍ରେଷ୍ଠ ଆକ୍ରମଣାତ୍ମକ ଦଳକୁ ଆଗାମୀ ମ୍ୟାଚରେ ଭେଟିବାକୁ ଯାଉଛୁ। ଏହି ଦଳ ନିକଟରେ ଆଇଏସଏଲ ଫାଇନାଲ ଖେଳିସାରିଛି। ତେଣୁ ମୁକାବିଲା କଷ୍ଟସାଧ ହେବ ନିଶ୍ଚିତ। ତେବେ ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ, ଦର୍ଶକମାନେ ଏଠାରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଦେଖିବାକୁ ପାଇବେ'' ବୋଲି ପିଣ୍ଟୋ କହିଛନ୍ତି। ଆଇ-ଲିଗ୍ ଖେଳିବା ସମୟରେ ଆମେ ଦେଶର ବିଭିନ୍ନ ଗ୍ରାଉଣ୍ଡକୁ ଯାଇଛୁ। ମାତ୍ର କଳିଙ୍ଗ ଷ୍ଟାଡିୟମ କଲିକତାର ସଲ୍ଟ ଲେକ୍ ଗ୍ରାଉଣ୍ଡ ପଛକୁ ଦ୍ୱିତୀୟ ଶ୍ରେଷ୍ଠ ଗ୍ରାଉଣ୍ଡ। ତେଣୁ ସମସ୍ତ ଖେଳାଳି ଏଠାରେ ନିଶ୍ଚିତ ଖେଳକୁ ଭଲଭାବେ ଉପଭୋଗ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।






ଚେନ୍ନାଇନ୍ ଏଫ୍‌ସି ଓ ମୁମ୍ବାଇ ସିଟି ମଧ୍ୟରେ ଅନୁଷ୍ଠିତ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଇଷ୍ଟବେଙ୍ଗଲ ଓହରିଲା

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)କୁ ବିରୋଧ କରୁଥିବା କ୍ଲବ ମାନଙ୍କ ସହିତ ରହିବାକୁ ଇଷ୍ଟବେଙ୍ଗଲ ନିଷ୍ପତ୍ତି ନେଇଛି। ଫଳରେ ଦଳ ସୁପର କପ୍‌ରେ ଖେଳିବ ନାହିଁ। ଇଷ୍ଟବେଙ୍ଗଲ ଓହରି ଯାଇଥିବାରୁ ଦିଲ୍ଲୀ ଡାଇନାମସକୁ ୱାକଓଭର ମିଳିବା ନିଶ୍ଚିତ ହୋଇଛି। ପ୍ରକାଶ ଯୋଗ୍ୟ, ଯୋଗ୍ୟତା ପର୍ଯ୍ୟାୟରେ ଗୋକୁଲମ୍ କେରଳ ନ ଖେଳିବାରୁ ଦିଲ୍ଲୀ ଡାଇନାମସ ୱାକଓଭର ପାଇ ପ୍ରି–କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏବେ ଦଳ କୌଣସି ମ୍ୟାଚ ନ ଖେଳି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବ।


ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ମାର୍ଚ୍ଚ ୩୦/୨୦୧୯ Rayagada, Saturday, March 30/ 2019




# ଶହୀଦଙ୍କୁ ପାସୋରିଦେଲା ବ୍ଲକ ପ୍ରଶାସନ

**ଖଇରପୁଟ, ୨୯।୩(ଡି.ଏନ.ଏ.)**

ଶୁକ୍ରବାର ହେଉଛି ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ । ତାଙ୍କୁ ମନେପକାଇବା ପାଇଁ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି । ମାତ୍ର ଦୁଃଖର ବିଷୟ ତାଙ୍କ ଜନ୍ମମାଟିଠାରୁ ଅଳ୍ପଦୂରରେ ଥିବା ମାଲକାନଗିରି ଜିଲା ଖଇରପୁଟ ବ୍ଲକ ସଦର ମହକୁମାରେ ତାଙ୍କ ପ୍ରତିମୂର୍ତ୍ତି ଫୁଲମାଳଟିଏ ମଧ୍ୟ ପଡିଲାନି। ଚତୁଃପାର୍ଶ୍ୱ ଅଳିଆ ଆର୍ବଜନା ମଧ୍ୟରେ ରହିଛି ପ୍ରତିମୂର୍ତ୍ତି । ଶହୀଦମାନଙ୍କ ଜନ୍ମଦିବସ ଓ ତିରୋଧାନ ଦିବସ ପାଳନ ଲାଗି ସରକାରଙ୍କ ପକ୍ଷରୁ ପ୍ରଶାସନକୁ ସ୍ପଷ୍ଟ ନିର୍ଦ୍ଦେଶ ଥିଲେ ମଧ୍ୟ ବ୍ଲକ ପ୍ରଶାସନ ଏହା ମାନୁ ନ ଥିବା ନଜରକୁ ଆସିଛି । ମଧ୍ୟାହ୍ନରେ ମୁଦୁଲିପଡା ଗ୍ରାମର ହାତୀ ମୁଦୁଲି ନାମକ ଜଣେ ବୟସ୍କ ବ୍ୟକ୍ତି ସମାଜସେବୀ ଆନନ୍ଦ ଚାର୍ଜିଙ୍କ ସହାୟତାରେ ପ୍ରତିମୂର୍ତ୍ତି ପାର୍ଶ୍ୱକୁ ସଫାସୁତୁରା କରି ଧୂପ ଫୁଲ ଦେଇ ପୂଜା କରିଥିଲେ। ଏଥିରୁ ଶହୀଦମାନଙ୍କ ପାଇଁ ପ୍ରଶାସନର ଥିବା ଦରଦ ସ୍ପଷ୍ଟ ଜଣାପଡେ। ସୂଚନାଯୋଗ୍ୟ ଯେ, ଗତବର୍ଷ ମଧ୍ୟ ଏହି ପ୍ରତିମୂର୍ତ୍ତିରେ କେହି ମାଲ୍ୟାର୍ପଣ ନ କରିବା ଦେଖି ଜଣେ ବଣ୍ଡା ମହିଳା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।




# ଅବ୍ୟବସ୍ଥାରେ ଚାଲିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କୋରୁକୋଣ୍ଡା, ୨୯।୩(ଡି.ଏନ.ଏ.)**

କାଲିମେଳା ବ୍ଲକ ପାଗୁଲୁର ପଞ୍ଚାୟତ ପେଟାଲ ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ପ୍ରତିଷ୍ଠା କରାଯାଇଛି। କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଜଣେ ମେଡିକାଲ ଅଫିସର, ଜଣେ ଆୟୁଷ ଡାକ୍ତର, ଜଣେ ଷ୍ଟାଫନର୍ସ, ଜଣେ ଫାର୍ମାସୀ, ଜଣେ ଆଟେଣ୍ଡାଣ୍ଟ ନିଯୁକ୍ତ ହୋଇଥିଲେ। ଏବେ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ଅବସ୍ଥାରେ ଚାଲିଛି। ମେଡିକାଲ ଅଫିସ ଡା. ଓମକାର ହୋତା, ଆୟୁଷ ଡାକ୍ତର ଅନ୍ୟତ୍ର ବଦଳି ପରେ ନୂତନ ଡାକ୍ତର ନିଯୁକ୍ତି ହୋଇନାହାନ୍ତି। ଷ୍ଟାଫନର୍ସ ଜ୍ୟୋତିଷ ଚନ୍ଦ୍ର ସରକାର, ଫାର୍ମାସିଷ୍ଟ ବଟକୃଷ୍ଣ ସାହୁ, ଆଟେଣ୍ଡାଣ୍ଟ ରାମ ପାଙ୍ଗି ଏଠାରେ କାର୍ଯ୍ୟ କରୁଛନ୍ତି। ତେବେ ଗତ ୨୧।୩।୧୯ରିଖରୁ ଡାକ୍ତର ଓ ଷ୍ଟାଫନର୍ସ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁପସ୍ଥିତ ରହିଥିବା ଜଣାପଡିଛି। ଏନେଇ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ। ହୁସେନଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ। ଡାକ୍ତର ନ ଥିବା ସମୟରେ ଏଠାରେ ଫାର୍ମାଶିଷ୍ଟ ସମସ୍ତ କାର୍ଯ୍ୟ କରିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଓପିଡି ଖାତା ଗତ ୨୪ରୁ ଲେଖାଯାଇନାହିଁ। ରୋଗୀଙ୍କ ବିବରଣୀ ଓପିଡି ପ୍ରେସିକ୍ରିପସନରେ ଲେଖାଯାଉଥିବା ଦେଖିବାକୁ ମିଳୁଛି । ରୋଗୀଙ୍କ ପାଇଁ ଏଠାରେ ଗୋଟିଏ ମାତ୍ର ଶଯ୍ୟା ଥିବାରୁ ଅନ୍ୟ ରୋଗୀ ତଳେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ଅଜିତ ମହାନ୍ତିଙ୍କୁ ପଚାରିବାରୁ ସେ ଏହି ବିଷୟରେ ଅବଗତ ନାହାନ୍ତି। କାଲିମେଳା ସ୍ୱାସ୍ଥ୍ୟ ଅଧିକାରୀ ଏ ବିଷୟରେ ତାଙ୍କୁ କିଛି କହିନାହାନ୍ତି ବୋଲି ପ୍ରକାଶ କରିଥିଲେ।


ତଳେ ଜଣେ ରୋଗୀଙ୍କ ଚିକିତ୍ସା କରାଯାଉଛି ।




# ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

**ମାଲକାନଗିରି,୨୯।୩(ଡି.ଏନ.ଏ.)–** ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ନଗରଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ବିଡିଓ ତଥା ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ.ଗୁଣନିଧି ନାୟକ, ନିର୍ବାହୀ ଅଧିକାରୀ ଏମ.ନିଳକଣ୍ଠ ରାଓ, ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ ଯୋଗ ଦେଇ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭାରତଛାଡ଼ ଆନ୍ଦୋଳନ ସମୟରେ ଶହୀଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରି ଲକ୍ଷ୍ମଣଙ୍କୁ ମିଥ୍ୟା ମାମଲାରେ ଜଡ଼ିତ କରି ବ୍ରିଟିଶମାନେ ଫାଶୀ ଦେଇଥିଲେ ବୋଲି କହିଥିଲେ। ବହୁ ବୁଦ୍ଧିଜୀବୀଙ୍କ ସହ ଛାତ୍ରୀଛାତ୍ରମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।


ଶହୀଦଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ